
ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ

# ପଶୁ ପାଳନ ନିର୍ଦ୍ଦେଶିକା

(ପଶୁପାଳକମାନଙ୍କ ପାଇଁ ପଶୁସ୍ୱାସ୍ଥ୍ୟ, ପ୍ରଜନନ ଓ ପୋଷଣ ବିଷୟରେ ଆଧାରିତ)



# ଦେଶୀ ଗୋ-ପ୍ରଜାତି

| ଷଣ୍ଢ | | ଗାଈ |
|---|---|---|
|  | **ଗିର୍**<br>ଉତ୍ପତ୍ତିସ୍ଥଳ :ଗୁଜୁରାଟର ଜୁନାଗଡ, ରାଜକୋଟ, ଭାବନଗର ଓ ଆମରେଲି ଆଦି ଜିଲ୍ଲା । |  |
|  | **ହରିୟାନା**<br>ଉତ୍ପତ୍ତିସ୍ଥଳ : ହରିୟାନାର ରୋହତକ, ହିସାର, ସୋନିପଥ, ଗୁରୁଗାଁ, ହି୍ ଓ ଝାଜର ଆଦି ଜିଲ୍ଲା । |  |
|  | **ସାହିୱାଲ୍**<br>ଉତ୍ପତ୍ତିସ୍ଥଳ : ପଞ୍ଜାବର ଫିରୋଜପୁର ଓ ଅମୃତ୍‌ସର୍ ଜିଲ୍ଲା ଓ ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲା । |  |
|  | **ରାଠି**<br>ଉତ୍ପତ୍ତିସ୍ଥଳ : ରାଜସ୍ଥାନର ବିକାନେର୍ ଓ ଶ୍ରୀଗଙ୍ଗାନଗର ଜିଲ୍ଲା । |  |
|  | **ସିନ୍ଧି**<br>ଉତ୍ପତ୍ତିସ୍ଥଳ : ପାକିସ୍ଥାନର ସିନ୍ଧ ଅଂଚଳ । ପଞ୍ଜାବ, ହରିୟାନା, ରାଜସ୍ଥାନ ଓ ଉତ୍ତରାଖଣ୍ଡ । |  |
|  | **ଥାର୍‌ପାର୍‌କର୍**<br>ଉତ୍ପତ୍ତିସ୍ଥଳ : ରାଜସ୍ଥାନର ଜୈସାଲମେର୍, ବାରମର ଓ ଯୋଧପୁର ଜିଲ୍ଲା । |  |
|  | **କାଙ୍କରେଜ**<br>ଉତ୍ପତ୍ତିସ୍ଥଳ : ଗୁଜୁରାଟର କଚ୍ଛ୍, ମେହେସାନା ଓ ବନାସକାଣ୍ଠା ଜିଲ୍ଲା । |  |

# ପ୍ରାକ୍ କଥନ

୨୦୧୮-୧୯ମସିହାରେ ବାର୍ଷିକ ୧୮.୭୭ କୋଟି ମେଟ୍ରିକ୍‌ଟନ୍ ଦୁଗ୍ଧ ଉତ୍ପାଦନ ସହିତ ଭାରତ ୧୯୯୭ ମସିହାରୁ ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ବଜାଇରଖି ଆସିଛି । ଦୁଗ୍ଧ ଉତ୍ପାଦନ ଆମ ଗୋପାଳକମାନଙ୍କର ମୁଖ୍ୟ ବ୍ୟବସାୟ ଏବଂ ଏମାନଙ୍କ ମଧରୁ ଅଧିକାଂଶ ଲୋକ ଭୂମିହୀନ କିମ୍ବା ସ୍ୱଳ୍ପ ଭୂମିଯୁକ୍ତ ଅଟନ୍ତି । ଗୋପାଳନକୁ ଏକ ଲାଭଜନକ ଏବଂ ଚିରସ୍ଥାୟୀ କାର୍ଯ୍ୟହିସାବରେ ଅବସ୍ଥାପିତ କରିବାକୁହେଲେ, ଗୋପାଳକମାନଙ୍କୁ ଆଧୁନିକ ବୈଜ୍ଞାନିକ ପଦ୍ଧତିକୁ ଆପଣାଇବାକୁ ପଡ଼ିବ । ଯଦ୍ୱାରା ସିମିତ ସମ୍ବଳ ବ୍ୟୟରେ ଉତ୍ପାଦନ ବୃଦ୍ଧି କରାଯାଇପାରିବ । ଅତଏବ ଏହା କରିବାକୁ ହେଲେ ଚାଷୀକୁ ଗୃହପାଳିତ ପଶୁ ବା ଗାଈଗୋରୁ ପରିପାଳନ ସମ୍ବନ୍ଧୀୟ ସମସ୍ତ ଜ୍ଞାନ ଯଥା ସେମାନଙ୍କର ସ୍ୱାସ୍ଥ୍ୟ, ଖାଦ୍ୟ, ପ୍ରଜନନ ଆଦି ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବାସହ ସେହି ବିଷୟରେ ସ୍ଥିର କରାଯାଇଥିବା ନୀତି ନିୟମକୁ ପାଳନ କରିବାକୁ ପଡ଼ିବ ।

ଦେଶରେ ୨୦୨୦ ସୁଦ୍ଧା ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ପାଇଁ ରାଷ୍ଟ୍ରୀୟ ଦୁଗ୍ଧ ଯୋଜନା-୧ (NDP-1) ପ୍ରଣୀତ କରାଯାଇଛି । ଏହା ମାଧମରେ ଗାଈଗୋରୁଙ୍କ ଖାଦ୍ୟ ପରିଚାଳନା, ସ୍ୱାସ୍ଥ୍ୟ ତଥା ପ୍ରଜନନ ବ୍ୟବସ୍ଥାକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବାକୁ ପଡ଼ିବ । ଯଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରିବ । ପ୍ରଜନନ ବ୍ୟବସ୍ଥାରେ, କୃତ୍ରିମ ପ୍ରଜନନକୁ ଗୁରୁତ୍ୱ ଦେଇ ରୋଗମୁକ୍ତ ଶୁକ୍ରାଣୁ ଦ୍ୱାରା ଗାଈର ଗର୍ଭାଧାନ କରାଯାଇ ପାରିବ । ଏହା ସହିତ ଖାଦ୍ୟ ପରିଚାଳନା ମାଧମରେ ସଠିକ୍ ମାତ୍ରାରେ ସନ୍ତୁଳିତ ଆହାର ଯୋଗାଇ, ଦୁଗ୍ଧ ଉତ୍ପାଦନରେ ଖାଦ୍ୟ ବାବଦରେ ହେଉଥିବା ଖର୍ଚ୍ଚ କମ୍ କରାଯାଇ ପାରିବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଗାଈଗୋରୁଙ୍କ ଦେଖାଯାଉଥିବା ବିଭିନ୍ନ ପ୍ରକାର ମାରାତ୍ମକ ସଂକ୍ରାମକ ରୋଗର ସଠିକ୍ ଉପଚାର ଓ ନିରାକରଣ ତଥା ପ୍ରତିକାର ବ୍ୟବସ୍ଥାଏକାନ୍ତ ଆବଶ୍ୟକ । ଏହାଦ୍ୱାରା ଗାଈଟିର ଦୁଗ୍ଧ ଦେବାର କ୍ଷମତାରେ କୌଣସି ପ୍ରକାର ଅବନତି ଘଟି ନଥାଏ ।

ଏହି 'ବୈଜ୍ଞାନିକ ପ୍ରଣାଳୀରେ ଦୁଗ୍ଧ ଉତ୍ପାଦନ' ପୁସ୍ତିକାଟି ଗୋପାଳକମାନଙ୍କର ବିଭିନ୍ନ ଆବଶ୍ୟକତା ଓ ସେମାନଙ୍କ ମନରେ ଉଙ୍କି ମାରୁଥିବା ବିଭିନ୍ନ ପ୍ରଶ୍ନର ସମାଧାନ ପାଇଁ ଉଦ୍ଦିଷ୍ଟ । ଏହି ପୁସ୍ତିକାଟିରେ ବିଭିନ୍ନ ଚିତ୍ର ମାଧମରେ ପୁରୁଣା ଓ ନୂଆ ବୈଜ୍ଞାନିକ ପ୍ରଣାଳୀରେ ଗୋପାଳନରେ ଖାଦ୍ୟ ପରିଚାଳନା, ପ୍ରଜନନ ତଥା ରୋଗ ଚିକିତ୍ସା ଓ ପ୍ରତିକାର ଆଦି ବିଷୟରେ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଅଛି, ଯାହାକି କୌଣସି ଗୋଟିଏ ସ୍ଥାନରୁ ଚାଷୀଭାଇମାନଙ୍କୁ ମିଳିପାରି ନଥାନ୍ତା ।

ଆମେ ଆଶାକରୁଛୁ ଏହି ପୁସ୍ତିକାଟି ଗୋପାଳକ ଭାଇ ଓ ଭଉଣୀମାନଙ୍କ ଜ୍ଞାନ ବୃଦ୍ଧି ତଥା ସେମାନଙ୍କ ଦକ୍ଷତା ବୃଦ୍ଧିରେ ଅବଶ୍ୟ ସାହାଯ୍ୟ କରିବ ।

ଦିଲୀପ ରଥ
ଅଧ୍ୟକ୍ଷ
ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ

# ସୂଚୀପତ୍ର


| କ୍ରମିକ ସଂଖ୍ୟା | ବିଷୟ ବସ୍ତୁ | ବିବରଣୀ | ପୃଷ୍ଠା |
|---|---|---|---|
| | | **ଭାଗ-୧ ପ୍ରାଣୀ ସ୍ୱାସ୍ଥ୍ୟ ଓ ପ୍ରଜନନ** | ୧ |
| ୧ | ଅନୁଚ୍ଛେଦ - ୧ | ପ୍ରାଣୀଟିର ସାଧାରଣ ଅବଲୋକନ | ୨ |
| ୨ | ଅନୁଚ୍ଛେଦ - ୨ | ନୂଆ କରି ପ୍ରାଣୀଟିକୁ କିଣି ଆଣିବା | ୫ |
| ୩ | ଅନୁଚ୍ଛେଦ - ୩ | ନବଜାତ ବାଛୁରୀର ଯତ୍ନ | ୯ |
| ୪ | ଅନୁଚ୍ଛେଦ - ୪ | ଟୀକାକରଣ ଦ୍ୱାରା ରୋଗ ନିବାରଣ | ୧୨ |
| ୫ | ଅନୁଚ୍ଛେଦ - ୫ | ଅନ୍ୟାନ୍ୟ କେତେକ ପ୍ରମୁଖ ରୋଗ | ୨୧ |
| ୬ | ଅନୁଚ୍ଛେଦ - ୬ | ଟିଙ୍କ ଓ ମାଛି ଦ୍ୱାରା ହେଉଥିବା ରୋଗ | ୨୯ |
| ୭ | ଅନୁଚ୍ଛେଦ - ୭ | ଟିଙ୍କ, ମାଛି ଓ କୃମି ନିୟନ୍ତ୍ରଣ | ୩୨ |
| ୮ | ଅନୁଚ୍ଛେଦ - ୮ | ବାଛୁରୀ ଜନ୍ମ କରିବା ପରେ ଗାଈମାନଙ୍କ ଠାରେ ଦେଖାଯାଉଥିବା ବିଭିନ୍ନ ରୋଗ | ୩୫ |
| ୯ | ଅନୁଚ୍ଛେଦ - ୯ | ଭୁଲ ଭାବରେ ପୋଷଣ ଯୋଗୁଁ ହେଉଥିବା ରୋଗ ସମୂହ | ୪୦ |
| ୧୦ | ଅନୁଚ୍ଛେଦ - ୧୦ | ଥନହରା/ପହ୍ନାଫୁଲା ଏବଂ ଚିରରେ ହେଉଥିବା ରୋଗ | ୪୪ |
| ୧୧ | ଅନୁଚ୍ଛେଦ - ୧୧ | ସାଧାରଣ ବିଷକ୍ରିୟା ଜନିତ ରୋଗ | ୫୧ |
| ୧୨ | ଅନୁଚ୍ଛେଦ - ୧୨ | ପଶୁମାନଙ୍କ ଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ରୋଗ | ୫୪ |
| ୧୩ | ଅନୁଚ୍ଛେଦ - ୧୩ | ଗୋ ପ୍ରଜନନ | ୫୭ |
| ୧୪ | ଅନୁଚ୍ଛେଦ - ୧୪ | କେତେକ ରୋଗର ପାରମ୍ପାରିକ ଚିକିତ୍ସା | ୬୫ |
| | | **ଭାଗ-୨ ପଶୁ ପୋଷଣ ଓ ପରିଚାଳନା** | ୭୩ |
| ୧ | ଅନୁଚ୍ଛେଦ - ୧ | ପ୍ରାଣୀଙ୍କୁ ଖୁଆଇବା ବ୍ୟବସ୍ଥା | ୭୪ |
| ୨ | ଅନୁଚ୍ଛେଦ - ୨ | ଘାସ ଚାଷ | ୮୫ |
| ୩ | ଅନୁଚ୍ଛେଦ - ୩ | ପଶୁ ଗୃହ / ପଶୁ ଆବାସ | ୧୦୩ |
| | | **ଭାଗ-୩ ଉତ୍ପାଦକତା ବୃଦ୍ଧି ପାଇଁ ବିଭିନ୍ନ ତଥ୍ୟ ବ୍ୟବସ୍ଥା** | ୧୦୯ |
| ୧ | ଅନୁଚ୍ଛେଦ - ୧ | ପଶୁର ଚିହ୍ନଟ | ୧୧୦ |
| ୨ | ଅନୁଚ୍ଛେଦ - ୨ | ଇନାଫ୍ ଓ ପଶୁ ସ୍ୱାସ୍ଥ୍ୟ | ୧୧୧ |
| ୩ | ଅନୁଚ୍ଛେଦ - ୩ | ଇନାଫ୍ ଓ ପଶୁ ପ୍ରଜନନ | ୧୧୨ |
| ୪ | ଅନୁଚ୍ଛେଦ - ୪ | ଇନାଫ୍ ଓ ପଶୁ ପୋଷଣ | ୧୧୩ |
| | | **ବାରମ୍ବାର ପଚରାଯାଉଥିବା ପ୍ରଶ୍ନ** | ୧୧୪ |

# ଭାଗ- ୧

## ପ୍ରାଣୀ ସ୍ୱାସ୍ଥ୍ୟ ଓ ପ୍ରଜନନ

ଆଶାନୁରୂପକ ଉତ୍ପାଦନ ମିଳିବା ପାଇଁ ପ୍ରାଣୀର ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ରୋଗୀଣା ପ୍ରାଣୀଟି ଆଶାନୁରୂପକ ଉତ୍ପାଦନର ଦେବାକୁ ଅସମର୍ଥ ହୋଇଥାଏ । ତେଣୁ ସଠିକ୍ ସମୟରେ ଉପଯୁକ୍ତ ହସ୍ତକ୍ଷେପ ମାଧ୍ୟମରେ ପଶୁପାଳନରେ ଆର୍ଥିକ କ୍ଷତିକୁ ରୋକାଯାଇ ପାରିବ । ଏତଦ୍‌ବ୍ୟତୀତ ଉନ୍ନତ ପ୍ରାଣୀ ପ୍ରଜାତିର ମଧ୍ୟ ଆଜିର ସମୟରେ ଆବଶ୍ୟକତା ରହିଛି । ଚାଷୀଭାଇମାନେ ପ୍ରଜନନ ବିଧିର ବିଭିନ୍ନ ଦିଗ ଅବଗତ ହୋଇ ସିଧାସଳଖ ଭାବେ ପ୍ରଜାତି ଉନ୍ନତିକରଣ କାର୍ଯ୍ୟକ୍ରମରେ ଭାଗିଦାରୀ ଦେବା ଦରକାର । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଏହି ପୁସ୍ତକର ପ୍ରଥମ ଭାଗଟିକୁ ୧୪ଟି ଅନୁଚ୍ଛେଦରେ ବିଭକ୍ତ କରାଯାଇଛି, ଯାହା ନିମ୍ନରେ ଦିଆଗଲା ।


ଅନୁଚ୍ଛେଦ - ୧ ପ୍ରାଣୀଟିର ସାଧାରଣ ଅବଲୋକନ

ଅନୁଚ୍ଛେଦ - ୨ ନୂଆ କରି ପ୍ରାଣୀଟିକୁ କିଣି ଆଣିବା

ଅନୁଚ୍ଛେଦ - ୩ ନବଜାତ ବାଛୁରୀର ଯତ୍ନ

ଅନୁଚ୍ଛେଦ - ୪ ଟୀକାକରଣ ଦ୍ୱାରା ରୋଗ ନିବାରଣ

ଅନୁଚ୍ଛେଦ - ୫ ଅନ୍ୟାନ୍ୟ କେତେକ ପ୍ରମୁଖ ରୋଗ

ଅନୁଚ୍ଛେଦ - ୬ ଟିଙ୍କ ଓ ମାଛି ଦ୍ୱାରା ହେଉଥିବା ରୋଗ

ଅନୁଚ୍ଛେଦ - ୭ ଟିଙ୍କ, ମାଛି ଓ କୃମି ନିୟନ୍ତ୍ରଣ

ଅନୁଚ୍ଛେଦ - ୮ ବାଛୁରୀ ଜନ୍ମ କରିବା ପରେ ଗାଈମାନଙ୍କ ଠାରେ ଦେଖାଯାଉଥିବା ବିଭିନ୍ନ ରୋଗ

ଅନୁଚ୍ଛେଦ - ୯ ଭୁଲ ଭାବରେ ପୋଷଣ ଯୋଗୁଁ ହେଉଥିବା ରୋଗ ସମୂହ

ଅନୁଚ୍ଛେଦ - ୧୦ ଥନହରା/ପହ୍ନାଫୁଲା ଏବଂ ଚିରରେ ହେଉଥିବା ରୋଗ

ଅନୁଚ୍ଛେଦ - ୧୧ ସାଧାରଣ ବିଷକ୍ରିୟା ଜନିତ ରୋଗ

ଅନୁଚ୍ଛେଦ - ୧୨ ପଶୁମାନଙ୍କ ଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ରୋଗ

ଅନୁଚ୍ଛେଦ- ୧୩ ଗୋ ପ୍ରଜନନ

ଅନୁଚ୍ଛେଦ - ୧୪ କେତେକ ରୋଗର ପାରମ୍ପାରିକ ଚିକିତ୍ସା

# ଅନୁଚ୍ଛେଦ - ୧

## ପ୍ରାଣୀଟିର ସାଧାରଣ ଅବଲୋକନ

କେତେକ ମାପଦଣ୍ଡ ନେଇ ସାଧାରଣ ଅବଲୋକନ କରିବା ଫଳରେ ଆପଣଙ୍କ ପ୍ରାଣୀଟିର ସ୍ୱାସ୍ଥ୍ୟ ଅବସ୍ଥାର ଆକଳନ/ପରୀକ୍ଷା କରାଯାଇପାରିବ ଯାହା ସଠିକ୍ ସମୟରେ ପ୍ରାଣୀ ଚିକିତ୍ସକଙ୍କ ଠାରୁ ପରାମର୍ଶ ନେବାରେ ସାହାଯ୍ୟ କରିଥାଏ । ସଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ଦ୍ୱାରା ରୋଗ ଦାଉରୁ ବା ଅନ୍ୟ କାରଣରୁ ହେବାକୁ ଥିବା କ୍ଷତିକୁ ରୋକାଯାଇପାରିବ । ତେଣୁ ଏହି ଅନୁଚ୍ଛେଦରେ ନିମ୍ନଲିଖିତ ଅଧ୍ୟାୟଗୁଡ଼ିକ ହେଲା -

(କ) ସୁସ୍ଥ ପ୍ରାଣୀଟି ପାଇଁ ସାତଟି ପ୍ରଶ୍ନ

(ଖ) ମୂଳ ସ୍ୱାସ୍ଥ୍ୟଗତ ମାପଦଣ୍ଡ ମାନଙ୍କର ଅବଲୋକନ

(ଗ) ଶରୀର ନିର୍ଣ୍ଣାଙ୍କ

## କ. ସୁସ୍ଥ ପ୍ରାଣୀଟି ପାଇଁ ସାତଟି ପ୍ରଶ୍ନ

(୧) ପ୍ରାଣୀଟି ଗୁହାଳରେ ବା ପାରିପାର୍ଶ୍ୱିକ ପରିବେଶରେ ସାଧାରଣ ଭାବେ ପ୍ରତିକ୍ରିୟା ଦେଖାଉଛି ନା ଅସ୍ୱାଭାବିକ ଭାବେ ବା ଅଜଣା ଭାବେ ପ୍ରତିକ୍ରିୟାଶୀଳ ହେଉଛି କି ?

(୨) ପ୍ରାଣୀଟି ସାଧାରଣ ଭାବରେ ମୁଣ୍ଡ, କାନ ଓ ଲାଞ୍ଜକୁ ବହନ କରୁଛି କି ? ସାଧାରଣ ଭାବରେ ଚାଲୁଛି କି ?

(୩) ପ୍ରାଣୀଟି ଭଲ ଅବସ୍ଥାରେ ଅଛି କି ଓ ଅଧିକ ପତଳା ବା ମୋଟା ଅଟେ କି ?

(୪) ଠିକ୍ ଭାବରେ ଖାଇବା, ପିଇବା ଓ ପାକୁଳି କରୁଛି ତ ?

(୫) ଠିକ୍ ଭାବରେ ପରିସ୍ରା ଓ ମଳତ୍ୟାଗ କରୁଛି ତ ?

(୬) ଯଦି କ୍ଷୀର ଦେଉଥାଏ, କ୍ଷୀରର ପରିମାଣ ହଠାତ୍ କମ୍ ହେଉଛି କି ?





(୭) ଅନ୍ୟ କିଛି ଅସ୍ୱାଭାବିକ ଲକ୍ଷଣ ଦେଖାଯାଉଛି କି ?

ଏସବୁରେ ଯଦି କିଛି ପରିବର୍ତ୍ତନ ଦେଖାଯାଏ ତେବେ ଜଣେ ପ୍ରାଣୀ ଚିକିତ୍ସକଙ୍କୁ ସମ୍ପର୍କ କରନ୍ତୁ ।

## ଖ. ମୂଳ ସ୍ୱାସ୍ଥ୍ୟଗତ ମାପଦଣ୍ଡମାନଙ୍କର ଅବଲୋକନ

- ନିଶ୍ୱାସର ଗତି - ବଡ଼ ପ୍ରାଣୀମାନଙ୍କ ଠାରେ ନିଶ୍ୱାସ ଓ ପ୍ରଶ୍ୱାସର ଗତି ପ୍ରତି ମିନିଟ୍ ୧୦ ରୁ ୩୦ ହେଉଥିବା ବେଳେ ବାଛୁରୀ ମାନଙ୍କ ଠାରେ ଏହା ୩୦ ରୁ ୫୦ ଥର ହୋଇଥାଏ । ପ୍ରାଣୀଟିର ପଛରୁ ଡାହାଣ ପଟର ଉପର ପେଟକୁ ଲକ୍ଷ କଲେ ଭଲ ଭାବରେ ଜଣା ପଡିଥାଏ ।
- ରୋମନ୍ଥନ/ ପାକୁଳି : ଅତି କମ୍‌ରେ ମିନିଟ୍ ପିଛା ୪୦ ଥର ଓ ପ୍ରତିଦିନ ୭ ରୁ ୧୦ ଘଣ୍ଟା ହୋଇଥାଏ ।
- ରୁମେନ୍‌ର ଗତି - ମିନିଟ୍ ପିଛା ୨ ରୁ ୩ ଥର । ଏହା ବାମ ପଟର ଉପର ପେଟକୁ ସାମାନ୍ୟ ଚାପ ଦେଲେ ଜଣା ପଡିଥାଏ ।
- ସିଧାସଳଖ ଦେଖିବା : ଏକ ସୁସ୍ଥ ପ୍ରାଣୀଟିର ଚିକ୍କଣ ଓ ମସୃଣ ଓ ସମାନ ଚମଡାଯୁକ୍ତ ସହ ଚିକ୍କଣ ଶିଙ୍ଗ ଓ ଖୁରା ଦେଖିବାକୁ ମିଳିଥାଏ । ଆଖି ଦୁଇଟିରେ ପାଣି ଗଡୁ ନଥିବା ଓ ଥୋମଣି ଓଦାଳିଆ ରହୁଥିବା ଦରକାର ।
- ଜ୍ୱର : ଜ୍ୱର ସହ ସାଧାରଣତଃ ନିଶ୍ୱାସ-ପ୍ରଶ୍ୱାସର ଗତି ବଢିବା ସହ ଥରିବା, ତରଳ ଝାଡ଼ା ହୋଇଥାଏ । ଶରୀରକୁ ଛୁଇଁଲେ ଗରମ ଲାଗୁଥିବା, କାନ, ଶିଙ୍ଗ ଓ ଗୋଡ଼ ଗୁଡ଼ିକୁ ଛୁଇଁଲେ ଥଣ୍ଡା ଲାଗିଥାଏ ।
- ଏ ସବୁର ଯଦି କିଛି ପରିବର୍ତ୍ତନ ବା ଜ୍ୱର ଦେଖାଯାଏ ତେବେ ଶୀଘ୍ର ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ ।
- ପଡିଆ ଥିବା ଓ ଜନ୍ମ କରିଥିବା ଗାଈମାନଙ୍କର ଏହି ଶରୀର ନିର୍ଣ୍ଣାଙ୍କ ୩.୫ ରହିବା ଉଚିତ୍ (ଶରୀର ନିର୍ଣ୍ଣାଙ୍କ ଅଧ୍ୟାୟ ଦେଖନ୍ତୁ) ।
- ଶୀଘ୍ର ରୋଗ ନିରୂପଣ ପାଇଁ ଆପଣଙ୍କ ପଶୁଟିକୁ ଭଲଭାବରେ ପାଖରୁ ଦେଖନ୍ତୁ ।

### ଶରୀରର ନିର୍ଣ୍ଣାଙ୍କ

| ନିର୍ଣ୍ଣାଙ୍କ | ଶରୀରର ମଧ ଭାଗରେ ମେରୁଦଣ୍ଡ | ହୁକ୍ ବୋନ୍ ର ପଛପାଖ ଦୃଶ୍ୟ | ହୁକ୍ ବୋନ୍ ରୁ ପିନ୍ ବୋନ୍ ର ପାର୍ଶ୍ୱ ଦୃଶ୍ୟ | ଲାଞ୍ଜର ମୁଣ୍ଡ ଓ ପିନ୍ ବୋନ୍ ର ଭିତର ଗର୍ତ୍ତର ପଛ ଓ ପାର୍ଶ୍ୱ ଦୃଶ୍ୟ | ବ୍ୟାଖ୍ୟାକରଣ |
|---|---|---|---|---|---|
| ସୂଚକାଙ୍କ /ଗଣନା -୧<br>ଖୁବ୍ ଖରାପ ଅବସ୍ଥା |  |  |  |  | ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ । ଭଲ କ୍ଷୀର ଦେଇପାରିବ ନାହିଁ । ଗର୍ଭଧାରଣ କରିପାରିବ ନାହିଁ । |
| ସୂଚକାଙ୍କ /ଗଣନା -୨<br>ମେରୁଦଣ୍ଡ ସ୍ପଷ୍ଟ ଦେଖାଯିବା ଅବସ୍ଥା |  |  |  |  | ସ୍ୱାସ୍ଥ୍ୟ ସମ୍ଭବତଃ ଠିକ୍ ଥାଇପାରେ । କ୍ଷୀର ଉତ୍ପାଦନ କମ୍ ଓ ଗର୍ଭଧାରଣ ଶକ୍ତି କମ୍ ରହିବ । |
| ସୂଚକାଙ୍କ /ଗଣନା -୩ ମେରୁଦଣ୍ଡ<br>ଭଲଭାବରେ ଆଚ୍ଛାଦିତ ହୋଇଥିବା ଅବସ୍ଥା |  |  |  |  | ଉତ୍ପାଦନ କ୍ଷମତା ଅଧିକ କିନ୍ତୁ ଶରୀରର ଚର୍ବି ଅଂଶ ପୂର୍ଣ୍ଣମାତ୍ରାର ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ନୁହେଁ । |
| ସୂଚକାଙ୍କ /ଗଣନା -୪<br>ମେରୁଦଣ୍ଡ ସ୍ପଷ୍ଟ ଦେଖା ନ ଯିବା ଅବସ୍ଥା |  |  |  |  | ବାଛୁରୀ ଜନ୍ମ ସମୟରେ ଶରୀରର ବିପାକ କ୍ରିୟାରେ ବିଭିନ୍ନ ସମସ୍ୟା ଦେଖାଯାଇପାରେ । |
| ସୂଚକାଙ୍କ /ଗଣନା -୫<br>ଖୁବ୍ ଭଲ ଅବସ୍ଥା |  |  |  |  | ଅତ୍ୟଧିକ ଚର୍ବି ଥିବାରୁ ଶରୀରର ବିପାକ କ୍ରିୟାରେ ଓ ପ୍ରଜନନରେ ବିଭିନ୍ନ ସମସ୍ୟା ଦେଖାଯାଇପାରେ |


ପଡିଆ ଥିବା ଓ ଜନ୍ମ କରିଥିବା ଗାଈମାନଙ୍କର ଏହି ଶରୀର ନିର୍ଣ୍ଣାଙ୍କ ୩.୫ ରହିବା ଉଚିତ୍ (ଶରୀର ନିର୍ଣ୍ଣାଙ୍କ ଅଧ୍ୟାୟ ଦେଖନ୍ତୁ) ।

ଶୀଘ୍ର ରୋଗ ନିରୂପଣ ପାଇଁ ଆପଣଙ୍କ ପଶୁଟିକୁ ଭଲଭାବରେ ପାଖରୁ ଦେଖନ୍ତୁ ।

## ଗ. ଶରୀର ନିର୍ଣ୍ଣାଙ୍କ

- ପ୍ରାଣୀଟିର ସ୍ୱାସ୍ଥ୍ୟ ଅବସ୍ଥା ଆକଳନ କରିବା ପାଇଁ ଶରୀର ନିର୍ଣ୍ଣାଙ୍କ / ଗଣନା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।
- ଶରୀର ନିର୍ଣ୍ଣାଙ୍କରେ କମ୍ ସୂଚକାଙ୍କ ପ୍ରାଣୀଟିର ରୋଗୀଣା ଅବସ୍ଥା ଓ ଖାଦ୍ୟପେୟ ଠିକ୍ ନଥିବା ଦର୍ଶାଉଥିବାବେଳେ ଅଧିକ ସୂଚକାଙ୍କ ପ୍ରଜନନ ଗତ ସମସ୍ୟା ଓ ଶରୀରର ବିପାକ କ୍ରିୟାରେ ଅସୁବିଧା ମାନର ସମ୍ଭାବନା ଦର୍ଶାଉଥାଏ ।

### ଶରୀର ନିର୍ଣ୍ଣାଙ୍କ - ୧




ଶରୀର ନିର୍ଣ୍ଣାଙ୍କ-୧

- ଅତ୍ୟଧିକ ପତଳା । ଗଳା ଓ ଲାଞ୍ଜ ମୁଠିରେ ଚର୍ବି ନାହିଁ
- ସମସ୍ତ କଙ୍କାଳ ଓ ମେରୁଦଣ୍ଡ ହାଡ ଗୁଡ଼ିକ ଦେଖାଯାଏ
- ଫିଁକା ଲୋମ
- ରୋଗୀଣା ହୋଇଥାଇପାରେ ଓ ପାରିପାର୍ଶ୍ୱିକ ଚାପରୁ ବାହାରି ଚଳିବା କଷ୍ଟକର ହୋଇପାରେ ।



ଶରୀର ନିର୍ଣ୍ଣାଙ୍କ-୧ ଥିବା ପଶୁ

### ଶରୀର ନିର୍ଣ୍ଣାଙ୍କ - ୨




ଶରୀର ନିର୍ଣ୍ଣାଙ୍କ-୨

- ପତଳା ମେରୁଦଣ୍ଡ ହାଡ, ପିଚା ହାଡ ଓ ଲାଞ୍ଜ ହାଡ ଭଲ ଭାବରେ ଦେଖାଯାଏ ।
- ଲାଞ୍ଜର ଚାରିପାଖରେ, ପିଚା ହାଡ଼ରେ ଓ ପେଟ ପାଖ କୋଷିକା ଦ୍ୱାରା ଆଚ୍ଛାଦିତ ଥାଏ ।
- ମାଂସପେଶୀ ସାମାନ୍ୟ ଦେଖାଯାଏ ମାତ୍ର ଯଥେଷ୍ଟ ନଥାଏ । ସ୍ୱାସ୍ଥ୍ୟ ଠିକ୍ ଥାଇପାରେ ।



ଶରୀର ନିର୍ଣ୍ଣାଙ୍କ-୨ ଥିବା ପଶୁ

### ଶରୀର ନିର୍ଣ୍ଣାଙ୍କ - ୩




ଶରୀର ନିର୍ଣ୍ଣାଙ୍କ-୩

- ପଞ୍ଜରା ହାଡ ସାମାନ୍ୟ ଦେଖାଯାଏ ।
- ଚଟୁଆ ପଛରେ ଚର୍ବି ଭଲ ଭାବରେ ଜମା ହୋଇଥାଏ ଓ ବାଛୁରୀ ଜନ୍ମ କରିବା ପାଇଁ ଆଦର୍ଶ ବା ସଠିକ୍ ଅବସ୍ଥା ଥାଏ ।
- ଗଳା ପାଖାପାଖି ଚର୍ବି ଜମା ଥାଏ ।
- ଲାଞ୍ଜ ହାଡ ଓ ପିଚା ହାଡ ଟିକେ ଦେଖାଯାଏ । ମାତ୍ର ସ୍ପଷ୍ଟ ଦେଖାଯାଏ ନାହିଁ ।



ଶରୀର ନିର୍ଣ୍ଣାଙ୍କ-୩ ଥିବା ପଶୁ

### ଶରୀର ନିର୍ଣ୍ଣାଙ୍କ - ୪




ଶରରୀ ନିର୍ଣ୍ଣାଙ୍କ-୪

- ପଞ୍ଜରା ହାଡ ଦେଖାଯିବା କଷ୍ଟକର ଅଟେ ।
- ଚଟୁଆ ପଛ ଭାଗରେ ଓ ଲାଞ୍ଜ ମୁଠିରେ ଚର୍ବି ଭଲ ଭାବରେ ଜମା ହୋଇଥାଏ ।
- ଉପରୁ ଦେଖିଲେ ଶରୀର ସମତଳ ଭଳି ଦେଖାଯାଏ ।
- ପଞ୍ଜରା ହାଡ ଓ ପିଙ୍ଗର ଚାରିପାଖରେ ବହୁ ମାତ୍ରାରେ ଚର୍ବି ହେବାକୁ ଆରମ୍ଭ ହୁଏ ।



ଶରୀର ନିର୍ଣ୍ଣାଙ୍କ-୪ ଥିବା ପଶୁଟିର ବାଛୁରୀ ଜନ୍ମ ସମୟରେ ବିପାକ କ୍ରିୟା ଜନିତ ସମସ୍ୟା ଦେଖାଯାଇପାରେ

### ଶରୀର ନିର୍ଣ୍ଣାଙ୍କ - ୫




ଶରୀର ନିର୍ଣ୍ଣାଙ୍କ-୫

- ପଶୁଟି ମୋଟା ଓ ବହୁମାତ୍ରାରେ ସମତଳ ଶରୀର ଦେଖାଯାଏ ।
- ଗଳା ଭାରି ଓ ମୋଟେଇ ହୋଇଯାଏ ଓ ହାଡମାନ ମାଂସରେ ରହିଥାନ୍ତି ସେଥିପାଇଁ ବାହାରକୁ ଦେଖାଯାଏ ନାହିଁ ।
- ମାଂସପେଶୀ ଭିତରେ ଲାଞ୍ଜମୁଣ୍ଡି ଓ ପିଚା ହାଡ ସଂପୂର୍ଣ୍ଣ ଲୁଚି ଯାଇଥାଏ ।
- ପଛଭାଗ ସମତଳ ଦେଖାଯାଏ ଓ ପୁରାପୁରି ଭାବରେ ଚର୍ବିରେ ଲୁଚି ଯାଇଥାଏ ।
- ଅଧିକ ଚର୍ବି ଜମା ହୋଇଥିବା ଫଳରେ ଚାଲିବାରେ ଅସୁବିଧା ହୁଏ ।



ଶରୀର ନିର୍ଣ୍ଣାଙ୍କ-୫ ଥିବା ପଶୁଟିର ଶରୀରର ବିପାକ କ୍ରିୟା ଓ ପ୍ରଜନନ କ୍ରିୟା ଜନିତ ସମସ୍ୟା ଦେଖାଯାଇପାରେ



**ସ୍ୱାସ୍ଥ୍ୟ ଅବସ୍ଥା ଯାଂଚ କରିବା ପାଇଁ ଶରୀର ନିର୍ଣ୍ଣାଙ୍କ ଏକ ମାପଦଣ୍ଡ ଅଟେ ।**

# ଅନୁଚ୍ଛେଦ - ୨

## ନୂଆ କରି ପ୍ରାଣୀଟିକୁ କିଣି ଆଣିବା

ନୂଆକରି କିଣା ଯାଇଥିବା ପଶୁମାନେ ସାଧାରଣତଃ ରୋଗ ସଂକ୍ରମଣର ଏକ ପ୍ରମୁଖ କାରଣ ଅଟନ୍ତି ଓ ଗୁହାଳରେ ନୂଆ ରୋଗ ଛାଡ଼ିଥାନ୍ତି । ତେଣୁ ଆପଣ ଆପଣଙ୍କ ସାଧନ ମୁତାବକ କେଉଁ ପ୍ରକାର ପଶୁ କିଣିବାକୁ ଚାହୁଁଛନ୍ତି ତାହା ସ୍ଥିର କରିବା ପରେ ନିରୋଗ ପଶୁମାନଙ୍କୁ କିଣିବା ଓ କଡାକଡି ଭାବରେ ରୋଗର କାରକକୁ ଗୁହାଳ ମଧ୍ୟରେ ପ୍ରବେଶ କରିବାକୁ ନ ଦେବା ପାଇଁ ଉଚିତ୍ ଉପାୟମାନ ନେବା ଦରକାର ।

ନୂଆ କିଣିବାକୁ ଥିବା ପଶୁମାନଙ୍କର ବୟସ ନିରୂପଣ କରିବା ମଧ ଦରକାର । ଏହି ଅନୁଚ୍ଛେଦର ନିମ୍ନଲିଖିତ ଅଧ୍ୟାୟ ଗୁଡ଼ିକ ହେଲା ।

(କ) ନୂଆ ପଶୁ କିଣିବା

(ଖ) ଗୋଠରେ ନୂଆ ଆଣିଥିବା ପଶୁକୁ ରଖିବା

(ଗ) ପଶୁଟିର ବୟସ ନିରୂପଣ କରିବା

# କ. ନୂଆ ପଶୁ କିଣିବା

## ପ୍ରଜାତି

- ସାଧାରଣତଃ ଜଣେ ବ୍ୟକ୍ତି କେଉଁ ପ୍ରଜାତିର ପଶୁଟି କିଣିବ ତାହା ତା'ର ସାଧନ ଓ ଆଂଚଳିକ ସ୍ଥିତିକୁ ସୁହାଉଥିବା ପ୍ରଜାତି ଉପରେ ନିର୍ଭର କରିଥାଏ । ପ୍ରଜାତିର ସିଦ୍ଧାନ୍ତ କରିବା ପୂର୍ବରୁ ସ୍ଥାନୀୟ ପଶୁ ଚିକିତ୍ସକ ବା କୃଷି ବିଜ୍ଞାନ ଅଧିକାରୀ ବା କିଷାନ୍ କଲ୍ ସେଂଟରର ଅଧିକାରୀଙ୍କ ସଙ୍ଗେ ଭଲଭାବରେ ଆଲୋଚନା କରି ସ୍ଥିର କରିବା ଉଚିତ୍  ଏବଂ ଏହା ରାଜ୍ୟ ସରକାରଙ୍କ ପଶୁ ପ୍ରଜନନ ନୀତି ସହିତ ସମ୍ମତ ହେବା ଦରକାର ।

## କେଉଁଠୁ କିଣିବ

- ରୋଗମୁକ୍ତ ସରକାରୀ ବା ବେସରକାରୀ ଫାର୍ମ ଯେଉଁଠାରେ ନିୟମିତ ବ୍ୟବଧାନରେ ଯକ୍ଷ୍ମା, ବ୍ରୁସେଲୋସିସ୍ ଓ ଜୋନ୍ସ ରୋଗ ପାଇଁ ପରୀକ୍ଷା ହେଉଥିବ ଓ ରୋଗ ଚିହ୍ନଟ ହେଲେ ପଶୁଟିକୁ ଫାର୍ମରୁ ବାହାର କରାଯାଉଥିବ, ସେହି ଫାର୍ମ ପଶୁ କିଣିବାର ଏକ ଆଦର୍ଶ ସ୍ଥାନ ଅଟେ ।
- ସର୍ବଦା ପଶୁଟିକୁ ମାଲିକର ଗୁହାଳରୁ ସିଧାସଳଖ କିଣି ଆଣିବା ଶ୍ରେୟସ୍କର ଅଟେ । ମାତ୍ର ପଶୁ ହାଟ ବା ଗୋଠରୁ କେବେ ବି ପଶୁ କିଣିବା ଉଚିତ୍ ନୁହେଁ କାରଣ ଏହି ସବୁ ଜାଗାରେ ବହୁତ ଗୁଡିଏ ପଶୁ ମିଶୁଥିବାରୁ ରୋଗ ବ୍ୟାପିବାର ଅଧିକ ସମ୍ଭାବନା ଥାଏ ।

## ପଶୁ କିଣିବା ବେଳେ କେଉଁ ସାଧାରଣ ଲକ୍ଷଣ ପ୍ରତି ଦୃଷ୍ଟି ଦେବା ଜରୁରୀ

- ଆଖି : ଉଜ୍ଜ୍ୱଳ, ସଫା, ଲେଞ୍ଜରା ନ ଥିବା, ପାଣି ଗଡୁ ନଥିବା, ଲାଲ୍ ନପଡିଥିବା
- ନାକ : ଥଣ୍ଡା, ଓଦାଳିଆ ଥୋମଣି, ଥୋମଣି ବାରମ୍ବାର ଚାଟୁଥିବ,  ସ୍ୱାଭାବିକ ଭାବରେ ଶ୍ୱାସକ୍ରିୟା ଚାଲିଥିବ । ନିଶ୍ୱାସ-ପ୍ରଶ୍ୱାସରେ କୌଣସି କଷ୍ଟ ଅନୁଭବ ହେଉନଥିବ । କୌଣସି ପଦାର୍ଥ ନାକ-ପୁଡ଼ାରୁ ନିର୍ଗତ ହେଉନଥିବ । କାଶ ଆଦି ଲକ୍ଷଣ ଦେଖାଯାଉ ନଥିବ ।
- ଚମଡା : ଚିକିଣିଆ, ସଫା, ଧୂଳିମଳି ନ ହୋଇଥିବା, ଟିଙ୍କ, ଉଁକୁଣି ବା ଅନ୍ୟ ବାହ୍ୟ ପରଜୀବୀ ଚର୍ମରେ ଲାଗିକରି ନଥିବ ।
- ଓଜନ : ପ୍ରଜାତିର ହାରାହାରି ଓଜନକୁ ହିସାବକୁ ନେବା ଉଚିତ୍ । ଅତ୍ୟଧିକ ପତଳା ବା ଦୁର୍ବଳ ପଶୁ ପ୍ରତି ସାବଧାନ ରହିବା ଉଚିତ୍ ।
- ମାନସିକତା : ପ୍ରଫୁଲ୍ଲତା, ଚଳଚଂଚଳ, ଏକାକି ଅଲଗା ଛିଡାଥିବା ପଶୁଟିକୁ କେବେବି ବାଛିବା ଉଚିତ୍ ନୁହେଁ କାରଣ ଏହିଭଳି ପଶୁଟି ଭଲ ମାନସିକତାରେ ନଥାଏ ।
- ଚାଲି : ସହଜ ଓ ସଚଳ ଭାବରେ ଚାଲୁଥିବା ଦରକାର । ଗୋଡ ଗୁଡ଼ିକୁ ସମାନ ଅନ୍ତରାଳରେ ରଖୁଥିବ । ଧିରେ ଚାଲୁଥିବା ବା ଆଗ ପଛ କରି ଗୋଡ଼ ରଖୁଥିବା ପଶୁଟିକୁ ବାଛିବା ଅନୁଚିତ୍ । ଶୋଇ କରି ଉଠୁଥିବା ବେଳେ ପଶୁଟି ସହଜ ଓ ଆରାମରେ ଉଠିପାରୁଥିବା ଦରକାର ।
- ପହ୍ନା : ପହ୍ନାର ଆକାର (ବଡ଼ ବା ଛୋଟ) ସବୁବେଳେ ଭଲ/ଖରାପ ପହ୍ନା ଚିହ୍ନିବାର ସଠିକ୍ ଉପାୟ  ହୋଇ ନଥାଏ । ପହ୍ନାକୁ ଲାଗିଥିବା କ୍ଷୀର ଶିରା ଗୁଡ଼ିକ ବଡ଼ ହୋଇଥିବା ଦରକାର । ଚାଲିବା ବେଳେ ପହ୍ନା ଦୁଇ ପାଖକୁ ଝୁଲୁ ନଥିବା ଦରକାର । ପହ୍ନା ମାଂସଳ ବା ଢିଲା ହୋଇ ଝୁଲି ପଡିବା ଭଳି ଅବସ୍ଥାରେ ନଥିବା ଦରକାର ।
- ଶରୀର ନିର୍ଣ୍ଣାଙ୍କ : ଏହା ଏକ ସୁସ୍ଥ ଗାଈ ଜାଣିବାର ଗୁରୁତ୍ୱପୂର୍ଣ୍ଣ ଉପାୟ ଅଟେ । ସୁସ୍ଥ ଗାଈଟିର ଶରୀର ନିର୍ଣ୍ଣାଙ୍କ ୩ରୁ ୪ ମଧ୍ୟରେ ରହିବା ଦରକାର । (ଶରୀର ନିର୍ଣ୍ଣାଙ୍କ ବିଷୟକୁ ଦେଖନ୍ତୁ)
- ଅତୀତ : ପଶୁଟିର ସମ୍ପୂର୍ଣ୍ଣ ଅତୀତ ବିଷୟରେ ଜାଣିବା ଦରକାର ଯଥା - କେତେ ବାଛୁରୀ ଜନ୍ମ ଦେଇଛି । କ୍ଷୀର କେତେ ଦେଉଛି ବା ପଛଥର କେତେ କ୍ଷୀର ଦେଇଥିଲା, କୌଣସି ରୋଗ ହୋଇଥିଲା କି ଯେପରି ; ଥନହରା, ଗର୍ଭାଶୟ ବାହାରକୁ ବାହାରିବା, ଫୁଲ ନ ପଡିବା, ପ୍ରସବ ସମୟର କଷ୍ଟ, କ୍ୟାଲସିୟମ୍ କମ୍ ହେବା ରୋଗ ଆଦି ।
- ବୟସ : ଯଦିଓ ବୟସ ସହ ପ୍ରାଣୀଟିର ସୁସ୍ଥ ରହିବାର କୌଣସି ସମ୍ପର୍କ ନାହିଁ ତଥାପି କିଣିଥିବା ବେଳେ ପଶୁଟିର ଦାନ୍ତ ଗୁଡ଼ିକ ଦେଖି ବୟସ ଜାଣିନେବା ଦରକାର ।

## ପଶୁ ସ୍ଥାନାନ୍ତରଣ

- ପଶୁଟିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ବେଳେ ଯେପରି ଚାପଗ୍ରସ୍ତ ନ ରହିବ ସେ ପ୍ରତି ଧ୍ୟାନ ଦେବା ଜରୁରୀ । ସ୍ଥାନାନ୍ତରଣ କରିବା ବେଳେ ପର୍ଯ୍ୟାପ୍ତ ପରିମାଣର ପାଣି, ଖାଦ୍ୟ ଓ ବିଶ୍ରାମ ନେବା ଦରକାର । ଠିକ୍ ସେହିପରି ପ୍ରାଣୀଟିକୁ ଯଥେଷ୍ଟ ସ୍ଥାନ ଦେଇ ପରିବହନ କରିବା ଉଚିତ୍ । ଚାପମୁକ୍ତ ରହି ସ୍ଥାନାନ୍ତରଣ କରିବା ଫଳରେ ବହୁରୋଗରୁ ଉପଶମ ମିଳିଥାଏ । ନଚେତ୍ ବିଭିନ୍ନ ରୋଗମାନ ଦେଖାଯାଏ । ପରିବହନ କରିବା ସମୟରେ ଚଟାଣରେ କିଛି ପାଳ/ନଡ଼ା ବିଛାଇ ନରମ ସ୍ଥାନ କରି ସ୍ଥାନାନ୍ତରଣ କରାଯିବା ଦରକାର ।



## ଖ. ଗୁହାଳକୁ ନୂଆ ପଶୁ ଆଣିବା

## ସଂଗରୋଧ (ରୋଗର ନିରୋଧ ପାଇଁ ପଶୁଟିକୁ ଅଲଗା କରି ରଖିବା)

- ନୂଆ କରି କିଣିଥିବା ପଶୁଟିକୁ ଗୁହାଳରେ ଥିବା ଅନ୍ୟ ପଶୁମାନଙ୍କଠାରୁ ଅଲଗା କରି ୩ ସପ୍ତାହ ଯାଏଁ ରଖିବା ଦରକାର । ଗୁହାଳର ସବୁ କାମ ସରିଲା ପରେ, ଗୁହାଳରେ କାମ କରୁଥିବା ଲୋକଟିଏ ନୂଆ କରି କିଣିଥିବା ପଶୁ ପାଖରେ କାମ କରିବ ଓ ପରେ ଭଲ ଭାବରେ ଧୋଇ ହୋଇ କପଡା ବଦଳାଇ ଗୁହାଳରେ ଥିବା ଅନ୍ୟ ପଶୁମାନଙ୍କ ପାଖକୁ ଆସିବା ଉଚିତ୍ ।
- ନୂଆ କିଣିଥିବା ପଶୁଟିକୁ ଅଲଗା ରଖିଥିବା ସମୟରେ ଟୀକାକରଣ, କୃମି ଔଷଧ ଦେବା ଆଦି କରିନେବା ଉଚିତ୍ ।
- କ୍ଷୀର ଦେଉଥିଲେ ଗୁହାଳର ସମସ୍ତ ଗାଈମାନଙ୍କୁ ଦୁହିଁ ସାରିବା ପରେ ଅଲଗା ଥିବା ଗାଈମାନଙ୍କୁ ଦୁହିଁବା ଦରକାର ।
- ସଂଗରୋଧ ସ୍ଥାନଟିକୁ ଏକକାଳୀନ ସଫା କରି ପଶୁମାନଙ୍କୁ ଆଣିବା ଦରକାର ଓ ସମସ୍ତ ପଶୁମାନଙ୍କୁ ଏକକାଳୀନ ନେଇଯିବା ଦରକାର ।

## ସଂଗରୋଧ ସମୟରେ ପରୀକ୍ଷଣ

ରୋଗର ନିରୋଧ ପାଇଁ ଅଲଗା କରି ରଖିବା ସମୟରେ ନିମ୍ନଲିଖିତ ପରୀକ୍ଷାମାନ କରାଯିବା ଦରକାର ।

କ୍ଷୀର ଦେଉଥିବା ଗାଈମାନଙ୍କ ପାଇଁ ଥନହରା ରୋଗର ପରୀକ୍ଷା, ଯଦି ଏହା ଜଣାପଡେ ତେବେ ଚିକିତ୍ସା ଆରମ୍ଭ କରିଦେବା ଉଚିତ୍ ଓ ପୁନଃ ପରୀକ୍ଷା କରି ନିରୋଗ (ଥନହରା ନଥିବା) ପ୍ରମାଣିତ ହେବା ଯାଏ ଚିକିତ୍ସା ଓ ପୁନଃ ପରୀକ୍ଷା ଚାଲୁ ରଖିବା ଉଚିତ୍ । ଯଦି ବାରମ୍ବାର ପରୀକ୍ଷା ପରେ ମଧ ଥନହରା ବାହାରୁ ଥାଏ ତେବେ ଏହା ସମ୍ଭବତଃ ବହୁଦିନର ଥନହରା ରୋଗ ବୋଲି ମାନିନେବାକୁ ପଡିବ ।

(୨) ବ୍ରୁସେଲା ରୋଗ ପାଇଁ ପରୀକ୍ଷା

(୩) ଗୋ ଜାତୀୟ ଟିବି (ଯକ୍ଷ୍ମା) ରୋଗ ପାଇଁ ପରୀକ୍ଷା

(୪) ଜେଡି ରୋଗ ପାଇଁ ପରୀକ୍ଷା

ଯଦି ପଶୁ ଉପରୋକ୍ତ ଗୋଟିଏ ରୋଗରେ ଆକ୍ରାନ୍ତ ଥିବା ଜଣାପଡେ ତେବେ ତାକୁ ଗୋଠରେ ସାମିଲ କରିବା ଅନୁଚିତ୍, କାରଣ ଏହି ରୋଗଗୁଡିକର କୌଣସି ଉପଚାର ନାହିଁ ଏବଂ ସୁସ୍ଥ ପଶୁଙ୍କୁ ଏହି ରୋଗ ହେବାର ସମ୍ଭାବନା ବଢିଯାଇଥାଏ ।

ନିମ୍ନଲିଖିତ ଆଂଚଳିକ ପରୀକ୍ଷାଗାରମାନଙ୍କୁ ଅଧିକ ତଥ୍ୟ ପାଇଁ ଯୋଗାଯୋଗ କରିବା ଦରକାର ।

### ଉତ୍ତରାଂଚଳ ପାଇଁ :

(୧) ସଂଯୁକ୍ତ ନିର୍ଦ୍ଦେଶକ, ପଶୁରୋଗ ଅନୁସନ୍ଧାନ ଓ ରୋଗ ନିର୍ଣ୍ଣୟ କେ୍, ଭାରତୀୟ ପଶୁ ଚିକିତ୍ସା ଅନୁସନ୍ଧାନ ସଂସ୍ଥାନ, ଇଜତନଗର, ଉତ୍ତରପ୍ରଦେଶ-୨୪୩୧୨୨

(୨) ସଂଯୁକ୍ତ ନିର୍ଦ୍ଦେଶକ ଓ ଭାରପ୍ରାପ୍ତ ଉତ୍ତରାଂଚଳ ରୋଗ ନିର୍ଣ୍ଣୟ ପରୀକ୍ଷାଗାର, ଜଳନ୍ଧର, ପଞ୍ଜାବ ।

### ପୂର୍ବାଂଚଳ ପାଇଁ :

ସଂଯୁକ୍ତ ନିର୍ଦ୍ଦେଶକ ପୂର୍ବାଂଚଳ ରୋଗ ନିର୍ଣ୍ଣୟ ପରୀକ୍ଷାଗାର, କୋଲକାତା - ୭୦୦୦୩୭

ଉପ ନିର୍ଦ୍ଦେଶକ, ଉତ୍ତର ପୂର୍ବାଂଚଳ ରୋଗ ନିର୍ଣ୍ଣୟ ପରୀକ୍ଷାଗାର, ଖାନାପଡ଼ା, ଗୌହାଟି-୭୮୧୦୨୨

### ଦକ୍ଷିଣାଂଚଳ ପାଇଁ :

ସଂଯୁକ୍ତ ନିର୍ଦ୍ଦେଶକ, ପଶୁ ସ୍ୱାସ୍ଥ୍ୟ ଓ ପଶୁ ଜୈବିକ ଉତ୍ପାଦ ସଂସ୍ଥାନ, ହେବଲ, ବାଙ୍ଗାଲୋର-୨୪

### ପଶ୍ଚିମାଂଚଳ ପାଇଁ :

ସଂଯୁକ୍ତ ନିର୍ଦ୍ଦେଶକ ପଶ୍ଚିମାଂଚଳ ରୋଗ ନିର୍ଣ୍ଣୟ ପରୀକ୍ଷାଗାର, ଔଂଧ, ପୁନେ - ୪୧୧୦୦୭

ନିକଟସ୍ଥ ପ୍ରାଣୀ ଚିକିତ୍ସକ ସହ ରୋଗ ନିର୍ଣ୍ଣୟ ପାଇଁ ନମୁନା ସଂଗ୍ରହ କରିବା, ଯକ୍ଷ୍ମା ଓ ଜେଡି ପରୀକ୍ଷା ଏବଂ ଉପଦେଶ ନେବା ପାଇଁ ଯୋଗାଯୋଗ କରିବା ଉଚିତ୍ । କେତେକ ରାଜ୍ୟ ସରକାର ସେମାନଙ୍କର ପରୀକ୍ଷାଗାରରେ ବିଭିନ୍ନ ପରୀକ୍ଷାମାନ କରୁଛନ୍ତି ତେଣୁ ତାହାର ଲାଭ ନେବା ଉଚିତ୍ ।


**ସଂଗରୋଧ କରିବା ଫଳରେ ଆପଣଙ୍କ ଗୁହାଳର ସବୁ ପଶୁ ରୋଗଠାରୁ ଦୂରରେ ରହିପାରିବେ ।**


## ଗ. ପଶୁଟିର ବୟସ ଜାଣିବା କେମିତି


ନୂଆକରି ପଶୁଟିକୁ କିଣିବା ବେଳକୁ ତାହାର ବୟସ ଜାଣିବା ଜରୁରୀ ଅଟେ । କାରଣ ପଶୁଟିକୁ ବିକୁଥିବା ଲୋକ ସବୁବେଳେ ଏ ବିଷୟରେ ସତକଥା କହି ନଥାଇ ପାରେ ।


### ଦାନ୍ତର ବିନ୍ୟାସରୁ ବୟସ ଜାଣିବା


- ଜନ୍ମରୁ ୧ ମାସ ବୟସରେ ଦୁଇଟି ବା ଅଧିକ କ୍ଷୀର ଖିଆ ଛାମୁଦାନ୍ତ ଥାଏ । ପ୍ରଥମ ମାସ ପୁରା ହେଲା ବେଳକୁ ୮ ଟି ଯାକ କ୍ଷୀର ଖିଆ ଛାମୁଦାନ୍ତ ଉଠିଯାଇଥାଏ ।


୩୦ ମାସ ବୟସରେ ଦନ୍ତ ବିନ୍ୟାସ


୩୦ ମାସ ବୟସ ପରେ ଦନ୍ତ ବିନ୍ୟାସ


୩ ବର୍ଷ ବୟସରେ ଦନ୍ତ ବିନ୍ୟାସ


୪-୫ ବର୍ଷ ବୟସରେ ଦନ୍ତ ବିନ୍ୟାସ


୬ ବର୍ଷ ବୟସରେ ଦନ୍ତ ବିନ୍ୟାସ


୧୦ ବର୍ଷ ବୟସରେ ଦନ୍ତ ବିନ୍ୟାସ

- ମଝି ଦୁଇଟି କ୍ଷୀର ଖିଆ ଛାମୁଦାନ୍ତ ୨ବର୍ଷ ବୟସ ମଧ୍ୟରେ ସ୍ଥାୟୀ ଛାମୁଦାନ୍ତରେ ପରିବର୍ତ୍ତିତ ହୋଇଯାଇଥାଏ । ( ପତଳା ତୀର ଚିହ୍ନକୁ ଦେଖନ୍ତୁ)
- ତୃତୀୟ ସ୍ଥାୟୀ ଛାମୁଦାନ୍ତ ପାଖାପାଖି ୨ ବର୍ଷ ୬ମାସ ବୟସ ବେଳକୁ ଉଠିଥାଏ । ( ମୋଟା ତୀର ଚିହ୍ନକୁ ଦେଖନ୍ତୁ)
- ୪ର୍ଥ ସ୍ଥାୟୀ ଛାମୁଦାନ୍ତ ୨ ବର୍ଷ ୬ମାସ ବୟସ ବେଳକୁ ଉଠିଯାଇଥାଏ । ୩ବର୍ଷ ବୟସ ବେଳକୁ ୨ହଳ ସ୍ଥାୟୀ ଛାମୁଦାନ୍ତ ପୁରା ଉଠି ସାରିଥାଏ ।
- ୪ରୁ ୫ ବର୍ଷ ବୟସ ବେଳକୁ ପଶୁଟିର ସ୍ଥାୟୀ ଛାମୁଦାନ୍ତ ପୁରାପୁରି ଭାବରେ ଉଠି ସାରିଥାଏ । ମଇଁଷି କ୍ଷେତ୍ରରେ ଏହା ୫ ରୁ ୬ ବର୍ଷ ବୟସ ବେଳକୁ ମଝି ଛାମୁଦାନ୍ତ ଘୋରି ହେବା ସହ ଉପର ସମାନ ହୋଇଯାଇଥାଏ ।
- ୬ ବର୍ଷରୁ ଛାମୁଦାନ୍ତ ଘୋରି ହେବା ହାଲ୍କା ଆରମ୍ଭ ହୋଇ ୧୦ ବର୍ଷ ବେଳକୁ ସମସ୍ତ ଛାମୁଦାନ୍ତ ଘୋରି ହୋଇଯାଇଥାଏ ଏବଂ ଦାନ୍ତ ଦୁଇଟି ମଝିରେ ଫାଙ୍କା ଦେଖାଯାଇଥାଏ ।


୩ ବର୍ଷ ବୟସର ଗୋରୁଟିର ଦୁଇ ହଳ ଛାମୁ ଦନ୍ତର ବିନ୍ୟାସ


୪-୫ ବର୍ଷ ବୟସର ଗୋରୁଟିର ଚାରି ହଳ ଛାମୁ ଦନ୍ତର ବିନ୍ୟାସ

### ଶିଙ୍ଗ ଚକ୍ରି ସଂଖ୍ୟାରୁ ବୟସ ଜାଣିବା

ଏହା ଏତେଟା ଭଲ ଉପାୟ ନୁହେଁ ମାତ୍ର ମୋଟା ମୋଟି ଭାବରେ ଏକ ଧାରଣା ଆଣିବାକୁ ଏହି ଉପାୟ ବ୍ୟବହାର କରାଯାଇଥାଏ । ପ୍ରଥମ ଶିଙ୍ଗ ଚକ୍ରି ୧୦ ରୁ ୧୨ ମାସରେ ଦେଖାଯାଇଥାଏ ଏବଂ ପ୍ରତିବର୍ଷ ଗୋଟିଏ ଲେଖା ଶିଙ୍ଗ ଚକ୍ରି ଯୋଡ଼ି/ବଢି ଚାଲିଥାଏ । ମାତ୍ର ୫ ବର୍ଷ ବୟସ ପରେ ପ୍ରଥମ ତିନିଟି ଶିଙ୍ଗ ଚକ୍ରି ଦେଖାଯାଇ ନ ପାରେ ଓ ୮ ବର୍ଷ ପରେ କୌଣସି ଶିଙ୍ଗ ଚକ୍ରି ଦେଖାଯାଇ ନ ପାରେ ।

# ଅନୁଚ୍ଛେଦ - ୩

## ନବଜାତ ବାଛୁରୀର ଯତ୍ନ

ଆଜିର ବାଛୁରୀ ଭବିଷ୍ୟତର ଗାଈ । ସ୍ୱାସ୍ଥ୍ୟ ହିସାବରେ ଗୋ-ଜାତିର ଜୀବନକୁ ୨ ଭାଗରେ ଭାଗ କରାଯାଇଛି । ତାହା ହେଉଛି ପ୍ରଥମ ଦିନ (ପ୍ରଥମ ୨୪ ଘଣ୍ଟା) ଓ ବାକି ସବୁ । ପ୍ରଥମ ୨୪ ଘଣ୍ଟାର ଜୀବନ ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଏହାର ଆଗାମୀ /ବାକି ଜୀବନ ସହିତ ଏକ ସିଧାସଳଖ ପ୍ରଭାବ ରହିଛି । ପ୍ରଥମ ୨୪ ଘଣ୍ଟାରେ ସଠିକ୍ ଯତ୍ନ ନ ପାଇଥିବା ବାଛୁରୀଟି ରୋଗୀଣା ହୋଇଥାଏ ଓ ପରବର୍ତ୍ତୀ ସମୟରେ ଦୁର୍ବଳିଆ ହୋଇ ରହିଥାଏ । ଖାଲି ସେତିକି ନୁହେଁ ଯଦିଓ ତାହାର ଅନୁବଂଶୀୟ ଗୁଣ ଭଲ ହୋଇଥାଏ, ମାତ୍ର ସେ ଜୀବନ ସାରା ଭଲ ପ୍ରଦର୍ଶନ କରିପାରି ନଥାଏ । ବାଛୁରୀ ମୃତ୍ୟୁର ଅନ୍ୟତମ କାରଣ ହେଉଛି ତରଳ ଝାଡା । ତେଣୁ ତରଳ ଝାଡା ନ ହେବା ପାଇଁ ଉପଯୁକ୍ତ କାରଣ ଜାଣି ସଠିକ୍ ପଦକ୍ଷେପ ନେବା ଜରୁରୀ ଅଟେ । ଏସବୁ ଦିଗକୁ ଆଖି ଆଗରେ ରଖି ଆଗାମୀ ଅଧ୍ୟାୟରେ ଆଲୋଚନା କରାଯାଇଛି ।

(କ) ଜନ୍ମ ହୋଇଥିବା ବାଛୁରୀର ଯତ୍ନ

(ଖ) ବାଛୁରୀର ତରଳ ଝାଡ଼ା ଓ ତାହାର ପରିଚାଳନା

## କ. ନବଜାତ ବାଛୁରୀର ଯତ୍ନ

ବାଛୁରୀ ଜୀବନର ମହତ୍ୱପୂର୍ଣ୍ଣ ସମୟ - ବାଛୁରୀ ଜନ୍ମର ପ୍ରଥମ ୧ ଘଣ୍ଟା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ।

### କେଉଁ କେଉଁ ପ୍ରମୁଖ ଦିଗ ପ୍ରତି ଦୃଷ୍ଟି ଦେବା ଦରକାର :

- ନାକପୁଡ଼ାକୁ ଜନ୍ମ ହେବା ପରେ ପରେ ଶୀଘ୍ର ସଫା କରିବା ଦରକାର । ଫଳରେ ବାଛୁରୀଟି ଭଲ ଭାବରେ ନିଶ୍ୱାସ ପ୍ରଶ୍ୱାସ ନେଇ ପାରିବ ଓ ଆଗକୁ କୌଣସି ଶ୍ୱାସ ଜନିତ ସମସ୍ୟା ଦେଖାଯିବ ନାହିଁ ।
- ଗାଈକୁ ବାଛୁରୀଟିକୁ ଚାଟିବାକୁ ଦେବା ଉଚିତ୍ ଫଳରେ ସଫା ହେବା ସହ ବାଛୁରୀ ଶରୀର ଚଳଚଂଚଳ ହୋଇଥାଏ ଓ ବାଛୁରୀଟି ସହଜରେ ଛିଡ଼ା ହୋଇପାରେ ଏବଂ ଚାଲିପାରେ ।
- ସଫା ଯନ୍ତ୍ରପାତି (ପାତ ବା କଇଁଚି) ଦ୍ୱାରା ନାଭି ନାଡ଼କୁ ଶରୀର ଠାରୁ ୨ ଇଂଚ ଛାଡ଼ି ସଫା ସୂତାରେ ବାନ୍ଧି ଗଣ୍ଠି ତଳୁ କାଟିଦେବା ଉଚିତ୍ ।
- ନାଭି ନାଡ଼ କାଟିବା ପରେ ଶରୀରରେ ଲାଗିଥିବା ଅଂଶକୁ ଟିନ୍‌ଚର୍ ଆୟୋଡ଼ିନ୍ ୭% ବା ଅଧିକ ସାନ୍ଦ୍ରତା ଦ୍ରବଣରେ ବୁଡାଇବା ଉଚିତ୍ । ଏହି ପ୍ରକ୍ରିୟାକୁ ୧୨ ଘଣ୍ଟା ପରେ ଦୋହରାଇବା ଉଚିତ୍ । ମାତ୍ର ଯଦି ଦୁହିଁବା ବେଳେ ବ୍ୟବହାର ହେଉଥିବା ଚିର ବୁଡ଼ା ଦ୍ରବଣ ବା କମ୍ ସାନ୍ଦ୍ରତାର ଆୟୋଡିନ୍ ଦ୍ରବଣ ବ୍ୟବହାର କରା ନ ଯିବା ଦରକାର । ନାଭି ନାଡ଼ ଠିକ୍ ଭାବରେ ନ କଟାଯାଇଥିଲେ ଏହା ବହୁ ରୋଗର କାରଣ ହୋଇଥାଏ ।
- ଜନ୍ମ ହେବାର ପ୍ରଥମ ୨ ଘଣ୍ଟା ମଧରେ ୨ ଲିଟର କଷକ୍ଷୀର ପିଇବାକୁ ଦେବା ଦରକାର । ଆଉ ୧ ରୁ ୨ ଲିଟର (ଓଜନ ଅନୁସାରେ) ଜନ୍ମର ୧୨ ଘଣ୍ଟା ମଧରେ ଦେବା ଦରକାର ।
- ସାଧାରଣତଃ ବହୁତ ବାଛୁରୀ ଜନ୍ମରୁ କେଇ ଘଣ୍ଟା ଭିତରେ ମା' ଠାରୁ ସଠିକ୍ ପରିମାଣର କଷ କ୍ଷୀର ପିଇପାରନ୍ତି ନାହିଁ । ତେଣୁ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଥାଏ ।
- ଜନ୍ମରୁ ୨୪ ଘଣ୍ଟା ପରେ କଷ କ୍ଷୀର ପିଇବାକୁ ଦେଲେ ତାହା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ କୌଣସି କାମ କରିପାରି ନଥାଏ ।
- ଜନ୍ମର ପ୍ରଥମ ତିନିମାସ ରୋଗ ଦାଉରୁ ବଂଚିବା ପାଇଁ ଉପଯୁକ୍ତ ପରିମାଣର କଷ କ୍ଷୀର ପିଇବା ଜରୁରୀ ଅଟେ । ତେଣୁ କଷକ୍ଷୀରକୁ ଜୀବନର ପାସପୋର୍ଟ ବୋଲି କୁହାଯାଇଥାଏ ।
- ତେଣୁ କଷ କ୍ଷୀରକୁ ହାତରେ ଦୁହିଁ ନିଜେ/ପ୍ରତ୍ୟକ୍ଷ ଭାବରେ ପିଇବାକୁ ଦେବା ଉଚିତ୍ । ଫଳରେ ପ୍ରତ୍ୟେକ ବାଛୁରୀ କେତେ କ୍ଷୀର ପିଇବାକୁ ପାଇଲେ ତାହା ଜଣା ପଡିପାରିବ ।
- କୃମିନାଶକ ଔଷଧ ଜନ୍ମର ୧୦ ରୁ ୧୪ ଦିନ ମଧରେ ପ୍ରଥମ ଥର ପାଇଁ ଓ ପରେ ପ୍ରତିମାସ ବ୍ୟବଧାନରେ ୬ ମାସ ଯାଏ ଦେବା ଜରୁରୀ ।
- ବାଛୁରୀଟି ୩ ମାସ ହୋଇଗଲା ପରେ ଟୀକାକରଣ ପାଇଁ ନିକଟସ୍ଥ ପଶୁ ଚିକିତ୍ସକଙ୍କୁ ଯୋଗାଯୋଗ କରିବା ଦରକାର ।
- ଭଲ ଓଜନ ଓ ବଢ଼ିବା ପାଇଁ ୨ୟ ସପ୍ତାହରୁ ୮ମ ସପ୍ତାହ ଯାଏ ବାଛୁରୀକୁ ଦାନା ଦେବା ଉଚିତ୍ ।

ବାଛୁରୀ ଦାନାର ସହଜ ଉଦାହରଣ :

ମକା - ୫୨%, ଓଟ୍ - ୨୦%, ସୋୟାବିନ୍ - ୨୦%, ରାଗଗୁଡ-୫%, ଲୁଣ - ୦.୫%, ଧାତବ ଲବଣ - ୧.୫%, ଭିଟାମିନ୍ - ୧%।



ବାଛୁରୀକୁ ଚାଟିବା ଫଳରେ ଛିଡାହେବା ସହଜ ହୋଇଥାଏ



ନାଭି ଘା ରୁ ରକ୍ଷା ପାଇବା ପାଇଁ ନାଭି ନାଡକୁ ୭% ଟିନଚର୍ ଆୟୋଡିନ୍ ରେ ବୁଡାଇବା ନିତାନ୍ତ ଜରୁରୀ ।



ନବଜାତ ବାଛୁରୀକୁ ଯଥା ସଂଭବ ଶୀଘ୍ର କଷ କ୍ଷୀର ପିଆନ୍ତୁ ।



ହାତରେ ବାଛୁରୀକୁ କଷ କ୍ଷୀର ପିଆଇବା ଫଳରେ ଅଧିକ କ୍ଷୀର ପିଆଯାଇପାରିବ ।



## ଖ. ବାଛୁରୀର ତରଳ ଝାଡ଼ା

- ବାଛୁରୀର ତରଳ ଝାଡ଼ାର ବିଭିନ୍ନ କାରଣ ଅଛି ।
- ତରଳ ଝାଡ଼ା ଯୋଗୁଁ ବାଛୁରୀ ଶରୀରରୁ ବହୁ ପରିମାଣରେ ଜଳୀୟ ଅଂଶ କମିଯାଏ ।
- ଝାଡ଼ା ହୋଇ ଜଳୀୟ ଅଂଶ କମିଯିବାରୁ ବାଛୁରୀଟି କମ୍ ସମୟରେ ମୃତ୍ୟୁମୁଖରେ ପଡ଼ିଥାଏ ।

## ବାଛୁରୀର ତରଳ ଝାଡ଼ାର ପରିଚାଳନା

- ଜଳୀୟ ଅଂଶ ଓ ଇଲେକ୍ଟ୍ରୋଲାଇଟ୍ ଦ୍ରବଣର ଭରଣା ପାଇଁ ଶୀଘ୍ର ବ୍ୟବସ୍ଥା କରାଯିବା ଉଚିତ୍ । ୨ ରୁ ୪ ଲିଟରର ଦ୍ରବଣ ପ୍ରତିଦିନ ପିଇବାକୁ ଦେବା ଦରକାର ।
- ଏହି ଦ୍ରବଣ ବାଛୁରୀଟିକୁ ଶରୀର ଆବଶ୍ୟକ ଖାଦ୍ୟ ଠାରୁ ଅଧିକ ଭାବରେ ପିଇବାକୁ ଦେବା ଦରକାର ।
- ଶୀଘ୍ର ବାଛୁରୀ ଝାଡ଼ାର ଚିକିତ୍ସା କରାଇବା ପାଇଁ ପ୍ରାଣୀ ଚିକିତ୍ସକଙ୍କୁ ସଂପର୍କ କରନ୍ତୁ ।
- ବାଛୁରୀ ସାଧାରଣତଃ ଚିନି (ସୁକ୍ରୋଜ୍)କୁ ଠିକ୍ ଭାବରେ ହଜମ କରିପାରି ନଥାଏ ଯାହା ତରଳ ଝାଡ଼ାକୁ ଅଧିକ ଭାବରେ ବଢ଼ାଇବାରେ ସାହାଯ୍ୟ କରିଥାଏ ଓ ଶରୀରରୁ ଅଧିକ ଜଳୀୟ ଅଂଶ କମିଯାଇଥାଏ । ତେଣୁ ଗ୍ଲୁକୋଜ୍‌କୁ ବ୍ୟବହାର କରିବା ଦରକାର ।

**ଘରେ କେମିତି ଭାବେ ବନାଇବେ ଏହି ଇଲେକ୍ଟ୍ରୋଲାଇଟ୍ ଦ୍ରବଣ**

(୧ ଲିଟର ନଖଉଷୁମ ପାଣି)
ଗ୍ଲୁକୋଜ୍ - ୫ ଚାମଚ
ସୋଡ଼ିୟମ୍ ବାଇକାର୍ବୋନେଟ୍ - ୧ ଚାମଚ
ଲୁଣ - ୧ଚାମଚ
୧ ଚାମଚ - ୫ ଗ୍ରାମ୍ (ଆନୁମାନିକ)

## ଜଳୀୟ ଅଂଶ ହ୍ରାସର ପରିମାଣ ନିର୍ଦ୍ଧାରଣ କରିବା

| ଜଳୀୟ ଅଂଶ ହ୍ରାସ ଶତକଡ଼ା | ଲକ୍ଷଣ |
|---|---|
| ୫%ରୁ କମ୍ | କୌଣସି ଲକ୍ଷଣ ଦେଖାଯିବ ନାହିଁ ଓ ବାଛୁରୀଟି ପୁରା ଠିକ୍ ଥିବ । |
| ୫-୬% | ତରଳ ଝାଡ଼ା କୌଣସି ରୋଗର ଲକ୍ଷଣ ନ ଥିବ, କ୍ଷୀର ଜୋର୍‌ରେ ଟାଣିକି ପିଉଥିବ । |
| ୬-୮% | ସାମାନ୍ୟ ଉଦାସୀନତା, ଚମଡ଼ାକୁ ଟାଣି ଛାଡ଼ି ଦେଲେ, ୨ ରୁ ୬ ସେକେଣ୍ଡରେ ତା' ଜାଗାକୁ ଫେରିଆସେ, ସେ କ୍ଷୀର ଟାଣି ପିଇପାରୁଥିବ, ଶୁଖିଲା ଆଖି, ଦୁର୍ବଳ ଦେଖାଯାଉଥିବ । |
| ୮-୧୦% | ସମ୍ପୂର୍ଣ୍ଣ ଉଦାସୀନତା, ପଡିରହିବ, ପୁରା ଶୁଖିଲା ଆଖି, ଶୁଖିଲା ପାଟି, ଚମଡ଼ାକୁ ଟାଣି ଛାଡ଼ିଲେ ତା ଜାଗାକୁ ଫେରି ଆସିବାକୁ ୬ ସେକେଣ୍ଡରୁ ଅଧିକ ସମୟ ଲାଗେ । |
| ୧୦-୧୪% | ଛିଡ଼ା ହୋଇ ପାରୁନଥିବ, ଶରୀର ଥଣ୍ଡା ଲାଗୁଥିବ, ଚମଡା ଟାଣିଲେ ଫେରିବାକୁ ବହୁ ସମୟ ଲାଗିବ, କୋମା ଭଳି ଲାଗୁଥିବ । |
| ୧୪%ରୁ ଅଧିକ | ମୃତ୍ୟୁ ମୁଖରେ ପଡିଯାଏ । |

୮%ରୁ ଅଧିକ ଜଳୀୟ ଅଂଶ ହ୍ରାସ ହୋଇଗଲେ ବାଛୁରୀଟିକୁ ଶୀଘ୍ର ସାଲାଇନ୍ ଚଢାଇବା ଦରକାର ଓ ପଶୁଚିକିତ୍ସକଙ୍କୁ ସଂପର୍କ କରିବା ଦରକାର ।

## ତରଳ ଝାଡ଼ାରୁ କିପରି ଦୂରେଇ ରଖିବେ

- କଷ କ୍ଷୀରକୁ ବାଛୁରୀ ଜନ୍ମର ୬ଘଣ୍ଟା ଭିତରେ ନିଶ୍ଚିତ ପିଇବାକୁ ଦେବା ଦରକାର । ଫଳରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବାରେ କୌଣସି ଅସୁବିଧା ହେବ ନାହିଁ ।
- ବାଛୁରୀଟିକୁ ଶୁଖିଲା ଓ ପରିଷ୍କାର ଜାଗାରେ ରଖିବା ନିଶ୍ଚିତ ଦରକାର ।
- ବାଛୁରୀଟିକୁ ଗାଈଠାରୁ କ୍ଷୀର ପିଇବାକୁ ଦେବା ପୂର୍ବରୁ ପହ୍ନା ଓ ଚିରଗୁଡ଼ିକୁ ପୁରା ଭଲ ଭାବରେ ସଫା କରିବା ବିଧେୟ ।

# ଅନୁଚ୍ଛେଦ - ୪

## ଟୀକାକରଣ ଦ୍ୱାରା ରୋଗ ନିବାରଣ

ଆମ ଦେଶରେ ଅନେକ ରୋଗ ଆଞ୍ଚଳିକ ଅଟେ ଯାହା ପ୍ରଚଣ୍ଡ ଅର୍ଥନୈତିକ କ୍ଷତିର କାରଣ ହେବା ସଂଗେ ସଂଗେ ଉତ୍ପାଦନ କ୍ଷମତା ପ୍ରବଳ ହ୍ରାସ ଘଟିଥାଏ । କିଛି ରୋଗ ମଧ ଅଧିକ ମାତ୍ରାରେ ମାରାତ୍ମକ/ସାଂଘାତିକ । ସୌଭାଗ୍ୟକ୍ରମେ ଆମ ଦେଶରେ ଅଧିକାଂଶ ରୋଗର ଟୀକା ଉପଲବ୍ଧ । ଯଦି ନିୟମିତ ଅର୍ଥାତ୍ ସଠିକ୍ ସମୟରେ ଟୀକାକରଣ ହୋଇପାରିବ ତା'ହେଲେ ଅକ୍ଳେଶରେ ନିୟନ୍ତ୍ରଣ କରିହେବ ।

ଏହି ଅନୁଚ୍ଛେଦରେ ନିମ୍ନଲିଖିତ ରୋଗ ଯାହା ସହଜରେ ଓ ଠିକ୍ ସମୟରେ ଟୀକାକରଣ ଦ୍ୱାରା ନିବାରଣ କରିହେବ ତାହା ଆଲୋଚନା କରାଯାଇଛି ।

କ. ଫାଟୁଆ

ଖ. ସାହାଣା

ଗ. ବଜବଜିଆ

ଘ. ବ୍ରୁସେଲା

ଙ. ଆବିଆର୍

ଚ. ଜଳାତଙ୍କ

ଛ. ଆନ୍ଥ୍ରାକ୍ସ

ଜ. ଥାଇଲେରିଆ

ଝ. ଗୋ ମହିଷାଦିଙ୍କ ଟୀକାକରଣ

ଞ. ଟୀକାକରଣ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ


ଟ. ଟୀକାକରଣ ବିଫଳତାର ସାଧାରଣ କାରଣ


## କ. ଫାଟୁଆ

- ଏହା ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ ।
- ଏହି ରୋଗ ଆକ୍ରାନ୍ତ ଗୋରୁର ସଂସ୍ପର୍ଶରେ ବା ସଂକ୍ରମିତ ଖାଦ୍ୟ, ପାଣି ଓ ବାୟୁ ଦ୍ୱାରା ବ୍ୟାପିଥାଏ ।
- ଯଦିଓ ଏହି ରୋଗ ପ୍ରାପ୍ତ ବୟସ୍କ ଗୋରୁଙ୍କ ପାଇଁ କମ୍ କ୍ଷତିକାରକ ତଥାପି ଏହି ରୋଗରୁ ଆରୋଗ୍ୟ ଲାଭ ପରେ ଦୁଗ୍ଧ ଉତ୍ପାଦନ ଓ ପ୍ରଜନନ କ୍ଷମତା ଗାଈମାନଙ୍କର କମିଯାଏ ଓ ବଳଦ ମାନଙ୍କର କାର୍ଯ୍ୟ ଦକ୍ଷତା ହ୍ରାସ ପାଏ ।
- ଏହି ରୋଗ ବାଛୁରୀ ମାନଙ୍କ ଠାରେ ସାଂଘାତିକ ଅଟେ ।
- ଏହି ରୋଗ ଛେଳି, ମେଣ୍ଢା ଓ ଘୁଷୁରୀ ମାନଙ୍କଠାରେ ପରିଲକ୍ଷିତ ହୋଇଥାଏ ।
- ସାଧାରଣତଃ ଛେଳି ମେଣ୍ଢାମାନେ ରୋଗ ହେବାସତ୍ତ୍ୱେ ଅନେକ ଲକ୍ଷଣ ଦେଖାଇନଥାନ୍ତି ଯାହା ଦ୍ୱାରା ରୋଗ ଅନ୍ୟ ପଶୁଙ୍କୁ ବ୍ୟାପିବାର ସମ୍ଭାବନା ବଢ଼ିଯାଇଥାଏ ।
- ଘୁଷୁରୀ ଭୂତାଣୁ ସଂଖ୍ୟା ଗୁଣାତ୍ମକ ହାରରେ ବଢ଼ାଇବାରେ ସହାୟକ ହୋଇଥାଏ ।

## ପ୍ରତିକାର


ପାଦ ଘା


ଜିଭ ଘା


ଦାନ୍ତ ମାଢ଼ି ଘା


ପହ୍ନା ଘା

- ଚାରିମାସରୁ ଉର୍ଦ୍ଧ୍ୱ ଗାଈଗୋରୁଙ୍କୁ ବର୍ଷକୁ ୨ ଥର ୬ ମାସ ବ୍ୟବଧାନରେ ଟୀକାକରଣ କରିବା ।
- ରୋଗରେ ଆକ୍ରାନ୍ତ ଗାଈଗୋରୁଙ୍କୁ ତୁରନ୍ତ ସୁସ୍ଥ ଗାଈଗୋରୁଙ୍କ ଠାରୁ ଅଲଗା ରଖିବା ଉଚିତ୍ କାରଣ ଆକ୍ରାନ୍ତ ଗାଈଗୋରୁଙ୍କ ମଳ, ମୂତ୍ର ଓ ଲାଳରେ ଭୂତାଣୁ ରହିଥାନ୍ତି ।
- ଆକ୍ରାନ୍ତ ଗାଈଗୋରୁଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ଖାଦ୍ୟ, ଘାସ, ନଡ଼ାକୁ ନଷ୍ଟ କରିଦେବା ଉଚିତ୍ ।
- ସମସ୍ତ ଯନ୍ତ୍ରପାତିକୁ ସଫା କରିବା ସହିତ ୪% ସୋଡିୟମ୍ କାର୍ବୋନେଟ୍‌ରେ ଅଥବା ପଶୁ ଚିକିତ୍ସକଙ୍କ ପରାମର୍ଶରେ ବିଶୋଧନ କରିବା ଉଚିତ୍ ।
- ଆକ୍ରାନ୍ତ ଗାଈଗୋରୁଙ୍କ ସେବା କରୁଥିବା ଲୋକଙ୍କୁ ସୁସ୍ଥ ଗୋଈଗୋରୁଙ୍କ ସେବା କରିବାକୁ ନ ଦେବା ।
- ସଂକ୍ରମିତ ଗୁହାଳକୁ ୪% ସୋଡିୟମ୍ କାର୍ବୋନେଟ୍ ଦ୍ରବଣରେ ବିଶୋଧନ କରିବା ଅଥବା ପଶୁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ପଦକ୍ଷେପ ନେବା ଉଚିତ୍ ।
- ଭଲ ଭାବରେ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଛେଳି, ମେଣ୍ଢା ଓ ଶୁକର ମାନଙ୍କୁ ମଧ ଟୀକାକରଣ କରିବା ।
- ରୋଗ ହେବା ମାତ୍ରେ ଉପରିସ୍ଥ ଅଧିକାରୀଙ୍କୁ ତୁରନ୍ତ ଜଣାଇଲେ ତାହାର ଯଥାଶୀଘ୍ର ପ୍ରତିକାର ପାଇଁ ତଥା ଅନ୍ୟ ଅଂଚଳକୁ ବ୍ୟାପିବାରୁ ରୋକା ଯାଇପାରିବ ।

## ଫାଟୁଆ ରୋଗର ପରିଚାଳନା

- ଲକ୍ଷଣ ଅନୁସାରେ ଆକ୍ରାନ୍ତ ଗାଈଗୋରୁଙ୍କୁ ଚିକିତ୍ସା କରିବା ।
- ଘା' ସ୍ଥାନରେ ମଲମ ବ୍ୟବହାର କରିବା ଦ୍ୱାରା ଯନ୍ତ୍ରଣା କମିଯାଏ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପରାମର୍ଶ କରନ୍ତୁ ।

**ଆପଣଙ୍କ ପଶୁଟିକୁ ନିୟମିତ ବ୍ୟବଧାନରେ ଫାଟୁଆରୋଗ ପାଇଁ ଟୀକାକରଣ କରନ୍ତୁ ଓ ଆର୍ଥିକ କ୍ଷତିରୁ ରକ୍ଷା ପାଆନ୍ତୁ ।**

## ଖ. ସାହାଣା

- ଏହା ଏକ ଜୀବାଣୁ ଜନିତ ରୋଗ । ସାଧାରଣତଃ ଗୋମହିଷାଦିଙ୍କୁ ବର୍ଷା ଋତୁରେ ହୋଇଥାଏ ।
- ମୃତ୍ୟୁ ହାର ୮୦ ପ୍ରତିଶତରୁ ମଧ୍ୟ ଅଧିକ ହୋଇପାରେ ।
- ଆର୍ଦ୍ର ଓ ଜଳପୂର୍ଣ୍ଣ ସ୍ଥାନରେ ଏହି ରୋଗର ଜୀବାଣୁ ବହୁତ ଦିନ ଧରି ବଞ୍ଚି ରହିଥାନ୍ତି ।

### ଲକ୍ଷଣ



ଅତ୍ୟଧିକ ତଣ୍ଟି ଓ ବେକ ତଳ ଫୁଲିବା

- ଶରୀରର ତାପମାତ୍ରା ହଠାତ୍ ବୃଦ୍ଧି ଓ ଆକସ୍ମିକ ଦୁଗ୍ଧ ଉତ୍ପାଦନ ହ୍ରାସ ।
- ପାଟିରୁ, ନାକରୁ ଲାଳ ବାହାରିବା ।
- ବେକ ତଳ ଫୁଲିବା ।
- ଶ୍ୱାସରେ ପ୍ରତିଥର କଷ୍ଟ ଅନୁଭବ କରିବା ସହିତ ଘୁଷୁରୀର ରାବ ଭଳି ଶବ୍ଦ କରିଥାଏ ।
- ରୋଗର ଲକ୍ଷଣ ଦେଖାଦେବାର ଦିନେ ବା ଦୁଇଦିନ ମଧ୍ୟରେ ମୃତ୍ୟୁ ହୋଇଥାଏ ।
- ମଇଁଷିମାନେ ଏହି ରୋଗରେ ଗାଈମାନଙ୍କ ଠାରୁ ଅଧିକ ଆକ୍ରାନ୍ତ ହୋଇଥାନ୍ତି ।
- ରୋଗର ଲକ୍ଷଣ ଦେଖାଯାଉଥିବା ଅବସ୍ଥାରେ ମଇଁଷିମାନଙ୍କର ଆରୋଗ୍ୟ ଲାଭ ହାର କ୍ୱଚିତ୍ ଅଟେ ।
- ଆଂଚଳିକ ସ୍ତରରେ ରୋଗ ଦେଖାଯାଉଥିବା ଜାଗାରେ ଅଧିକ ମୃତ୍ୟୁହାର ବୟସ୍କ ବାଛୁରୀ ଓ ଅଳ୍ପ ବୟସ୍କ ପଶୁଠାରେ ଦେଖାଯାଇଥାଏ ।

### ପ୍ରତିକାର

- ଅସୁସ୍ଥ ଗାଈଗୋରୁଙ୍କୁ ସୁସ୍ଥ ଗାଈଗୋରୁଙ୍କ ଠାରୁ ପୃଥକ ରଖିବା ଏବଂ ଖାଦ୍ୟ ଓ ପାଣିକୁ ଦୂଷିତ ନ କରିବା ।
- ବିଶେଷତଃ ବର୍ଷାଦିନେ ଗାଈଗୋରୁଙ୍କୁ ଗହଳିଠୁ ଦୂରେଇ ରଖିବା ।
- ରୋଗ ଆଂଚଳିକ ଥିବା କ୍ଷେତ୍ରରେ ୬ ମାସରୁ ଊର୍ଦ୍ଧ୍ୱ ସମସ୍ତ ଗାଈ ଗୋରୁଙ୍କୁ ବର୍ଷକୁ ଥରେ ବର୍ଷାଋତୁ ଆରମ୍ଭ ହେବା ଆଗରୁ ଟୀକାକରଣ କରିବା ଉଚିତ୍ ।

### ଚିକିତ୍ସା


- ଯେତେବେଳେ ଜ୍ୱର ଆରମ୍ଭ ହୋଇଥାଏ ସେହି ସମୟରେ ଚିକିତ୍ସା କରାଗଲେ ପଶୁର ଜୀବନ ବଂଚିଯିବାର ଅଧିକ ସମ୍ଭାବନା ଥାଏ  ଅନ୍ୟଥା ଚିକିତ୍ସା ଫଳପ୍ରଦ ହୋଇ ନଥାଏ ।
- ଲକ୍ଷଣ ଦେଖାଇବା ପରେ କମ୍ ଗାଈଗୋରୁ ବଞ୍ଚିଥାନ୍ତି ।
- ତୁରନ୍ତ ଚିକିତ୍ସା କରାନଗଲେ ମୃତ୍ୟୁ ହାର ୧୦୦ ପ୍ରତିଶତ ହେବାର ସମ୍ଭାବନା ଥାଏ ।

## ଗ. ବଜବଜିଆ ରୋଗ

- ଏହା ଏକ ଜୀବାଣୁ ଜନିତ ଗାଈଗୋରୁଙ୍କ ଉତ୍କଟ ରୋଗ ଯାହା ଦ୍ୱାରା ମାଂସପେଶୀରେ ବାୟୁ ଜମି ଫୁଲା ଭଳି ହୋଇ ଦେଖାଯାଏ ।
- ମଇଁଷିମାନେ ସାଧାରଣତଃ ମୃଦୁ ଭାବରେ ଆକ୍ରାନ୍ତ ହୋଇଥାନ୍ତି ।
- ସଂକ୍ରମିତ ଚାରଣ ଭୂମି ରୋଗ ସଂଚାରର ଉତ୍ପତି ସ୍ଥଳ ଅଟେ ।
- ୬ ମାସରୁ ୨ ବର୍ଷ ମଧ୍ୟରେ ସୁସ୍ଥ ଗାଈଗୋରୁଙ୍କୁ ମୁଖ୍ୟତଃ ଏହି ରୋଗ ହୋଇଥାଏ ।

### ଲକ୍ଷଣ

- ହଠାତ୍ ଜ୍ୱର ହେବା ସହିତ ଶରୀରର ତାପମାତ୍ରା ୧୦୭°-୧୦୮° ଫାରେନ୍‌ହାଇଟ୍‌କୁ ବୃଦ୍ଧି ପାଇଥାଏ, ଗାଈ ଖାଇବା ତଥା ପାକୁଳି କରିବା ବ କରିଦିଏ ।
- ଅଣ୍ଟା ଓ ପିଚାରେ ବା ପଛ ଗୋଡର ଚଟୁଆ ଅଂଶରେ ଗରମ ଯନ୍ତ୍ରଣା ପୂର୍ଣ୍ଣ ଫୁଲା ଦେଖାଯାଏ । ଯାହାଫଳରେ ଛୋଟେଇବା ଲକ୍ଷଣ ଦେଖାଦିଏ । ତା'ପରେ ଏହା କାନ୍ଧ, ଛାତି ଓ ବେକକୁ ମାଡ଼ିଯାଏ । ଫୁଲା ସ୍ଥାନରେ ଗ୍ୟାସ୍ ସୃଷ୍ଟି ହେବା ଯୋଗୁଁ ଚିପିଲେ କଡ କଡ ଶବ୍ଦ ହୁଏ ।
- ଲକ୍ଷଣ ଦେଖାଇବାର ୨୪-୪୮ ଘଣ୍ଟା ମଧ୍ୟରେ ପଶୁ ମୃତ୍ୟୁବରଣ କରିଥାଏ । ଏହି ସମୟରେ ଫୁଲାଟି ଥଣ୍ଡା ଓ ଯନ୍ତ୍ରଣାହୀନ ହୋଇଥାଏ ।



ଗୋଡ ଫୁଲିବା

### ପ୍ରତିକାର

- ଆଂଚଳିକ ସ୍ତରରେ ରୋଗ ଦେଖାଯାଉଥିବା ଜାଗାରେ ୬ ମାସରୁ ଉର୍ଦ୍ଧ୍ୱ ସମସ୍ତ ଗାଈଗୋରୁଙ୍କୁ ବର୍ଷକୁ ୨ଥର (ବର୍ଷା ଓ ଶୀତ ଦିନ ଆରମ୍ଭରେ) ଟୀକା ପ୍ରଦାନ କରନ୍ତୁ ।
- ରୋଗ ଦେଖାଯାଉଥିବା ଆଂଚଳିକ ଜାଗାରେ ମାଟିର ଉପର ଭାଗକୁ ନଡ଼ାରେ ଜଳାଇବା ଦ୍ୱାରା ରୋଗର କାରକ ମାନଙ୍କର ନିରାକରଣ କରିହୁଏ ।
- ମୃତ ପଶୁକୁ ଗାତ କରି ପୋତିବା ସମୟରେ ଚୂନ ପକାଇବା ଦରକାର ।

### ଚିକିତ୍ସା

- ରୋଗର ପ୍ରାରମ୍ଭିକ ସମୟରେ ଚିକିତ୍ସା କଲେ ସୁଫଳ ମିଳିଥାଏ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଚିକିତ୍ସା ଫଳପ୍ରଦ ହୋଇ ନଥାଏ ।

**ଆପଣଙ୍କ ପଶୁଟିକୁ ବାର୍ଷିକ ବଜବଜିଆ ରୋଗ ଦେଖାଯାଇଥିବା ଜାଗାରେ ଟୀକାକରଣ କରନ୍ତୁ ।**

## ଘ. ବ୍ରୁସେଲୋସିସ୍ (ଗର୍ଭପାତ ରୋଗ)

- ଏହା ଗୋମହିଷାଦି ପଶୁମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଜୀବାଣୁ ଜନିତ ରୋଗ ।
- ଏହି ରୋଗ ହେଲେ ଦୁଗ୍ଧ ଉତ୍ପାଦନ କମିବା, ଗର୍ଭପାତ, ଦୁର୍ବଳ ଓ ରୋଗଗ୍ରସ୍ତ ବାଛୁରୀ ହେବା, ତଥା ଗାଈ ବାରମ୍ବାର ଗରମ ଆସିବା (ଲେଉଟାଇବା) ଓ ଥନହରା ପ୍ରଭୃତି ହେବା ।
- ମନୁଷ୍ୟ ମାନଙ୍କୁ ମଧ୍ୟ ଏହି ରୋଗ ସଂକ୍ରମିତ ଗାଈର କଂଚା  କ୍ଷୀର ଖାଇଲେ ବା ଜରାୟୁର ମଇଳା ସଂସ୍ପର୍ଶରେ ଆସିଲେ ହୋଇଥାଏ ।
- ଏହି ରୋଗ ଭାରତ ବର୍ଷରେ ବହୁଳ ଭାବରେ ଉଭୟ ମଣିଷ ଓ ପ୍ରାଣୀଙ୍କ ଠାରେ ଦେଖାଦେଇଥାଏ ।

## ଲକ୍ଷଣ


ଗଣ୍ଠି ଫୁଲିବା


ଗର୍ଭପାତ


ଫୁଲ ନ ପଡିବା

- ସାଧାରଣତଃ ୫ ମାସ ଗର୍ଭଧାରଣ ପରେ ଗର୍ଭପାତ ହୋଇଥାଏ ।
- ସଂକ୍ରମିତ ଗାଈର ପ୍ରସବ ସଂଖ୍ୟା ବଢିବା ସଂଗେ ସଂଗେ ଗର୍ଭପାତ ହେବାର ସମ୍ଭାବନା କମିଥାଏ ।
- କେତାକାଂଶରେ ୪ ଥର ପ୍ରସବ ପରେ ଗର୍ଭପାତ ଦେଖାଯାଇ ନଥାଏ କିନ୍ତୁ ଗାଈ ଓ ବାଛୁରୀ ରୋଗରେ ସଂକ୍ରମିତ ହୋଇଥାନ୍ତି ।
- ଫୁଲ ନ ପଡିବା ଯୋଗୁଁ ରୋଗ ସଂକ୍ରମିତ ହେବା ସହିତ ବେଳେ ବେଳେ ଗାଈଗୋରୁ ମୃତ୍ୟୁବରଣ କରିଥାନ୍ତି ।

## ପ୍ରତିକାର

- ୪-୮ ମାସର କେବଳ ମାଈ ବାଛୁରୀଙ୍କୁ ଟୀକାକରଣ କରିବା ଉଚିତ୍ (ଜୀବନରେ ଥରେ) ।
- ମାତ୍ର ୧ଥର ଟୀକାକରଣ ଦ୍ୱାରା ଆଜୀବନ ଏହି ରୋଗରୁ ସୁରକ୍ଷା ମିଳିଥାଏ ।
- ୫ ମାସ ପରେ ଯେ କୌଣସି ସମୟରେ ଗର୍ଭପାତ ହେଲେ ବ୍ରୁସେଲା ପାଇଁ ସ ହେ  କରିବା ଉଚିତ୍ ।
- ଆଦର୍ଶ ଭାବରେ ସଂକ୍ରମିତ ଗାଈଙ୍କୁ ବାଦ ଦେବା ଉଚିତ୍ ନ ହେଲେ ଅଲଗା ସ୍ଥାନରେ ଜନ୍ମ ଦେବା ବା ଗର୍ଭପାତର ୨୦ ଦିନ ପର୍ଯ୍ୟନ୍ତ ପୃଥକ କରି ରଖିବା ଦରକାର ।
- ଗର୍ଭପାତ ହୋଇଥିବା ବାଛୁରୀ, ଫୁଲ, ସଂକ୍ରମିତ ଖାଦ୍ୟ, ବିଛଣା ଇତ୍ୟାଦିକୁ ଅତିକମରେ ୪ ଫୁଟ ଗାତ କରି ଚୂନ ପକାଇ ପୋତି ଦେବା ଉଚିତ୍ । ଏହିସବୁଥିରେ ଜୀବାଣୁମାନଙ୍କର ସଂଖ୍ୟା ଅଧିକ ଥାଏ । ଯଦି ଠିକ୍ ଭାବରେ ପୋତା ନ ଯାଏ ତେବେ ଏହି ରୋଗ ଖାଦ୍ୟ ପଦାର୍ଥ, ପାଣି, ଚାରଣ ଭୂମିକୁ ସଂକ୍ରମିତ କରିଥାଏ ।
- ଗର୍ଭପାତ କରିଥିବା ଗାଈକୁ ପୃଥକ୍ କରିବା ପରେ ଗୁହାଳକୁ ବିଶୋଧନ କରିବା ଉଚିତ୍ ।
- ଗର୍ଭପାତ କରିଥିବା ଗାଈର ସ୍ରାବକୁ ଦୈନିକ ୧.୨% ସୋଡିୟମ୍ ହାଇଡ୍ରୋକ୍ସଇଡ୍ କିମ୍ବା ୫% ବ୍ଲିଚିଂ ପାଉଡର ଦ୍ରବଣରେ  ୧୦-୧୫ ଦିନ ପର୍ଯ୍ୟନ୍ତ ସଫା କରିବା ଉଚିତ୍ ।
- ଏହି ରୋଗ ପଶୁଠାରୁ ମଣିଷକୁ ଆସିଥାଏ ତେଣୁ ଖାଲି ହାତରେ ସଂକ୍ରମିତ ପଦାର୍ଥ ବା ବସ୍ତୁକୁ ଛୁଅନ୍ତୁ ନାହିଁ ।

## ଚିକିତ୍ସା

- ଯଦି ପ୍ରାଣୀଟି ଥରେ ରୋଗର ଶିକାର ହୁଏ ଏହାର ଫଳପ୍ରଦ ଚିକିତ୍ସା ନାହିଁ କାରଣ ଏହି ରୋଗ ପ୍ରାଣୀମାନଙ୍କ ଶରୀରରେ ରହିଯାଏ । ଯଦି ପଶୁକୁ ଏହି ରୋଗ ଗେବାର ସ ହେ  କରାଯାଏ ତେବେ ପଶୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିବା ଦରକାର ।
- ମଣିଷରେ ଯଦି ଉପଯୁକ୍ତ/ନିର୍ଦ୍ଧାରିତ ଚିକିତ୍ସାର ଅବଲମ୍ବନ ତେବେ ଏହି ରୋଗରୁ ଆରୋଗ୍ୟ ଲାଭ କରିପାରିବ ।

**୪-୮ ମାସର ମାଈ ବାଛୁରୀଙ୍କୁ ଜୀବନରେ ଥରେ ଟୀକାକରଣ କରିବା ଫଳରେ ବ୍ରୁସେଲୋସିସ ଠାରୁ ସୁରକ୍ଷା ମିଳିଥାଏ ।**

## ଙ. ଆବିଆର୍

- ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂତାଣୁ ଜନିତ ରୋଗ ଯାହା ଉଭୟ ଗୃହପାଳିତ ଓ ବନ୍ୟ ଗୋମହିଷାଦି ପଶୁଙ୍କୁ ଆକ୍ରାନ୍ତ କରେ ।
- ଏହି ରୋଗ ତିନି ରୂପରେ ଦେଖାଯାଏ- ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ, ଜନନ ସମ୍ବନ୍ଧୀୟ, ମସ୍ତିଷ୍କ ପ୍ରଦାହ । ପ୍ରଥମ ଦୁଇ ପ୍ରକାର ରୂପ ସାଧାରଣତଃ ଦେଖାଦେଇଥାଏ । ଏହି ରୋଗ ଆମ ଦେଶରେ ବ୍ୟାପକ ଭାବରେ ଦେଖାଯାଏ ।
- ଏହି ରୋଗରେ ଗର୍ଭପାତ, ଫୁଲ ନ ପଡିବା, ଦୁଗ୍ଧ ଉତ୍ପାଦନ ଆଂଶିକ ହ୍ରାସ ଘଟିବା ଏବଂ ବାଛୁରୀମାନଙ୍କର ମୃତ୍ୟୁ ହେବା ଇତ୍ୟାଦି ଦେଖାଯାଇଥାଏ । ଶୁକ୍ରାଣୁ ଦ୍ୱାରା ଏହି ରୋଗ ମଧ୍ୟ ବ୍ୟାପିପାରେ ।

### ଲକ୍ଷଣ



ପାଟିରୁ ଲାଳ ଗଡିବା

- କାଶିବା, ଦୁଇ ନାକରୁ ପ୍ରଚୁର ଶିଙ୍ଘାଣି ବାହାରିବା ସହିତ ଜ୍ୱର ମଧ ହୋଇଥାଏ ।
- ନାକ ପୁଡ଼ା ଓ ଆଖି (ଗୋଟିଏ ବା ଦୁଇଟି) ଆକ୍ରାନ୍ତ ହେବା ସଂଗେ ସଂଗେ ଆଖିରୁ ଲୁହ ଝରିବା ।
- ଜନନ ସମ୍ବନ୍ଧୀୟ ରୋଗରେ ଯୋନି ଫୁଲିଥାଏ ଓ ଫୋଟକା ହୋଇ ପରେ ଘା' ହୋଇଥାଏ ।
- ଗର୍ଭବତୀ ପଶୁମାନଙ୍କର ୬-୮ ମାସ ମଧରେ ସାଧାରଣତଃ ଗର୍ଭପାତ ହୋଇଥାଏ ।
- ଶ୍ୱାସ ପ୍ରଶ୍ୱାସ ଓ ଜନନ ସମ୍ବନ୍ଧୀୟ ସମସ୍ୟା ଅଧିକ ଜଟିଳ ହୋଇ ନଥିଲେ ସାଧାରଣତଃ ୫-୧୦ ଦିନ ମଧରେ ଠିକ୍ ହୋଇଯାଏ । କିନ୍ତୁ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ପ୍ରାଣୀଙ୍କ ଠାରେ ରୋଗ ଜୀବନସାରା ରୋଗ ରହିଥାଏ ।
- ୬ ମାସରୁ କମ୍ ବୟସ ଥିବା ବାଛୁରୀଙ୍କ ମସ୍ତିଷ୍କକୁ ଆକ୍ରାନ୍ତ କଲେ ମୃତ୍ୟୁ ନିଶ୍ଚିତ ହୋଇଥାଏ ।



ଜନନ ସମ୍ବନ୍ଧୀୟ ରୂପରେ ଯୋନିର ବାହାର ଭାଗରେ ଫୋଟକା




ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ରୂପରେ ନାକ ଲାଲ ହୋଇଯିବା



ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ରୂପରେ ଶ୍ଳେଷ୍ମା ଝିଲ୍ଲି

### ପ୍ରତିକାର ଓ ନିୟନ୍ତ୍ରଣ

- ନୂଆ ଗାଈ କିଣିଲା ବେଳେ ତାକୁ ପରୀକ୍ଷଣ କରି କିଣନ୍ତୁ ।
- କେବଳ ଆଇବିଆର ନଥିବା ଗାଈଗୋରୁଙ୍କୁ ନିଜ ଫାର୍ମରେ ରଖନ୍ତୁ ।
- ଟୀକାକରଣ ହିଁ ଏକମାତ୍ର ନିବାରଣ ପଦ୍ଧତି ଯଦିଓ ଭାରତରେ ବର୍ତ୍ତମାନ କୌଣସି ଟୀକା ଉତ୍ପାଦନ ହେଉନାହିଁ ।
- ଯଦି ରୋଗର ଲକ୍ଷଣ ଦେଖନ୍ତି ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ଯାହା ଫଳରେ ଏହି ରୋଗ ବ୍ୟାପିବା ପୂର୍ବରୁ ନିୟନ୍ତ୍ରଣ କରିହେବ ।



ଟୀକାକରଣ

**ଆବିଆର୍ ଏକ ନୂତନ ଦେଖାଯାଉଥିବା ରୋଗ ତେଣୁ ଏହାକୁ ନିୟନ୍ତ୍ରଣ କରବା ଦରକାର ।**

## ଚ. ଜଳାତଙ୍କ/କୁକୁର କାମୁଡ଼ା ରୋଗ

- ଏହା ଏକ ଭୟଙ୍କର ଭୂତାଣୁଜନିତ ରୋଗ ଯାହା ପାଗଳା କୁକୁର କାମୁଡ଼ିବା ଦ୍ୱାରା ପଶୁମାନଙ୍କୁ ହୋଇଥାଏ ।
- ମଣିଷ ମାନଙ୍କୁ ମଧ୍ୟ ପାଗଳା କୁକୁର କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ ।
- ବନ୍ୟ ମାଂସାଶୀ ପ୍ରାଣୀ ଓ ବାଦୁଡ଼ି ମାନଙ୍କ ଠାରେ ମଧ ଏହି ରୋଗ ଥିବାର ଆଶଙ୍କା ରହିଛି । ଭାରତରେ ଏହି ରୋଗ ଆଂଚଳିକ ଭାବରେ ଦେଖାଯାଏ ।

### ଲକ୍ଷଣ

- ଅତ୍ୟଧିକ ଉତ୍ତେଜିତ ହେବା ।
- ପାଟିରୁ ଲାଳ ଗଡିବା ।
- ଅଦ୍ଭୁତ ପ୍ରକାର କର୍କଶ ଚିତ୍କାର କରିବା ।
- ଆକ୍ରାମକତା ବା ପକ୍ଷାଘାତ ହେବା ।
- ଲକ୍ଷଣ ଦେଖାଇବାର ୨୪-୪୮ ଘଣ୍ଟା ମଧରେ ପ୍ରାଣୀ ମରି ଯାଇଥାଏ । ବେଳେ ବେଳେ କୁକୁର କାମୁଡ଼ିବାର ୩ ସପ୍ତାହ ମଧରେ ବା ୫-୬ ମାସ ବିଳମ୍ବରେ ଲକ୍ଷଣ ଦେଖାଦେଇଥାଏ । ଥରେ ରୋଗ ଲକ୍ଷଣ ଦେଖାଗଲେ ମୃତ୍ୟୁ ଅନିବାର୍ଯ୍ୟ ।



କର୍କଶ ଚିତ୍କାର କରିବା, ପାଟିରୁ ଲାଳ ଗଡିବା

### ପ୍ରତିକାର

- କ୍ଷତ ସ୍ଥାନକୁ ସଂଗେ ସଂଗେ ୫-୧୦ ମିନିଟ ପର୍ଯ୍ୟନ୍ତ ପ୍ରବାହିତ ପାଣିରେ ଧୋଇ ଦିଅନ୍ତୁ ।
- ଗାଧୋଇବା ସାବୁନ୍‌ରେ ଭଲଭାବରେ ଘାଆକୁ ପରିଷ୍କାର କରିଦିଅନ୍ତୁ ।
- ଯଥାଶୀଘ୍ର ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନିଅନ୍ତୁ ।
- ସନ୍ଦେହ ହେଉଥିବା ଘଟଣାରେ କୁକୁର କାମୁଡ଼ିବା ପରର ଟୀକାକରଣ କରିବା ଉଚିତ୍ ।
- ନିଜର ପୋଷା କୁକୁର ଓ ବିଲେଇଙ୍କୁ ବାର୍ଷିକ ଟୀକାକରଣ ଦ୍ୱାରା ଏହି ରୋଗରୁ ସୁରକ୍ଷା ଦିଆଯାଇପାରିବ ।



ପକ୍ଷାଘାତ ରୂପରେ ଜଳାତଙ୍କ ରୋଗ


## ଛ. ଆନ୍ଥ୍ରାକ୍ସ

- ଏହା ଜୀବାଣୁ ଜନିତ ଏକ ମାରାତ୍ମକ ରୋଗ ଯାହା ସମସ୍ତ ପ୍ରାଣୀମାନଙ୍କୁ ହୋଇଥାଏ ।
- ଏହି ରୋଗ ହେଲେ ହଠାତ୍ ଜ୍ୱର ହେବା, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ପାଟି, ନାକ, ଯୋନି ଦ୍ୱାର ଇତ୍ୟାଦିରୁ ରକ୍ତସ୍ରାବ ହେବା ଓ ହଠାତ୍ ମୃତ୍ୟୁ ବରଣ କରିବା ଇତ୍ୟାଦି ଲକ୍ଷଣ ଦେଖାଯାଏ ।
- ଜୀବାଣୁର ଜୀବକଣ ଦ୍ୱାରା ସଂକ୍ରମିତ ଖାଦ୍ୟ ବା ଘାସ ଇତ୍ୟାଦି ଖାଇବା ଦ୍ୱାରା ଗାଈଗୋରୁ ଆକ୍ରାନ୍ତ ହୋଇଥାନ୍ତି । ଏହି ଜୀବାଣୁଗୁଡ଼ିକ ମାଟିରେ ୩୦ ବର୍ଷ ପର୍ଯ୍ୟନ୍ତ ବଂଚି ରହିଥାନ୍ତି ।
- ରୋଗ ହେବାର ପ୍ରାରମ୍ଭରେ ଚିକିତ୍ସା ନ କଲେ ସାଧାରଣତଃ ଚିକିତ୍ସା ଫଳପ୍ରଦ ହୋଇନଥାଏ ।
- ଏହି ରୋଗରେ ଆକ୍ରାନ୍ତ କଞ୍ଚା ମାଂସ ଖାଇଲେ, ବା ରୋଗରେ ଆକ୍ରାନ୍ତ ପ୍ରାଣୀ ସଂସ୍ପର୍ଶରେ ଆସିଲେ ବା ଜୀବକଣ ଗୁଡ଼ିକୁ ନିଶ୍ୱାସରେ ନେଲେ ଏହା ମଣିଷ ମାନଙ୍କୁ ହୋଇଥାଏ ।


ହଠାତ୍ ମୃତ୍ୟୁ ବରଣ କରିବା

### ପ୍ରତିକାର

- ନିୟମିତ ବାର୍ଷିକ ଟୀକାକରଣ କରାଗଲେ ରୋଗ ଆଂଚଳିକ ଭାବରେ ଥିବା ସ୍ଥାନରେ ଏହି ରୋଗ ହେବାର ସମ୍ଭାବନା କମିଥାଏ ।
- ରୋଗ ହେବାର ପ୍ରତ୍ୟାଶିତ ସମୟର ୧ ମାସ ପୂର୍ବରୁ ଟୀକାକରଣ କରାଗଲେ ନିର୍ଦ୍ଦିଷ୍ଟ ଅଂଚଳରେ ହେଉଥିବା ଏହି ରୋଗକୁ ରୋକା ଯାଇପାରିବ ।


ରକ୍ତସ୍ରାବ ହେବା

- ମୃତ ପ୍ରାଣୀର ଶରୀରକୁ ବ୍ୟବଛେଦ କରିବା ଅନୁଚିତ ।
- ଏହି ପ୍ରକାର ଲକ୍ଷଣ ଦେଖା ଦେଲେ ତୁରନ୍ତ ପ୍ରାଣୀଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ ଓ ନିୟନ୍ତ୍ରଣ ଉପାୟ ଅବଲମ୍ବନ କରନ୍ତୁ ।

## ଜ. ଥାଇଲେରିଆ (ପ୍ରୋଟୋଜୋଆ ଜନିତ ରୋଗ)

- ସ୍ୱଳ୍ପ ବୟସ୍କ ବିଦେଶୀ ଓ ସଙ୍କର ଗାଈମାନଙ୍କୁ ଅଧିକ ହେବାର ସମ୍ଭାବନା ଥାଏ ।
- ଏହି ରୋଗ ଦେଶୀ ଗାଈମାନଙ୍କୁ ହେବାର ସମ୍ଭାବନା ସାଧାରଣତଃ କମ୍ ଥାଏ ।
- ମଇଁଷିମାନେ ମଧ ଆକ୍ରାନ୍ତ ହୋଇଥାନ୍ତି କିନ୍ତୁ ମୃଦୁ ଲକ୍ଷଣ ଦେଖାଯାଏ ।
- ଜ୍ୱର ହେବା, ପ୍ରାନ୍ତବର୍ତ୍ତୀ ଗ୍ରନ୍ଥି ଫୁଲିବା, ଶ୍ୱେତ ଶ୍ଳୈଷ୍ମିକ ଝିଲି, ରକ୍ତହୀନତା, ନାକରୁ ଶିଙ୍ଘାଣି ବୋହିବା, କାମଳ ରୋଗ, ପାଟିରୁ ଲାଳ ପଡିବା, କ୍ଷିପ୍ର ଓ ଅଗଭୀର ନିଶ୍ୱାସ ନେବା, ଆଖିରୁ ପାଣି ଝରିବା ଇତ୍ୟାଦି ସାଧାରଣ ଲକ୍ଷଣମାନ ଦେଖାଯାଏ ।
- ଗାଈଗୋରୁଙ୍କର ସ୍ୱାସ୍ଥ୍ୟର ଅବନତି ବହୁତ ଶୀଘ୍ର ଘଟିଥାଏ ।
- କିନ୍ତୁ ଗାଈଗୋରୁଙ୍କ ଠାରେ ସ୍ନାୟୁ ଜନିତ ଲକ୍ଷଣ ଯଥା ପାହାଚ ଚଢ଼ିଲା ଭଳି ଢଙ୍ଗରେ ଚାଲିବା । ମୁଣ୍ଡ ଘସି ହେବା, ଶୋଇ ରହିବା, ଅଚେତ ହେବା ଓ ଶେଷରେ ମୃତ୍ୟୁ ହେବା ।


ଥାଇଲେରିଆ ରୋଗରେ ପ୍ରାନ୍ତବର୍ତ୍ତୀ ଗ୍ରନ୍ଥି ଫୁଲିଥିବା ବାଛୁରୀ

### ପ୍ରତିକାର ଓ ଚିକିତ୍ସା

- ନିୟମିତ ଭାବରେ ଟିକ୍ସ ନିୟନ୍ତ୍ରଣ କଲେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । (ଟିକ୍ସ ନିୟନ୍ତ୍ରଣ ସମ୍ବନ୍ଧିତ ଅଧ୍ୟାୟ ଦେଖନ୍ତୁ ।)
- ଲକ୍ଷଣ ଦେଖାଗଲେ ପ୍ରାଣୀଚିକିତ୍ସାଧିକାରୀଙ୍କ ଦ୍ୱାରା ଯଥାଶୀଘ୍ର ଚିକିତ୍ସା କରାଇଲେ ଫଳପ୍ରଦ ହୋଇଥାଏ । ରୋଗ ଆରମ୍ଭ ଅବସ୍ଥାରେ ଚିକିତ୍ସା କଲେ ଅଧିକ ଫଳପ୍ରଦ ହୋଇଥାଏ । ଚିକିତ୍ସାରେ ବିଳମ୍ବ କଲେ ମୃତ୍ୟୁ ହୋଇଥାଏ ।
- ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ୩ ମାସ ବୟସର ମଧ୍ୟରେ ସମସ୍ତ ବିଦେଶୀ ଓ ଶଙ୍କର ଗାଈଗୋରୁଙ୍କୁ ଜୀବନରେ ଥରେ ଟୀକା ପ୍ରଦାନ କରିବା ଉଚିତ୍ ।

## ଝ. ଗୋମହିଷାଦି ପଶୁମାନଙ୍କର ଟୀକାକରଣ ସାରଣୀ

| କ୍ରମିକ ସଂଖ୍ୟା | ରୋଗର ନାମ | ପ୍ରଥମ ଟୀକାକରଣ ବୟସ | ବୁଷ୍ଟର ଟୀକା ଦେବାରେ ବ୍ୟବଧାନ | ପରବର୍ତ୍ତୀ ଟୀକା ଦେବାର ସମୟ |
|---|---|---|---|---|
| (୧) | ଫାଟୁଆ | ୪ ମାସରୁ ଉର୍ଦ୍ଧ୍ୱ | ପ୍ରଥମ ଟୀକାର ୧ ମାସ ପରେ | ୬ ମାସ ପରେ |
| (୨) | ସାହାଣା (ରୋଗ ଥିବା ଆଂଚଳିକ କ୍ଷେତ୍ରରେ) | ୬ ମାସରୁ ଉର୍ଦ୍ଧ୍ୱ | ପ୍ରଥମ ଟୀକାର ୧ ମାସ ପରେ | ୧ ବର୍ଷ ପରେ |
| (୩) | ବଜବଜିଆ (ରୋଗ ଥିବା ଆଂଚଳିକ କ୍ଷେତ୍ରରେ) | ୬ ମାସରୁ ଉର୍ଦ୍ଧ୍ୱ | ପ୍ରଥମ ଟୀକାର ୧ ମାସ ପରେ | ୧ ବର୍ଷ ପରେ |
| (୪) | ବ୍ରୁସେଲା | ୪-୮ ମାସ ବୟସର (କେବଳ ମାଈ ବାଛୁରୀଙ୍କୁ) | - | ଜୀବନକାଳରେ ଥରେ |
| (୫) | ଥାଇଲେରିଆ | ୩ ମାସରୁ ଉର୍ଦ୍ଧ୍ୱ (କେବଳ ସଙ୍କର ଓ ବିଦେଶୀ ପ୍ରଜାତିର ଗାଈଗୋରୁଙ୍କ ପାଇଁ) | - | ଜୀବନକାଳରେ ଥରେ |
| (୬) | ଆନ୍ଥ୍ରାକ୍ସ | ୪ ମାସରୁ ଉର୍ଦ୍ଧ୍ୱ | - | ବର୍ଷକୁ ୧ଥର |
| (୭) | ଆଇବିଆର | ୩ ମାସରୁ ଉର୍ଦ୍ଧ୍ୱ (ଭାରତରେ ଏହି ଟୀକା ଉତ୍ପାଦନ ହେଉ ନାହିଁ ) | ପ୍ରଥମ ଟୀକାର ୧ ମାସ ପରେ | ୬ ମାସକୁ ଥରେ |
| (୮) | ଜଳାତଙ୍କ | କୁକୁର କାମୁଡିବାର ପ୍ରଥମ ଦିନ | ୪ର୍ଥ ଦିନ | ପ୍ରଥମ ଟୀକାକରଣର ୭,୧୪,୨୮ ଓ ୯୦ (ବାଧ୍ୟତା ମୂଳକ ନୁହେଁ) |

## ଞ. ଟୀକାକରଣ ସମୟରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧାନ ଦେବା ଉଚିତ୍

- ଟୀକାକରଣ ସମୟରେ ପ୍ରାଣୀଟି ସୁସ୍ଥ ଥିବା ଦରକାର ।
- ଟୀକା ଉତ୍ପାଦନ ଠାରୁ ଆରମ୍ଭ କରି, ପ୍ରାଣୀକୁ ଟୀକାକରଣ କରିବା ପର୍ଯ୍ୟନ୍ତ ସମସ୍ତ ସମୟରେ ଟୀକାକୁ ଶୀତଳ ଶୃଙ୍ଖଳ ରଖାଯିବା ଉଚିତ୍ ।
- ଟୀକା ନିର୍ମାତାଙ୍କର ନିର୍ଦ୍ଦେଶାବଳୀ ଟୀକା ମାତ୍ରା ଓ ଦେବା ପ୍ରଣାଳୀ କଡ଼ାକଡି ଭାବରେ ମାନିବା ଉଚିତ୍ ।
- ରୋଗକୁ ଭଲ ଭାବରେ ନିୟନ୍ତ୍ରଣରେ ରହିବାକୁ ହେଲେ ଅନ୍ତତଃ ୮୦ ପ୍ରତିଶତ ଗାଈଗୋରୁଙ୍କୁ ଟୀକାକରଣ କରାଯିବା ଉଚିତ୍ ।
- ଉତ୍ତମ ପ୍ରତିରୋଧକ ଶକ୍ତି ସୃଷ୍ଟି ନିମନ୍ତେ ଗାଈଗୋରୁଙ୍କୁ ଟୀକା ଦେବାର ୨-୩ ସପ୍ତାହ ପୂର୍ବରୁ କୃମିନାଶକ ଔଷଧ ସେବନ କରାଇଥିବା ଉଚିତ୍ ।
- ରୋଗର ସମ୍ଭାବ୍ୟ ସମୟର ୧ ମାସ ପୂର୍ବରୁ ଟୀକାକରଣ କରିବା ଦରକାର ।
- ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ ଥିବା ଗାଈଗୋରୁଙ୍କୁ ଟୀକାକରଣ କରିବା ଅନୁଚିତ୍ ଯଦିଓ କିଛି ଅସୁବିଧା ହୋଇନଥାଏ ।

## ଟ. ଟୀକାକରଣ ବିଫଳତାର କାରଣ

- ଟୀକା ଉତ୍ପାଦନ ଠାରୁ ଆରମ୍ଭକରି ଟୀକାକରଣ ପର୍ଯ୍ୟନ୍ତ ଶୀତଳ ଶୃଙ୍ଖଳ ରକ୍ଷାରେ ଅବ୍ୟବସ୍ଥା ।
- ଦୁର୍ବଳ ଓ ରୋଗାଗ୍ରସ୍ତ ଗାଈଗୋରୁଙ୍କ ଶରୀରରେ ଠିକ୍ ଭାବରେ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇ ନଥାଏ ।
- ଅଳ୍ପ ସଂଖ୍ୟକ ଟୀକାକରଣ କରିବା ଦ୍ୱାରା ଗୋଠ ରୋଗ ପ୍ରତିରୋଧକ ଶକ୍ତିରେ ଅଭାବ ରହିବା ।
- ନିମ୍ନମାନର ଟୀକା ବାରମ୍ବାର ଘନୀଭୂତାବସ୍ଥାରୁ ତରଳିବା ଓ ପୁନଶ୍ଚ ଘନୀଭୂତ କରିବା ଦ୍ୱାରା ଟୀକାର ମାନ କ୍ରମଶଃ ଅବନତି ଘଟିଥାଏ ।
- କମ୍ ଦକ୍ଷତା ବା ନିଷ୍ଫଳ ଟୀକା ବେଳେ ବେଳେ ଭୂତାଣୁ ବଦଳିବା ଯୋଗୁଁ (ଯଥା ଫାଟୁଆ ଭୂତାଣୁ)



# ଅନୁଚ୍ଛେଦ - ୫

## ଅନ୍ୟାନ୍ୟ କେତେକ ପ୍ରମୁଖ ରୋଗ

ଏମିତି ଅନ୍ୟ କିଛି ରୋଗ ଅଛି ଯାହା ଅନେକ ଅର୍ଥନୈତିକ କ୍ଷତି ଘଟାନ୍ତି କିନ୍ତୁ ସେମାନଙ୍କୁ ରୋକାଯାଇ ପାରୁନି ଯେହେତୁ ସେଇ ରୋଗ ମାନଙ୍କ ପାଇଁ ଟୀକା ନାହିଁ । ଏବେବି ଅଳ୍ପ କିଛି ରୋଗ ଅଛି ଯାହାକୁ ରୋଗ ଆରମ୍ଭରେ ଉପଯୁକ୍ତ ଯତ୍ନ ଓ ଚିକିତ୍ସା କଲେ ଆରୋଗ୍ୟ ହୋଇଥାଏ ।

ଏହା ବ୍ୟତୀତ ଆଉ କିଛି ରୋଗ ଅଛି ଯାହା ଠିକ୍ ହେବା ଅସାଧ । ଯାହା ପାଇଁ କେବଳ ଗୋଟାଏ ପଥ ହେଉଛି ପଶୁକୁ ଅଲଗା ରଖିବା ସହ ଗୋଠରୁ ବାହାର କରିବା ଯାହା ଫଳରେ ଅନ୍ୟ ପ୍ରାଣୀଙ୍କୁ ରୋଗ ବ୍ୟାପିବାରୁ ରକ୍ଷା କରାଯାଇପାରିବ । ସାଧାରଣତଃ ଲକ୍ଷଣ ବହୁତ ବିଳମ୍ବରେ ଦେଖାଯାଏ ଓ ସେତେବେଳକୁ ରୋଗ ସଂକ୍ରମିତ ହୋଇଯାଇଥାଏ ।

ଏହି ଭାଗରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋକପାତ କରିବା ।

କ. ଜୋନସ୍ ରୋଗ

ଖ. ଗୋମହିଷାଦି ପଶୁମାନଙ୍କର ଯକ୍ଷ୍ମା ରୋଗ

ଗ. କବକ ବିଷାକ୍ତତା

ଘ. ତିନି ଦିନିଆ ଜ୍ୱର

ଙ. ପାଦ ପଚିବା / ଖୁରା ରୋଗ

ଚ. ଚର୍ମ ଘା ରୋଗ (Dermatophytosis)

ଛ. ଚର୍ମ କୁଣ୍ଡିଆ ରୋଗ (Dermatophilosis)

ଜ. ଚର୍ମବିଣ୍ଡି ରୋଗ (Lumpy Skin Disease)

## କ. ଜୋନସ୍ ରୋଗ

- ଅର୍ଥନୈତିକ ଦୃଷ୍ଟିକୋଣରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଜୀବାଣୁ ଜନିତ ରୋଗ ।
- ଏହି ରୋଗରେ ଗାଈଗୋରୁମାନଙ୍କର ଅନେକ ଦିନ ପର୍ଯ୍ୟନ୍ତ ଝାଡ଼ା ହୋଇଥାଏ ।
- ଶରୀର ଦୁର୍ବଳ ହୋଇଯାଏ ଯଦିଓ ଖାଇବା ଠିକ୍ ଥାଏ ।
- ତଳମାଢ଼ି/ଥୋଡ଼ି ବୋତଲ ପରି ହୋଇଥାଏ ।
- ଏକଦା ଲକ୍ଷଣ ଦେଖାଯିବା ଆରମ୍ଭ ହେଲେ ପ୍ରାଣୀଟି ଆଉ ଆରୋଗ୍ୟ ହୋଇନଥାଏ ଏବଂ ସ୍ୱାସ୍ଥ୍ୟ ଅବସ୍ଥାର କ୍ରମଶଃ ଅବନତି ଘଟିଥାଏ ।



ଶରୀର ଦୁର୍ବଳ ହୋଇଯିବା ବା ଓଜନ କମିଯିବା

### ପ୍ରତିକାର ଓ ନିୟନ୍ତ୍ରଣ

- ଏହା ଦୁରାରୋଗ୍ୟ ଅଟେ ।
- ଏହି ରୋଗରେ ପିଡୀତ ପ୍ରାଣୀଙ୍କୁ ଗୋଠରୁ ବାହାର କରିଦେବା ଉଚିତ୍ ନ ହେଲେ ଅନ୍ୟ ଭଲ ସ୍ୱାସ୍ଥ୍ୟ ଥିବା ଗାଈଗୋରୁଙ୍କୁ ରୋଗ ହୋଇଥାଏ ।
- ନୂତନ ଗାଈ କ୍ରୟ କଲାବେଳେ ପରୀକ୍ଷଣ କରିବା କିଣିବା ଉଚିତ୍ ।
- ଫାର୍ମକୁ କେବଳ ପରୀକ୍ଷଣକରି ରୋଗ ନ ଥିବା ଗାଈଗୋରୁଙ୍କୁ ଭର୍ତ୍ତି କରନ୍ତୁ ।
- ନିୟମିତ ଗାଈଗୋରୁଙ୍କୁ ପରୀକ୍ଷଣ କରନ୍ତୁ ।
- ଜୋନସ୍ ରୋଗର ପରୀକ୍ଷଣ ପାଇଁ ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନେବା ଉଚିତ୍ ।

## ଖ. ଗାଈଗୋରୁଙ୍କ ଯକ୍ଷ୍ମା ରୋଗ

- ଏହା ଗୋମହିଷାଦି ପଶୁମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଜୀବାଣୁ ଜନିତ ରୋଗ ଅଟେ ।
- ଏହି ରୋଗ ଦୀର୍ଘ ବର୍ଷ ଧରି ହୋଇଥାଏ ଯାହାଫଳରେ ଦୁର୍ବଳତା, କାଶିବା ଓ ଓଜନ ହ୍ରାସ ଘଟିଥାଏ ।
- ଏହି କାରଣରୁ କ୍ଷୁଧାହୀନତା, ଜରାଜୀର୍ଣ୍ଣ ହେବା, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା, ଗ୍ରନ୍ଥି ଫୁଲିବା, ଝାଡା ହେବା ଇତ୍ୟାଦି ରୋଗ ହୋଇଥାଏ ।
- ଏହି ରୋଗ ମଣିଷମାନଙ୍କୁ ମଧ୍ୟ ସଂକ୍ରମିତ ହୋଇଥାଏ ।

### ପ୍ରତିକାର ଓ ନିୟନ୍ତ୍ରଣ

- ଏହା ଦୁରାରୋଗ୍ୟ ଅଟେ ।
- ଏହି ରୋଗ ଥିବା ଗାଈଗୋରୁଙ୍କୁ ଫାର୍ମରୁ ବାହାର କରିଦେବା ଉଚିତ୍ । ନଚେତ୍ ସୁସ୍ଥ ଗାଈଗୋରୁଙ୍କୁ ଏହି ରୋଗ ହେବାର ସମ୍ଭାବନା ବଢ଼ିଯାଇଥାଏ ।
- ନୂତନ ଗାଈ କ୍ରୟ କଲାବେଳେ ପରୀକ୍ଷଣ କରିବା କିଣିବା ଉଚିତ୍ ।
- ଫାର୍ମକୁ କେବଳ ପରୀକ୍ଷଣକରି ରୋଗ ନ ଥିବା ଗାଈଗୋରୁଙ୍କୁ ଭର୍ତ୍ତି କରନ୍ତୁ ।
- ନିୟମିତ ଗାଈଗୋରୁଙ୍କୁ ପରୀକ୍ଷଣ କରନ୍ତୁ ।
- ଯକ୍ଷ୍ମା ରୋଗ ପରୀକ୍ଷଣ ପାଇଁ ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନେବା ଉଚିତ୍ ।



**ନୂତନ ଗାଈ କିଣିଲାବେଳେ ଜୋନସ୍ ଓ ଯକ୍ଷ୍ମା ରୋଗ ପାଇଁ ପରୀକ୍ଷଣ କରି ରୋଗ ନଥିବା ଗାଈ କିଣିବା ଉଚିତ୍ ।**

## ଗ. କବକ ବିଷାକ୍ତତା

- ଏହି ରୋଗ କବକମାନଙ୍କ ଠାରୁ ବାହାରୁ ଥିବା ବିଷ ଦ୍ୱାରା ହୋଇଥାଏ । ଏହି କବକ ମାନେ ସାଧାରଣତଃ ଚିନାବାଦାମ, ପିଡ଼ିଆ, ମକା ବା ଆର୍ଦ୍ରତା ଥିବା ଖାଦ୍ୟରେ ବଢିଥାନ୍ତି । ଏହା ଗୋମହିଷାଦିଙ୍କର ଆଫ୍ଲାଟକ୍ସିକୋସିସ୍ ଓ ଡେଗ୍‌ନାଲା ରୋଗ ନାମରେ ପରିଚିତ ।
- ବିଷର ମାତ୍ରା ଅଧିକ ହେଲେ ଏହା ପ୍ରାଣୀର ସ୍ୱାସ୍ଥ୍ୟ ଓ କାର୍ଯ୍ୟଶୈଳୀରେ ଘୋର କ୍ଷତି ଘଟାଇଥାଏ ।
- ଉତ୍ପାଦନ ସମର୍ଥ ପଶୁର ୧୫% ଦୁଗ୍ଧ ଉତ୍ପାଦନ କମିବା ବା ଆକସ୍ମିକ ମୃତ୍ୟୁ ହୋଇ ଆର୍ଥିକ କ୍ଷତି ହୋଇଥାଏ ।


କବକ ସଂକ୍ରମଣ ହୋଇଥିବା ଗୋ-ଖାଦ୍ୟ



କବକ ସଂକ୍ରମଣ ହୋଇଥିବା ନଡା

### ଲକ୍ଷଣ

- ଧିରେ ଧିରେ ଖାଇବା କମିଯିବା ଓ ସ୍ୱାସ୍ଥ୍ୟରେ ଅବନତି ଘଟିବା, ମଝିରେ ମଝିରେ ଝାଡ଼ା ହେବା ଦେଖାଯାଏ ।
- ବାଳ ଝଡ଼ିବା, ଲାଞ୍ଜ ଓ କାନ ଇତ୍ୟାଦିର ଶେଷ ଭାଗରୁ ଚର୍ମ ଛାଡ଼ିଯିବା ।
- ଖୁରାରେ ପଚା ଘା' ହେବା ।
- ଅଧିକା ଦୁଗ୍ଧ ଦେଉଥିବା ଗାଈମାନଙ୍କ ଠାରେ ପ୍ରଥମେ ଲକ୍ଷଣ ଦେଖାଯାଇଥାଏ ।
- ଖାଦ୍ୟରୁ ରୁଚି କମିବା, ପ୍ରଜନନ କ୍ଷମତା କମିବା, ଗର୍ଭପାତ ହେବା, ଓଜନ ହ୍ରାସ ଘଟିବା, ଫୁଲ ନ ପଡ଼ିବା, ଜରାୟୁରେ ଘା' ହେବା, କିଟୋସିସ୍, ଥନହରା ତଥା ରୋଗ ପ୍ରତିରୋଧକ ଶକ୍ତି କମିବା ଯୋଗୁଁ ଅନ୍ୟ ରୋଗ ହୋଇଥାଏ ।








**କବକ ବିଷ ଯୋଗୁଁ ଲାଂଜ ଓ ଖୁରାରେ ପଚା ଘା**

### ପ୍ରତିକାର

- କବକ ସଂକ୍ରମିତ ବା ତଥା ଆର୍ଦ୍ରତା ଥିବା ଜାଗାରେ ବା ଭଣ୍ଡାରରେ ଗଚ୍ଛିତ ଖାଦ୍ୟ ପଦାର୍ଥ ଗାଈଗୋରୁଙ୍କୁ ଖାଇବାକୁ ଦେବା ଅନୁଚିତ୍ ।
- ଉପଯୁକ୍ତ ପରିମାଣର ଖଣିଜ ଲବଣ ଓ କଂଚା ଘାସ ପଶୁମାନଙ୍କୁ ଖାଇବାକୁ ଦେବା ଉଚିତ୍ ।
- ଉପରୋକ୍ତ ଲକ୍ଷଣମାନ ଦେଖାଗଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଯଥା ଶୀଘ୍ର ନିଅନ୍ତୁ ।

**ଆଫ୍ଲାଟକ୍ସିକୋସିସ୍ ରୋଗରୁ ରକ୍ଷା କରିବା ପାଇଁ କବକ ସଂକ୍ରମଣ ହୋଇଥିବା ଗୋ-ଖାଦ୍ୟ ଓ ନଡା ଖାଇବାକୁ ନଦେବା ଉଚିତ୍ ।**

## ଘ. ଏଫିମେରାଲ ଜ୍ୱର (ତିନି ଦିନିଆ ଜ୍ୱର)

- ଏହା ଗୋମହିଷାଦି ପଶୁମାନଙ୍କର ଭୂତାଣୁ ଜନିତ ରୋଗ ଅଟେ ।
- ଏହି ରୋଗ କୀଟ ପତଙ୍ଗ ଦ୍ୱାରା ସଂଚାରଣ ହୋଇଥାଏ ।
- ସାଧାରଣତଃ ଏହି ଜ୍ୱର ୩ଦିନ ପର୍ଯ୍ୟନ୍ତ ହୋଇଥାଏ ।
- ଏହି ରୋଗରେ ବହୁତ ଗାଈଗୋରୁ ଅସୁସ୍ଥ ହୋଇଥାନ୍ତି ଓ ମୃତ୍ୟୁ ହାର ୧-୨% ହୋଇଥାଏ ।

## ଲକ୍ଷଣ

- ଖାଦ୍ୟ ଖାଇବା କମିବା, ଆଖିରୁ ଲୁହ ଝରିବା, ଦୁଇ ପର୍ଯ୍ୟାୟ ବା ଅଧିକ ପର୍ଯ୍ୟାୟରେ ଜ୍ୱର ହେବା, ଶରୀର ଥରି ଉଠିବା ।
- ନାକରୁ ସିଙ୍ଘାଣୀ ବାହାରିବା, ଲାଳ ବାହାରିବା, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ବିଷାଦ ହୋଇ ରହିବା ।
- ଅନମନୀୟତା, ଛୋଟେଇବା, ହଠାତ୍ ଦୁଗ୍ଧ ଉତ୍ପାଦନ କମିଯିବା ଇତ୍ୟାଦି ।

## ପ୍ରତିକାର ଓ ଚିକିତ୍ସା

- ଅଳ୍ପଦିନ ମଧରେ ଆପେ ଆପେ ଆରୋଗ୍ୟ ହୋଇଥାଏ ।
- ଉପଯୁକ୍ତ କୀଟପତଙ୍ଗ ଦମନ କଲେ ଏହି ରୋଗ ନିୟନ୍ତ୍ରଣ କରାଯାଇପାରିବ । (ମାଛି ନିୟନ୍ତ୍ରଣ ଅଧ୍ୟାୟ ଦେଖନ୍ତୁ)
- ସମ୍ପୂର୍ଣ୍ଣ ବିଶ୍ରାମ ଦେବା ହେଉଛି ସବୁଠୁ ବଡ଼ ଚିକିତ୍ସା, ଆରୋଗ୍ୟ ଲାଭ କରୁଥିବା ପ୍ରାଣୀଙ୍କୁ ଅଧିକ କାମ ବା ଚାପ ଗ୍ରସ୍ତ ରହିଲେ ପୁନର୍ବାର ଏହି ରୋଗ ହେବାର ସମ୍ଭାବନା ରହିଥାଏ ।
- ଲକ୍ଷଣ ଅନୁସାରେ ଚିକିତ୍ସା କରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।



ନାକରୁ ସିଙ୍ଘାଣୀ ବାହାରିବା, ଲାଳ ବାହାରିବା



ଉଠିବା ପାଇଁ କଷ୍ଟ ଅନୁଭବକରିବା

## ଙ. ପାଦ ପଚିବା / ଖୁରା ରୋଗ

- ଖୁରା ଘା' ଏକ ଜୀବାଣୁ ଜନିତ ରୋଗ ଯାହା ଦୁଧିଆଳୀ ଗାଈ ପାଳନରେ ଆର୍ଥିକ ଅବସ୍ଥା ଉପରେ ପ୍ରଭାବ ପକାଇଥାଏ ।
- ଏହି ରୋଗ ଜଳବାୟୁ, ଋତୁ, ଚାରଣ ସମୟ, ବାସସ୍ଥାନ ପ୍ରଣାଳୀ ଓ ଚଟାଣର ପ୍ରକାର ଇତ୍ୟାଦି ଦ୍ୱାରା ପ୍ରଭାବିତ ହୋଇଥାଏ ।
- ପ୍ରସ୍ତରମୟ ପଡ଼ିଆ, ଚିକଣ ବାଲିଗୋଡ଼ି ମିଶ୍ରଣ, ଖଦଡ଼ା ଖୁଣ୍ଟା ଚାରଣ ଭୂମି ଇତ୍ୟାଦି ଏହି ଖୁରା ରୋଗ ପାଇଁ କାରଣ ହୋଇଥାଏ ।

### ଲକ୍ଷଣ



ଖୁରା ଘା


- ଜ୍ୱର ହେବା ଓ ଖାଦ୍ୟ ଖାଇବା କମେଇଦେବା ।
- ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ।
- ଖୁରାର ଦୁଇ ଆଙ୍ଗୁଳି ମଧ ଫୁଲିଯିବା ।
- କ୍ଷତ ସ୍ଥାନରୁ ଦୁର୍ଗନ୍ଧ ବାହାରିବା ।
- ଛୋଟେଇବା ସହ ଗୋଡ଼ ଉପରକୁ ଉଠାଇ ରଖିବା ।
- ସାଧାରଣତଃ ପଛ ଗୋଡ଼ ଆକ୍ରାନ୍ତ ହୋଇଥାଏ ଓ ଗାଈଗୋରୁ ଆଙ୍ଗୁଠିରେ ଛିଡ଼ା ହେବା ସହ ଚାଲିଥାନ୍ତି ।



ଅଧିକମାତ୍ରାରେ ଖୁରା ଘା

### ପ୍ରତିକାର ଓ ଚିକିତ୍ସା

- କ୍ଷତ ହେବାର ଉତ୍ସ ବା କାରଣ ବାହାର କରି ତାକୁ ହଟାଇବାକୁ ପଡ଼ିବ ଓ ଗୋଡ଼କୁ ଶୁଷ୍କ ଓ ସଫା ସୁତୁରା ରଖିବା ।
- ଗାଈଗୋରୁଙ୍କ ଠାରୁ ଜୀବାଣୁ ନିସୃତ ହେବା ସମୟରେ ସେମାନଙ୍କୁ ପୃଥକ୍ ରଖିବା ଦରକାର, ଯେ ପର୍ଯ୍ୟନ୍ତ ଛୋଟେଇବା ସଂପୂର୍ଣ୍ଣ ଭାବେ ଭଲ ନ ହୋଇଛି ।
- ପାଣି କୁଣ୍ଡ, ପ୍ରବେଶ ପଥ, ଗାଈ ଚଲା ପଥ, ଇତ୍ୟାଦି ସ୍ଥାନ ମାନଙ୍କରେ ଯଥେଷ୍ଟ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଉଚିତ୍ ।
- ପ୍ରତିକାରକ ହିସାବରେ ଦେଖାଗଲେ ୫% କପର୍‌ସଲ୍‌ଫେଟ୍ ଓ ୧୦% ଜିଙ୍କ୍ ସଲ୍‌ଫେଟ୍ ଜୀବାଣୁ ନାଶକ ଭାବରେ ଗୋଡ଼ ଧୋଇବା କୁଣ୍ଡରେ ପକାଇଲେ ବହୁତ ଭଲ ଫଳ ମିଳିଥାଏ ।
- ଘା' ସ୍ଥାନରେ ସାଧାରଣ ଚିକିତ୍ସା ଅପେକ୍ଷା ଶରୀରର ସମସ୍ତ ପ୍ରକ୍ରିୟା ସମ୍ବନ୍ଧୀୟ ଚିକିତ୍ସା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।
- ତୁରନ୍ତ ରୋଗ ନିର୍ଣ୍ଣୟ ଓ ଆଣ୍ଟିବାୟୋଟିକ୍ ଚିକିତ୍ସା କରାଗଲେ ସଫଳ ଓ ସନ୍ତୋଷଜନକ ଉପଶମ ମିଳିଥାଏ ।
- ଯଦି ୩-୪ ଦିନ ମଧରେ ଚିକିତ୍ସାରେ ଉନ୍ନତି ନ ଘଟେ ତା' ମାନେ ରୋଗ ଗଭୀର ମାଂସପେଶୀକୁ ସଂଚାରିତ ହୋଇଯାଇଛି ।
- ଉପରୋକ୍ତ ଲକ୍ଷଣ ଦେଖାଗଲେ ତୁରନ୍ତ ପଶୁ ଚିକିତ୍ସକଙ୍କ ସହିତ ସଂପର୍କ କରନ୍ତୁ ।



ନିୟମିତ ଗୋଡ ଧୋଇବା କୁଣ୍ଡରେ ପାଦ ବୁଡାଇବା ଫଳରେ ଖୁରା ଘା ନିରାକରଣ ହୋଇପାରିବ

ସଠିକ୍ ଭାବରେ ପାଦର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଚ. ଚର୍ମ ଘା ରୋଗ (Dermatophytosis)

- ଚର୍ମ ଏବଂ ଲୋମରେ ଦେଖାଯାଉଥିବା ଏକ ପ୍ରକାର କବକ ଜନିତ ରୋଗ ।
- ଏକ ପ୍ରକାର କବକ ଦ୍ୱାରା ଏହି ରୋଗ ହୋଇଥାଏ ଯାହାକୁ "ଡ଼ରମାଟୋଫାଇଟ୍" ବୋଲି କୁହାଯାଇଥାଏ ।
- ସିଧାସଳଖ ଭାବେ ଗୋଟିଏ ପଶୁ ଅନ୍ୟ ଏକ ପଶୁ ସହ ମିଳାମିଶା ମାଧ୍ୟମରେ ହିଁ ଏହି ରୋଗ ସଂକ୍ରମିତ ହୋଇଥାଏ ।
- ଏହା ପଶୁମାନଙ୍କ ଠାରୁ ମନୁଷ୍ୟମାନଙ୍କୁ ମଧ ବ୍ୟାପିପାରେ ।
- ଯଦିଓ ଏହି ରୋଗ ହେଲେ ପଶୁଟି କଦର୍ଯ୍ୟ ଦେଖାଯାଏ, ତେବେ ଆର୍ଥିକ ଦୃଷ୍ଟିକୋଣରୁ କ୍ଷୟକ୍ଷତି କମ୍ ହୋଇଥାଏ ।
- କ୍ଷତ ହେବା ଦ୍ୱାରା ଆକ୍ରାନ୍ତ ପଶୁଟି ଅସ୍ତବ୍ୟସ୍ତ ହୋଇଯାଏ ଏବଂ ଆରାମ ଅନୁଭବ କରିପାରେ ନାହିଁ । କେତେକ ସ୍ଥଳେ କ୍ଷତ ସ୍ଥାନରେ ଅନ୍ୟାନ୍ୟ ଜୀବାଣୁ ଜନିତ ସଂକ୍ରମଣ/ଘା' ହେବାର ଦେଖାଯାଇଥାଏ ।

### ଲକ୍ଷଣ

- ଗୋଲ ଆକାରର ଅଳ୍ପ ମାତ୍ରାରେ ଫୁଲିଲା ପରି କ୍ଷତ ସ୍ଥାନ ଗୁଡ଼ିକ ଦେଖାଯାଏ । ଏହାର ରଙ୍ଗ ମୁଖ୍ୟତଃ ପାଉଁଶିଆ କିମ୍ବା ଧଳା ହୋଇଥାଏ । ଏଗୁଡ଼ିକୁ 'କ୍ରଷ୍ଟ' (Crust) କୁହାଯାଏ ।
- କ୍ଷତ ସ୍ଥାନ ବା ଆକ୍ରାନ୍ତ ସ୍ଥାନଗୁଡ଼ିକର ଆକାର ଅତି ଛୋଟରୁ ଆରମ୍ଭ କରି ଅତି ବଡ଼ ହୋଇପାରେ ।

### ପ୍ରତିକାର

- ସାଧାରଣତଃ ଏହି ରୋଗ ହେଲେ ବିନା ଚିକିତ୍ସାରେ ଭଲ ହୋଇଯାଏ, ତେବେ ଏଥିପାଇଁ ଅନେକ ମାସ ସମୟ ଲାଗିପାରେ ।
- ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ଓ ସଫା ସୁତୁରା ରଖିବା ଆବଶ୍ୟକ ।
- ଗୋଟିଏ ଜାଗାରେ ବହୁତ ଗୁଡ଼ିଏ ପଶୁ ଏକାଠି ରଖନ୍ତୁ ନାହିଁ । ଯାହାଦ୍ୱାରା ପଶୁମାନେ ପରସ୍ପର ସଂସ୍ପର୍ଶରେ କମ୍ ଆସିବେ ଏବଂ ଏହା ଦ୍ୱାରା ରୋଗର ସଂକ୍ରମଣ କମ୍ ହେବ ।
- ଗୋରୁମାନଙ୍କୁ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକରେ ବୁଲିବାକୁ ଛାଡ଼ନ୍ତୁ ।
- ଚର୍ମ ଉପରେ ମଲମ ଲଗାଇବା ଜରୁରୀ । ତେବେ କ୍ଷତ ସ୍ଥାନ ଗୁଡ଼ିକରେ କ୍ଷତର ଖୋଳପା (crust)କୁ ଛଡ଼ାଇ ତା'ପରେ ମଲମ ଲଗାନ୍ତୁ । କାରଣ ଖୋଳପା ଉପରେ ମଲମ ଲଗାଇଲେ ଏହା ଭିତରକୁ ପଶିପାରେ ନାହିଁ ।
- କ୍ଷତରୁ ବାହାରୁଥିବା ଖୋଳପାକୁ ପୋଡି ଦେବା ହିଁ ଠିକ୍ । ଏହାଦ୍ୱାରା ସଂକ୍ରମଣର ମାତ୍ରା କମିଯାଇପାରେ ।
- ତୁରନ୍ତ ଏକ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।



ଚର୍ମ ଘା ରୋଗରେ ଚମ ଟାଣ ହେବା

## ଛ. ଚର୍ମ କୁଣ୍ଡିଆ ରୋଗ (Dermatophilosis)

- ଏହା ଏକ ଜୀବାଣୁ ଜନିତ ରୋଗ । 'ଡ଼ରମାଟୋଫାଇଲସ କଙ୍ଗୋଲେନ୍‌ସିସ୍' ନାମକ ଜୀବାଣୁ ଦ୍ୱାରା ଏହି ରୋଗ ହୋଇଥାଏ ।
- ସିଧାସଳଖ ଆକ୍ରାନ୍ତ ପଶୁ ସଂସ୍ପର୍ଶରେ ଆସିଲେ କିମ୍ବା କୀଟପତଙ୍ଗ କାମୁଡ଼ିଲେ ଏହି ରୋଗ ବ୍ୟାପିଥାଏ ।
- ବହୁ ସମୟ ଧରି ବର୍ଷାରେ ଭିଜିଲେ, ଅଧିକ ଆର୍ଦ୍ରତା ଓ ତାପମାତ୍ରାଯୁକ୍ତ ଜଳବାୟୁରେ ରହିଲେ, ବାହ୍ୟ ପରଜୀବୀଙ୍କ ମାଧମରେ ଏହି ରୋଗର ପ୍ରାଦୁର୍ଭାବ ବଢ଼ିଯାଏ ।
- ରୋଗର କାରକ ଏହି ଜୀବାଣୁ ପଶୁର ଚର୍ମରେ ବହୁଦିନ ଧରି ରହିପାରେ । ସଠିକ୍ ପାଣିପାଗ ଓ ଜଳବାୟୁରେ ଏହା ରୋଗ କରିଥାଏ ।
- ଏହି ରୋଗ ମନୁଷ୍ୟକୁ ମଧ ବ୍ୟାପିପାରେ ।

### ଲକ୍ଷଣ

- ଏହି ରୋଗରେ ଗୋରୁର ସଂପୂର୍ଣ୍ଣ ଦେହରେ/ଦେହସାରା ଚର୍ମପ୍ରଦାହ ଓ ଘା' ହୋଇ ଚମଡ଼ା ଉପରେ କ୍ଷତ ସୃଷ୍ଟି ହୋଇଥାଏ ।
- ଲକ୍ଷଣ ବା କ୍ଷତ ଗୁଡ଼ିକ ୩ ପ୍ରକାରର ଦେଖାଯାଇଥାଏ ।
  - (୧) ଚର୍ମ ଉପରେ ଲୋମ ଗୁଡ଼ିକ ଅଠାରେ ମିଶିଯିବା ପରି ଦେଖାଯାଏ ।
  - (୨) ଚମଡ଼ା ଉପରେ ଘା' ହୋଇ ଉପରେ ଖୋଳପା ବସିଯିବାର ଦେଖାଯାଇଥାଏ ।
  - (୩) କେତେକ ସ୍ଥଳେ ଭାତୁଡ଼ି ପରି ଘା' ମଧ ଦେଖାଯାଇଥାଏ ।
- ଆକ୍ରାନ୍ତ ପଶୁଗୁଡ଼ିକ ପ୍ରାୟ ୩ ସପ୍ତାହ ମଧରେ ଭଲ ହୋଇଯାଇଥାନ୍ତି ।
- ପାଣିପାଗ ଶୁଖିଲା ହେଲେ, ଘା' ଗୁଡ଼ିକ ଜଲ୍‌ଦି ଶୁଖିଯାଏ ।
- ଅଧିକ ମାତ୍ରାରେ ଆକ୍ରାନ୍ତ ପଶୁଗୁଡ଼ିକ ଅଧିକ ଆର୍ଥିକ କ୍ଷତି କରାଇଥାନ୍ତି ।
- ମୁଖ୍ୟତଃ ବାଛୁରୀମାନଙ୍କ ଠାରେ ଏହି ରୋଗ ହେଲେ ବାଛୁରୀଗୁଡ଼ିକ ମରିଯିବାର ଦେଖାଯାଇଥାଏ ।

### ପ୍ରତିକାର

- ଗୋରୁଗାଈଙ୍କ ରହିବା ସ୍ଥାନକୁ ସନ୍ତସନ୍ତିଆ ରଖନ୍ତୁ ନାହିଁ । ଶୁଖିଲା ଓ ସଫାସୁତୁରା ରଖନ୍ତୁ ।
- ଗୋରୁମାନଙ୍କ ଠାରେ ବାହ୍ୟପରଜୀବୀ ନିୟନ୍ତ୍ରଣର ବ୍ୟବସ୍ଥା କରନ୍ତୁ ।
- ରୋଗଗ୍ରସ୍ତ ପଶୁକୁ ଛୁଇଁବାପରେ ହାତ ଜୀବାଣୁନାଶକ ସାବୁନରେ ଭଲଭାବରେ ଧୁଅନ୍ତୁ, ଏହାଦ୍ୱାରା ରୋଗ ମଣିଷକୁ ବ୍ୟାପିବାରୁ ରୋକାଯାଇପାରିବ ।
- ଆକ୍ରାନ୍ତ ଗୋରୁମାନଙ୍କର ଚିକିତ୍ସା ପାଇଁ ତୁରନ୍ତ ଏକ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।



ଚର୍ମ କୁଣ୍ଡିଆ ରୋଗରେ ଚମ ଘା

## ଜ. ଚର୍ମବିଣ୍ଡି ରୋଗ (Lumpy Skin Disease)

- ଏହା ଏକ ଭୂତାଣୁ ଜନିତ ରୋଗ ।
- ବର୍ତ୍ତମାନ ଭାରତରେ ଏହି ରୋଗର ପ୍ରାଦୁର୍ଭାବ ଅଧିକ ଦେଖିବାକୁ ମିଳୁଛି ।
- ଗୋରୁଗାଈଙ୍କ ଠାରେ ଦେଖାଯାଉଥିବା ଟିଙ୍କ, ଉଙ୍ଗୁଣି ମାଧ୍ୟମରେ ଏହି ରୋଗ ଗୋଟିଏ ଆକ୍ରାନ୍ତ ପଶୁଠାରୁ ସୁସ୍ଥ ପଶୁକୁ ସଂକ୍ରମିତ ହୋଇଥାଏ ।
- ସିଧାସଳଖ ସଂସ୍ପର୍ଶରେ ଆସିଲେ ଏହି ରୋଗ ଏତେଟା ବ୍ୟାପି ନଥାଏ ବରଂ ଟିଙ୍କ ଓ ମଶା ଆଦିଙ୍କ ଦ୍ୱାରା ଏହି ରୋଗ ଅଧିକ ମାତ୍ରାରେ ବ୍ୟାପିଥାଏ ।

### ଲକ୍ଷଣ

- ଜ୍ୱର ହେବା । ଗାଈର ଦୁଗ୍ଧ ଉତ୍ପାଦନ ଆଶାତୀତ ଭାବେ କମିଯିବା ।
- ଚର୍ମ ତଳେ ଥିବା ଲସିକା ଗ୍ରନ୍ଥି ବହୁତ ବଡ଼ ଆକାରର ହୋଇ ଝୁଲିଥାଏ ।
- ନାକରୁ ପାଣି ବାହାରିବା, ଆଖି ଲାଲ୍ ହୋଇଯିବା ଓ ପାଟିରୁ ଅତ୍ୟଧିକ ଲାଳ ବାହାରିବା ।
- ଜ୍ୱର ହେବାର ୪୮ ଘଣ୍ଟା ମଧ୍ୟରେ ଚର୍ମରେ ବିଣ୍ଡି (୨ ରୁ ୫ ସେଣ୍ଟିମିଟର ଆକାରର) ସଂପୂର୍ଣ୍ଣ ଶରୀରରେ ଦେଖାଯାଇଥାଏ ।
- ବିଣ୍ଡିଗୁଡିକ ଗୋଲାକାର, ଚର୍ମର ଉପରକୁ ଉଠି ରହିଥିବାର ଦେଖାଯାଇଥାଏ । ଏହା ଚର୍ମ, ଚର୍ମ ତଳେ ଥିବା ଟିସୁ ତଥା ମାଂସପେଶୀକୁ ମଧ୍ୟ ସାମିଲ୍ କରିପାରେ ।
- ବଡ ବିଣ୍ଡିଗୁଡିକରେ ମୃତ କୋଷିକା ମିଳିପାରେ, ସମୟକ୍ରମେ ଏହା ଅଧିକ ତନ୍ତୁଯୁକ୍ତ ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ପଶୁଠାରେ ଦେଖାଯାଇପାରେ ।
- ଛୋଟ ବିଣ୍ଡିଗୁଡିକ ଆପେ ଆପେ ଭଲ ହୋଇଯାଇପାରେ ।
- ବିଣ୍ଡିଗୁଡିକରେ ପୋକ ହେବାର ସମ୍ଭାବନା ମଧ୍ୟ ଥାଏ ।
- ପାଟି, ଖାଦ୍ୟନଳୀ, ଶ୍ୱାସନଳୀ ତଥା ଫୁସ୍‌ଫୁସ୍‌ରେ ଫୋଟକା ତଥା ଘା ହେବାର ସମ୍ଭାବନା ଥାଏ ।
- ଗର୍ଭବତୀ ଗାଈର ଗର୍ଭପାତ ହୋଇପାରେ । ଗାଈ ମଧ୍ୟ ବହୁଦିନ ଯାଏ ଗରମ ନ ଆସିପାରେ ।
- ଷଣ୍ଢମାନେ ଆଂଶିକ ବା ସଂପୂର୍ଣ୍ଣ ଭାବେ ପ୍ରଜନନ ପାଇଁ ଅକ୍ଷମ ହୋଇଯାଆନ୍ତି ।




ବାହ୍ୟ ଲସିକା ଗ୍ରନ୍ଥି ଫୁଲିଯିବା

### ପ୍ରତିକାର

- ଟିଙ୍କ ତଥା କାମୁଡୁଥିବା କୀଟ ପତଙ୍ଗ ଉପଯୁକ୍ତ ଭାବରେ ଦମନ କରାଯିବା ଉଚିତ୍ ।
- ଲକ୍ଷଣ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।





ଶରୀରରେ ଓ ଥୋମଣିରେ ବିଣ୍ଡି ହୋଇଯିବା

# ଅନୁଚ୍ଛେଦ - ୬

## ଟିଙ୍କ ଓ ମାଛି ଦ୍ୱାରା ହେଉଥିବା ରୋଗ

ଗୋପାଳକଙ୍କ ପାଇଁ ଟିଙ୍କ ଉପଦ୍ରବ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅନେକ ଚାଷୀଙ୍କ ପାଇଁ ଟିଙ୍କ ଦମନ କରିବା ଏକ କଷ୍ଟସାଧ ସମସ୍ୟା । ଟିଙ୍କ ଓ କାମୁଡ଼ା ମାଛି ପ୍ରାଣୀମାନଙ୍କୁ ବେଆରାମ କରିବା ସଙ୍ଗେ ସଙ୍ଗେ ରକ୍ତ ଶୋଷିବା ଦ୍ୱାରା ଉତ୍ପାଦନ ହ୍ରାସ ଘଟିଥାଏ । ଏହା ବ୍ୟତୀତ ଏମାନେ ଲୋହିତ ରକ୍ତ କଣିକାକୁ ନଷ୍ଟ କରୁଥିବା କେତେକ ରୋଗ ବହନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି । ସଂକ୍ରମିତ ପ୍ରାଣୀଙ୍କୁ ଯଦି ଠିକ୍ ସମୟରେ ଚିକିତ୍ସା କରା ନ ଯାଏ ତାହାହେଲେ ସେମାନେ ସଂକ୍ରମଣର ବଶୀଭୂତ ହୋଇଥାନ୍ତି ବା ଅନେକ ଦିନ ଧରି ଅସୁସ୍ଥ ଥାନ୍ତି । ତେଣୁ ଏହି ରୋଗ ମାନଙ୍କର ଲକ୍ଷଣ ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ ତା' ଫଳରେ ଉଚିତ୍ ସମୟରେ ପ୍ରାଣୀଚିକିତ୍ସକଙ୍କ ଠାରୁ ପରାମର୍ଶ ଓ ଚିକିତ୍ସା କରାଯାଇପାରିବ ।

ଏହି ଭାଗରେ ନିମ୍ନଲିଖିତ ଅଧ୍ୟାୟ ବିଷୟରେ ଆଲୋକପାତ କରାଯାଇଛି :-

(କ) ଆନାପ୍ଲାଜ୍ମା ରୋଗ

(ଖ) ବାବେସିଆ ରୋଗ

(ଗ) ଟ୍ରିପାନୋସୋମା ରୋଗ

(ଘ) ଥାଇଲେରିଆ ରୋଗ (ଅନୁଚ୍ଛେଦ-୪ ର ଜ-ଅଧ୍ୟାୟ ଦେଖନ୍ତୁ)

# ଟିଙ୍କ ଜନିତ ରୋଗ ସଂକ୍ରମଣ

- ଆନାପ୍ଲାଜ୍ମା, ବାବେସିଆ ଓ ଥାଇଲେରିଆ (ଅନୁଚ୍ଛେଦ-୪ ର ଜ-ଅଧ୍ୟାୟରେ ଆଲୋଚନା କରାଯାଇଛି) ହେଉଛି ଟିଙ୍କ ସଂକ୍ରମିତ ମୁଖ୍ୟ ତିନୋଟି ରୋଗ ଯାହା ରକ୍ତକୁ ସଂକ୍ରମିତ କରିଥାଏ ।

## କ. ଆନାପ୍ଲାଜ୍ମା

- ଆନାପ୍ଲାଜ୍ମା ରୋଗ ଏକ ପ୍ରକାର କ୍ଷୁଦ୍ର ଜୀବାଣୁ ଭଳି ରିକେଟ୍‌ସିଆ ଦ୍ୱାରା ହୋଇଥାଏ ।
- ଏହି ରୋଗ ରକ୍ତ ଦ୍ୱାରା ସଂକ୍ରମିତ ଇଂଜେକ୍‌ସନ୍ ଛୁଁଚି ଓ କୃତ୍ରିମ ପ୍ରଜନନରେ ବ୍ୟବହାର ହେଉଥିବା ଗ୍ଲୋଭ୍ସ ଦ୍ୱାରା ବ୍ୟାପି ଥାଏ ।
- ବୃଦ୍ଧ ଗାଈଗୋରୁଙ୍କ ଅପେକ୍ଷା ବାଛୁରୀ ମାନଙ୍କ ଠାରେ ଆନାପ୍ଲାଜ୍ମା ରୋଗ ପାଇଁ ଅଧିକ ରୋଗପ୍ରତିରୋଧକ ଶକ୍ତି ରହିଛି ।
- ଏହି ରୋଗର ଆଂଚଳିକ କ୍ଷେତ୍ରରେ ବାହକ ମାନେ ରୋଗ ସଂକ୍ରମଣର ଭଣ୍ଡାର ଅଟନ୍ତି ।
- ବହୁ କାଳ ଧରି ସଂକ୍ରମିତ ଗାଈଗୋରୁମାନେ ତାଙ୍କର ପ୍ରାପ୍ତ ବୟସ ସମୟରେ ଆଉ ଥରେ ଏହି ରୋଗରେ ପିଡିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।
- ଜ୍ୱର, ଦୁଗ୍ଧ ଉତ୍ପାଦନ କମିବା, କ୍ରମଶଃ ରକ୍ତ ହୀନତା, ଜଣ୍ଡିସ୍, ଗର୍ଭପାତ ଆଦି ଲକ୍ଷଣ ଦେଖାଯାଇଥାଏ ।
- କ୍ରମଶଃ ଖାଇବା ଛାଡ଼ିଦେବା, ଠିକ୍ ଭାବରେ ଚାଲି ନ ପାରିବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ହଠାତ୍ ଦୀର୍ଘ ନିଶ୍ୱାସ ନେଇ ଗାଈଗୋରୁ ମୃତ୍ୟୁ ବରଣ କରିଥାନ୍ତି ।
- ଯଦି ଚିକିତ୍ସା ରୋଗ ହେବା ଆରମ୍ଭରେ କରାଯାଏ ତେବେ ଏହି ରୋଗ ଆରୋଗ୍ୟ ହୋଇପାରିବ ।

## ଖ. ବାବେସିଆ

- ବାବେସିଆ ଏକ ପ୍ରୋଟୋଜୋଆ ଜନିତ ରୋଗ
- ଜ୍ୱର, ଖାଦ୍ୟ ନ ଖାଇବା, ନିଶ୍ୱାସର ଗତି ନ ବଢ଼ିବା, ଦୁଗ୍ଧ ଉତ୍ପାଦନ ହଠାତ୍ କମିଯିବା, ମାଂସପେଶୀ ଥରିବା, ରକ୍ତହୀନତା, କାମଳ ରୋଗ, ଗର୍ଭପାତ ହେବା, ଝାଡ଼ା ନ ହେବା ଇତ୍ୟାଦି ଲକ୍ଷଣମାନ ସାଧାରଣତଃ ଦେଖାଯାଏ ।
- ଯଦି ତୁରନ୍ତ ଚିକିତ୍ସା କରାଯାଏ ତା'ହେଲେ ଆରୋଗ୍ୟ ସାଧ୍ୟ ।
- ପର ଅବସ୍ଥାରେ ଓଜନ ହ୍ରାସ ଘଟିବା ସହିତ ପରିସ୍ରାରେ ରକ୍ତ କଣିକା ପଡିବା ସହିତ ସ୍ନାୟବିକ ଲକ୍ଷଣମାନ ଦେଖାଯାଏ ।
- ଯଦି ଚିକିତ୍ସାର ୨୪ ଘଣ୍ଟା ମଧ୍ୟରେ ପରିସ୍ରାରେ ରଙ୍ଗ ନ ବଦଳେ ତାହେଲେ ଚିକିତ୍ସା ପୁନର୍ବାର କରିବା ଉଚିତ୍ ।




ଚିକିତ୍ସା ପୂର୍ବରୁ ପରିସ୍ରା ନମୁନା (i) ଓ କ୍ରମାଗତ ଉନ୍ନତି (ii ରୁ iv) ରୁ ଠିକ୍ ପରିସ୍ରା (v) ଶୀଘ୍ର ଚିକିତ୍ସା ପରେ

- ବାବେସିଆ ରୋଗ ସହ ରକ୍ତପାତ ରୋଗ ବା Red Water Disease ଏକ ଜୀବାଣୁ ଜନିତ ରୋଗ ସହ ମନରେ ଦ୍ୱ ଆଣିବାର ନାହିଁ ଯାହାକି ଚେପ୍‌ଟା ଯକୃତ କୃମି ଉପଦ୍ରବ ଅଂଚଳରେ ଦେଖାଯାଏ ।

## ଗ. ଟ୍ରିପାନୋସୋମା ବା ସରା ରୋଗ

- ଏହା ରକ୍ତ ପ୍ରୋଟୋଜୋଆ ଜନିତ ଗୋମହିଷାଦିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ରୋଗ ।
- ଏହା ଏକ ପ୍ରକାର କାମୁଡ଼ା ମାଛି ଦ୍ୱାରା ସଂକ୍ରମିତ ହୋଇଥାଏ ।
- ଗୋମହିଷାଦି ପଶୁମାନେ ଘୋଡ଼ା ଓ ଓଟ ମାନଙ୍କ ପାଇଁ ରୋଗର ଭଣ୍ଡାର ଅଟନ୍ତି ।
- ଏହି ରୋଗରେ ଆକ୍ରାନ୍ତ ପ୍ରାଣୀର ରକ୍ତ, ବେଳେବେଳେ ମାଂସ ଓ କ୍ଷୀର ରୋଗ ସଂକ୍ରମଣର ଉତ୍ପତ୍ତି ସ୍ଥଳ ପାଲଟି ଯା'ନ୍ତି ।
- ରକ୍ତହୀନତା ଯୋଗୁଁ ଉତ୍ପାଦନରେ ମାତ୍ରାଧିକ କ୍ଷତି ହୋଇଥାଏ । ଚାପରେ ଥିବା ପ୍ରାଣୀମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ରହିଥାଏ ।

### କେଉଁ ମାଛି କାମୁଡାରେ ସରା ରୋଗ ସଂକ୍ରମଣ ହୋଇଥାଏ


ଟାବାନସ୍ ମାଛି



ଷ୍ଟୋମୋକ୍ସିସ୍ ମାଛି


ହିମାଟୋବିଆ ମାଛି

### ଲକ୍ଷଣ


ଦୁର୍ବଳ ଏବଂ ରକ୍ତହୀନ ପଶୁ

- କ୍ରମଶଃ ରକ୍ତ ହୀନତା, ଓଜନ ହ୍ରାସ ଓ ଦୁର୍ବଳତା ଦେଖାଯିବା ।
- ଗର୍ଭପାତ, ବନ୍ଧ୍ୟାଦୋଷ, ଗର୍ଭବତୀ ପଶୁର ଗର୍ଭ ନଷ୍ଟ ଇତ୍ୟାଦି ମଇଁଷି ମାନଙ୍କ ଠାରେ ଦେଖାଯାଏ ।
- ଗାଈଗୋରୁ ବହୁଦିନ ଧରି ଏହି ରୋଗରେ ଆକ୍ରାନ୍ତ ହେଲେ ମୃତ୍ୟୁବରଣ କରିଥାନ୍ତି ।
- ୨ ସପ୍ତାହରୁ ୨ ମାସ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି ।


ରକ୍ତରେ ଟ୍ରିପାନୋସୋମା

- ଶରୀରର ତଳ ଭାଗ ଯଥା ଗୋଡ଼, ତଳ ପେଟ, ବେକ ତଳ ଭାଗରେ ପାଣି ଜମା ହେଲା ପରି ଫୁଲା ଦେଖାଯାଏ ।
- ଲସିକାଗ୍ରନ୍ଥି ମଧ୍ୟ ଫୁଲିଥାଏ ।
- ସ୍ନାୟବିକ ସମସ୍ୟା ଯଥା ମୁଣ୍ଡ ବଙ୍କେଇବା, ବୃତ୍ତାକାରରେ ବୁଲିବା, ଆଖିକୁ ଦେଖା ନ ଯିବା, ଅତ୍ୟଧିକ ଉତ୍ତେଜିତ ହେବା, ସାଇକେଲ ପେଡାଲ ମାରିଲା ପରି ଗୋଡ଼ ଛାଟିବା ମଧ ଦେଖାଯାଏ ।

### ପ୍ରତିକାର

- ମାଛିଙ୍କର ବଂଶବୃଦ୍ଧି ନିୟନ୍ତ୍ରଣ କରିବା । (ମାଛି ନିୟନ୍ତ୍ରଣ ସମ୍ବନ୍ଧିତ ଅଧ୍ୟାୟ ଦେଖନ୍ତୁ)
- ଉପଯୁକ୍ତ ବାୟୁ ଚଳାଚଳ ଓ ସୂର୍ଯ୍ୟକିରଣ ଗୁହାଳରେ ପଡ଼ିବା ଦରକାର ।
- ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୀଟନାଶକ ଦ୍ରବ୍ୟ ଗୁହାଳ ଓ ତା'ର ଚତୁଃପାର୍ଶ୍ୱରେ ପ୍ରୟୋଗ କରିବା ଉଚିତ୍ ।

### ଚିକିତ୍ସା

- ରୋଗର ଲକ୍ଷଣମାନ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ ।
- ତୁରନ୍ତ ଓ ସମୟାନୁବର୍ତ୍ତୀ ଚିକିତ୍ସା କଲେ ଏହି ରୋଗରୁ ଆରୋଗ୍ୟ ଲାଭ ମିଳିଥାଏ ।

**ମାଛି କାମୁଡା ନିୟନ୍ତ୍ରଣ କରନ୍ତୁ - ସରା ରୋଗ ଦାଉରୁ ମୁକ୍ତି ପାଆନ୍ତୁ**

# ଅନୁଚ୍ଛେଦ - ୭

## ଟିଙ୍କ, ମାଛି ଓ କୃମି ନିୟନ୍ତ୍ରଣ

ଉଭୟ ବାହ୍ୟ (ଟିଙ୍କ ଓ ମାଛି) ଓ ଆଭ୍ୟନ୍ତରୀଣ ପରଜୀବୀ (କୃମି) ପ୍ରାଣୀମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ ଘଟାଇବାରେ ପ୍ରମୁଖ ଭୂମିକା ରହିଥାଏ । ପୂର୍ବ ଭାଗରେ ଟିଙ୍କ ଓ ମାଛି ଦ୍ୱାରା ବହିତ ରୋଗ ମାନଙ୍କ ସମ୍ବନ୍ଧରେ ଆଲୋଚନା କରାଯାଇଛି । କୃମି ଶରୀର ମଧ୍ୟରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱକୁ ଶୋଷି ନିଅନ୍ତି । କୃମି ଦ୍ୱାରା ଆକ୍ରାନ୍ତ ହେଲେ ଦୁର୍ବଳ ବୃଦ୍ଧିହାର, ଝାଡ଼ା, ପୂର୍ଣ୍ଣ ବିକାଶରେ ବିଳମ୍ବ, ଦୁର୍ବଳତା, ଅନ୍ୟ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ବୃଦ୍ଧି ତଥା ଟୀକା ପ୍ରଦାନ ଦ୍ୱାରା ପ୍ରତିରୋଧକ ଶକ୍ତି ଆଶାନୁସାରେ ନ ବଢ଼ିବା ଓ ଅନେକ କ୍ଷେତ୍ରରେ ପ୍ରାଣୀମାନେ ମୃତ୍ୟୁବରଣ କରିଥାନ୍ତି । ଉଭୟ ବାହ୍ୟ ଓ ଅନ୍ତ ପରଜୀବୀ ନିୟନ୍ତ୍ରଣ କରିବା ପାଇଁ ଅଳ୍ପ ଟିକିଏ ପଦକ୍ଷେପ ନେଲେ ପ୍ରାଣୀମାନଙ୍କର ଉତ୍ପାଦନ କ୍ଷମତାର ଅଭିବୃଦ୍ଧି ଘଟିବ ।

ସେଥିପାଇଁ ଏହି ଭାଗରେ ନିମ୍ନଲିଖିତ ଅଧ୍ୟାୟରେ ଆଲୋଚନା କରାଗଲା ।

(କ) ଟିଙ୍କ ଓ ମାଛି ନିୟନ୍ତ୍ରଣ

(ଖ) କୃମି ଉପଦ୍ରବ ନିୟନ୍ତ୍ରଣ

## କ. ଟିଙ୍କ ଓ ମାଛି ନିୟନ୍ତ୍ରଣ

- ଟିଙ୍କ ମାନଙ୍କ ଦ୍ୱାରା ଆନାପ୍ଲାଜ୍‌ମା, ବାବେସିଆ ଓ ଥାଇଲେରିଆ ଇତ୍ୟାଦି ରୋଗ ସଂକ୍ରମିତ ହୋଇଥାଏ । (ଟିଙ୍କ ଦ୍ୱାରା ବାହିତ ରୋଗ ସମ୍ବନ୍ଧୀୟ ଅଧ୍ୟାୟ ଦେଖନ୍ତୁ)
- କାମୁଡ଼ା ମାଛିଙ୍କ ଦ୍ୱାରା ସରା ଓ ତିନିଦିନିଆ ଜ୍ୱର ଇତ୍ୟାଦି ହୋଇଥାଏ ।
- ଅତ୍ୟଧିକ ପ୍ରାଦୁର୍ଭାବ ଯୋଗୁଁ ରକ୍ତହୀନତା ଓ ଆଖି ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ ।
- ଟିଙ୍କ ଓ କାମୁଡ଼ା ମାଛି ପାଇଁ ପ୍ରାଣୀମାନେ ବେଆରାମ ହୋଇପଡ଼ନ୍ତି ।
- ବେଳେବେଳେ କାମୁଡ଼ା ସ୍ଥାନରେ ପ୍ରତିକୂଳ ପ୍ରତିକ୍ରିୟା ଦେଖାଯାଏ ।
- ଟିଙ୍କମାନେ ବହୁତ ଅଣ୍ଡା ଦେବା ଯୋଗୁଁ ସେମାନଙ୍କର ସଂଖ୍ୟା ବଢ଼ିଯାଏ ।


ବିଭିନ୍ନ ପ୍ରକାରର ଟିଙ୍କ


ଟିଙ୍କ ଅଣ୍ଡା ସହିତ


ଟିଙ୍କ କାମୁଡା ଦ୍ୱାରା ଚର୍ମ ଫଳିଯିବା


ମାଛି କାମୁଡା ଦ୍ୱାରା ଚର୍ମ ଫଳିଯିବା

### ଟିଙ୍କ ନିୟନ୍ତ୍ରଣ

- ନୂତନ କିଣା ଗାଈକୁ ଗୋଠରେ ରଖିବା ପୂର୍ବରୁ ସମ୍ପୂର୍ଣ୍ଣ ଟିଙ୍କ ବାହାର କରିବାର ଆବଶ୍ୟକତା ରହିଛି ।
- ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଟିଙ୍କ ମରା ଔଷଧ ପ୍ରାଣୀଙ୍କ ଶରୀରରେ ବ୍ୟବହାର କରିବା ଉଚିତ୍ ।
- ଏକ ପ୍ରକାର ପ୍ରାପ୍ତ ବୟସ୍କ ଟିଙ୍କ ୩୦୦୦ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି ଓ ଉପଯୁକ୍ତ ଜଳବାୟୁରେ ୨-୭ ମାସ ପର୍ଯ୍ୟନ୍ତ ବିନା ଖାଦ୍ୟରେ ବଞ୍ଚି ପାରନ୍ତି ।
- ଗୁହାଳର ଫାଟ, ସନ୍ଧିସ୍ଥାନକୁ ଅଧିକ ମାତ୍ରା ଟିଙ୍କ ମରା ଔଷଧ ସ୍ପ୍ରେ କରିବା ସହିତ ପ୍ରାଣୀର ଶରୀରରେ ବ୍ୟବହାର କରିବା ଦ୍ୱାରା ପୁନର୍ବାର ରୋଗ ହେବାର ସମ୍ଭାବନା କମିଥାଏ । ଅଗ୍ନିଶିଖା ବନ୍ଧୁକ ଯଦି ଲଭ୍ୟ ହୋଇପାରିବ ତା' ହେଲେ ସତର୍କତାର ସହିତ ବ୍ୟବହାର କରାଯାଇ ପାରିବ ।
- ଟିଙ୍କ ମରା ଔଷଧର ପ୍ରକାର ବାରମ୍ବାର ବଦଳାଇବା ଦରକାର, ନ ହେଲେ ଗୋଟିଏ ପ୍ରକାର ଟିଙ୍କ ମରା ଔଷଧ ପାଇଁ ପ୍ରତିରୋଧ ଶକ୍ତି ସୃଷ୍ଟି ହେବାର ସମ୍ଭାବନା ଥାଏ ।
- ଉପଯୁକ୍ତ ମାତ୍ରାରେ ଟିଙ୍କ ମରା ଔଷଧ ଓ ମାତ୍ରା ଜାଣିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

### ମାଛି ନିୟନ୍ତ୍ରଣ


- ନିୟମିତ ଉପଯୁକ୍ତ ଭାବରେ ଗୋବର ଓ ପରିସ୍ରା ଇତ୍ୟାଦି ନିଷ୍କାସନ କରିବା ଉଚିତ୍, ଗୁହାଳରୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ଏହି ସବୁ ମଇଳାକୁ ଫୋପାଡ଼ିବା ଦରକାର ।
- ଗୁହାଳରୁ ବାହାରୁଥିବା ପାଣି ଯେପରି ଜମା ନ ହୁଏ ସେଥି ପ୍ରତି ଧ୍ୟାନ ଦେବା ଉଚିତ୍ ।
- ନିମ୍ବ ପତ୍ରରେ ସନ୍ଧ୍ୟା ସମୟରେ ଗୁହାଳରେ ଧୂଆଁ ଦେବା ଦ୍ୱାରା ଏମାନଙ୍କର ଉପଦ୍ରବ କମ୍ ହୋଇଥାଏ ।
- ମାଛି ବିକର୍ଷକ ଉପଯୁକ୍ତ ମାତ୍ରାରେ ବ୍ୟବହାର କରିବା ଉଚିତ୍ ।
- ପ୍ରାକୃତିକ ବିକର୍ଷକ ଯଥା ନିମ୍ବ ତେଲ ଇତ୍ୟାଦିର ନିୟମିତ ଭାବରେ ବ୍ୟବହାର ଉଭୟ ଟିଙ୍କ ଓ କାମୁଡ଼ା ମାଛିଙ୍କ ପାଇଁ ଫଳପ୍ରଦ ହୋଇଥାଏ । ଏହାଦ୍ୱାରା କୌଣସି ଖରାପ ପ୍ରଭାବ ପଡ଼ି ନଥାଏ କିମ୍ବା ପ୍ରତିରୋଧ ଶକ୍ତି ବୃଦ୍ଧି ହେବାର ସମ୍ଭାବନା ବହୁତ କମ୍ ଥାଏ । ସମସ୍ତ ପ୍ରକାର ଔଷଧ ବାଳର ବିପରୀତ ପାର୍ଶ୍ୱରେ ଲଗାଇବା ଦରକାର ଏବଂ ପେଟ ତଳ ଓ ଗୋଡରେ ବ୍ୟବହାର କରିବା ଉଚିତ୍ ।

# କୃମି ଉପଦ୍ରବ ନିୟନ୍ତ୍ରଣ


- ପରଜୀବୀ କୃମି ସାଧାରଣତଃ ପ୍ରାଣୀମାନଙ୍କ ଖାଦ୍ୟନଳୀରେ ବାସ କରନ୍ତି ତଥା କୋଷିକା ଓ ରକ୍ତରୁ ସେମାନେ ଖାଦ୍ୟ ଗ୍ରହଣ କରିଥାନ୍ତି । କୃମି ମାନେ ମଧ ଫୁସ୍‌ଫୁସ୍, ନାକର ନଳୀ, ଆଖି ଇତ୍ୟାଦିରେ ଥା'ନ୍ତି ।
- କୃମି ମାନଙ୍କ ଅଣ୍ଡା ଗାଈଗୋରୁଙ୍କ ଝାଡ଼ାରେ ବାହାରି ତୃଣଭୂମି, ଖାଦ୍ୟ ଓ ପାଣି ଇତ୍ୟାଦିକୁ ସଂକ୍ରମିତ କରିଥାଏ, କିଛି କୃମି ମଣିଷଙ୍କ ଠାରେ ରୋଗ କରିଥାନ୍ତି ।
- ମୌଳିକ ଭାବରେ ୪ ପ୍ରକାରର କୃମି (କ) ଗୋଲ କୃମି, (ଖ) ଫିତା କୃମି - ଖାଦ୍ୟ ନଳୀରେ ଥା'ନ୍ତି, (ଗ) ଚେପ୍‌ଟା କୃମି - ଯକୃତ ଓ ପାକସ୍ଥଳୀରେ ଥା'ନ୍ତି, (ଘ) ସିଷ୍ଟୋସୋମା-ରକ୍ତ ନଳୀରେ ଥା'ନ୍ତି । ନିମ୍ନଲିଖିତ ଚିତ୍ର ଦେଖନ୍ତୁ ।
- କୃମିମାନଙ୍କ ପ୍ରକାର ଭେଦ ଅନୁସାରେ ବିଭିନ୍ନ ଚିକିତ୍ସା ପ୍ରଣାଳୀ ଅବଲମ୍ବନ କରିବାକୁ ପଡ଼ିଥାଏ ।

## ଲକ୍ଷଣ

- ଝାଡ଼ା ହେବା, ପ୍ରାପ୍ତ ବୟସ୍କ ହେବା ପାଇଁ ଅଧିକ ସମୟ ଲାଗିବା, ଶରୀରର ଅଭିବୃଦ୍ଧି ଓ ଦୁଗ୍ଧ ଉତ୍ପାଦନ ହ୍ରାସ ଘଟିବା, ପ୍ରଜନନ କ୍ଷମତା କମିବା, ଭାର ବୋହିବା କ୍ଷମତା ତଥା ଖାଦ୍ୟ ଉପଯୋଗ କରିବା ଦକ୍ଷତା, ରୋଗ ପ୍ରତିରୋଧକ ଶକ୍ତି କମିଥାଏ ଓ ରକ୍ତହୀନତା ଇତ୍ୟାଦି ଦେଖାଯାଇଥାଏ ।
- ପାକସ୍ଥଳୀ, ଯକୃତକୃମି ଦ୍ୱାରା ଆକ୍ରାନ୍ତ ହେଲେ ଦୁର୍ଗନ୍ଧ ଯୁକ୍ତ ଝାଡ଼ା ଏବଂ ଥୋମଣିର ତଳଭାଗ ଫୁଲି ପାଣି ଜମା ହୋଇଥାଏ ।
- ଚେପ୍‌ଟା କୃମି ଦ୍ୱାରା ଆକ୍ରାନ୍ତ ହେଲେ ଜଣ୍ଡିସ୍ ରୋଗ ହୋଇଥାଏ ।
- ଫିତାକୃମି ଦ୍ୱାରା ଆକ୍ରାନ୍ତ ହେଲେ ତଳି ପେଟ ଫୁଲିଯିବା, ଝାଡ଼ାରେ ଛୋଟ ଛୋଟ ଚଳନ୍ତା ଧଳାଖଣ୍ଡ ଦେଖାଯାଏ, ବେଳେବେଳେ ଏହା ଲମ୍ବାକାର ହୋଇଥିବାରୁ ଅନ୍ତଃନଳୀ ଅବରୋଧ କରିଥାଏ ।
- ଅଙ୍କୁଶ କୃମି (ଏକ ପ୍ରକାର ରକ୍ତ ଶୋଷୁଥିବା ଗୋଲ କୃମି) ଏବଂ ସିଷ୍ଟୋସୋମା ଦ୍ୱାରା ଆକ୍ରାନ୍ତ ହେଲେ ପ୍ରଚଣ୍ଡ ରକ୍ତ ହୀନତା ଓ ରକ୍ତ ଝାଡ଼ା ହୋଇଥାଏ ।
- ନାକରୁ ମୋଟା ସିଙ୍ଘାଣୀ ବାହାରିବା, ଘୁଙ୍ଗୁଡ଼ି ମାରିବା ଓ ଛୋଟ ଛୋଟ ନିଶ୍ୱାସ ନେବା ଇତ୍ୟାଦି ନାସିକ ସିଷ୍ଟୋସୋମା କୃମି ରୋଗ ଆକ୍ରାନ୍ତ ହେଲେ ଦେଖାଯାଏ । ଫୁସ୍‌ଫୁସ୍ କୃମି (ଏକ ପ୍ରକାର ଗୋଲ୍ କୃମି) ଦ୍ୱାରା ଆକ୍ରାନ୍ତ ହେଲେ କାଶ ହୋଇଥାଏ ।




ବିଭିନ୍ନ ପ୍ରକାରର କୃମି



ଦୁର୍ବଳ ପଶୁ



ଗଳା ଫୁଲା

## ପ୍ରତିକାର ଓ ଚିକିତ୍ସା

- ପ୍ରଥମେ ୧୦-୧୪ ଦିନ ବୟସର ବାଛୁରୀଙ୍କୁ କୃମି ନାଶକ ଔଷଧ ସେବନ କରିବା ଉଚିତ୍, ଯାହା ବର୍ଷା ଋତୁ ଆରମ୍ଭ ଓ ଶେଷ ଭାଗରେ ଦିଆଯାଇଥାଏ । ଔଷଧ ଜିଭର ତଳ ଭାଗରେ ଦେଲେ ଖୁଆଇବା ଅପେକ୍ଷା ଅଧିକ ଲାଭ ମିଳିଥାଏ ।
- ଏକା ସାଙ୍ଗରେ ଗୋଠର ସମସ୍ତ ପଶୁଙ୍କୁ କୃମିନାଶକ ଔଷଧ ଦିଆ ଗଲେ ମାଟିରେ କୃମିମାନଙ୍କର ଅଣ୍ଡା ସଂଖ୍ୟା କମିଥାଏ ।
- ଗର୍ଭବତୀ ଗାଈଗୋରୁମାନଙ୍କୁ ୨ ଥର କୃମିନାଶକ ଔଷଧ ଦେବାର ଅଛି ଯାହାର ପ୍ରଥମ ମାତ୍ରାଟି ଗାଈ ଜନ୍ମ କରିବା ପୂର୍ବରୁ ଓ ଦ୍ୱିତୀୟଟି ଜନ୍ମର ୬-୭ ସପ୍ତାହ ପରେ ଦେବା ଉଚିତ୍ ।
- ଯଦି ପ୍ରାଣୀଟି ଚିକିତ୍ସା ଦ୍ୱାରା ଭଲ ହେଉନି ତାହେଲେ ପ୍ରାଣୀଚିକିତ୍ସକଙ୍କ ଦ୍ୱାରା ଗୋବର ପରୀକ୍ଷା କରି କୃମିର ପ୍ରକାର ଭେଦ ଅନୁସାରେ କୃମିନାଶକ ଔଷଧ ବ୍ୟବହାର କରିବା ଉଚିତ୍ ।
- ଗେଣ୍ଡା ପ୍ରବଣ ଅଂଚଳରେ (ପାଣି ଭରି ରହିଥିବା ଅଂଚଳରେ) ଚେପ୍‌ଟା କୃମି ଓ ସିଷ୍ଟୋସୋମା କୃମି ଥିବାର ସମ୍ଭାବନା ଥାଏ । କାରଣ ଗେଣ୍ଡାମାନେ ହିଁ ଏହି କୃମି ମାନଙ୍କର ଜୀବନ ଚକ୍ର ପରିପୂର୍ଣ୍ଣ କରିଥାନ୍ତି ।
- କୃମିର ପ୍ରତିରୋଧ ଶକ୍ତି ରୋକିବା ପାଇଁ ଏକ ପ୍ରକାର କୃମି ଔଷଧ ବାରମ୍ବାର ବ୍ୟବହାର କରିବା ଅନୁଚିତ୍ ।
- ଫଳପ୍ରଦ କୃମି ନିବାରଣ କରିବାକୁ ହେଲେ କୃମିନାଶକ ଔଷଧ ଉପଯୁକ୍ତ ମାତ୍ରାରେ ପ୍ରାଣୀଚିକିତ୍ସକଙ୍କୁ ପରାମର୍ଶ କରି ଦେବା ଉଚିତ୍ ।

# ଅନୁଚ୍ଛେଦ - ୮

## ବାଛୁରୀ ଜନ୍ମ କରିବା ପରେ ଗାଇମାନଙ୍କ ଠାରେ ଦେଖାଯାଉଥିବା ବିଭିନ୍ନ ରୋଗ

ବାଛୁରୀ ଜନ୍ମ କରିସାରିବା ପରେ ଗାଈକୁ ବହୁଳ ମାତ୍ରାରେ ଧାତୁସାର, ଜୀବସାର ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଆବଶ୍ୟକ ହୋଇଥାଏ । ଯଦି ଗର୍ଭାବସ୍ଥାରେ ଗାଈର ସଠିକ୍ ରକ୍ଷଣାବେକ୍ଷଣ ହୋଇପାରି ନଥାଏ, ତେବେ ପୋଷକତତ୍ତ୍ୱର ଅଭାବ ଜନିତ ରୋଗରେ ଗୋରୁଟି ପଡ଼ିବା ଅବଶ୍ୟମ୍ଭାବୀ ହୋଇପଡ଼େ । ଏହି ପ୍ରକାରର ରୋଗଗୁଡ଼ିକୁ ସାମୁହିକ ଭାବେ "ବିପାକକ୍ରିୟା ଜନିତ ରୋଗ" କୁହାଯାଏ । ଏହି ରୋଗ ହେଲେ ଗାଈର ଦୁଗ୍ଧ ଦେବା କ୍ଷମତା ବହୁ ମାତ୍ରାରେ କମିଯାଏ ଓ ବେଳେ ବେଳେ ସଠିକ୍ ସମୟରେ ଚିକିତ୍ସା ଅବହେଳା ଯୋଗୁଁ ସ୍ଥଳ ବିଶେଷରେ ଗାଈର ମୃତ୍ୟୁ ମଧ୍ୟ ହେବାର ନଜିର ଅଛି । ଏଣୁ ଏସବୁ ରୋଗଗୁଡ଼ିକୁ ସଠିକ୍ ଭାବେ ଚିହ୍ନି ତା'ର ଚିକିତ୍ସା ତଥା ତାର ପ୍ରତିକାର ବ୍ୟବସ୍ଥା କରିବା ନିହାତି ଆବଶ୍ୟକ । ଏହି ବିଭାଗରେ ଆମେ ନିମ୍ନଲିଖିତ ରୋଗ ଗୁଡ଼ିକ ବିଷୟରେ ସଠିକ୍ ଭାବେ ଜାଣିବା ।

କ. ଦୁଗ୍ଧ ଜ୍ୱର

ଖ. ମ୍ୟାଗ୍ନେସିୟମ୍ ଅଭାବ ଜନିତ ରୋଗ

ଗ. କିଟୋସିସ୍

ଘ. ପ୍ରସବ ପରବର୍ତ୍ତୀ ସମୟରେ ମୂତ୍ରରେ ହିମୋଗ୍ଲୋବିନ୍

ଙ. ଗର୍ଭାଶୟ ବାହାରି ଆସିବା

ଚ. ପ୍ରସବ ପରେ ଫୁଲ ନ ପଡ଼ିବା

ଛ. ପହ୍ନା ଫୁଲା / ପହ୍ନାରେ ପାଣି ଜମିବା

ଜ. ଯକୃତ ରୋଗ (ଲିପିଡୋସିସ୍)

## କ. ଦୁଗ୍ଧ ଜ୍ୱର

- ଏହା ପ୍ରକୃତରେ କୌଣସି ଜ୍ୱର ନୁହେଁ । ବରଂ ରକ୍ତରେ କ୍ୟାଲ୍‌ସିୟମ୍‌ର ଅଭାବ ହେଲେ ଏହି ରୋଗ ଦେଖାଦିଏ । ଏହାର ଅଭାବରେ ବେଳେବେଳେ ପ୍ରସବ ସମୟରେ ଅସୁବିଧା ହେବା, ପ୍ରସବ ପରେ ଫୁଲ ସଠିକ୍ ଭାବେ ନ ପଡ଼ିବା ବା ଗର୍ଭାଶୟ ବାହାରି ଆସିବା ପରି ରୋଗ ଗୁଡ଼ିକ ହେବାର ସମ୍ଭାବନା ଥାଏ ।
- ମୁଖ୍ୟତଃ ପ୍ରସବ ପରେ ପ୍ରଥମ ୭୨ ଘଂଟା ମଧ୍ୟରେ ଏହି ରୋଗ ଦେଖାଯାଇଥାଏ । ରୋଗର ପ୍ରଥମ ଅବସ୍ଥାରେ ଦେହ ଥରିବା, କାନଗୁଡ଼ିକ ଛିଡ଼ା ହୋଇଯିବା, ମୁଣ୍ଡ ଉପରତଳ କରିବାର ଦେଖାଯାଇଥାଏ ।
- ପ୍ରସବ ପରେ ୪୮ ଘଣ୍ଟା ମଧ୍ୟରେ ଯଦି ଗାଈକୁ ସମ୍ପୂର୍ଣ୍ଣ ଭାବେ ସବୁ କ୍ଷୀର ଦୁହିଁ ଦିଆଯାଏ, ତେବେ ମଧ ଦୁଗ୍ଧ ଜ୍ୱର ହେବାର ସମ୍ଭାବନା ଦେଖାଦେଇଥାଏ ।
- ଗାଈଟି ଛିଡ଼ା ହୋଇପାରେ ନାହିଁ । କେତେକ କ୍ଷେତ୍ରରେ ପ୍ରଥମରୁ ଚିକିତ୍ସା ନ କରାଇଲେ ଗାଈଟି ଗୋଟିଏ ପଟକୁ ମୁଣ୍ଡ ମାଡ଼ି ଶୋଇ ରହେ । ଆଖିର ଡୋଳା ମଧ ସ୍ଥିର ହୋଇଯାଏ ଓ କୌଣସି ପ୍ରକାର ଚଞ୍ଚଳତା ଦେଖାଯାଇନଥାଏ ।
- ଧୀରେ ଧୀରେ ଶେଷ ଅବସ୍ଥା ଆଡ଼କୁ ଗାଈଟି ଅଚେତ୍ ହୋଇପଡ଼େ ଏବଂ ଶରୀରର ତାପମାତ୍ରା ସାଧାରଣ ଠାରୁ ବହୁତ କମିଯାଏ ।
- ବେଳେ ବେଳେ କୌଣସି ଲକ୍ଷଣ ପ୍ରକାଶ ନ ପାଇ ମଧ ଏହି ଦୁଗ୍ଧ ଜ୍ୱର ଦେଖାଯାଇଥାଏ । ଏଭଳି କ୍ଷେତ୍ରରେ ଗାଈଟି ସାମାନ୍ୟ ଜ୍ୱର, ତଥା ଗର୍ଭାଶୟ ସଂକ୍ରମଣ ତଥା କିଟୋସିସ୍ ରୋଗ ମଧ ଦେଖାଦେଇଥାଏ । ସାଧାରଣତଃ ଏହି ସମୟରେ ହିଁ ଅଧିକ କ୍ଷତି ହୋଇଥାଏ ।


### ଦୁଗ୍ଧ ଜ୍ୱରର ବିଭିନ୍ନ ଅବସ୍ଥା



ଛିଡ଼ା ନ ହୋଇପାରିବା



ଗୋଟିଏ ପଟକୁ ମୁଣ୍ଡ ମୋଡି ହୋଇ ରହିବା



ଗୋଟିଏ ପଟକୁ ମୁଣ୍ଡ ମାଡ଼ି ପଡି ରହିବା

### ପ୍ରତିକାର ଓ ଚିକିତ୍ସା

- ଗର୍ଭାବସ୍ଥାର ଶେଷ ଆଡ଼କୁ ଅଧିକ କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ ନାହିଁ ।
- ବାରମ୍ବାର ଦୁଗ୍ଧ ଜ୍ୱର ହେଉଥିବା ଗାଈମାନଙ୍କୁ ପ୍ରସବର ୧୨-୨୪ ଘଣ୍ଟା ପୂର୍ବରୁ ୩-୪ ଥର କ୍ୟାଲ୍‌ସିୟମ୍ ସିରପ୍ ତଥା ପ୍ରସବ ପରେ ପ୍ରଥମ ୪୮ ଘଣ୍ଟା ମଧ୍ୟରେ ୩-୪ଥର, ଥରକୁ ୪୦-୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ ଦିଆଗଲେ ଦୁଗ୍ଧ ଜ୍ୱରର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ ।
- ଆମୋନିୟମ୍ କ୍ଲୋରାଇଡ୍ ଲବଣ, ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍ ଲବଣ କିମ୍ବା ଆମୋନିୟମ୍ ସଲ୍‌ଫେଟ୍ ଲବଣ ଦିନକୁ ୫୦-୧୦୦ ଗ୍ରାମ୍, ପ୍ରସବର ୩ ସପ୍ତାହ ପୂର୍ବରୁ ଖାଇବାକୁ ଦେବା ଭଲ ।
- ଦୁଗ୍ଧ ଜ୍ୱରର ଲକ୍ଷଣ ପ୍ରକାଶ ପାଇବା କ୍ଷଣି ତୁରନ୍ତ ପ୍ରାଣୀଚିକିତ୍ସକଙ୍କୁ ଡ଼କାଇ ଚିକିତ୍ସା କରିବା ବିଧେୟ । ନଚେତ୍ ଗୋରୁଟି ମୃତ୍ୟୁ ମୁଖରେ ପଡ଼ିପାରେ ।
- କେତେକ ପଶୁ ୨୪-୪୮ ଘଣ୍ଟା ମଧ୍ୟରେ ପୁଣି ଥରେ ଦୁଗ୍ଧ ଜ୍ୱରରେ ଆକ୍ରାନ୍ତ ହୋଇପାରନ୍ତି । ଅତଏବ ଏସବୁ କ୍ଷେତ୍ରରେ ପୁନଃ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ।
- ପ୍ରସବ ସମୟ ନିକଟତର ହେଲାବେଳେ, ଗୋରୁର ମୂତ୍ରର pH ୬.୫-୭ ମଧ୍ୟରେ ରହିବା ଆବଶ୍ୟକ । pH ଅଧିକ ହେଲେ ଗୋରୁଟି ଦୁଗ୍ଧ ଜ୍ୱରରେ ଆକ୍ରାନ୍ତ ହେବାର ସମ୍ଭାବନା ବଢିଯାଏ ।

## ଖ. ମ୍ୟାଗ୍ନେସିୟମ୍ ଅଭାବଜନିତ ରୋଗ

- ଏହି ରୋଗଟି ରକ୍ତରେ ମ୍ୟାଗ୍ନେସିୟମ୍‌ର ପରିମାଣ କମ୍ ହେଲେ ହୋଇଥାଏ । ଦୁଗ୍ଧ ଦେଉଥିବା ଗାଈଗୁଡ଼ିକ ଅଧିକ ମାତ୍ରାରେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ବେଳେବେଳେ ବାଛୁରୀମାନଙ୍କ ଠାରେ ମଧ ଏହି ରୋଗ ଦେଖାଯାଇଥାଏ ।
- ସାଧାରଣ ଦେଖାଯାଉଥିବା ଗୋରୁଟି ଏହି ରୋଗରେ ଆକ୍ରାନ୍ତ ହେଲେ, ହଠାତ୍ ମୁଣ୍ଡ ବୁଲାଇଥାଏ । ଗାଈଟି ବାରମ୍ବାର ବୋବାଇଥାଏ ଏବଂ ହଠାତ୍ ପଡ଼ିଯାଇଥାଏ ଏବଂ ସାଇକେଲ୍ ଚଲାଇଲା ଭଳି ଗୋଡ଼ ଛାଟି ଥାଏ ଏବଂ ଏହି ସବୁ ଲକ୍ଷଣଗୁଡ଼ିକୁ ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର କରିଥାଏ ।
- ଯେଉଁ ଗୋରୁମାନଙ୍କ ଠାରେ ଏହି ରୋଗର ପ୍ରଭାବ ଅଳ୍ପମାତ୍ରାରେ ଦେଖାଯାଇଥାଏ, ସେତେବେଳେ ଗୋରୁଟି ରହି ରହି ଚାଲେ, କୌଣସି ପ୍ରକାରର ଶବ୍ଦ କିମ୍ବା ସ୍ପର୍ଶକୁ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇଥାଏ, ବାରମ୍ବାର ପରିସ୍ରା କରିଥାଏ ଏବଂ ୨-୩ ଦିନ ମଧ୍ୟରେ ଗୋରୁଟି ସମସ୍ତ ମୁଖ୍ୟ ଲକ୍ଷଣଗୁଡ଼ିକୁ ପ୍ରକାଶ କରିଥାଏ ।
- ଏହି ରୋଗଟି ପ୍ରାୟତଃ ଦୁଗ୍ଧଜ୍ୱର ସହ ମିଳିତ ଭାବରେ ଦେଖାଯାଇଥାଏ । ଠିକ୍ ଭାବରେ ଚିକିତ୍ସିତ ନ ହୋଇଥିବା ଗୋରୁଟି ମୃତ୍ୟୁମୁଖରେ ପଡ଼ିଥାଏ ।
- ଯେଉଁ କ୍ଷେତରେ ବା ଚାରଣ ଭୂମିରେ ମାଟିରେ ପଟାସ ଏବଂ ନାଇଟ୍ରୋଜେନ୍ ଅଧିକ ପରିମାଣରେ ଥାଏ, ସେହି କ୍ଷେତରେ ଚରୁଥିବା ଗୋରୁମାନଙ୍କ ଠାରେ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।

### ପ୍ରତିକାର ଓ ଚିକିତ୍ସା

- ଯେଉଁ ଗୋରୁମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ, ସେମାନଙ୍କୁ ୫୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ଅକ୍ସାଇଡ୍ ପ୍ରତ୍ୟେକ ଦିନ ଦେବା ଭଲ ।
- କୌଣସି ଗୋରୁଟି ଏହି ରୋଗରେ ଆକ୍ରାନ୍ତ ହେବାର ଦେଖାଗଲେ, ଏବଂ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ପ୍ରାଣୀଚିକିତ୍ସକଙ୍କୁ ଡ଼କାଇ ଚିକିତ୍ସା କରନ୍ତୁ । ସଠିକ୍ ସମୟରେ ଚିକିତ୍ସା କରାଇଲେ ଗୋରୁଟି ଜଲ୍‌ଦି ସୁସ୍ଥ ହୋଇଯାଏ ।
- ବେଳେ ବେଳେ ଗୋରୁଟି ଚିକିତ୍ସା ପରେ ମଧ ଦିନେ ଦୁଇଦିନ ପରେ ପୁଣି ଥରେ ରୋଗର ଲକ୍ଷଣ ପ୍ରକାଶ କରିଥାଏ । ଏପରି ସ୍ଥଳେ ପୁଣି ଥରେ ଚିକିତ୍ସା ବ୍ୟବସ୍ଥା କରିବାକୁ ପଡେ ।

## ଗ. କିଟୋସିସ୍

- ପ୍ରସବ ପରେ ଦୁଗ୍ଧ ଦେଉଥିବା ଗୋରୁମାନଙ୍କ ଠାରେ ପ୍ରଥମ ଦୁଇମାସ ମଧ୍ୟରେ ଏହି ରୋଗ ଅଧିକ ମାତ୍ରାରେ ଦେଖାଦିଏ।
- ପ୍ରଥମ ଲକ୍ଷଣ ଭାବେ ଗାଈର ଖାଦ୍ୟ ଖାଇବା କମିଯାଏ। ଦୁଗ୍ଧ ଦେବା କମିଯାଏ, ଦୁର୍ବଳ ହୋଇଯାଏ ଏବଂ ଗାଈର ଗୋବରରେ ବହଳିଆ ଲାଳ ପଡିଥାଏ।
- ରୋଗ ବଢିଲେ, ପଶୁର ଓଜନ ଆହୁରି କମିଯାଏ, ପଶୁଟି ଅନାବନା ଜିନିଷ ଖାଇବାକୁ ଲାଗେ, କୁଜ ପିଠିଆ ହୋଇ ଚାଲେ। କେତେକ ପଶୁ ଅତ୍ୟନ୍ତ ଆକ୍ରାମକ ହୋଇପଡନ୍ତି।
- କେତେକ ପଶୁ ଖାଦ୍ୟ ପାତ୍ରକୁ ଚାଟିଥାନ୍ତି। ଅନ୍ୟ ପଶୁ କିମ୍ବା ନିଜ ଦେହକୁ ଚାଟିଥାନ୍ତି। ମୁଣ୍ଡ ଓ ନାକକୁ କାନ୍ଥରେ ଘଷନ୍ତି, ଦାନ୍ତ ଚୋବାନ୍ତି। ବାରମ୍ବାର ବୋବାଇ ଥାନ୍ତି।
- ପଶୁ ଟି ହଲି ହଲି ଚାଲେ, ବେଳେ ବେଳେ ଗୋଲ ଗୋଲ ବୁଲୁଥାଏ ଏବଂ ପଡିଯାଏ।
- ଯଦି ଚିକିତ୍ସା ନ କରାଯାଏ, ତେବେ ଦୁଗ୍ଧର ପରିମାଣ ବହୁତ କମିଯାଏ।
- ଯଦି କୌଣସି ପଶୁ କିଟୋସିସ୍ ରୋଗରେ ପିଡିତ ହୁଏ, ତେବେ ପ୍ରତ୍ୟେକ ଥର ପ୍ରସବ ପରେ ଏହି ରୋଗରେ ପଡିବାର ସମ୍ଭାବନା ବଢିଯାଏ।

### ପ୍ରତିକାର ଓ ଚିକିତ୍ସା

- ପ୍ରତିକାର ପାଇଁ ପ୍ରସବ ପୂର୍ବରୁ ଏବଂ ଦୁଗ୍ଧ ନ ଦେବା ସମୟରେ ସଠିକ୍ ପୋଷଣ ଯୁକ୍ତ ଖାଦ୍ୟ ଦେବା ଆବଶ୍ୟକ।
- ଶରୀର ନିର୍ଣ୍ଣାଙ୍କ ବାଛୁରୀ ଜନ୍ମ କରିବା ସମୟରେ ୩.୫ ହେବା ଦରକାର। (ଶରୀର ନିର୍ଣ୍ଣାଙ୍କ ସମ୍ବନ୍ଧିତ ଅଧ୍ୟାୟ ଦେଖନ୍ତୁ)
- ଖାଦ୍ୟରେ ହଠାତ୍ କୌଣସି ପ୍ରକାର ପରିବର୍ତ୍ତନ କରିବା ଠିକ୍ ନୁହେଁ।
- ଫୁଲ ନ ପଡିବା, ଗର୍ଭାଶୟ ସଂକ୍ରମଣ, ଥନହରା ଆଦି ରୋଗ ଗୁଡ଼ିକୁ ସଠିକ୍ ଭାବେ ଚିକିତ୍ସା କରିବାକୁ ପଡିବ।
- କିଟୋସିସ୍‌ର କୌଣସି ପ୍ରକାର ଲକ୍ଷଣ ଦେଖାଗଲେ, ତୁରନ୍ତ ପ୍ରାଣୀଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।



କିଟୋସିସ୍ ରୋଗରେ ଗାଈର ଓଜନ ହ୍ରାସ

## ଘ. ପ୍ରସବ ପରବର୍ତ୍ତୀ ସମୟରେ ମୂତ୍ରରେ ହିମୋଗ୍ଲୋବିନ୍

- ପ୍ରସବ ପରେ ପରେ ଗାଈଟି ଅଧିକ ଦୁଗ୍ଧ ଦେଉଥିଲେ, ଗୋଖାଦ୍ୟରେ ଫସ୍‌ଫରସ୍ ଏବଂ ତମ୍ବାର ଅଭାବ ଥିଲେ, ଅଥବା ଅଧିକ ମାତ୍ରାରେ ମିଠା କ , ଓଲକୋବି, ଶାଲଗମ୍ ଆଦି ଖାଇଲେ ଗାଈକୁ ଏହି ରୋଗ ହେବାର ସମ୍ଭାବନା ବଢିଯାଏ।
- ଲକ୍ଷଣ (ପରିସ୍ରା ନାଲି ହେବା) (ପରିସ୍ରାରେ ହିମୋଗ୍ଲୋବିନ୍ ପଡିବା), ଦୁଗ୍ଧର ପରିମାଣ ବହୁ ପରିମାଣରେ କମିଯିବା।
- ସାମାନ୍ୟ ଜ୍ୱର ପରିଲିକ୍ଷିତ ହେବା, ପତଳା ଝାଡ଼ା ହେବା, ଅତିମାତ୍ରାରେ ରକ୍ତହୀନତା ଓ ଦୁର୍ବଳତା, ଏବଂ ଖୁରାଗୁଡ଼ିକ ଅକାଳରେ ଝଡିଯିବା।
- ଏ ସବୁ କ୍ଷେତ୍ରରେ ବାବେସିଆ ଓ ଥାଇଲେରିଆ ରୋଗକୁ ଧ୍ୟାନକୁ ନେଇ ଲକ୍ଷଣ ଅନୁସାରେ ଏହାଠାରୁ ଅଲଗା ଭାବେ ବିବେଚନା କରାଯିବା ଉଚିତ୍।
- ବାବେସିଆ ଓ ଥାଇଲେରିଆ ରୋଗର ଲକ୍ଷଣ ଏହି ରୋଗର ଲକ୍ଷଣ ସହ ମିଶୁଥିବାରୁ ଆବଶ୍ୟକ ସ୍ଥଳେ ଏ ଦୁଇ ରୋଗ ପାଇଁ ଆବଶ୍ୟକୀୟ ପରୀକ୍ଷା କରାଯାଇପାରେ।
- ରୋଗର ଲକ୍ଷଣ ଦେଖାଗଲେ, ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।



ମୂତ୍ରରେ ହିମୋଗ୍ଲୋବିନ୍

## ଙ. ଗର୍ଭାଶୟ ବାହାରି ଆସିବା

- ଗାଈମାନଙ୍କ ଅପେକ୍ଷା ମଇଁଷି ମାନଙ୍କ ଠାରେ ଏହା ଅଧିକ ଦେଖାଯାଇଥାଏ ।
- ଏହା ବଂଶାନୁକ୍ରମିକ ମଧ ଦେଖାଯାଇପାରେ, ତଥା ପ୍ରସବ ପୂର୍ବରୁ କିମ୍ବା ପରେ ମଧ ଦେଖାଦେଇପାରେ ।
- ଗର୍ଭାଶୟ ବାହାରି ଆସିଲେ - ଏହାକୁ ଯତ୍ନର ସହ ଏକ ସଫା ବସ୍ତୁ ଯଥା ସଫାସୁତୁରା କପଡ଼ା, ବସ୍ତା ଆଦି ଉପରେ ରଖନ୍ତୁ ଏବଂ ଏହାକୁ ମାଟି, ମାଛି, ମଶା, ଡାଆଁସ ତଥା ପଶୁପକ୍ଷୀଙ୍କ ଠାରୁ ରକ୍ଷା କରନ୍ତୁ ।
- ବଳପ୍ରୟୋଗ ପୂର୍ବକ କିଛି ବି ଭିତରକୁ ଠେଲି ପୁରାଇବାକୁ ଚେଷ୍ଟା କରନ୍ତୁ ନାହିଁ କିମ୍ବା ଗର୍ଭାଶୟକୁ ଟାଣିବାକୁ ଚେଷ୍ଟା କରନ୍ତୁ ନାହିଁ । କାରଣ ଏହା ଦ୍ୱାରା ଅଧିକ ରକ୍ତସ୍ରାବ ହୋଇପାରେ ।
- ଯଦି ଅଧିକ ମାଟି / ମଇଳା ଲାଗିଯାଇଥାଏ, ତେବେ ସାଧାରଣ ଲୁଣ ପାଣିରେ ଧୋଇଦିଅନ୍ତୁ ଏବଂ ତୁରନ୍ତ ସ୍ଥାନୀୟ ପ୍ରାଣୀଚିକିତ୍ସକଙ୍କୁ ଡକାନ୍ତୁ ।



ପ୍ରସବ ପରେ ଗର୍ଭାଶୟ ବାହାରି ଆସିବା

- ସମ୍ଭାବିତ ପଶୁର ପଛ ଗୋଡ ଯେପରି ସାମାନ୍ୟ ଉଚ୍ଚା ଜାଗାରେ ରହିବ ତାର ବ୍ୟବସ୍ଥା କରିବା ଉଚିତ୍ ।
- ଏଣୁ ଗାଈଟିଏ କିଣିଲାବେଳେ ତା'ର ପରିସ୍ରା ଦ୍ୱାରରେ ଛୁଞ୍ଚି ଫୋଡା ଚିହ୍ନ ଦେଖି କିଣନ୍ତୁ । ଛୁଞ୍ଚି ଫୋଡ଼ା ଦାଗ ଥିଲେ, ଏହି ରୋଗ ଥିଲା ବୋଲି ଜାଣିବେ ।

## ଚ. ପ୍ରସବ ପରେ ଫୁଲ ନ ପଡ଼ିବା (ROP)

- ସାଧାରଣତଃ ଭ୍ରୁଣ ଆସ୍ତରଣ/ ଫୁଲ (Foetal Membrane) ଟି ପ୍ରସବର ୩ରୁ ୮ ଘଣ୍ଟା ମଧ୍ୟରେ ପଡିଯାଏ ।
- ଏହା ପ୍ରସବର ୧୨ ଘଣ୍ଟା ପରେ ମଧ ଯଦି ପଡି ନଥାଏ ତେବେ ଚାଷୀ ପାଇଁ ତଥା ଗାଈ ପାଇଁ ଅସୁବିଧା ସୃଷ୍ଟି କରେ ।
- ସାଧାରଣତଃ ଗର୍ଭପାତ, କଷ୍ଟସାଧ ପ୍ରସବ, ଦୁଗ୍ଧ ଜ୍ୱର, ଯାଆଁଳା ଛୁଆ ଜନ୍ମ, ପ୍ରସବ, ଗର୍ଭାଶୟ ସଂକ୍ରମଣ ତଥା ସଠିକ୍ ପୋଷକ ତତ୍ତ୍ୱର ଅଭାବ ଯୋଗୁଁ ଏହି ଅସୁବିଧା ହୋଇଥାଏ ।
- କେବେ ବି ଝୁଲିଥିବା ଭ୍ରୁଣ ଆସ୍ତରଣଟିକୁ ନିଜେ ନିଜେ ଟାଣନ୍ତୁ ନାହିଁ । କାରଣ ଏପରି କଲେ ଗର୍ଭାଶୟ ସଂକ୍ରମଣ, ଗର୍ଭାଶୟରେ ପୂଜ ଆଦି ରୋଗ ହେବା ସହିତ ପଶୁଟିର ମୃତ୍ୟୁ ହେବା ସମ୍ଭାବନା ବଢିଯାଏ । ଏଣୁ ସର୍ବଦା ଅଭିଜ୍ଞ ପ୍ରାଣୀଚିକିତ୍ସକଙ୍କ ସାହାଯ୍ୟ ନିଅନ୍ତୁ ।



ପ୍ରସବ ପରେ ଫୁଲ ନ ପଡ଼ିବା

- ଭ୍ରୁଣ ଆସ୍ତରଣଟି ବାହାରି ଆସିବା ପରେ ଏହାକୁ ଭଲ ଭାବରେ ମାଟିରେ ଗାତ ଖୋଳି ପୋତି ଦିଅନ୍ତୁ । ଭ୍ରୁଣ ଆସ୍ତରଣଟିକୁ ଖାଲି ହାତରେ ଧରିବାର ମୂର୍ଖତା କରନ୍ତୁ ନାହିଁ । ଏହା କୌଣସି ସଂକ୍ରାମକ ରୋଗର ବାହକ ହୋଇପାରେ ।

## ଛ. ପହ୍ନାରେ ପାଣି ଜମିବା

- ବେଳେ ବେଳେ ପ୍ରସବ ପାଖାପାଖି ସମୟରେ ପହ୍ନା ବା ତଳିପେଟରେ ଅଧିକ ମାତ୍ରାରେ ପାଣି ଜମି ଯିବାର ଦେଖାଯାଏ ।
- ଏହି ସମୟରେ ପହ୍ନାକୁ ଅଧିକ ରକ୍ତ ପ୍ରବାହିତ ହୋଇଥାଏ । କିନ୍ତୁ ସେହି ଅନୁପାତରେ ଦୁଗ୍ଧ ଦୁହାଁ ହୋଇ ନଥାଏ । ଫଳରେ ପହ୍ନାରେ କୋଷିକାରେ ଅଧିକ ମାତ୍ରାରେ ପାଣି ଜମା ହୋଇଯାଏ ।
- ଛଡ଼ା ମାନଙ୍କ କ୍ଷେତ୍ରରେ ତଥା ଅଧିକ କ୍ଷୀର ଦେଉଥିବା ଗାଈମାନଙ୍କ ଠାରେ ଏହି ଅସୁବିଧାଟି ଅଧିକ ମାତ୍ରାରେ ଦେଖାଯାଇଥାଏ ।
- ଏହି ଅବସ୍ଥାରେ ପହ୍ନାଟି ଗରମ ଲାଗି ନଥାଏ, କିମ୍ବା ଛୁଇଁଲେ ଦରଜ ଲାଗି ନଥାଏ । ଏଣୁ ପହ୍ନାଫୁଲା ରୋଗ ବୋଲି ଭାବିବା ଉଚିତ୍ ନୁହେଁ ।
- ଏହା ବଂଶାନୁକ୍ରମିକ ହୋଇପାରେ, କିମ୍ବା ପୋଷଣ ଜନିତ, ଅବା ମେଦବହୁଳତା କିମ୍ବା ଗାଈମାନେ ସଠିକ୍ ମାତ୍ରାରେ ଚଲାବୁଲା କରୁ ନଥିଲେ ହୋଇଥାଏ ।



ଗାଈର ପହ୍ନାରେ ପାଣି ଜମା ହୋଇଯିବା

  - ଏହାର ସଠିକ୍ ଉପଚାର ନ କଲେ ଏହା ସମ୍ପୂର୍ଣ୍ଣ ଦୁଗ୍ଧ ଦେବା ସମୟ ପାଇଁ ରହିପାରେ ।
  - ଯଦି ପାଣି ଜମିବା କ୍ଷୀର ଦୁହିଁବାରେ ସମସ୍ୟା ସୃଷ୍ଟି କରେ ତେବେ ସଠିକ୍ ଉପଚାର ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

## ଜ. ମୋଟା ଯକୃତ୍ ରୋଗ (ଲିପିଡ଼ୋସିସ୍)


- ଯଦି ଗାଈକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ଖାଇବାକୁ ଦିଆ ନ ଯାଏ, ତେବେ ଏହି ରୋଗ ହେବାର ସମ୍ଭାବନା ବଢ଼ିଯାଏ।
- ଏହା ମୁଖ୍ୟତଃ ପ୍ରସବ ପାଖାପାଖି ସମୟରେ ହୋଇଥାଏ । ସେତେବେଳେ ଅଧିକ ଶକ୍ତିର ଆବଶ୍ୟକତା ପଡିଥାଏ । ଅତଏବ ଏହି ସମୟରେ ଗାଈକୁ ଖାଇବାକୁ ନ ଦେଇ ଉପବାସ ରଖିଲେ ଶରୀରର ଚର୍ବି ତରଳିବା ଆରମ୍ଭ କରେ ଓ ଏହା ଦୈନିକ ପ୍ରକ୍ରିୟା ମାଧ୍ୟମରେ ଶକ୍ତି ଉତ୍ପନ୍ନ କରେ।
- ତେବେ ଅଧିକ ଚର୍ବି ଗଳିତ ହେଲେ ଏହା ପୁନର୍ବାର ଯକୃତରେ ଜମା ହୋଇଯାଏ ଓ ଏହି ଅସୁବିଧା ଅବସ୍ଥା ଉତ୍ପନ୍ନ ହୁଏ।
- ଥରେ ଯକୃତରେ ଚର୍ବି ଜମା ହେଲେ, ଯେପର୍ଯ୍ୟନ୍ତ ଗାଈକୁ ପର୍ଯ୍ୟାପ୍ତ ପରିମାଣରେ ଦାନା ଖାଇବାକୁ ନ ଦିଆଯାଏ, ସେପର୍ଯ୍ୟନ୍ତ ଏହି ଅବସ୍ଥାରେ କୌଣସି ସୁଧାର ଆସେ ନାହିଁ । ବେଳେ ବେଳେ ପ୍ରସବ ପରେ ପରେ ପାଖାପାଖି ୨ ମାସ ସମୟ ଲାଗିଯାଏ।
- ମୋଟା ଚର୍ବିଳ ଗାଈଗୁଡ଼ିକ (ଶରୀର ନିର୍ଣ୍ଣାଙ୍କ ୩.୫ରୁ ଅଧିକ) ଠାରେ ଏହି ରୋଗର ପ୍ରାଦୁର୍ଭାବ ଅଧିକ ଦେଖିବାକୁ ମିଳେ । (ଶରୀର ନିର୍ଣ୍ଣାଙ୍କ ସମ୍ବନ୍ଧିତ ଅଧ୍ୟାୟ ଦେଖନ୍ତୁ)
- ସାଧାରଣତଃ ଏହି ରୋଗରେ ପିଡୀତ ଗୋରୁଗୁଡ଼ିକ ଠାରେ ଅନ୍ୟ ବିପାକ କ୍ରିୟା ଜନିତ ରୋଗ ତଥା ଅନ୍ୟାନ୍ୟ ସଂକ୍ରାମକ ରୋଗଗୁଡ଼ିକ ସହଜରେ ଦେଖାଦେଇଥାଏ।

### ଲକ୍ଷଣ

- ଦୈନିକ ଦୁଗ୍ଧ ଦେବାର ପରିମାଣ କମିଯାଏ।
- ଖାଇବା କମିଯାଏ।
- ଦୁଗ୍ଧଜ୍ୱର/କିଟୋସିସ୍/ଥନହରା/ ପ୍ରସବ ପରେ ଫୁଲ ନ ପଡିବା ଆଦି ଅସୁବିଧା ମଧ ଦେଖାଦିଏ।
- ପ୍ରଜନନ ହାର କମିଯାଏ।
- ରକ୍ତ ପରୀକ୍ଷା ମାଧ୍ୟମରେ ଏହି ରୋଗକୁ ଚିହ୍ନଟ କରାଯାଇପାରେ।
- ଗୋଠରେ ମୃତ୍ୟୁହାର ମଧ ବଢ଼ିଯାଏ।

### ପ୍ରତିକାର

- ଏହି ରୋଗ ପାଇଁ କୌଣସି ସିଦ୍ଧ ଚିକିତ୍ସା ନାହିଁ।
- ଗାଈଗୁଡ଼ିକ ସଠିକ୍ ଶରୀର ନିର୍ଣ୍ଣାଙ୍କଥିବା ଅବସ୍ଥାରେ ପ୍ରସବ କଲେ, ଏହି ରୋଗର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ।
- ଗୋଟେ ସୁସ୍ଥ ଗାଈର ଶରୀର ଗଠନର ସ୍କୋର୍ ୩-୩.୫ ମଧରେ ହେବା ଦରକାର ଏହି ଶରୀର ନିର୍ଣ୍ଣାଙ୍କଥିବା ଅବସ୍ଥାରେ ଗାଈକୁ ପଡିଆ କରିବା ( କ୍ଷୀର ବ   କରିବା) ଦରକାର ଏବଂ କ୍ଷୀର ଦେଉନଥିବା ଅବସ୍ଥାରେ ଶରୀର ଓଜନ ଠିକ୍ ରଖିବା ଉଚିତ୍। ଗାଈକୁ ଅଧିକ ମୋଟା ନ ହେବାକୁ ଦେଇ ସଠିକ୍ ଖାଇବାକୁ ଦେଇ ଶରୀରକୁ ସୁସ୍ଥ ରଖିବା ଉଚିତ୍।
- ଏହି ସମୟରେ ବାରମ୍ବାର ପଶୁର ଖାଦ୍ୟକୁ ବଦଳାଇବା ଉଚିତ୍ ନୁହେଁ।
- ଅତ୍ୟଧିକ ମୋଟା ପଶୁକୁ ଶର୍କରା ସଂପୂରକ ପ୍ରତିକାରକ ହିସାବରେ ଦେବା ଉଚିତ୍।
- କୌଣସି ପ୍ରକାରରେ ମଧ ମୋଟା ଗାଈଗୁଡ଼ିକୁ ଅଧିକ ମାନସିକ, ଶାରୀରିକ ଚାପରେ ରଖିବା ଉଚିତ୍ ନୁହେଁ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ନିତାନ୍ତ ଜରୁରୀ।



ମୋଟା ଚର୍ବିଳ ଗାଈଗୁଡିକ ଅଧିକ ଯକୃତ୍ ରୋଗ (ଲିପିଡ଼ୋସିସ୍)ରେ ପିଡୀତ ହୁଅନ୍ତି ।

# ଅନୁଚ୍ଛେଦ - ୯

## ଭୁଲ ଭାବରେ ପୋଷଣ ଯୋଗୁଁ ହେଉଥିବା ରୋଗ ସମୂହ

ଗାଈର ପାଚନ କ୍ରିୟା ଅତ୍ୟନ୍ତ ଜଟିଳ କାରଣ ଏହାର ପାକସ୍ଥଳୀ ୪ କୋଠରୀ ବିଶିଷ୍ଟ ଅଟେ । ଗାଈର ପାଚନ କ୍ରିୟା ମୁଖ୍ୟତଃ ଅଣୁଜୀବ ମାନଙ୍କ ଦ୍ୱାରା ହୋଇଥାଏ । ଯେଉଁମାନେ କି ଖାଦ୍ୟର ବିଘଟନ ଘଟାଇଥାନ୍ତି ଓ ପ୍ରାଣୀ ଶରୀରକୁ ଆବଶ୍ୟକୀୟ ପୋଷକତତ୍ତ୍ୱ ଯୋଗାଇଥାନ୍ତି, କୌଣସି ପ୍ରକାର ଅବ୍ୟବସ୍ଥିତ ଖାଦ୍ୟ ପ୍ରଣାଳୀ, ଅତର୍କିତ ଭାବେ ଖାଦ୍ୟ ପ୍ରଣାଳୀରେ ପରିବର୍ତ୍ତନ କଲେ, ଏହାର କୁପ୍ରଭାବ ପଡିଥାଏ । ପାକସ୍ଥଳୀର ଅଣୁଜୀବ ମାନଙ୍କ ସଂଖ୍ୟାରେ ଅସନ୍ତୁଳନ ଦେଖାଯାଏ । ଫଳରେ କେତେକ ଅଦରକାରୀ ଅଣୁଜୀବମାନେ ବହୁ ମାତ୍ରାରେ ବଂଶ ବିସ୍ତାର କରନ୍ତି, ଫଳତଃ ଖୁରା ଫୁଲା ପରି ବିଭିନ୍ନ ରୋଗ ଦେଖାଯାଏ ଏବଂ ବେଳେ ବେଳେ ଉତ୍କଟ ଅମ୍ଳବୃଦ୍ଧି ହୋଇ ଗାଈ ମୃତ୍ୟୁବରଣ ମଧ କରିଥାଏ । ବେଳେ ବେଳେ ସାଧାରଣ ଭାବେ ପାକସ୍ଥଳୀରେ ଉତ୍ପନ୍ନ ହେଉଥିବା ଗ୍ୟାସ୍ ଶରୀରରୁ ଠିକ୍ ଭାବେ ବାହାରି ନ ପାରିଲେ ମଧ ପେଟରେ ଜମା ହୋଇ ପେଟଫୁଲା ରୋଗ ଦେଖାଯାଇଥାଏ । ଏଣୁ ଗାଈ ଶରୀରର ପାଚନ କ୍ରିୟା ସମ୍ବନ୍ଧୀୟ ସାଧାରଣ କଥାଗୁଡ଼ିକୁ ଭଲଭାବେ ବିଚାର କରିବା ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ମଧ ଏବଂ ଏଭଳି ପରିସ୍ଥିତି ଉପୁଜିଲେ ପ୍ରାଣୀ ଚିକିତ୍ସକଙ୍କ ସାହାଯ୍ୟ ନେବା ଜରୁରୀ । ଏହି ବିଭାଗରେ ଆମେ ନିମ୍ନଲିଖିତ ରୋଗ ଗୁଡ଼ିକ ବିଷୟରେ ଜାଣିବା ।

କ. ପେଟଫୁଲା

ଖ. ପାକସ୍ଥଳୀ ଅମ୍ଳପିତ (ଉତ୍କଟ)

ଗ. ଅଳ୍ପ ଉତ୍କଟ ପାକସ୍ଥଳୀ ଅମ୍ଳପିତ

ଘ. ଖୁରା ଫୁଲା

## କ. ପେଟ ଫୁଲା

- ମୁଖ୍ୟତଃ ବଦହଜମି ଯୋଗୁଁ ବହୁତ ପରିମାଣର ଗ୍ୟାସ୍ ଉତ୍ପନ୍ନ ହୁଏ, ଏବଂ ଏହି ଗ୍ୟାସ୍ ଶରୀରରୁ ବାହାରି ନ ପାରି ପାକସ୍ଥଳୀରେ ରହିଯାଏ ଓ ପେଟଫୁଲା ହୋଇଥାଏ।
- ଗାଈ ଅଧିକ ପରିମାଣ ଲୁସର୍ଣ୍ଣ, ଆଲ୍‌ଫାଲ୍‌ଫା ଆଦି ଚାରାଜାତୀୟ ସବୁଜ ଘାସ ଖାଇଲେ, ମୁଖ୍ୟତଃ ଏହା ଅଧିକ ଆର୍ଦ୍ରତା ଯୁକ୍ତ ହୋଇଥିଲେ ପେଟରେ ଅଧିକ ପରିମାଣର ଗ୍ୟାସ୍ ଉତ୍ପନ୍ନ ହୁଏ ଓ ପେଟଫୁଲା ହୋଇଥାଏ।
- କୌଣସି କାରଣରୁ ଖାଦ୍ୟନଳୀ ଅବରୋଧ ହୋଇଗଲେ, ପାକସ୍ଥଳୀରୁ ଗ୍ୟାସ୍ ବାହାରି ପାରେ ନାହିଁ ଓ ପେଟ ଫୁଲାଇଥାଏ।
- ବେଳେ ବେଳେ ବଳକା ପଚାସଢ଼ା ଖାଦ୍ୟ ଯଥା ଶୁଖିଲା ରୁଟି ଇତ୍ୟାଦି ଖାଇଲେ ମଧ ପେଟଫୁଲା ହୋଇଥାଏ।

### ଲକ୍ଷଣ


- ବାମ ପାଖ ପେଟ ବେଲୁନ୍ ପରି ଫୁଲିଯାଏ।
- ପଶୁଟି ପେଟକୁ ଲାତ ମାରିଥାଏ, ପଛ ଦୁଇଗୋଡ ମେଲା କରି ଛିଡା ହୁଏ।
- ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରେ।
- ପରିସ୍ଥିତି ଉତ୍କଟ ହେଲେ, ଗୋରୁଟି ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥାଏ।



ପେଟ ଫୁଲା କମ୍ ରୁ ନେଇ ଅତ୍ୟଧିକ ଯାଏ

### ପ୍ରତିକାର ଓ ଚିକିତ୍ସା

- ପଶୁକୁ ସକାଳବେଳେ ଆର୍ଦ୍ରତା ଥିବା ଚାରଣଭୂମିକୁ ଚରିବା ପାଇଁ ଛାଡନ୍ତୁ ନାହିଁ।
- ଭୋକିଲା ଗାଈକୁ ଚରିବାକୁ ଛାଡନ୍ତୁ ନାହିଁ। ଶୁଖିଲା କଟା ଯାଇଥିବା ଘାସ ଗାଈକୁ ଖୁଆଇବାପରେ ଚରିବାକୁ ଛାଡନ୍ତୁ।
- ଘର ତିଆରି ଟୁଟୁକା ଦେଲେ ରୋଗ ଉପଚାରରେ ସାହାଯ୍ୟ ହୋଇଥାଏ।
- ଅତି ଉତ୍କଟ ପରିସ୍ଥିତିରେ ବାମ ପାଖ ପେଟକୁ କଣା କରି ଗ୍ୟାସ୍ କାଢିବାକୁ ପଡେ, ନଚେତ୍ ଡେରି କଲେ ଗାଈ ମୃତ୍ୟୁ ମୁଖରେ ପଡିବାର ସମ୍ଭାବନା ଥାଏ।



ବାମ ପାଖ ପେଟକୁ କଣା କରିବା ଜାଗା

### ବୟସ୍କ ଗାଈ ପାଇଁ ଘର ତିଆରି ଟୁଟୁକା

(୧) ୩୦୦-୫୦୦ ମିଲି ନଡିଆ ତେଲ/ ବନସ୍ପତି ତେଲ ଦିନକୁ ଥରେ ପିଆଇ ଦିଅନ୍ତୁ, ୨ ରୁ ୩ ଦିନ ବା ଭଲହେବା ପର୍ଯ୍ୟନ୍ତ କିମ୍ବା

(୨) ଉପରୋକ୍ତ (୧) ସହିତ ୩୦-୪୦ ମିଲି. ଟର୍‌ପେନ୍‌ଟାଇନ୍ ତେଲ ପିଆନ୍ତୁ କିମ୍ବା

(୩) ୧ ଚାମଚ ଡିଟରଜେଣ୍ଟ ପାଉଡର, ୧/୨ ଲିଟର ପାଣିରେ ଗୋଳାଇ ଥରେ ପିଆଇ ଦିଅନ୍ତୁ କିମ୍ବା

(୪) ୪-୬ ଟି କଦଳୀ ପତ୍ର ଖୁଆନ୍ତୁ (ମଧ୍ୟମଧରଣର ପେଟଫୁଲା ପାଇଁ)

## ଖ. ପାକସ୍ଥଳୀରେ ଅମ୍ଳପୀତ



ପାକସ୍ଥଳୀରେ ଅମ୍ଳପୀତ ରୋଗରେ ହେଉଥିବା ଝାଡା

- ଅମ୍ଳପୀତ ଦୁଇ ପ୍ରକାରର - ଲକ୍ଷଣ ଯୁକ୍ତ କିମ୍ବା ଲକ୍ଷଣ ବିହୀନ
- ଜଲଦି ହଜମ ହେବା ଭଳିଆ ଖାଦ୍ୟ ଅଧିକ ପରିମାଣର ଖୁଆଇଲେ (ଖାସ୍ କରି ଶ୍ୱେତସାର ଯୁକ୍ତ ଖାଦ୍ୟ) ଲକ୍ଷଣଯୁକ୍ତ ଅମ୍ଳପୀତ ରୋଗ ହୋଇଥାଏ ।
- ମାରାତ୍ମକ ଅବସ୍ଥାରେ ପଶୁଟି ୨୪-୪୮ ଘଣ୍ଟା ମଧ୍ୟରେ ଗୋଟିଏ କଡକୁ ଲେଉଟି ଶୋଇରହେ, ଯାହାକି ଦୁଗ୍ଧ ଜ୍ୱର ରୋଗର ଲକ୍ଷଣ ପରି ଲାଗେ । ପଶୁଟି ଝାଡା ଫେରିପାରେ ନାହିଁ କି ପରିସ୍ରା କରିପାରେ ନାହିଁ ।
- ସାଧାରଣତଃ ବହୁ ପରିମାଣରେ ଦାନା ଖୁଆଇଲେ ଏବଂ ତା ସହ ସଠିକ ପରିମାଣର ନଡା ଜାତୀୟ ଖାଦ୍ୟ ନ ଖୁଆଇଲେ, ଲକ୍ଷଣ ବିହୀନ ଅମ୍ଳପୀତ ରୋଗ ହୁଏ ।
- ଲକ୍ଷଣ ବିହୀନ ଅମ୍ଳପୀତ - ଖାଇବା କମିଯାଏ, ଶରୀର ଦୁର୍ବଳ ଓ ଓଜନହ୍ରାସ, କୌଣସି କାରଣ ନ ଥାଇ ପତଳା ଝାଡା ହେବା ଓ ଶରୀର ହାନି ।
- ଶେଷରେ ଖୁରା ଫୁଲା (ପାଦ ଫୁଲା) ଏବଂ ପଶୁଟି ଛୋଟେଇବା ଦେଖାଯାଏ ।
- ଲକ୍ଷଣଯୁକ୍ତ ମାରାତ୍ମକ ଅବସ୍ଥା - ପଶୁଟିର ବଞ୍ଚିବାର ସମ୍ଭାବନା କମିଯାଏ । କେତେକ ପଶୁଟି ଯଦିଓ ଚିକିତ୍ସା ପରେ ଠିକ୍ ହୋଇଥିବାର ପରିଲକ୍ଷିତ ହେଲେ ମଧ, ୩-୪ ଦିନ ପରେ ସାଂଘାତିକ ଅବସ୍ଥା ଦେଖାଦେଇଥାଏ ।

### ପ୍ରତିକାର ଓ ଚିକିତ୍ସା

- ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଗାଈକୁ ସଠିକ୍ ଖାଦ୍ୟ, ସଠିକ୍ ପରିମାଣର ଦେବା ଉଚିତ୍ ।
- ପଶୁକୁ ସକାଳ ସମୟରେ ପ୍ରଥମେ ନଡା/ପାଳ ଆଦି ଖାଇବାକୁ ଦେବା ଉଚିତ୍ ଓ ତା' ପରେ ଦାନା ଖାଇବାକୁ ଦେବା ଉଚିତ୍, କାରଣ ନଡ଼ା ଖାଇବା ପରେ ବହୁ ପରିମାରଣ ଲାଳ ବାହାରିଥାଏ, ଯାହାକି ଗୋଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ ।
- ପଶୁକୁ କେବେ ବି ଏକାଥରେ ଅଧିକ ପରିମାଣର ସହଜରେ ହଜମ ହେଇପାରୁଥିବା ଶ୍ୱେତସାର ଜାତୀୟ ଖାଦ୍ୟ ଖୁଆଇବା ଉଚିତ୍ ନୁହେଁ ।
- ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ପ୍ରାଣୀ ଚିକିତ୍ସକକୁ ପରାମର୍ଶ କରନ୍ତୁ ।

## ଗ. ଅନ୍ତ୍ର ଉତ୍କଟ ପାଚନ ଜନିତ ଅମ୍ଳପୀତ

- ପଶୁଟିକୁ ହଠାତ୍ ତନ୍ତୁଯୁକ୍ତ ଖାଦ୍ୟ ବଦଳରେ ଅଧିକ ଦାନା ଖାଇବାକୁ ଦେଲେ ଏହି ଅସୁବିଧା ହୋଇଥାଏ ।
- ମୁଖ୍ୟତଃ ଅଳ୍ପ ତନ୍ତୁଯୁକ୍ତ ମିଶ୍ରିତ ଖାଦ୍ୟ, କ୍ଷୁଦ୍ର ଖାଦ୍ୟ କଣିକା ଖୁଆଇବା ଦ୍ୱାରା ଏହି ଅସୁବିଧା ହୋଇଥାଏ ।


### ଲକ୍ଷଣ

- ଖାଦ୍ୟ ଖାଇବା କମିଯାଏ, ପାକୁଳି କରବା କମିଯାଏ, ଅଳ୍ପ ପତଳା ଝାଡ଼ା ହୋଇଥାଏ, ଝାଡ଼ା ପତଳା ଓ ଫେଣଯୁକ୍ତ ହୋଇଥାଏ, ଝାଡ଼ାରେ ଖଦଡା ଖଦଡା ହଜମ ନ ହୋଇଥିବା ଖାଦ୍ୟ କଣିକା ୬ ମିଲିମିଟରରୁ ଅଧିକା ପଡିଥାଏ, ଦୁଗ୍ଧ ପତଳା ହୁଏ ଓ ଏଥିରେ ଲହୁଣୀର ପରିମାଣ କମିଯାଏ ।
- ତା' ସହିତ ଖୁରା ଫୁଲା, ଶରୀର କ୍ଷୀଣତା (ଓଜନ ହ୍ରାସ), ଅଧିକ ଖାଇଲେ ମଧ ଦେହ ଲାଗି ନଥାଏ ।
- ପ୍ରତିକାର- ପଶୁର ଖାଦ୍ୟ ବ୍ୟବସ୍ଥାକୁ ସୁଧାରିବା ନିହାତି ଆବଶ୍ୟକ । ପ୍ରତିଦିନ ଖାଦ୍ୟରେ ସନ୍ତୁଳିତ ଆହାର ଓ ନଡ଼ାଯୁକ୍ତ/ତନ୍ତୁଯୁକ୍ତ ଖାଦ୍ୟର ମିଶ୍ରଣ ସଠିକ୍ ଅନୁପାତରେ ହେବା ବିଧେୟ ।

## ଘ. ଖୁରା ଫୁଲା

- ସାଧାରଣତଃ ଏହା ଏକ ଗୋଠ ସମସ୍ୟା ଭାବେ ଦେଖାଯାଇଥାଏ । ଗୋଠରେ ଥିବା ଅଧିକ କ୍ଷୀର ଦେଉଥିବା ପ୍ରାୟ ସମସ୍ତ ଗାଈ ଏକା ସଙ୍ଗେ ବା ପାଖାପାଖି ସମୟ ଅନ୍ତରାଳରେ ଏହି ରୋଗରେ ଆକ୍ରନ୍ତ ହୋଇଥାନ୍ତି ।
- ଅଧିକ ପୃଷ୍ଟିସାର ଯୁକ୍ତ ଖାଦ୍ୟ ତଥା କମ୍ ତନ୍ତୁଯୁକ୍ତ ଖାଦ୍ୟ, ଥନହରା, ଗର୍ଭାଶୟ ସଂକ୍ରମଣ, ଅମ୍ଳପୀତ ରୋଗ ଆଦି ରୋଗ ହେଲେ ଖୁରାଫୁଲା ରୋଗ ଦେଖାଯିବାର ସମ୍ଭାବନା ବଢିଯାଇଥାଏ ।
- ଖୁରାଫୁଲା ରୋଗ ଲକ୍ଷଣଯୁକ୍ତ ବା ଲକ୍ଷଣ ବିହୀନ ବା ଉତ୍କଟ କିମ୍ବା ବହୁକାଳ ସ୍ଥାୟୀ ହୋଇପାରେ ।
- ଗୁହାଳ ଘରର ଚଟାଣ ଅଧିକ ଆବଡାଖାବଡା ଥିଲେ, ଶୋଇବା ପାଇଁ କମ୍ ଜାଗା ଥିଲେ ଏହି ରୋଗ ହେବାର ସମ୍ଭାବନା ବଢିଯାଏ ।


ଲକ୍ଷଣ ବିହୀନ ଖୁରା ଫୁଲାରେ ଖୁରା ଖୋଳପାରେ ଘା


ଉତ୍କଟ ଖୁରା ଫୁଲାରେ ଗୋଡ ଛିବା



ବହୁକାଳ ବା ସ୍ଥାୟୀ ଖୁରା ଫୁଲାରେ ଖୁରା ଘା


ବହୁକାଳ ବା ସ୍ଥାୟୀ ଖୁରା ଫୁଲାରେ ଖୁରାର ଖୋଳପା ଝଡିପଡିବା


### ପ୍ରତିକାର

- ଖୁରାଫୁଲା ହେଲେ - ଗୁହାଳ ଚଟାଣକୁ ସମତଳ କରନ୍ତୁ ଏବଂ ରୋଗଗ୍ରସ୍ତ ପଶୁପାଇଁ ଆରମଦାୟକ ଚଟାଣଯୁକ୍ତ ଗୁହାଳ ଘରର ବ୍ୟବସ୍ଥା କରନ୍ତୁ ।
- ପଶୁପାଇଁ ସନ୍ତୁଳିତ ଆହାର ଏବଂ ସଠିକ ପରିମାଣର ତନ୍ତୁଯୁକ୍ତ ଖାଦ୍ୟର ବ୍ୟବସ୍ଥା କରନ୍ତୁ ।
- ଗୋଠର ସମସ୍ତ ଗୋରୁଙ୍କର ଖୁରାକୁ ୫% କପର ସଲଫେଟ ପାଣିରେ ୨-୪ ଦିନ ଧୁଅନ୍ତୁ ଏବଂ ଏହା ପ୍ରତି ୧୫ ଦିନରେ ଥରେ ଲେଖାଏଁ କରନ୍ତୁ ।
- ପ୍ରତି ୬ ମାସରେ ଥରେ ଗୋରୁଙ୍କ ଖୁରା ଯଦି ବଢିଥାଏ, ତେବେ କାଟି ଦିଅନ୍ତୁ ।
- ଗୁହାଳରେ ପଶୁମାନଙ୍କ ପାଇଁ ଶୋଇବା ପାଇଁ ସଠିକ୍ ଆୟତନର ଜାଗାର ବ୍ୟବସ୍ଥା କରନ୍ତୁ, ଫଳତଃ ଅଧିକା ସମୟ ଠିଆ ହୋଇ ହାଲିଆ ହୋଇଗଲେ, ପଶୁମାନେ ଶୋଇ ପାରିବେ ଏବଂ ଆରାମ କରିପାରିବେ ।
- ଖୁରାରେ କୌଣସି ପ୍ରକାର ଖଣ୍ଡିଆ, ଘା ତଥା ଫୁଲାଫୁଲି ଅଛି କି ନାହିଁ, ତାହା ସମୟାନ୍ତରେ ପରଖି ନିଅନ୍ତୁ ।


ଅତ୍ୟଧିକ ଛୋଟେଇବା ଫଳରେ ବଙ୍କା ହୋଇ ଚାଲିବା


କଟା ନ ହୋଇଥିବା ଖୁରା


କଟା ନ ହୋଇଥିବା ଓ କଟା ହୋଇଥିବା ଖୁରା


କଟା ହୋଇଥିବା ଖୁରା

ଖୁରା ଘା ସାଧାରଣତଃ ଅଧିକ ଉତ୍ପାଦନତା ଥିବା ପଶୁଠାରେ ଦେଖାଯାଇଥାଏ

# ଅନୁଚ୍ଛେଦ - ୧୦

## ଥନହରା/ପହ୍ନାଫୁଲା ଏବଂ ଚିରରେ ହେଉଥିବା ରୋଗ

ଗୋପାଳକ ମାନଙ୍କ ପାଇଁ ଥନହରା ରୋଗ ଏକ ମହାବିପତ୍ତି, ଥନହରା ରୋଗ ହେଲେ ଦୁଗ୍ଧ ପରିମାଣ କମିଯାଏ, ବେଳେବେଳେ ପହ୍ନାରୁ ଦୁଗ୍ଧ ବାହାରିବା ବ ହୋଇଯାଏ, ସବୁଦିନ ପାଇଁ ପହ୍ନା ଅକାମୀ ହୋଇଯାଏ ଓ ବେଳେବେଳେ ପଶୁ ମୃତ୍ୟୁମୁଖରେ ମଧ ପଡିଥାଏ ।

ବିଦେଶୀ ଗାଈ ଯଥା ହଲଷ୍ଟିନ୍, ଜର୍ସି ଆଦି ଗାଈ ମାନଙ୍କ ଠାରେ ଏହି ଥନହରା ରୋଗ ଅଧିକ ଦେଖା ଦେଇଥାଏ କିନ୍ତୁ ସଙ୍କର ଜାତୀୟ ଗାଈ ମାନଙ୍କ ଠାରେ ଏହା କିଛି ମାତ୍ରରେ କମ୍ ଦେଖାଦେଇଥାଏ । ଦେଶୀ ଗାଈ ଗୁଡିକ ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା କମ୍ କାରଣ କମ୍ କ୍ଷୀର ଦେଇଥାନ୍ତି ଏବଂ ଏମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ ଅପେକ୍ଷାକୃତ ଅଧିକ । ମଇଁଷମାନେ ଗାଈ ମାନଙ୍କ ତୁଳନାରେ ବହୁତ କମ୍ ସଂଖ୍ୟାରେ ଥନହରା ଆକ୍ରାନ୍ତ ହେବାର ଦେଖାଯାଏ ।

ଆଜିକାଲି ଗୋପାଳକ ଭାଇମାନେ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ସଙ୍କର ଜାତୀୟ ଗାଈ ରଖିବାକୁ ପସ କରୁଛନ୍ତି ଓ ଏଥି ସହିତ ଥନହରା ରୋଗ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ମଧ ହେଉଛନ୍ତି । ଏଣୁ ଏକ ସଫଳ ତଥା ଆର୍ଥିକ ଦୃଷ୍ଟିକୋଣରୁ ଭଲ ଗୋପାଳନ ବ୍ୟବସାୟ କରିବାକୁ ହେଲେ ଏହି ରୋଗର ପ୍ରାଦୁର୍ଭାବକୁ କମାଇବାକୁ ପଡିବ ।

ଚିରରେ ରୋଗ ହେଲେ ଏହା ସିଧାସଳଖ ଦୁଗ୍ଧ ଉତ୍ପାଦନ ଉପରେ ପ୍ରଭାବ ନ ପକାଇଥିଲେ ମଧ କ୍ଷୀର ଦୁହିଁବାରେ ଅସୁବିଧା ସୃଷ୍ଟି କରଥାଏ କାରଣ ଗାଈ କ୍ଷୀର ଦେଲାବେଳେ କଷ୍ଟ ଅନୁଭବ କରେ ଏବଂ ଠିକ୍ ଭାବେ କ୍ଷୀର ଦୁହିଁବାକୁ ଦେଇ ନଥାଏ । ଏହା ମଧ ଥନହରା ରୋଗ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ତିଆରି କରିଦିଏ । ଏଣୁ ଥନହରା ରୋଗ ତଥା ଚିର ସମ୍ବନ୍ଧୀୟ ରୋଗ ହେଲେ ଗୋପାଳକ ଭାଇ ଓ ଭଉଣୀ ମାନେ ଯଥେଷ୍ଟ ସତର୍କତା ଅବଲମ୍ବନ ପୂର୍ବକ ଆଶୁ ଚିକିତ୍ସା କରାଇବା ବିଧେୟ ।

ଏହି ପର୍ଯ୍ୟାୟରେ ଆମେ ନିମ୍ନଲିଖିତ ରୋଗ ଗୁଡିକ ବିଷୟରେ ବିସ୍ତୃତ ଭାବେ ଜାଣିବା

କ. ଗମ୍ଭୀର ଥନହରା ରୋଗ

ଖ. ବହୁକାଳ ସ୍ଥାୟୀ ଥନହରା ରୋଗ

ଗ. ଲକ୍ଷଣ ବିହୀନ ଥନହରା ରୋଗ

ଘ. ଛଡାମାନଙ୍କ ଠାରେ ଦେଖାଯାଉଥିବା ଥନହରା ରୋଗ

ଙ. ଚିରରେ ଭାତୁଡି

ଚ. ଘା ଯୁକ୍ତ ଚିର

ଛ. ଲାକ୍ଷଣିକ ଗୋ ବସନ୍ତ ରୋଗ

## କ. ଗମ୍ଭୀର ଥନହରା ରୋଗ

ଏହି ପ୍ରକାରର ଥନହରା ରୋଗରେ ପହ୍ନା ଓ କ୍ଷୀରରେ ମଧ ଆଖିଦୃଶିଆ ପରିବର୍ତ୍ତନ ପରିଲକ୍ଷିତ ହୁଏ । ଅଧିକ କ୍ଷୀର ଦେଉଥିବା ଦୁଧିଆଳୀ ଗାଈ ଗୁଡିକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ଏହି ପ୍ରକାରର ଥନହରା ରୋଗ ପ୍ରାୟ ୧୦୦ରୁ ଅଧିକ ପ୍ରକାରର ଜୀବାଣୁ ମାନଙ୍କ ଦ୍ୱାରା ହୋଇଥାଏ । ତା'ଛଡା କବକ, ଭୂତାଣୁ ଏବଂ ଶିଉଳି ଦ୍ୱାର ମଧ ଏହା ହୋଇପାରେ ।

### ମୁଖ୍ୟ କାରଣ



ଅପରିଷ୍କାର ଗୁହାଳ



ଭୁଲ୍ ବା ତ୍ରୁଟିପୂର୍ଣ୍ଣ କ୍ଷୀର ଦୁହିଁବା ପ୍ରଣାଳୀ




ଚିର ବା ପହ୍ନାରେ କ୍ଷତ

### ପ୍ରମୁଖ ଲକ୍ଷଣ



ଲକ୍ଷଣ ଥିବା ଥନହରା ରୋଗରେ ଦେଖାଯାଉଥିବା ସଂକ୍ରମିତ ପହ୍ନା



ଲକ୍ଷଣ ଥିବା ଥନହରା ରୋଗରେ କ୍ଷୀରରେ ଦେଖାଯାଉଥିବା ଭୌତିକ ପରିବର୍ତ୍ତନ

### ପ୍ରତିକାର

- ସଠିକ୍ ଭାବେ ଥନହରା ରୋଗର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ସେଗୁଡିକୁ ଦୂର କରନ୍ତୁ ।
- ଦୁଗ୍ଧ ଦୁହିଁବା ପୂର୍ବରୁ, ପହ୍ନା ଓ ଚିର ଗୁଡିକୁ ଭଲଭାବରେ ଏକ ଶୁଖିଲା କପଡାରେ ପୋଛିଦଅନ୍ତୁ । ପ୍ରତିଟି ଗାଈ ପାଇଁ ଅଲଗା ଅଲଗା କପଡାର ବ୍ୟବହାର କରନ୍ତୁ । ଅପରିଷ୍କାର କପଡାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଥନହରା ରେଗ ହେବାର ଆଶଙ୍କା ବଢିଯାଏ ।
- କ୍ଷୀର ଦୁହିଁବା ବେଳେ, ପହ୍ନାରେ କ୍ଷୀର ନରଖିବା, ସଂପୂର୍ଣ୍ଣ ଭାବେ ଚିପୁଡି ଦୁହନ୍ତୁ ଏବଂ ସଫାସୁତୁରା ପାଣି, ଦୁଗ୍ଧ ପାତ୍ର ଆଦି ବ୍ୟବହାର କରନ୍ତୁ ଓ ହାତକୁ ଭଲଭାବେ ଧୋଇଦିଅନ୍ତୁ ।
- ଦୁଗ୍ଧ ଦୁହିଁବା ପ୍ରକ୍ରିୟା କମ୍ ସମୟ ମଧରେ ସରିଯିବା ଉଚିତ୍ ।
- ଥନହରା ରୋଗ ଲାଗିଥିବା ଗାଈକୁ ଶେଷରେ ହିଁ ଦୁହିଁବେ । (ବହୁକାଳ ସ୍ଥାୟୀ ଥନହରା ରୋଗ ସମ୍ବନ୍ଧିତ ଅଧ୍ୟାୟ ଦେଖନ୍ତୁ)
- କ୍ଷୀର ଦୁହିଁଲା ପରେ ସଙ୍ଗେ ସଙ୍ଗେ ଚିରଗୁଡିକୁ ଦ୍ରବଣରେ (Teat dipping ) ବୁଡାନ୍ତୁ ଅଥବା ଆୟୋଡିନ୍ ଦ୍ରବଣ ସ୍ପ୍ରେ କରନ୍ତୁ ।
- ଗାଈକୁ କ୍ଷୀର ଦୁହିଁଲା ପରେ ସଙ୍ଗେ ସଙ୍ଗେ ବସିବାକୁ ଦିଅନ୍ତୁ ନାହିଁ । ଅତି କମ୍‌ରେ ୩୦-୪୫ ମିନିଟ୍ ପର୍ଯ୍ୟନ୍ତ ଗାଈ ଛିଡା ହୋଇରହିବା ଭଲ ।
- ଦୁହାଁଳିଆ ଗାଈ ଗୁଡିକୁ କିଛି କିଛି ସମୟ ବ୍ୟବଧାନରେ ଲକ୍ଷଣ ବିହୀନ ଥନହରା ରୋଗ ପାଇଁ ପରୀକ୍ଷା କରାଇ ନିଅନ୍ତୁ । (ଲକ୍ଷଣ ବିହୀନ ଥନହରା ରୋଗ ସମ୍ବନ୍ଧିତ ଅଧ୍ୟାୟ ଦେଖନ୍ତୁ)
- ଗାଈ ଗୁହାଳର ଚଟାଣକୁ ସର୍ବଦା ସଫାସୁତୁରା ରଖନ୍ତୁ ଓ ସେଥିରେ ଆବଡା ଖାବଡା ଗାତ ଆଦି ରଖନ୍ତୁ ନାହିଁ ଏବଂ ଥିଲେ ମରାମତି କରିଦିଅନ୍ତୁ ।
- ପ୍ରସବ ୧୫ ଦିନ ପୂର୍ବରୁ କ୍ଷୀର ଶୁଖାଇବାର ୧୫ଦିନ ପରେ ଚିର ଓ ପହ୍ନାକୁ ବିଶୋଧକ ପାଣିରେ ବୁଡାନ୍ତୁ ଏବଂ ଏହି ଅଭ୍ୟାସ ଜାରି ରଖି ବାରମ୍ବାର କରନ୍ତୁ ।
- ଗୁହାଳରେ ମାଛି, ମଶା, ଡାଆଁଶର ପ୍ରାଦୁର୍ଭାବକୁ କମ୍ କରନ୍ତୁ ।

### ଚିକିତ୍ସା

- ଥନହରା ରୋଗ ଲାଗିଲେ ସଙ୍ଗେ ସଙ୍ଗେ ପ୍ରାଣୀ ଚିକିତ୍ସକଙ୍କ ସାହାଯ୍ୟ ନିଅନ୍ତୁ । ରୋଗର ଲକ୍ଷଣ ଦେଖିବା ସଙ୍ଗେ ସଙ୍ଗେ ଏହାର ଚିକିତ୍ସା କରିଲେ ( ୨ ରୁ ୩ ଘଣ୍ଟା ମଧ୍ୟରେ) ରୋଗ ଭଲ ହୋଇଥାଏ । ଡେରି କଲେ ବେଳେବେଳେ ପହ୍ନାରେ କ୍ଷତ ସୃଷ୍ଟି ହୋଇ ଏହା ଅକାମୀ ହୋଇଯାଏ ଏବଂ ବେଳେବେଳେ ଗାଈଟି ମୃତ୍ୟୁମୁଖରେ ପଡିବାର ସମ୍ଭାବନା ମଧ ରହିଛି ।
- ଥନହରା ରୋଗ ଲାଗିଥିବା ଗାଈର କ୍ଷୀରକୁ ଅତିକମ୍‌ରେ ୪ ଦିନ ପର୍ଯ୍ୟନ୍ତ ଖାଆନ୍ତୁ ନାହିଁ । ଏହି ସମ୍ବନ୍ଧରେ ପ୍ରାଣୀଚିକିତ୍ସଙ୍କ ପରାମର୍ଶ ନିଅନ୍ତୁ ।

**ଶୀଘ୍ର ରୋଗ ଚିହ୍ନି ଚିକିତ୍ସା କରିଲେ ପହ୍ନା ବା ପଶୁଟିକୁ ହରାଇବାକୁ ପଡିନଥାଏ ।**

## ଖ. ବହୁକାଳ ସ୍ଥାୟୀ ଥନହରା ରୋଗ

- ବହୁଦିନ ଧରି ପହ୍ନାରେ ସଂକ୍ରମଣ ରହିବାରୁ ସ୍ଥାୟୀ ଥନହରା ରୋଗ ହୋଇଥାଏ ।
- ପ୍ରାୟତଃ ଏହି ପ୍ରକାରର ଥନହରା ରୋଗ ଲକ୍ଷଣ ପ୍ରକାଶ ପାଇନଥାଏ ।
- ବେଳେବେଳେ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ପୁଣି ଏହା ଲକ୍ଷଣ ବିହୀନ ହୋଇ ରହିଯାଏ, କିନ୍ତୁ ସଂକ୍ରମଣ ପୂର୍ବ ପରି ଥାଏ ।
- ଫଳରେ ପହ୍ନାରେ ଯେଉଁ ଭାଗଟିରେ ସଂକ୍ରମଣ ଥାଏ, ତାହା ଧିରେ ଧିରେ ଟେଳା ବା ଫୁଲି ହୋଇ ରହିଯାଏ ।

### ମୁଖ୍ୟ କାରଣ

- ଲକ୍ଷଣ ପ୍ରକାଶ ପାଇଲେ, ତୁରନ୍ତ ଥନହରା ରୋଗର ଚିକିତ୍ସା କରିବା ଆବଶ୍ୟକ । ନହେଲେ ଏହି ସଂକ୍ରମଣ ବଢ଼ିଯାଇଥାଏ । ତା ଛଡା ସଠିକ୍ ଲକ୍ଷଣ ପ୍ରକାଶ ନ ପାଇଲେ ମଧ କେତେକ ସାଧାରଣ ଲକ୍ଷଣ ଦେଖି ଥନହରା ରୋଗର ଚିକିତ୍ସା କରିବା ଜରୁରୀ । ସଠିକ୍ ସମୟରେ ଚିକିତ୍ସା ନ କଲେ ଏହା ଦୀର୍ଘସ୍ଥାୟୀ ହୋଇଯାଏ ।
- ଉତ୍କଟ ଥନହରା ରୋଗ (ସାଙ୍ଘାତିକ)ର ସଠିକ୍ ପ୍ରଣାଳୀରେ ଚିକିତ୍ସା ନ କଲେ, ଏହା ଦୀର୍ଘ ସ୍ଥାୟୀ ହୋଇଯାଏ ।



ଅପରିଷ୍କାର ଗାଈ ଗୁହାଳ




ଥନହରାର ଭୁଲ୍ ଚିକିତ୍ସା

- ଗାଈ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ ରଖିବା ଦରକାର । ନଚେତ୍ ରୋଗର କାରକ ଯଥା ଜୀବାଣୁ, ଭୂତାଣୁ ଗୁଡିକ ବଂଶବୃଦ୍ଧି କରନ୍ତି ଓ ଥନହରା ରୋଗ ବାରମ୍ବାର କରାଇଥାନ୍ତି ।


### ମୁଖ୍ୟ ଲକ୍ଷଣ

- ସଂକ୍ରମିତ ପହ୍ନା ଫୁଲିଯାଏ । ପହ୍ନାର ଯେଉଁ ଭାଗରେ ସଂକ୍ରମଣ ରହେ, ତାହା କ୍ରମଶଃ ଟାଣ ହୋଇଯାଏ ଏବଂ ଏହି ଚିରରୁ କ୍ଷୀର ବାହାରିବା କମିଯାଏ ଏବଂ ଅଧିକ ଦିନ ସଂକ୍ରମଣ ରହିଲେ ଧିରେ ଧିରେ ଚିରଟି ବ ହୋଇଯାଏ ।
- ଥରେ ପହ୍ନା ଟାଣ ହୋଇ ତନ୍ତୁ କଠିନ ହୋଇଗଲେ, ଏହାକୁ ଆଉ ଚିକିତ୍ସା ମାଧମରେ ପୁନଃ ଠିକ୍ କରିବା ସମ୍ଭବପର ହୁଏ ନାହିଁ ।





ବହୁକାଳ ସ୍ଥାୟୀ ଥନହରାରେ ପହ୍ନା ଫୁଲିବା



ବହୁକାଳ ସ୍ଥାୟୀ ଥନହରାରେ ପହ୍ନା ଟାଣ ହୋଇଯିବା

### ପ୍ରତିକାର

- ସଂକ୍ରମିତ ଗାଈଗୁଡିକୁ ସୁସ୍ଥ ଗାଈ ଠାରୁ ଅଲଗା ରଖନ୍ତୁ, କାରଣ ଏମାନଙ୍କ ଠାରୁ ଅନ୍ୟ ଗାଈ ଗୁଡିକ ରୋଗ ବ୍ୟାପିବାର ଆଶଙ୍କା ଥାଏ ।
- ଥନହରା ଲାଗିଥିବା ଗାଈଗୁଡିକ ସବାଶେଷରେ ଦୁହଁନ୍ତୁ । ପ୍ରଥମେ ସୁସ୍ଥ ଗାଈ ଗୁଡିକର କ୍ଷୀର ଦୁହିଁବା ଆରମ୍ଭ କରନ୍ତୁ ।
- ଗାଈ ଗୁହାଳକୁ ସଫା ରଖିବା ଅତ୍ୟନ୍ତ ଜରୁରୀ ।

### ଚିକିତ୍ସା

- ରୋଗ ସୃଷ୍ଟିକାରୀ ଜୀବାଣୁ ଗୁଡିକୁ ମାରିବା ପାଇଁ ଔଷଧ ଦେଇ ଥନହରା ରୋଗ ଭଲ ହୋଇଯାଏ, କିନ୍ତୁ ଏହା ଏତେଟା ଫଳପ୍ରଦ ନୁହେଁ ।
- ଅତଏବ ଦୀର୍ଘସ୍ଥାୟୀ ଥନହରା ଥିବା ଗାଈମାନଙ୍କୁ ନିଜ ଫାର୍ମରୁ ବାହାର କରିଦିଅନ୍ତୁ ।

ସଠିକ୍ ସମୟରେ ଚିକିତ୍ସା କରି ବହୁକାଳ ସ୍ଥାୟୀ ଥନହରା ରୋଗ ଠାରୁ ଦୂରେଇ ରହିହେବ ।

## ଗ. ଲକ୍ଷଣ ବିହୀନ ଥନହରା ରୋଗ

- ଏହି ପ୍ରକାରର ଥନହରା ରୋଗରେ - ଯଦିଓ ପଶୁକୁ ଏହି ରୋଗ ହୋଇଥାଏ, ତେବେ ପ୍ରକୃତ/ସଠିକ୍ ଲକ୍ଷଣ ଗୁଡିକ ପ୍ରକାଶ ପାଇ ନ ଥାଏ । ପ୍ରାୟତଃ ୭୦ ଭାଗ ଥନହରା ରୋଗ ଏହି ପ୍ରକାରର ସଂକ୍ରମଣ ଯୋଗୁଁ ହୋଇଥାଏ ।
- ସଂକ୍ରମଣ ପ୍ରାୟ ଦୀର୍ଘଦିନ ରହେ । ଏଣୁ ଗୋପାଳକଙ୍କୁ ଅଧିକ କ୍ଷତି ସହିବାକୁ ପଡେ ।
- ଏହି ସଂକ୍ରମଣ ଅଧିକ ଦିନ ଧରି ରହିଲେ ସ୍ଥାୟୀ ଥନହରା କିମ୍ବା ଲକ୍ଷଣ ଯୁକ୍ତ ଥନହରା ଆଡକୁ ଗତି କରେ ।

### ଲକ୍ଷଣ

- ଏହି ପ୍ରକାରର ଥନହରା ରୋଗରେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ପ୍ରକାଶ ପାଇ ନ ଥାଏ । କେବଳ ପ୍ରଥମେ ପ୍ରଥମେ କ୍ଷୀର ଦବା କିଛି ପରିମାଣରେ କମିଯାଏ ।
- ପହ୍ନା କିମ୍ବା କ୍ଷୀରରେ କୌଣସି ପ୍ରକାର ପରିବର୍ତ୍ତନ ପ୍ରାୟତଃ ଦେଖାଯାଏ ନାହିଁ, ଏଣୁ ପ୍ରଥମରୁ ଏହି ଥନହରା ରୋଗକୁ ଚିହ୍ନିବା କଷ୍ଟକର ହୋଇଥାଏ ।


### ଲକ୍ଷଣ ବିହୀନ ଥନହରା ରୋଗ କେମିତି ଜାଣିବା ?



କାଲିଫର୍ନିଆ ଥନହରା ପରୀକ୍ଷା



ଷ୍ଟ୍ରିପ୍ କପ୍ ଟେଷ୍ଟ




- କାଲିଫର୍ନିଆ ଥନହରା ପରୀକ୍ଷା (CMT)- ରାସାୟନିକ ପଦାର୍ଥ ଓ ସଂକ୍ରମିତ ଥନରୁ କ୍ଷୀର ନେଇ ଏକ କପ୍‌ରେ ଧିରେ ଧିରେ ବୁଲାଇ ବୁଲାଇ ମିଶାଇଲେ, ଏହା ଗାଢା ଓ ବହଳିଆ ତରଳ ପଦାର୍ଥ ପରି ହୋଇଯାଏ । ଏଥିରୁ ଥନହରା ହୋଇଛି ବୋଲି ଜାଣିବା । ତେବେ ପ୍ରାୟ ୨୦ ସେକେଣ୍ଡ ପରେ ଗାଢାପଣ ଅନ୍ତର୍ଦ୍ଧାନ ହୋଇଯାଏ । ଏଣୁ ସଠିକ୍ ଭାବେ ଏହାକୁ ଦେଖିବା ଦରକାର । ପରୀକ୍ଷା କଲାବେଳେ ପହ୍ନାର ୪ଟି ଚିର ପାଇଁ ଅଲଗା ଅଲଗା ପରୀକ୍ଷା କରିବା ଉଚିତ୍ । ଏହି ପରୀକ୍ଷା ବେଳେବେଳ ଭୁଲ୍ ପରିଣାମ ମଧ ଦେଇଥାଏ । କାରଣ ରୋଗ ଲାଗିବାର ଅଳ୍ପ ଦିନ ମଧରେ (୧୦ ଦିନ ମଧରେ) ଏହି ପରୀକ୍ଷା କରାଇଲେ ପ୍ରାୟତଃ ଥନହରା ନାହିଁ ବୋଲି ଲାଗୁଥିଲେ ମଧ ପ୍ରକୃତରେ ଥନହରା ରୋଗ ଥାଏ । ଗାଈଟିର କ୍ଷୀର ଦେବା କମିକମି ଆସି ଶେଷବେଳକୁ ମଧ ଏହି ପରୀକ୍ଷାଟି ଏତେଟା ଫଳପ୍ରଦ ହୋଇନଥାଏ ।
- ଷ୍ଟ୍ରିପ୍ କପ୍ ଟେଷ୍ଟ (Strip Cup Test)- ଗୋଟିଏ କଳା କପଡାରେ ଥନହରା ଆଶଙ୍କା କରାଯାଇଥିବା କ୍ଷୀରକୁ ନେଇ ଦେଖିଲେ, ସେଥିରେ ତଳେ ଖଣ୍ଡ ଖଣ୍ଡ ହେଇ କିଛି ପଦାର୍ଥ ପଡି ଥିବାର ପରିଲିକ୍ଷତ ହୁଏ । ଏଥିରୁ ଥନହରା ରୋଗ ଲାଗିଛି ବୋଲି ଆମେ ଜାଣିପାରିବା ।
- ପେପର ଟେଷ୍ଟ- ନାଲି ଲିଟ୍‌ମସ୍ ପେପରକୁ କ୍ଷୀରରେ ବୁଡାଇଲେ ଯଦି ଏହା ନୀଳ ହୋଇଯାଏ, ତେବେ ଥନହରା ଲାଗିଛି ବୋଲି ବୁଝିବାକୁ ହେବ ।
- ସ୍ଥାନୀୟ ଥନହରା ପରୀକ୍ଷଣ- ଗୋପାଳକମାନେ ନିଜେ ଏହି ପରୀକ୍ଷଣ କରିପାରିବେ, ଏଥିପାଇଁ (CMT) ରାସାୟନିକ ସ୍ଥାନରେ ୩% ଲୁଗାସଫା ପାଉଡର ବ୍ୟବହାର କରାଯାଇପାରିବ ।

### ଲକ୍ଷଣ ବିହୀନ ଥନହରା ରୋଗର ପ୍ରତିକାର

- ଅତିକମ୍‌ରେ ପ୍ରତି ସପ୍ତାହରେ ଥରେ, CMT ମାଧମରେ ସବୁ ଗାଈ ଗୁଡିକୁ ଥନହରା ରୋଗ ପାଇଁ ପରୀକ୍ଷା କରାଇ ନିଅନ୍ତୁ ।
- ପହ୍ନାରେ ୪ଟି ଯାକ ଚିରକୁ ଅଲଗା ଅଲଗା ପରୀକ୍ଷା କରନ୍ତୁ ।
- ନୂଆ କିଣି ଆଣିଥିବା ଗାଈ ଗୁଡିକରେ ଥନହରା ଅଛି କି ନାହିଁ ପ୍ରଥମେ ପରୀକ୍ଷା କରନ୍ତୁ, ପରୀକ୍ଷାରେ ଥନହରା ଥିବା ଜଣାପଡିଲେ ଚିକିତ୍ସା କରନ୍ତୁ, ସୁସ୍ଥ ହେଲାପରେ ନିଜ ଫାର୍ମରେ ଥିବା ଗାଈମାନଙ୍କ ସାଙ୍ଗରେ ମିଶିବାକୁ ଦିଅନ୍ତୁ ।
- ଥନହରା ଲାଗିଥିବା ସଂକ୍ରମିତ ଗାଈ ଗୁଡିକୁ ସର୍ବଦା ଶେଷରେ ହିଁ ଦୁହାଁନ୍ତୁ ।
- ଖୋଲା ଜାଗାରେ ବନ୍ଧା ଯାଉଥିବା ଗାଈର ସ୍ଥାନ ବାରମ୍ବାର ପରିବର୍ତ୍ତନ କରନ୍ତୁ ।
- କ୍ଷୀର ଦୁହିଁଲା ବେଳେ କୌଣସି ପ୍ରକାର ତୈଳ ଜାତୀୟ ଜିନିଷ ବ୍ୟବହାର କରନ୍ତୁ ନାହିଁ, ଯଦି କରୁଛନ୍ତି ପ୍ରତ୍ୟେକ ଥର ବ୍ୟବହାର ପୂର୍ବରୁ ଏହାକୁ ଗରମ କରନ୍ତୁ ।

### ଚିକିତ୍ସା

- ସଠିକ୍ ପ୍ରଣାଳୀରେ ଚିକିତ୍ସା ପାଇଁ ଏକ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ପ୍ରଥମରୁ ଚିକିତ୍ସା କଲେ, ଲକ୍ଷଣ ବିହୀନ ଥନହରା ରୋଗ ଭଲ ହୋଇଯିବାର ଯଥେଷ୍ଟ ଆଶା ଅଛି । ଡେରିହେଲେ ଏହା ଭଲ ହୋଇ ନ ପାରେ କିମ୍ବା ସ୍ଥାୟୀ ହୋଇଯାଇ ପାରେ ।
- ଏଣୁ ସଠିକ୍ ସମୟରେ ଚିକିତ୍ସା ହିଁ ଏହି ରୋଗରୁ ମୁକ୍ତି ଦେଇ ପାରିବ । ଫଳରେ ଗାଈଟି ସୁସ୍ଥ ରହିବ, କ୍ଷୀରର ପରିମାଣ ଠିକ୍ ରହିବ ଓ ଗୋପାଳକ ଲାଭ ପାଇପାରିବ ।

**ଲକ୍ଷଣ ବିହୀନ ଥନହରା ରୋଗର ଚିକିତ୍ସା କରି ବହୁପରିମାଣର କ୍ଷତିକୁ କମାଯାଇପାରିବ ।**

## ଘ. ଛଡ଼ାମାନଙ୍କ ଠାରେ ଥନହରା ରୋଗ

- ସାଧାରଣତଃ ଛଡ଼ା ମାନେ ଥନହରା ରୋଗରୁ ମୁକ୍ତ ଥାନ୍ତି ଏବଂ ସେମାନଙ୍କ ଠାରେ ଥନହରା ରୋଗ ହୁଏ ନାହିଁ ବୋଲି ସମସ୍ତଙ୍କ ବିଶ୍ୱାସ । କିନ୍ତୁ ଏହା ଠିକ୍ ନୁହେଁ ।
- କିନ୍ତୁ ପହ୍ନା, ଚିର, ଉପରର ଚର୍ମ କିମ୍ୱା ଚିରରୁ ନିର୍ଗତ କ୍ଷରଣ କୁ ପରୀକ୍ଷା କଲେ, ଥନହରା ରୋଗ ଅଛି କି ନାହିଁ ଜଣା ପଡ଼ିବ ।
- ଚିରରେ କୌଣସି ପ୍ରକାରର ଖଣ୍ଡିଆ, ଘା ବା କ୍ଷତ ହେଲେ ଏହା ସଂକ୍ରମିତ ହୋଇ ଥନହରା ରୋଗ ହୋଇଥାଏ । ଏଣୁ ଏ ସବୁ ପ୍ରତି ସତର୍କ ଦୃଷ୍ଟି ଦେବା ଆବଶ୍ୟକ ଓ ସର୍ବଦା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଏହି ରୋଗର ଚିକିତ୍ସା କରିବା ବିଧେୟ ।

## ପ୍ରତିକାର ଓ ନିୟନ୍ତ୍ରଣ

- ବାଛୁରୀକୁ ଯଥେଷ୍ଟ ପରିମାଣରେ ମା' କ୍ଷୀର ପିଇବାକୁ ଛାଡନ୍ତୁ, ଏବଂ ସଠିକ୍ ବୟସରେ ମା' ଠାରୁ ଦୂରେଇ ନିଅନ୍ତୁ/କ୍ଷୀର ଛଡେଇ ଦିଅନ୍ତୁ ।
- ଗୁହାଳରେ ବାଛୁରୀ ମାନଙ୍କ ପାଇଁ ଅଲଗା ରହିବା ବ୍ୟବସ୍ଥା କରନ୍ତୁ । କ୍ଷୀର ଖାଇଲା ପରେ ସେମାନଙ୍କୁ ମା' ଠାରୁ ଦୁରେଇ ରଖନ୍ତୁ ।
- କୌଣସି ବାଛୁରୀ ବାରମ୍ୱାର ଛଡା, ବାଛୁରୀ କିମ୍ୱା ଅନ୍ୟ ଗାଈଠୁ କ୍ଷୀର ଖାଇବାକୁ ବ୍ୟଗ୍ର ହେଉଥିଲେ, ସେମିତି ବାଛୁରୀକୁ ଅଲଗା ରଖନ୍ତୁ ।
- ବେଳେବେଳ ମଶା, ମାଛି ଓ ଅନ୍ୟାନ୍ୟ କୀଟ ପତଙ୍ଗ ଗୋରୁ ଶରୀର ଉପରେ ବସନ୍ତି ଓ କାମୁଡିବା ଫଳରେ ଚିରରେ କ୍ଷତ ମଧ ସୃଷ୍ଟି କରିପାରନ୍ତି । ଏଣୁ ଗୋରୁ ଗୁହାଳକୁ ମଶା, ମାଛି, ଅନ୍ୟାନ୍ୟ କୀଟପତଙ୍ଗ ଦାଉରୁ ସଫା ସୁତୁରା ରଖନ୍ତୁ ।
- ଗାଈ ଗୁହାଳକୁ ସର୍ବଦା ଶୁଖିଲା, ସଫା ସୁତୁରା ଓ ଜୀବାଣୁ ମୁକ୍ତ ରଖନ୍ତୁ ।
- ଛଡା ତଥା ଗାଈମାନଙ୍କୁ ସଠିକ୍ ପୋଷଣ ଦିଅନ୍ତୁ । ଏହା ସେମାନଙ୍କ ଶରୀରରେ ରୋଗ ପ୍ରତିଶୋଧକ ଶକ୍ତି ବୃଦ୍ଧି କରିଥାଏ ।
- ଗାଈ ଗୋରୁମାନଙ୍କୁ ସଠିକ୍ ପରିମାଣ ଧାତବ ଲବଣ ମିଶ୍ରଣ ସବୁଦିନ ଦିଅନ୍ତୁ ।
- ଗାଈ ପ୍ରସବ କରିବାର ୭ ଦିନ ପୂର୍ବରୁ, ଏହାପ୍ରତି ସତର୍କତା ଅବଲମ୍ୱନ କରନ୍ତୁ । କାରଣ ଏହାହିଁ ଥନହରା ରୋଗ ପାଇଁ ପ୍ରକୃଷ୍ଟ ସମୟ ।




## ଚିରରେ ଦେଖା ଯାଉଥିବା ରୋଗ

- ଚିରରେ କେତେକ ସମସ୍ୟା ଦେଖା ଦେଇଥାଏ, ଫଳରେ କ୍ଷୀର ଦୁହିଁବାରେ ଅସୁବିଧା ହୋଇଥାଏ ଏବଂ ଯଦି ସଂକ୍ରମଣ ଥାଏ, ତେବେ ଏହା ଗାଈ ଦୁହାଁଳି ହାତକୁ ମଧ ଯାଇଥାଏ ଓ ଏଠାରୁ ଅନ୍ୟ ପଶୁଙ୍କୁ ବ୍ୟାପିବାର ସମ୍ଭାବନା ଥାଏ ।

## ଙ. ଚିରରେ ଭାତୁଡି

- ଏହା ମୁଖ୍ୟତଃ ଭୂତାଣୁ ଜନିତ  ଏବଂ ଛଡା ମାନଙ୍କ ଠାରେ ଅଧିକ ଦେଖାଯାଇଥାଏ ।
- ଏହା ବେଳେବେଳେ ମାଂସାଳ, ଟାଣ ଓ କଠିନ ହୋଇଥାଏ ଏବଂ ବେଳେବେଳେ ଏହା ତୁଳାପରି ନରମ ହୋଇଥାଏ ।



ପର ଭଳି ଭାତୁଡି

- ଏହା ଦେଖିବାକୁ ଖରାପ ଲାଗିଥାଏ, କିନ୍ତୁ ସେମିତି କିଛି ସଂଘାତିକ ରୋଗ ନୁହେଁ, ଏଥିପାଇଁ କ୍ଷୀର ଦୁହିଁବାରେ ସାମାନ୍ୟ ଅସୁବିଧା ଉପୁଜି ପାରେ ।



ମାଂସଳ ଭାତୁଡି

### ଚିକିତ୍ସା


- ପ୍ରାୟତଃ ଚିକିତ୍ସା ଦରକାର ପଡେନାହିଁ, କାରଣ ଭାତୁଡି ଗୁଡିକ ସମୟକ୍ରମେ ଛୋଟ ହୋଇଯାନ୍ତି ।
- ଅସ୍ତ୍ରୋପଚାର କରି ଭାତୁଡି ଗୁଡିକୁ କାଢିବା କିଛି ଦରକାର ନାହିଁ, କାରଣ ଏହା ପୁଣି ହୋଇପାରେ ।
- ଏଣୁ ଅତି ବଡ ଆକାରର ହୋଇଥିଲେ, ଏହାକୁ କାଢିବାକୁ ବ୍ୟବସ୍ଥା କରାଯାଇପାରେ । କିନ୍ତୁ ସତର୍କତାର ସହିତ, କାରଣ କାଢିଲା ବେଳେ ଅସାବଧାନତା ହେତୁ ଭୂତାଣୁ ସଂକ୍ରମଣ ତଥା ଭାତୁଡି ବଢିବାର ସମ୍ଭାବନା ଥାଏ ।
- ଡେମ୍ଫଥିବା ବଡ ଭାତୁଡି ମୂଳରେ ସୂତା ବାନ୍ଧିଲେ ଏକମାସ ମଧ୍ୟରେ ଭାତୁଡି ଶୁଖି ଝଡିପଡିଥାଏ ।
- ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍ ।

### ପ୍ରତିକାର

- ଗାଈ ଗୁହାଳକୁ ମାଛି, କୀଟପତଙ୍ଗ ମୁକ୍ତ କରିବାକୁ ଧ୍ୟାନ ଦିଅନ୍ତୁ, କାରଣ ଏହି ମାନଙ୍କ ମାଧ୍ୟମରେ ହିଁ ଭୂତାଣୁ ବ୍ୟାପିଥାନ୍ତି ।
- ଗାଈ ଗୁହାଳକୁ ସର୍ବଦା ଭୂତାଣୁ ମୁକ୍ତ କରି ସଫା ସୁତୁରା ରଖନ୍ତୁ ।
- ଅନେକ ସମୟରେ ଦେଖାଯାଇଛି ଯେ ଛଡାମାନଙ୍କୁ, କମ୍ ବୟସ୍କ ଗାଈମାନଙ୍କ ସାଙ୍ଗରେ ଏକାଠି ରଖି ଏହି ରୋଗକୁ ରୋକାଯାଇପାରିବ ।

## ଚ. ଘା ଯୁକ୍ତ ଚିର

- ଏପରି ଚିରରେ ଘା ପ୍ରାୟତଃ କମ୍ ଦେଖିବାକୁ ମିଳେ, ତେବେ ଏପରି ସଂକ୍ରମଣ ପ୍ରଥମେ ହେଲେ ସଂକ୍ରମଣର ମାତ୍ରା ବଢିଯାଏ ଓ ଅନ୍ୟ ପଶୁକୁ ଅତି କମ୍ ଦିନ ମଧରେ ସଂକ୍ରମିତ ହୋଇଥାଏ । କ୍ଷୀର ଦୁହିଁବାରେ କଷ୍ଟ ଅନୁଭବ ହୁଏ, ପଶୁକୁ ପୀଡା ହୋଇଥାଏ ଓ ପଶୁଟି ଅସ୍ତବ୍ୟସ୍ତ ହୋଇପଡ଼େ ।
- ପ୍ରାୟତଃ ପ୍ରଥମ ପ୍ରସବ ବେଳକୁ ଏହି ପ୍ରକାରର ରୋଗ ଅଧିକ ମାତ୍ରାରେ ଦେଖିବାକୁ ମିଳେ ।
- ଏହା ମଧ ଭୂତାଣୁ ଜନିତ ଏକ ରୋଗ, ଏପରି ସଂକ୍ରମଣ ଚିର ତଥା ପହ୍ନାକୁ ମାଡିଯିବାର ସମ୍ଭାବନା ଥାଏ ।
- ଫଳରେ କ୍ଷୀର ଖାଉଥିବା ବାଛୁରୀର ମୁହଁରେ ମଧ ଘା' ସୃଷ୍ଟି ହୋଇଥାଏ ।
- ଚିରରେ ଛୋଟ ଛୋଟ ଫୋଟକା କିମ୍ବା ଖଣ୍ଡିଆ ହୋଇ ଘା' ସୃଷ୍ଟି ହୋଇଥାଏ ।



ଘା ଯୁକ୍ତ ଚିର

### ଚିକିତ୍ସା

- ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ପ୍ରଣାଳୀ ନାହିଁ ।
- ସଂକ୍ରମିତ ଗାଈ ଗୁଡିକୁ ଅନ୍ୟତ୍ର ଅଲଗା ଭାବେ ପାଳିବା ଆବଶ୍ୟକ ।
- ଚିରକୁ ଦୁହିଁବା ପୂର୍ବରୁ ଓ ଦୁହିଁବା ପରେ ଆୟୋଡିନ୍ ପାଣିରେ ବୁଡାନ୍ତୁ । ଫଳରେ ରୋଗର ସମ୍ଭାବନା କମିଯାଏ ।
- ପହ୍ନାରେ ଘା ହୋଇଥିଲେ, କୌଣସି ଭଲ କ୍ରିମ୍ ଲଗାନ୍ତୁ, ଘା ଭଲ ହୋଇ ସଂକ୍ରମଣ କମିଯିବ ।

### ପ୍ରତିକାର

- ଯଦି କେବେ ଫାର୍ମରେ ଏହି ରୋଗ ଲାଗେ, ତେବେ ଫାର୍ମରୁ, ଏହି ରୋଗକୁ ସଂପୂର୍ଣ୍ଣ ଦୂର କରିବା ସମୟସାପେକ୍ଷ ଓ ଏକ କଷ୍ଟକର ବ୍ୟାପାର ।
- ନୂଆ ପଶୁକୁ ସଠିକ୍ ଭାବରେ ପରୀକ୍ଷା କରି ତା ପରେ ଗୋଠରେ ମିଶାଇବା ତଥା ଗାଈ ଗୁହାଳକୁ ସଫା ସୁତୁରା ରଖିବା ସହ ମଶା, ମାଛି ଓ କୀଟପତଙ୍ଗ ମୁକ୍ତ ରଖିଲେ, ଏହି ରୋଗର ସଂକ୍ରମଣକୁ ଏଡାଇ ଦିଆଯାଇପାରେ ।

## ଛ. ଲାକ୍ଷଣିକ ଗୋ ବସନ୍ତ ରୋଗ

- ଏହା ଗାଈ ମାନଙ୍କ ଠାରେ ଦେଖାଯାଉଥିବା ଏକ ସାଧାରଣ ରୋଗ ।
- ଏହା ଭୂତାଣୁ ଜନିତ ଏବଂ ଏହାକୁ ଗୋବସନ୍ତ ବୋଲି ବିବେଚନା କରିବା ଉଚିତ୍ ନୁହେଁ । କାରଣ ଗୋବସନ୍ତ ଏକ ବିରଳ ରୋଗ ।
- ଏହି ରୋଗରେ ପଶୁ ଆକ୍ରାନ୍ତ ହେଲେ, ଚିକିତ୍ସା ପରେ ଭଲ ହୋଇଯାଆନ୍ତି, କିନ୍ତୁ ପୁଣିଥରେ ରୋଗ ଲାଗିବାର ଆଶଙ୍କା ଥାଏ ।

### ଲକ୍ଷଣ

- ପ୍ରଥମ ଅବସ୍ଥାରେ ଚିରରେ ସାଧାରଣ ଭାବେ ଫୁଲା ଦେଖାଯାଏ ଓ ସେ ସ୍ଥାନଟି ନାଲି ପଡିଯାଏ ।
- ଦିନେ ଦୁଇ ମଧ୍ୟରେ ସେ ସ୍ଥାନଟି ଅହୁରି ଫୁଲିଯାଏ, ଓ ସେ ଯାଗାରେ ଘା ହୋଇ ବଟଳା ବାନ୍ଧିବାର ଦେଖାଯାଏ ।
- ୭-୧୦ ଦିନ ପରେ, ସେ ଯାଗାରୁ ବଟଳା ଗୁଡିକ ଝଡିପଡେ ଓ ସେ ଯାଗାରେ ଘା ଖୁରା ଚିହ୍ନ ପରି ଅଥବା ଗୋଲାକାର ଚିହ୍ନ ଦେଖିବାକୁ ମିଳେ । ଏହାହିଁ ଲାକ୍ଷଣିକ ଗୋ ବସନ୍ତ ରୋଗକୁ ଚିହ୍ନିବାର ପ୍ରମୁଖ ତଥା ସାଧାରଣ ଲକ୍ଷଣ ।
- ଏହି ଯାଗାଟି ଆକାରରେ ବଢିପାରେ ଓ ସଂପୂର୍ଣ୍ଣ ଚିରଟି ସଂକ୍ରମିତ ହୋଇପାରେ ।
- ସଂକ୍ରମିତ ଚିରଟି ମାସେ ଦେଢମାସ ମଧ୍ୟରେ ଭଲ ହୋଇଯାଏ ।
- ଏହି ପ୍ରକାରର ଲାକ୍ଷଣିକ ଗୋ ବସନ୍ତ ରୋଗ ପ୍ରାୟତଃ ଚିରରେ ହିଁ ଦେଖାଯାଇଥାଏ, ତେବେ କେତେକ କ୍ଷେତ୍ରରେ ପହ୍ନାର ଚର୍ମରେ ମଧ୍ୟ ଏହି ଘା ସଦୃଶ ଲକ୍ଷଣ ଦେଖିବାକୁ ମିଳେ ।
- ଏହି ରୋଗ ଗାଈଠାରୁ ମନୁଷ୍ୟକୁ କ୍ଷୀର ଦୁହିଁବା ଯୋଗୁଁ ବ୍ୟାପିଥାଏ । ମନୁଷ୍ୟରେ ଏହି ରୋଗକୁ ମିଲକରସ୍ ନୋଡୟୁଲ ବୋଲି କୁହାଯାଏ, ଏହା ଖୁବ୍ ପୀଡାଦାୟକ ହୋଇଥାଏ ।



ଲାକ୍ଷଣିକ ଗୋ ବସନ୍ତ



ଲାକ୍ଷଣିକ ଗୋ ବସନ୍ତ ରୋଗରେ ବଟଳା ବାନ୍ଧିବା

### ଚିକିତ୍ସା

- ଘା'ର ବକଳା ଉଠାଇ ସେଠାରେ ଆଣ୍ଟିସେପଟିକ୍ କ୍ରିମ ଲଗାଇଲେ ରୋଗରୁ ଉପଶମ ମିଳେ ।
- ତା ଛଡା ଚିରକୁ ଆୟୋଡିନ୍ ପାଣିରେ ବୁଡାଇ ସଫା ରଖିଲେ ଏହି ରୋଗରୁ ମୁକ୍ତି ମିଳିଥାଏ ।
- ଉପରୋକ୍ତ ଲକ୍ଷଣ ଦେଖାଗଲେ ଜଣେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ ।

### ପ୍ରତିକାର

- ନୂଆକରି କିଣି ଆଣିଥିବା ଗାଈକୁ ଭଲଭାବେ ପରୀକ୍ଷା କରି ଏହି ରୋଗ ଅଛି ନା ନାହିଁ ଦେଖି ନିଅନ୍ତୁ ।
- ଚିରକୁ ସଠିକ୍ ଭାବେ ଆୟୋଡୋଫର ପାଣିରେ ବୁଡାଇ ସଫା ରଖିଲେ ଏହି ରୋଗରୁ ମୁକ୍ତି ମିଳିଥାଏ ।
- ଗୁହାଳ ଭଲଭାବରେ ପରିଷ୍କାର କରି ରଖନ୍ତୁ ।

# ଅନୁଚ୍ଛେଦ - ୧୧

## ସାଧାରଣ ବିଷକ୍ରିୟା ଜନିତ ରୋଗ

ପ୍ରକୃତିରେ ବହୁତ ଗୁଡ଼ିଏ ଉଦ୍ଭିଦ ତଥା ରାସାୟନିକ ପଦାର୍ଥ ଅଛି ଯାହାକି ପଶୁପକ୍ଷୀମାନଙ୍କ ଶରୀରକୁ ପ୍ରବେଶ କଲେ, ବିଷକ୍ରିୟା ସୃଷ୍ଟି କରିଥାଏ । ସେଥିରୁ କେତେକ ପଦାର୍ଥ ଏତେ ମାତ୍ରାରେ ବିଷାକ୍ତ ଯେ, ଯଦି ଠିକ୍ ସମୟରେ ଚିକିତ୍ସା କରାନଯାଏ, ତେବେ ସେ ପଶୁ ମୃତ୍ୟୁ ମୁଖରେ ପଡିଥାଏ । ଏଣୁ ଏ ବିଷୟରେ ଗୋପାଳକ ମାନଙ୍କୁ ଅବଗତ କରାଇଲେ, ବିଷକ୍ରିୟା ଲକ୍ଷଣ ବିଷୟରେ ଜଣାଇଲେ ସେମାନେ ସଚେତନ ହୋଇପାରିବେ ଓ ସମୟ ଥାଇ ଚିକିତ୍ସା କରିପାରିବେ ।

ଏହି ବିଭାଗରେ ଆମେ ସେପରି ସାଧାରଣ ଚିକିତ୍ସା କରିପାରିବ ।

(କ) ଗସିପଲ୍ ବିଷକ୍ରିୟା

(ଖ) ସ୍ୟାନାଇଡ୍ ବିଷକ୍ରିୟା

(ଗ) ଅର୍ଗାନୋଫସ୍ଫରସ୍ ବିଷକ୍ରିୟା

## କ. ଗସିପଲ୍ ବିଷକ୍ରିୟା

- ଗାଈଗୋରୁମାନେ କପାମଞ୍ଜି କିମ୍ବା କପାମଞ୍ଜିରୁ ତିଆରି ଉତ୍ପାଦ ଖାଇଲେ, ସେଥିରେ ଥିବା ଅତ୍ୟଧିକ ଗସିପଲ୍ ରସାୟନ ପଦାର୍ଥ ଯୋଗୁଁ ଏହି ବିଷକ୍ରିୟା ଜନିତ ଅବସ୍ଥା ଉପୁଜିଥାଏ ।
- ମୁଖ୍ୟତଃ ଅଧିକ କ୍ଷୀର ଦେଉଥିବା ଗାଈମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହୋଇଥାନ୍ତି ।
- ଅଧିକ ପାକୁଳି କରୁଥିବା ପ୍ରାଣୀମାନେ ମଧ ଏହି ଜାତୀୟ ପଦାର୍ଥ ଅଧିକ ମାତ୍ରା ଅଧିକ ଦିନ ପର୍ଯ୍ୟନ୍ତ ଖାଇଲେ ଏହି ରୋଗ ହୋଇଥାଏ ।

### ଲକ୍ଷଣ

- ଗାଈ ଓ ମଇଁଷିମାନଙ୍କର ଗରମ ଆସିବା ସମୟରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଷଣ୍ଢମାନଙ୍କର ସହବାସ ପ୍ରକୃତି କମିଯାଏ ।
- ପଶୁର ଶରୀର ଦୁର୍ବଳ ହୋଇଯାଏ, ଖାଦ୍ୟ ଖାଇବାକୁ ଇଚ୍ଛା କରେ ନାହିଁ ଏବଂ ଓଜନ ହ୍ରାସ ଓ ଚାପ ଗ୍ରସ୍ତ ଅବସ୍ଥାକୁ ଗତିକରେ ।
- ପଶୁ ଦୁର୍ବଳ ହୋଇଯାନ୍ତି ଓ ମାନସିକ ଭାରସାମ୍ୟ ହରାଇଥାନ୍ତି ।
- ଖାଦ୍ୟ ଖାଇବାକୁ ଇଚ୍ଛା କରନ୍ତି ନାହିଁ । ଛାତି ତଳ ଭାଗରେ ପାଣି ଜମିଯାଏ ଓ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ।
- ଅନ୍ତଃନଳୀ ଓ ପାକସ୍ଥଳୀରେ ସଂକ୍ରମଣ ହୋଇଥାଏ ତଥା ମୂତ୍ର ଲାଲ ରଙ୍ଗର ହୋଇଥାଏ ଏବଂ ପ୍ରଜନନ ସମ୍ବନ୍ଧୀୟ ଅସୁବିଧାମାନ ଦେଖାଯାଏ ।

### ନିୟନ୍ତ୍ରଣ

- ଗୋଖାଦ୍ୟରେ କପା ମଞ୍ଜି ବା ତାର ଉତ୍ପାଦ ମିଶିଥିଲେ ତୁରନ୍ତ ବାହାର କରିଦିଅନ୍ତୁ । ଅଧିକ ଭାବେ ଆକ୍ରାନ୍ତ ପଶୁମାନେ ଏହା ଖାଇବା ବ   କଲେ ମଧ ୨ ସପ୍ତାହ ମଧରେ ମୃତ୍ୟୁବରଣ କରିପାରନ୍ତି ।
- କପା ମଞ୍ଜି ବା ତାର ଉତ୍ପାଦ ଖାଦ୍ୟରୁ ବାହାର କରିଦେଲେ ମଧ ପଶୁମାନଙ୍କ ଠାରେ ଓଜନ କମ୍ ବଢିଥାଏ ଏବଂ ସେମାନେ ଚାପଗ୍ରସ୍ତ ହେବାର ସମ୍ଭାବନା ମଧ ଥାଏ ।
- ଉଚ୍ଚ ଗୁଣବତା ସମ୍ପନ୍ନ ଗୋଖାଦ୍ୟରେ ଲାଇସିନ୍, ମେଥିଓନିନ୍, ଆମିନୋଏସିଡ୍ ଏବଂ ଚର୍ବିରେ ଦ୍ରବଣୀୟ ଜୀବଧାର (Fat Soluble Vitamins) ମିଶାଇ ଦେଲେ ଏହା ଭଲ ପ୍ରଭାବ ପକାଇଥାଏ ।
- ତୁରନ୍ତ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ଖ. ସ୍ୟାନାଇଡ୍ ବିଷକ୍ରିୟା

- କେତେକ ଧରଣର ଉଦ୍ଭିଦଙ୍କୁ ପଶୁ ଖାଇଲେ ଏହି ବିଷକ୍ରିୟା ଜନିତ ଅବସ୍ଥା ଉପୁଜିଥାଏ । ଏଗୁଡ଼ିକ ମଧରେ ଆରୋଘାସ, ଭେଲ୍‌ଭେଟ୍ ଘାସ, ଅଳ୍ପଦିନିଆ ଜୋଆର୍ ଗଛ, ତାପିକା (ପାଳୁଅ) ପତ୍ର ଇତ୍ୟାଦି ପ୍ରମୁଖ ।

### ଲକ୍ଷଣ

- ଏହି ଖାଦ୍ୟ ଉଦ୍ଭିଦ ଗୁଡ଼ିକୁ ଖାଇବାର ୧୫-୨୦ ମିନିଟ୍ ମଧରେ କିମ୍ବା କିଛି ଘଣ୍ଟା ପରେ ଲକ୍ଷଣ ପ୍ରକାଶ ପାଇବାକୁ ଲାଗେ ।
- ପଶୁଟି ବିଚଳିତ ହୋଇପଡ଼େ, ତା'ପରେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରେ, ନିଶ୍ୱାସ ପ୍ରଶ୍ୱାସ ବେଗ ତୀବ୍ର ହୋଇଥାଏ, ପାଟିରୁ ଅଧିକ ଲାଳ ବାହାରି ଥାଏ ଶ୍ଳେଷ୍ମା ଝିଲ୍ଲୀ ଲାଲ ରଙ୍ଗ ବା ନୀଳ ରଙ୍ଗର ହୋଇଯାଏ ।
- ପଶୁଟି ଆଗକୁ ପଛକୁ ଯାଇପାରେ ନାହିଁ, ଗୋଟିଏ ସ୍ଥାନରେ ଠିଆ ହୋଇ ଝୁଲିବା ପରି ଦେଖାଯାଏ ଓ ଅଳ୍ପ କେଇ ଘଣ୍ଟା ମଧରେ ମୃତ୍ୟୁବରଣ କରେ ।

### ପ୍ରତିକାର ଓ ନିୟନ୍ତ୍ରଣ

- ଯେଉଁ ଘାସ ଗୁଡ଼ିକୁ ଖାଇଲେ ଏହି ରୋଗ ସେସବୁକୁ ଖାଇବାକୁ ବାରଣ କରନ୍ତୁ କିମ୍ବା ଗଛଗୁଡ଼ିକ ୧୫-୧୮ ଇଂଚ୍ ଉଚ୍ଚା ହେବା ପରେ ଖାଇବାକୁ ଦିଅନ୍ତୁ ।
- ଜୋଆର ବହୁତ ଉଚ୍ଚା ହେଲା ପରେ ଗୋରୁକୁ ଖାଇବାକୁ ଦିଅନ୍ତୁ, ଗଛ ଛୋଟ ଛୋଟ ଥିଲାବେଳେ ଖାଇବାକୁ ଦିଅନ୍ତୁ ନାହିଁ ।
- ପଶୁକୁ ନୂଆ ଗୋଚର ଜମିରେ ଘାସ ଖାଇବାକୁ ଦିନର ଶେଷଭାଗରେ ଛାଡନ୍ତୁ ।
- ଖରାଦିନେ ସବୁଜ ଘାସର ଅଭାବ ପରିଲକ୍ଷିତ ହୁଏ ଏବଂ ବର୍ଷା ଦିନେ ମଧ ଗୋରୁଗୁଡ଼ିକ ଠିକ୍ ଭାବେ ଗୋଚର ଭୂଇଁକୁ ଯାଇଁ ଚରିପାରନ୍ତି ନାହିଁ, ଏଣୁ ଏହି ସମୟରେ ସେମାନଙ୍କର ଚରିବା ପାଇଁ ବିଶେଷ ଧାନ ଦେବାକୁ ପଡିବ ।
- ଯଦି ସ୍ୟାନାଇଡ୍ ବିଷକ୍ରିୟା ଜନିତ ଅସୁବିଧା ଦେଖାଯାଏ, ତୁରନ୍ତ ପ୍ରାଣୀଚିକିତ୍ସକଙ୍କ ସାହାଯ୍ୟ ନିଅନ୍ତୁ ।
- ସଠିକ୍ ସମୟରେ ସଠିକ୍ ଚିକିତ୍ସା କଲେ ପ୍ରାଣୀଟିର ଜୀବନ ବଂଚି ପାରେ ।



## ଗ. ଅର୍ଗାନୋ ଫସ୍ଫରସ୍ ବିଷକ୍ରିୟା

- କେତେକ କୀଟମରା / ପୋକମରା ଔଷଧକୁ ଫସଲରେ କୀଟ ମାରିବା ପାଇଁ ବ୍ୟବହାର କରାଯାଏ, ତଥା କେତେକ ଔଷଧକୁ ଗୋରୁମାନଙ୍କ ଠାରେ ଟିଙ୍କ, ଉଙ୍କୁଣି ମାରିବାକୁ ମଧ ବ୍ୟବହାର କରାଯାଏ ।
- ଏହି ଔଷଧ ଗୁଡ଼ିକର ମୁଖ୍ୟ ଉପାଦାନ ହେଲା 'ଅର୍ଗାନୋ ଫସ୍ଫରସ୍ ଯୌଗିକ' । ଏହା ଏକ ବିଷାକ୍ତ ପଦାର୍ଥ ଅଟେ ।
- କୌଣସି ମତେ ଏହି ପଦାର୍ଥ ଗୋରୁଗାଈମାନେ ଭକ୍ଷଣ କଲେ, ସେହିମାନଙ୍କ ଠାରେ ଏହି ବିଷକ୍ରିୟା ଜନିତ ଅବସ୍ଥା ଦେଖିବାକୁ ମିଳେ ।

### ଲକ୍ଷଣ

- ଅତି ମାତ୍ରାରେ ବିଷାଦଗ୍ରସ୍ତ, ସ୍ଫୁର୍ତିହୀନ ହୋଇପଡେ ।
- ପ୍ରବଳ ଲାଳ ବୋହିବା ।
- ବାରମ୍ବାର ପରିସ୍ରା କରିବା ।
- ପତଳା ଝାଡ଼ା, ପେଟ କାମୁଡ଼ିବା, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା ।
- ଶରୀରରେ ବିଭିନ୍ନ ସ୍ଥାନରେ ମାଂସପେଶୀରେ ସଂକୋଚନ ହେବା ।
- ପଶୁ ଠିକ୍ ଭାବରେ ଠିଆ ହୋଇ ନ ପାରିବା, ଠିକ୍ ଭାବେ ଚାଲି ନ ପାରିବା, ଆଖି ପିତୁଳା ଛୋଟ ହୋଇଯିବା, ଇତ୍ୟାଦି ।

## ପ୍ରତିକାର ଓ ନିୟନ୍ତ୍ରଣ

- କୌଣସି ପଶୁର ଶରୀରରେ ଟିଙ୍କ ମରା ଔଷଧ ଲଗାଇବା ପୂର୍ବରୁ ପଶୁକୁ ଯଥେଷ୍ଟ ମାତ୍ରାରେ ପାଣି ଓ  ଖାଦ୍ୟ ଖୁଆନ୍ତୁ ।
- ଯେଉଁ ଫସଲରେ କୀଟମରା / ପୋକମରା ଔଷଧ ପଡ଼ିଥାଏ, ସେସବୁ ଫଳ / ଫୁଲ / ପତ୍ରକୁ ଭଲଭାବରେ ପାଣିରେ ଧୋଇ ଗାଈକୁ ଖାଇବାକୁ ଦିଅନ୍ତୁ ।
- ପୋକମରା କିମ୍ବା ଟିଙ୍କମରା ଔଷଧକୁ ନିର୍ଦ୍ଧାରିତ ମାତ୍ରାରେ ବ୍ୟବହାର କରନ୍ତୁ ।
- ଦୁର୍ବଳ, କ୍ଷୀଣ, ଅସୁସ୍ଥ ରୋଗୀଣା ପଶୁମାନଙ୍କ ଉପରେ ପୋକମରା / ଟିଙ୍କମରା ଔଷଧ ବ୍ୟବହାର କରନ୍ତୁ ନାହିଁ ।
- ସାଧାରଣତଃ ୩ ମାସ ବୟସ ନ ହୋଇଥିଲେ, କୌଣସି ପଶୁ ପାଇଁ ଏହି ପ୍ରକାର ଟିଙ୍କ ମରା / ପୋକମରା ଔଷଧ ବ୍ୟବହାର କରିବା ଉଚିତ୍ ନୁହେଁ ।
- ପୋକମରା ଔଷଧ ବୋତଲ କିମ୍ବା ପୋକମରା ଔଷଧ ପକାଯାଇଥିବା ଫସଲ ଠାରୁ ପଶୁକୁ ସର୍ବଦା ଦୂରେଇ ରଖନ୍ତୁ ।
- ଔଷଧ ଖୋଳ ଉପରେ ଲେଖା ହୋଇଥିବା ନିୟମାବଳୀ ଓ ବ୍ୟବହାରିକ ମାତ୍ରା ଓ ବିଧି ବିଷୟରେ ଭଲ ଭାବରେ ପଢନ୍ତୁ ।
- ବିଷକ୍ରିୟା ଜନିତ ଲକ୍ଷଣ ପ୍ରକାଶ ପାଇଲେ, ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।

**ଏହି ପ୍ରକାର ବିଷକ୍ରିୟାରେ ଯଥା ସମ୍ଭବ ଶୀଘ୍ର ଚିକିତ୍ସାକଲେ ପ୍ରାଣୀଟିର ବଂଚିବାର ସମ୍ଭାବନା ବଢିଥାଏ ।**

# ଅନୁଚ୍ଛେଦ - ୧୨

## ପଶୁମାନଙ୍କ ଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ରୋଗ

କେତେକ ରୋଗ ପଶୁପକ୍ଷୀଙ୍କ ଠାରୁ ମନୁଷ୍ୟଙ୍କୁ ବ୍ୟାପି ଥାଏ ତ କେତେକ ରୋଗ ମନୁଷ୍ୟଠାରୁ ପଶୁପକ୍ଷୀଙ୍କୁ ବ୍ୟାପିଥାଏ । ଏହି ରୋଗ ଗୁଡ଼ିକୁ ଜୁନୋଟିକ୍ ରୋଗ ବୋଲି କୁହାଯାଏ ।

ମୋଟ ଯେତେ ପ୍ରକାର ସଂକ୍ରାମକ ରୋଗ ଦେଖାଯାଏ, ସେଥିରୁ ପ୍ରାୟ ୬୧% ରୋଗ ଜୁନୋଟିକ୍ ରୋଗ ହୋଇଥାନ୍ତି । ପୃଥିବୀରେ ବର୍ତ୍ତମାନ ଦେଖାଯାଉଥିବା ପ୍ରାୟ ୧୭୫ ପ୍ରକାର ସଂକ୍ରାମକ ରୋଗ ମଧ୍ୟରୁ ୭୫% କେବଳ ଜୁନୋଟିକ୍ ରୋଗ ।

ଅପରିଷ୍କାର ପରିବେଶ, ଦରିଦ୍ରତା, କୁପୋଷଣ, ଅଶିକ୍ଷା ଏବଂ ପଶୁପକ୍ଷୀମାନଙ୍କ ସହ ଗୋଟିଏ ଜାଗାରେ ମିଶିକରି ରହିଲେ, ଏହି ପ୍ରକାର ରୋଗ ଦେଖାଯାଇଥାଏ ।

ଏକ ସର୍ଭେକ୍ଷଣରୁ ଜଣାପଡିଛି କେବଳ ଗାଈମାନଙ୍କ ଠାରୁ ହିଁ ୪୫ ପ୍ରକାର ଜୁନୋଟିକ୍ ରୋଗ ମନୁଷ୍ୟଙ୍କୁ ବ୍ୟାପିଥାଏ । ଗୋପାଳକମାନେ ପ୍ରାୟ ସବୁବେଳେ ନିଜର ଗୃହପାଳିତ ପଶୁମାନଙ୍କ ସହିତ ରୁହନ୍ତି  କିମ୍ବା ତାଙ୍କ ସଂସ୍ପର୍ଶରେ ଆସନ୍ତି । ଏଣୁ ଏହି ରୋଗ ବ୍ୟାପିବାର ସମ୍ଭାବନା ସବୁବେଳେ ଅଧିକ ଥାଏ । ଆମ ଦେଶରେ ଏହି ପ୍ରକାର ରୋଗର ପ୍ରାଦୁର୍ଭାବ ବହୁତ ଅଧିକ । ଏଣୁ ଚାଷୀଭାଇ ମାନଙ୍କୁ ଏ ବିଷୟରେ ଠିକ୍ ଭାବରେ ସଚେତନ କରାଯିବା ନିହାତି ଜରୁରୀ । ଏହି ବିଭାଗରେ ଆମେ ଅଳ୍ପ କେତେକ ଜୁନୋଟିକ୍ ରୋଗ ବିଷୟରେ ସମ୍ୟକ୍ ଆଲୋଚନା କରିବା ।

(କ) ମଣିଷ ମାନଙ୍କ ଠାରେ ଦେଖାଯାଉଥିବା ବ୍ରୁସେଲୋସିସ୍

(ଖ) ମଣିଷଙ୍କ ଠାରେ ଦେଖାଯାଉଥିବା ଯକ୍ଷ୍ମା

(ଗ) ଲେପ୍ଟୋସ୍ପାଇରୋସିସ୍

(ଘ) ଅନ୍ତନଳୀ ଓ ପାକସ୍ଥଳୀ ସଂକ୍ରମଣ ଜନିତ ଜୁନୋଟିକ୍ ରୋଗ

(ଙ) ଟିକ୍କ ଦ୍ୱାରା ବ୍ୟାପୁଥିବା ଜୁନୋଟିକ୍ ରୋଗ

## କ. ମଣିଷମାନଙ୍କ ଠାରେ ହେଉଥିବା ବ୍ରୁସେଲୋସିସ୍

- ଭାରତବର୍ଷରେ ବ୍ରୁସେଲୋସିସ୍ ଏକ ଗୋଷ୍ଠୀ/ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ପରିଚିତ ।
- ମଣିଷମାନଙ୍କ ଠାରେ ହେଉଥିବା ବ୍ରୁସେଲୋସିସ୍ ରୋଗର କେବଳ ୧୦% ବା ତା' ଠାରୁ କମ୍ ସଂଖ୍ୟକ ରୋଗୀ ଚିକିତ୍ସା ସମୟରେ ଜଣା ପଡିଥାନ୍ତି ।
- ଏହି ରୋଗରେ ସାଧାରଣତଃ ମଝିରେ ମଝିରେ ଜ୍ୱର ଆସିବା, ଗଣ୍ଠି ଯନ୍ତ୍ରଣା ହେବା ସହ ଗଣ୍ଠି ଫୁଲିବା, ଝାଳ ବୋହିବା, ମୁଣ୍ଡ ବିନ୍ଧିବା, ମୁଣ୍ଡ ବୁଲାଇବା, ଛାତି ଓ ପେଟ କାଟିବା ଇତ୍ୟାଦି ଲକ୍ଷଣମାନ ଦେଖାଯାଇପାରେ ।
- ଯଦି ସଂକ୍ରମିତ ପଶୁର କ୍ଷୀରକୁ ଗରମ ନ କରି (କଂଚା କ୍ଷୀର) ମଣିଷ ପିଇଥାଏ କିମ୍ବା ପଶୁର ଗର୍ଭପାତ ପରେ ନିର୍ଗତ ସ୍ରାବ, ଫୁଲ ତଥା ମୃତ ବାଛୁରୀକୁ ଖାଲି ହାତରେ ଧରିଥାନ୍ତି ବା ଏହା ଆଖିଭିତରେ ପଡିଥାଏ ତେବେ ମଧ ସଂକ୍ରମିତ ହେବାର ଆଶଙ୍କା ଥାଏ । (ଅନୁଚ୍ଛେଦ ୪ର ଘ-ଅଧ୍ୟାୟ ଦେଖନ୍ତୁ) ।
- ପଶୁମାନଙ୍କୁ ଟୀକାକରଣ ସମୟରେ ଯଦି ଭୁଲ ବଶତଃ ଛୁଂଚି ମଣିଷ ଶରୀରରେ ଫୋଡି ହୋଇଯାଏ ତେବେ ଏହି ରୋଗ ହେବାର ସମ୍ଭାବନା ମଧ ଥାଏ ।

## ଖ. ମଣିଷମାନଙ୍କ ଠାରେ ହେଉଥିବା ଯକ୍ଷ୍ମା

- ମଣିଷଙ୍କ ଠାରେ ଦେଖାଯାଉଥିବା ଯକ୍ଷ୍ମା ଗାଈଗୋରୁଙ୍କ ଠାରେ ଦେଖାଯାଇଥିବା ଯକ୍ଷ୍ମା (ସଂବନ୍ଧିତ ଅନୁଚ୍ଛେଦ ୫ର ଖ-ଅଧ୍ୟାୟ ଦେଖନ୍ତୁ) ଜୀବାଣୁ ଯୋଗୁଁ ହୋଇଥାଏ । ମଣିଷ ଶରୀରରେ ଦେଖାଯାଇଥିବା ଯକ୍ଷ୍ମା ଜୀବାଣୁ ଓ ଗାଈଗୋରୁ ଶରୀରରେ ଦେଖାଯାଇଥିବା ଯକ୍ଷ୍ମା ରୋଗର ଜୀବାଣୁ ପ୍ରାୟତଃ ସମାନ ଦିଶନ୍ତି । ଏଣୁ ରୋଗକୁ ଠିକ୍ ଭାବରେ ଚିହ୍ନଟ କରିବା ପାଇଁ ଜଟିଳ ପରୀକ୍ଷା କରିବାକୁ ପଡେ ।
- ମଣିଷଠାରେ ଦେଖାଯାଉଥିବା ଯକ୍ଷ୍ମା ରୋଗଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ କାରଣ ଏହି ରୋଗର ଜୀବାଣୁ, ଗାଈଗୋରୁ ଶରୀରରେ ମଧ ଯକ୍ଷ୍ମା ରୋଗ କରିଥାଏ । ଅନେକ ସମୟରେ ମନୁଷ୍ୟ ଯକ୍ଷ୍ମା ଓ ଗାଈଗୋରୁ ଯକ୍ଷ୍ମା ରୋଗରେ ପ୍ରାୟତଃ ସମାନ ପ୍ରକାରର ଜୀବାଣୁ ଗୁଡ଼ିକର ସଂକ୍ରମଣ ଦେଖାଯାଇଥାଏ ।
- ପ୍ରାୟତଃ ଯକ୍ଷ୍ମା ରୋଗର ଲକ୍ଷଣ ଶେଷ ଆଡକୁ ହିଁ ପ୍ରକାଶ ପାଇଥାଏ, ଯେତେବେଳେ ଏହି ରୋଗୀଟି ଶରୀରରେ ବହୁ ମାତ୍ରାରେ କାୟା ବିସ୍ତାର କରିସାରିଥାଏ । ସାଧାରଣ ଲକ୍ଷଣ ଗୁଡ଼ିକ ହେଲା - କାଶ ହେବା, ଶରୀର କ୍ଷତ ହେବା, ଖାଇବା କମ୍ ହେବା ଇତ୍ୟାଦି । ମୁଖ୍ୟତଃ କାଶ ହେଲେ ଏବଂ ବହୁତ ଦିନ ଧରି ଏହି କାଶ ଚିକିତ୍ସା କରି ମଧ ଭଲ ନ ହେଲେ, ଏହାକୁ ଯକ୍ଷ୍ମା ବୋଲି ଧରି ନେବାକୁ ହେବ ଏବଂ ଏହି ରୋଗ ପାଇଁ ପରୀକ୍ଷା କରି, ଆବଶ୍ୟକ ଚିକିତ୍ସା କରିବାକୁ ପଡିବ ।
- ସଂକ୍ରମିତ ଗାଈର କ୍ଷୀର ପିଇଲେ କିମ୍ବା ସଂକ୍ରମିତ ପଶୁ ସଂସ୍ପର୍ଶରେ ଆସିଲେ ମଣିଷକୁ ଏହି ରୋଗ ବ୍ୟାପିଥାଏ ।

## ଗ. ଲେପ୍ଟୋସ୍ପାଇରୋସିସ୍

- ଗାଈମାନେ ହିଁ ରୋଗର ମୁଖ୍ୟ ବାହକ ଅଟନ୍ତି ।
- ସଂକ୍ରମିତ ଗାଈର ମୂତ୍ରରେ ତଥା ଗର୍ଭାଶୟରୁ ନିର୍ଗତ ପଦାର୍ଥ ସଂସ୍ପର୍ଶରେ ଆସିଲେ ତଥା ସଂକ୍ରମିତ ଗାଈମାନଙ୍କ କ୍ଷୀର ଦୁହୁଁଥିବା ଲୋକଙ୍କୁ ଏହି ରୋଗ ହୋଇଥାଏ । ମୁଖ୍ୟତଃ ବର୍ଷା ଦିନରେ ହିଁ ଏହି ରୋଗ ଅଧିକ ମାତ୍ରାରେ ବ୍ୟାପିଥାଏ ।
- ମୁଖ୍ୟ ଲକ୍ଷଣ ଗୁଡ଼ିକ ହେଲା - ଜ୍ୱର, ମୁଣ୍ଡ ବିନ୍ଧା, ବାନ୍ତି ଲାଗିବା ଓ ବାନ୍ତି ହେବା, ପତଳା ଝାଡ଼ା ହେବା, କାମଳ ରୋଗ ତଥା ଶରୀରରେ ସ୍ଥାନେ ସ୍ଥାନେ କ୍ଷତ ଦେଖାଯିବା ଇତ୍ୟାଦି ।

## ଘ. ଅନ୍ତ ନଳୀ ଓ ପାକସ୍ଥଳୀ ସଂକ୍ରମଣ ଜନିତ ଜୁନୋଟିକ୍ ରୋଗ

- କେତେକ ଜୀବାଣୁ ଯଥା ସାଲମୋନେଲା, ଇକୋଲାଇ, କାମ୍ପାଇଲୋବ୍ୟାକ୍ଟର, ରୋଟା ଭୂତାଣୁ, କ୍ରିପ୍ଟୋସ୍ପୋରିଡିଆ ଓ ଜିଆରଡିଆ ଦ୍ୱାରା ପଶୁମାନଙ୍କଠାରୁ ମନୁଷ୍ୟକୁ ପାକସ୍ଥଳୀ ଓ ଅନ୍ତ ନଳୀ ସଂକ୍ରମଣ ବ୍ୟାପିଥାଏ ।
- ଏହି ରୋଗ ମୁଖ୍ୟତଃ ସଂକ୍ରମିତ ପଶୁର ମଳ ମୂତ୍ର ଓ ଅନ୍ୟାନ୍ୟ ସଂକ୍ରମିତ ବସ୍ତୁ ସଂସ୍ପର୍ଶରେ ଆସିଲେ ଏହା ଖାଦ୍ୟ ମାଧମରେ ଶରୀର ମଧକୁ ପଶିଥାଏ ଓ ରୋଗ କରିଥାଏ ।
- ଏହି ରୋଗ ସାଧାରଣତଃ କମ୍ ବୟସ୍କ, ଦୁର୍ବଳ, ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ଓ ଗର୍ଭବତୀ ପଶୁମାନଙ୍କୁ ହୋଇଥାଏ ।
- ମୁଖ୍ୟ ଲକ୍ଷଣ ଗୁଡ଼ିକ ହେଲା - ଜ୍ୱର, ପତଳା ଝାଡ଼ା, ଭୋକ ନ ଲାଗିବା, ଶରୀର ଦୁର୍ବଳ ହୋଇଯିବା, ଶରୀରରେ ଜଳାଭାବ ଦେଖାଯିବା (ଶରୀର ଶୁଖିଲା ଦିଶିବା) ଇତ୍ୟାଦି ।

## ଙ. ଟିଙ୍କ ଦ୍ୱାରା ବ୍ୟାପୁଥିବା ଜୁନୋଟିକ୍ ରୋଗ

- ଆମ ଦେଶରେ ବହୁ ଜାଗାରେ ଟିଙ୍କ ଦ୍ୱାରା ହେଉଥିବା ଜୁନୋଟିକ୍ ରୋଗ ଦେଖିବାକୁ ମିଳୁଛି ।
- ଏଥିରେ କୌଣସି ସଠିକ୍ ଲକ୍ଷଣ ପ୍ରକାଶ ପାଉ ନଥିବାରୁ ଏହି ରୋଗକୁ ଚିହ୍ନଟ କରିବାରେ କଷ୍ଟ ହୋଇଥାଏ ।
- ବାବେସିଓସିସ୍, ରିକେଟସିଆ ଆଦି ଟିଙ୍କ ଦ୍ୱାରା ବ୍ୟାପୁଥିବା ଜୁନୋଟିକ୍ ରୋଗ । ଯେଉଁ ଲୋକମାନେ ଗାଈମାନଙ୍କ ନିକଟରେ ବାସ କରନ୍ତି ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।

# ଅନୁଚ୍ଛେଦ- ୧୩

## ଗୋ ପ୍ରଜନନ

ଆମ ଦେଶରେ ବହୁ ସମୟ ଧରି ଚୟନମୂଳକ ପ୍ରଜନନ ଗାଈ ଓ ମଇଁଷିମାନଙ୍କ ପାଇଁ କ୍ଷୀରର ଉତ୍ପାଦନ ବଢାଇବା ଉଦ୍ଦେଶ୍ୟରେ ଚାଲି ଆସିଛି ଓ ବହୁ ଅଂଚଳରେ ଏହା ଅତି ଭଲଭାବରେ କାର୍ଯ୍ୟ କରିଛି । ତଥାପି ବହୁତ ଗୁଡ଼ିଏ ଗୋ-ମଇଁଷି ପ୍ରଜାତି ଆଜି ବି ପ୍ରଜାତି ଉନ୍ନତିକରଣ କାର୍ଯ୍ୟକ୍ରମରେ ସାମିଲ ହୋଇପାରି ନାହାନ୍ତି । ତେଣୁ ସେହି ପ୍ରଜାତି ଗୁଡ଼ିକ ନିମ୍ନମାନର ଦୁଗ୍ଧ ଉତ୍ପାଦନ କ୍ଷମତାରେ ରହି ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ଆମ ଦେଶର ଦୁଗ୍ଧ ଉତ୍ପାଦନର ପରିମାଣ ବଢାଇବାକୁ ଏହି ସବୁ କମ୍ କ୍ଷୀର ଦେଉଥିବା ଦେଶୀ ଗାଈ ବା ମଇଁଷି ମାନଙ୍କର ଦୁଗ୍ଧ ଉତ୍ପାଦନ ବଢାଇବାର ଆବଶ୍ୟକତା ରହିଛି । ବୈଜ୍ଞାନିକ ପଦ୍ଧତି ମାଧ୍ୟମ ଯଥା ସଙ୍କର ପ୍ରଜନନ ଏଥି ସହିତ ଦେଶୀ ପ୍ରଜାତି ଗୁଡ଼ିକୁ ନିଜର ଉତ୍ପତ୍ତିସ୍ଥଳରେ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ବଢାଇବାର ମଧ ଆବଶ୍ୟକତା ରହିଛି । କୃତ୍ରିମ ପ୍ରଜନନ ଦ୍ୱାରା ସନ୍ତାନ ଓ କ୍ଷୀର ପରିମାଣ ବଢିବା ସହିତ ସନ୍ତାନ ବର୍ଗ ମାନଙ୍କର ପରୀକ୍ଷଣ ବା ବଂଶାବଳୀ ଅନୁଯାୟୀ ମନୋନୟନ ଆଦି ବ୍ୟବସ୍ଥାମାନ ଅନୁବଂଶୀୟ ଗୁଣାବଳୀ ବିକାଶ ପାଇଁ ଦରକାର । ଏକ ଲାଭଜନକ ଦୁଗ୍ଧ ବ୍ୟବସାୟ ପାଇଁ ପ୍ରତି ଗୋ ବା ମଇଁଷି ଏକ ରୁ ଦେଢ ବର୍ଷ ଅନ୍ତରାଳରେ ବାଛୁରୀ ଜନ୍ମ / ପ୍ରସବ କରିବା ଦରକାର । ନିମ୍ନଲିଖିତ ବିଷୟ ଗୁଡ଼ିକ ପ୍ରଜନନ ସମ୍ବନ୍ଧୀୟ ସବିଶେଷ ଜ୍ଞାନ ଦେଇପାରିବ ।

(କ) ଗରମର ଲକ୍ଷଣ, ପ୍ରଜନନର ସଠିକ୍ ସମୟ

(ଖ) କୃତ୍ରିମ ପ୍ରଜନନର ଲାଭ

(ଗ) କ୍ଷୀର ଦେଉଥିବା ପଶୁଟିକୁ କ୍ଷୀର ବ   କରିବା କେମିତି

(ଘ) ସାଧାରଣ ପ୍ରସବ ଓ କଷ୍ଟ ପ୍ରସବ

(ଙ) ବନ୍ଧ୍ୟା ଦୋଷ ଓ ତା'ର ନିରାକରଣ

(ଚ) ସନ୍ତାନ ବର୍ଗର ପରୀକ୍ଷଣ ଉପରେ ସମ୍ୟକ୍ ଧାରଣା

(ଛ) ବଂଶାବଳୀ ଅନୁଯାୟୀ ମନୋନୟନ/ଚୟନ ଉପରେ ସମ୍ୟକ୍ ଧାରଣା

## (କ) ଗରମ

- ଗରମ ଅବସ୍ଥା ହେଉଛି ଏକ ସମୟ ଯେଉଁଥିରେ ପଶୁଟି (ଛଡା ଗାଈ, ଗର୍ଭାବସ୍ଥାରେ ନଥିବା ଗାଈ) ଅନ୍ୟ ପଶୁମାନଙ୍କୁ ନିଜ ଉପରେ ଚଢ଼ିବାକୁ ଦେଇଥାଏ।
- ସାଧାରଣତଃ ଗୋ ଓ ମଇଁଷି (ଛଡ଼ା ଗାଈ/ମଇଁଷି) ମାନେ ପ୍ରତି ୨୧ ଦିନ ଅନ୍ତରରେ ଗରମକୁ ଆସିଥାନ୍ତି। ମାତ୍ର ୧୮ରୁ ୨୪ ଦିନ ମଧରେ ମଧ ଗରମ ଆସିପାରନ୍ତି। ଏହି ଗରମ ଅବସ୍ଥା ୬ ରୁ ୩୦ ଘଣ୍ଟା ଯାଏଁ ରହିଥାଏ।
- ଗାଈଟିର ଉତ୍ପାଦକ ବୟସ ବଢାଇବା ପାଇଁ ପ୍ରସବର ୬୦ରୁ ୯୦ ଦିନ ଭିତରେ ଗରମକୁ ଆସିବା ଦରକାର। ଏହା ଫଳରେ ଗାଈଟି ପ୍ରତିବର୍ଷ ଗୋଟେ ବାଛୁରୀ ଜନ୍ମ କରିପାରିବ।
- ଦୁଇଟି ବାଛୁରୀ ଜନ୍ମ ବା ପ୍ରସବ ମଧରେ ଅଧିକ ସମୟ ବ୍ୟବଧାନ ଗାଈଟିର ଜୀବନକାଳର ଦୁଗ୍ଧ ଉତ୍ପାଦନତା ଉପରେ ଖରାପ ପ୍ରଭାବ ପକାଇଥାଏ। ମାନେ ଦୁଗ୍ଧ ଉତ୍ପାଦନତା କମ୍ ହୋଇଯାଇଥାଏ।
- ତେଣୁ ଗରମ ସମୟ ଜାଣିବା, ଗାଈଟିର ପ୍ରଜନନ ବା ପରିଚାଳନର ଏକ ମୂଖ୍ୟାଂଶ ଅଟେ।
- ଗରମ ଥିବାର ତାରିଖ ଓ କୃତ୍ରିମ ପ୍ରଜନନ ତାରିଖ ଲେଖି ରଖିବା ଦରକାର। କାରଣ ଏହା ପରବର୍ତ୍ତୀ ଗରମ ତାରିଖ ବା ପ୍ରସବ ତାରିଖ ଅନୁମାନ କରିବା ଓ ଏହି ତାରିଖ ହିସାବରେ ଗାଈଟିକୁ ପ୍ରସ୍ତୁତ ବା ପରିଚାଳନା କରିବା ଦରକାର।

## ଗରମର ଲକ୍ଷଣ

- ବାରମ୍ବାର ହମ୍ବାଳିବା ବା ବୋବାଳି ଛାଡ଼ିବା।
- ଲାଞ୍ଜ ଟେକିବା ଏବଂ ଶରୀରର ପଛଭାଗକୁ ଲମ୍ବାଇବା।
- ଯୋନି ଦ୍ୱାର ଫୁଲିବା ଓ ଲାଲ୍ ଦେଖାଯିବା।
- ଯୋନି ଦ୍ୱାର ଦେଇ କାଚ ପରି ସଫା, ପତଳା ଓ ଅଠାଳିଆ ଲାଳ ପଡିଥାଏ।
- ବାରମ୍ବାର ପରିସ୍ରା କରିବା।
- ଖାଦ୍ୟ ଓ କ୍ଷୀରର ପରିମାଣ କମାଇ ଦେବା।
- ଅସ୍ଥିର ହେବା, ଅନ୍ୟ ପଶୁକୁ ଶୁଙ୍ଘିବା ବା ଅନ୍ୟ ପଶୁ ଉପରେ ଚଢ଼ିବା।
- ଗରମର ୧୦ ରୁ ୧୨ ଘଣ୍ଟା ପରେ ପଶୁଟି ଅନ୍ୟ ପଶୁକୁ ତା' ଉପରେ ଚଢ଼ିବାକୁ ଦେଇଥାଏ। ଏହା କୃତ୍ରିମ ପ୍ରଜନନ କରିବା ପାଇଁ ଉପଯୁକ୍ତ ସମୟ ଅଟେ।



ଯେତେବେଳେ ପଶୁଟି ଅନ୍ୟ ପଶୁମାନଙ୍କୁ ନିଜ ଉପରେ ଚଢ଼ିବାକୁ ଦେଇଥାଏ ତାହା କୃତ୍ରିମ ପ୍ରଜନନ ପାଇଁ ସଠିକ୍ ସମୟ ଅଟେ।

## ପ୍ରଜନନର ସଠିକ୍ ସମୟ

- ପ୍ରଜନନ (କୃତ୍ରିମ ପ୍ରଜନନ ବା ଷଣ୍ଢ ଦ୍ୱାରା ପ୍ରାକୃତିକ ସଙ୍ଗମ), ଗରମ ଆସିବାର ୧୨ ରୁ ୧୪ (ବା ସର୍ବାଧିକ ୧୮ଘଣ୍ଟା ପରେ) କରାଇବା ଉଚିତ୍। ଯାହା ସାଧାରଣତଃ ସନ୍ଧ୍ୟାରେ ଗରମ ଦେଖିଲେ ସକାଳେ ବା ସକାଳେ ଦେଖିଲେ ସନ୍ଧ୍ୟାରେ କୃତ୍ରିମ ପ୍ରଜନନ କରାଇବା ଦରକାର।
- ଯଦି ଗରମ ଅଧିକ ସମୟ ଧରି ରହିଥାଏ ତେବେ ଦୁଇଥର ମଧ ଗାଈଟିକୁ କୃତ୍ରିମ ପ୍ରଜନନ କରାଇବା ଆବଶ୍ୟକ ହୋଇପାରେ (୧୨ ଘଣ୍ଟା ଅନ୍ତରରେ)।
- ଯଦି ପଶୁଟି କୃତ୍ରିମ ପ୍ରଜନନରେ ଗର୍ଭ ନ ରଖେ ତେବେ ପୁଣି ଥରେ ୧୮ ରୁ ୨୧ ଦିନ ପରେ ଗରମକୁ ଆସିବ।
- ପ୍ରଜନନର ୨୧ ଦିନ ପରେ ପଶୁଟିକୁ ଗରମର ଲକ୍ଷଣ ପାଇଁ ବାରମ୍ବାର ଦେଖିବା ଉଚିତ୍। ମୁଖ୍ୟତଃ ସକାଳେ ଓ ସନ୍ଧ୍ୟାରେ ଦେଖିବା ଦରକାର।
- ମଇଁଷି ମାନଙ୍କ ପାଇଁ ବିଶେଷ କରି ଭଲଭାବରେ ନଜର ରଖିବା ଦରକାର କାରଣ ମଇଁଷି ମାନଙ୍କ କ୍ଷେତ୍ରରେ ଗରମର ଲକ୍ଷଣ ଗୁଡ଼ିକ ସ୍ପଷ୍ଟ ଭାବରେ ଦେଖାଯାଇନଥାଏ।

## (ଖ) କୃତ୍ରିମ ପ୍ରଜନନର ଉପକାରିତା

- କୃତ୍ରିମ ପ୍ରଜନନ ଉନ୍ନତ ମାନର ନିରୋଗ ଷଣ୍ଢ ମାନଙ୍କର ହିମୀକୃତ ଶୁକ୍ରାଣୁକୁ ବ୍ୟବହାର କରି କରାଯାଇଥାଏ ।
- ପ୍ରାକୃତିକ ସଙ୍ଗମ ଦ୍ୱାରା ଯୌନରୋଗ ବ୍ୟାପିବାର ସମ୍ଭାବନା ଥାଏ ଯାହା କୃତ୍ରିମ ପ୍ରଜନନ ଦ୍ୱାରା ରୋକାଯାଇପାରିବ ।
- କୃତ୍ରିମ ପ୍ରଜନନ ସମୟରେ ଅନ୍ୟାନ୍ୟ ଯୌନ ରୋଗ ଓ ପ୍ରଜନନ ସଂବନ୍ଧୀୟ ସମସ୍ୟା ଚିହ୍ନଟ କରାଯାଇପାରିଥାଏ ।
- ଏକ ଉନ୍ନତ ଷଣ୍ଢର ଶୁକ୍ରାଣୁ ବହୁ ସଂଖ୍ୟକ ଗାଈମାନଙ୍କ ପାଇଁ ବ୍ୟବହାର କରାଯାଇପାରେ ।
- ଗାଈ ଓ ମଇଁଷିଟି ଗରମ ଥିବା ସମୟରେ ଷଣ୍ଢ ଖୋଜିବା ପରିବର୍ତ୍ତେ ଉନ୍ନତମାନ ଗୁଣବତ୍ତା ଥିବା ଷଣ୍ଢର ଶୁକ୍ରାଣୁ ବ୍ୟବହାର କରି କୁଶଳୀ କୃତ୍ରିମ ପ୍ରଜନନକାରୀ ମାନଙ୍କ ଦ୍ୱାରା କୃତ୍ରିମ ପ୍ରଜନନ କରାଯାଇଥାଏ ।
- କୃତ୍ରିମ ପ୍ରଜନନ ଦ୍ୱାରା ଜନ୍ମିତ ମାଈ ବାଛୁରୀ ଦ୍ରୁତ ବୃଦ୍ଧିହାର ତଥା ଅଧିକ ଉତ୍ପାଦନକ୍ଷମ ହୋଇଥାଆନ୍ତି ।
- ଉନ୍ନତମାନ ଗୁଣବତ୍ତା ଥିବା ଷଣ୍ଢର ଶୁକ୍ରାଣୁ ଆମଦାନୀ କରାଯାଇପାରେ । ଷଣ୍ଢର ମୃତ୍ୟୁ ପରେ ହିମୀକୃତ ଶୁକ୍ରାଣୁ ମଧ ବ୍ୟବହାର କରାଯାଇପାରିବ ।
- କୃତ୍ରିମ ପ୍ରଜନନ ଗୋପାଳକମାନଙ୍କର ଘରେ କରାଯାଇଥାଏ । ଫଳରେ ଗାଈଟିକୁ ପଶୁ ଚିକିତ୍ସକଙ୍କ ପାଖକୁ ନେଇକରି ଯିବାକୁ ପଡିନଥାଏ ଯାହାଦ୍ୱାରା ଚାଷୀଭାଇର ସମୟ ବଂଚିଥାଏ ।
- କୃତ୍ରିମ ପ୍ରଜନନ ମାଧମରେ ପ୍ରଜାତିର ଅନୁବଂଶୀୟ ଗୁଣରେ କମ୍ ସମୟରେ ବିକାଶ/ବୃଦ୍ଧି ଘଟିଥାଏ । (ସଂବନ୍ଧୀୟ ଅଧ୍ୟାୟ ଦେଖନ୍ତୁ)
- କୃତ୍ରିମ ପ୍ରଜନନ ସହଜ ଓ ଲାଭଦାୟକ ଅଟେ ।




କୃତ୍ରିମ ପ୍ରଜନନ କୁଶଳୀ ପ୍ରଜନନକାରୀ ଦ୍ୱାରା ଚାଷୀର ଘରେ କରାଯାଉଛି ।

## କୃତ୍ରିମ ପ୍ରଜନନ ପରବର୍ତ୍ତୀ ସମୟରେ ତଦାରଖ କରିବା

- କୃତ୍ରିମ ପ୍ରଜନନ କରିବାର ୨୧ ଦିନ ପରେ ପଶୁଟିକୁ ଗରମର ଲକ୍ଷଣ ପାଇଁ ଦେଖିବା ଦରକାର ।
- କୃତ୍ରିମ ପ୍ରଜନନର ୬୦ ଦିନ ପରେ ଗର୍ଭ ପରୀକ୍ଷା କରିବା ଦରକାର ।
- ଯଦି ୩ଥର କୃତ୍ରିମ ପ୍ରଜନନ କରିବା ପରେ ଗର୍ଭ ନ ରହେ ତେବେ ପ୍ରାଣୀ ଚିକିତ୍ସକଙ୍କୁ ସମ୍ପର୍କ କରିବା ଦରକାର । (ବନ୍ଧ୍ୟାଦୋଷ ବିଷୟ ଦେଖନ୍ତୁ)

**ଦୁଗ୍ଧର ପରିମାଣ ବଢାଇବା ପାଇଁ କୃତ୍ରିମ ପ୍ରଜନନ ଏକ ସହଜ ଓ ଶସ୍ତା ଉପାୟ ।**

## (ଗ) କ୍ଷୀର ଦେଉଥିବା ପଶୁଟିର କ୍ଷୀର ବ  କରିବା କିପରି ?

କ୍ଷୀର ଦେଉଥିବା ଗାଈ ପାଇଁ ପଡ଼ିଆ ସମୟ (କ୍ଷୀର ବ   ରହିବା ସମୟ) ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଅଧିକ କ୍ଷୀର ପାଇବା ଓ ଭଲ ସ୍ୱାସ୍ଥ୍ୟ ପାଇଁ ଦୁଧିଆଳୀ ଗାଈମାନଙ୍କୁ ପଡ଼ିଆ ସମୟ ଦେବା ଉଚିତ୍ ଫଳରେ ପରବର୍ତ୍ତୀ ବାଛୁରୀ ଜନ୍ମ ପରେ ଅଧିକ କ୍ଷୀର ମିଳିପାରିବ । ଏହି ପଡ଼ିଆ ସମୟରେ ପହ୍ନାର ପୁନଃର୍ବିନ୍ୟାସ ବା ଗଠନ ହେବା ସହ ପରବର୍ତ୍ତୀ କ୍ଷୀର ଦେବା ସମୟ ପାଇଁ ପ୍ରସ୍ତୁତ ହୋଇଥାଏ ତେଣୁ ପଡ଼ିଆ ସମୟରେ କୌଣସି ଅସୁବିଧା ରହିଲେ  ତାହା ବାଛୁରୀ ଜନ୍ମ ପରେ ଗାଈର ସ୍ୱାସ୍ଥ୍ୟ ଓ ଦୁଗ୍ଧ ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ ।

ଯେଉଁ ଗାଈମାନେ ଅଧିକ କ୍ଷୀର ଦେଇଥାନ୍ତି ସେମାନଙ୍କ ପାଇଁ ଏହି ପଡ଼ିଆ ସମୟ ଅଧିକ ଜଟିଳ ହୋଇଥାଏ । ପ୍ରକୃତ କ୍ଷୀର ବ   କରିବାର ୨ ସପ୍ତାହ ପୂର୍ବରୁ ପଡିଆ କରିବାର ପ୍ରସ୍ତୁତି ଯାହା ଉଚିତ୍ ମାତ୍ରାରେ ଦାନା ବା ଖାଦ୍ୟର ପରିବର୍ତ୍ତନ କରି କରାଇବାକୁ ପଡିଥାଏ । ଦାନାରେ ଶ୍ୱେତସାର ଖାଦ୍ୟର ପରିମାଣ କମାଇ ଓ ଅଳ୍ପ ସମୟ ପାଇଁ ତନ୍ତୁ ଜାତୀୟ ଖାଦ୍ୟ ବଢ଼ାଇବା ଦରକାର ଫଳତଃ ଶରୀରରେ କ୍ଷୀର ତିଆରି ପାଇଁ ଉପଯୁକ୍ତ ଉପାଦାନର ଅଭାବ ରହିବ । ଏପରି କରିବା ଫଳରେ କ୍ଷୀରର ପରିମାଣ ହ୍ରାସ ଘଟିଥାଏ ଓ ପଡିଆ କରିବା ସହଜ ଓ ନିରାପଦ ହୋଇଥାଏ ।

### ପଡ଼ିଆ ରହିବାର ସମୟ

ପଶୁଟିକୁ ସାଧାରଣତଃ ୬୦ ଦିନ ପାଇଁ ପଡିଆ ରହିବା ଉଚିତ୍ । ଯଦି ଏହି ପଡିଆ ରହିବା ସମୟ ଅଧିକ ଦିନ ଧରି ହୋଇଥାଏ ତେବେ ପଶୁଟି ମୋଟା ହେବାର ଭୟ ମଧ ରହିଥାଏ । ଯାହାଦ୍ୱାରା ମୋଟା ହେବାର ରୋଗ ମାନ ଦେଖାଯାଇଥାଏ ଓ ବାଛୁରୀ ଜନ୍ମ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ।

### ପଡ଼ିଆ କରିବାର ଉପାୟ

- କ୍ଷୀର ବ  କରିବାର ୨ ରୁ ୩ ସପ୍ତାହ ପୂର୍ବରୁ ଦାନାର ପରିମାଣ ଧିରେ ଧିରେ କମାଇବା ଦରକାର
- କ୍ଷୀର ବ  କରିବାର ୧ ରୁ ୨ ସପ୍ତାହ ପୂର୍ବରୁ ସମ୍ପୂ ର୍ଣ୍ଣ ଦାନା ଦବା ବ  କରିବା ଦରକାର
- ଦିନକୁ ୧୨ ଲିଟରରୁ ଅଧିକ କ୍ଷୀର ଦେଉଥିଲେ ଦାନା ବା ଖାଦ୍ୟର ପରିମାଣକୁ ସୀମିତ ରଖିବା ଦରକାର
- କ୍ଷୀର ବ  କରିବାର ୩ ଦିନ ପୂର୍ବରୁ ଖାଦ୍ୟର ଶୁଖିଲା / ଶୁଷ୍କ ଅଂଶକୁ କମାଇ କେବଳ ଶରୀର ପାଇଁ ଦରକାର ମୁତାବକ ରଖିବା ଦରକାର
- ହଠାତ୍ କ୍ଷୀର ଦୁହିଁବା ବ  କରିବା ଦରକାର ମାତ୍ର ପାଣି ପିଇବାକୁ କମ୍ କରାଇବା ଅନୁଚିତ୍ ।
- ପ୍ରତିଦିନ ପଡିଆ ଗାଈକୁ ଭଲଭାବରେ ନିରୀକ୍ଷଣ କରିବା ଉଚିତ୍

ଆଦର୍ଶ ଭାବରେ ପଡିଆ ଗାଈର ଶରୀରର ଆବଶ୍ୟକତା ପୂରଣ କରିବା ପାଇଁ ପଡିଆ ହେବାର ଏକ ସପ୍ତାହ ପରେ କେବଳ ଚରିବାକୁ ଦେବା ଉଚିତ୍




## ଘ. ସାଧାରଣ ପ୍ରସବ ଓ କଷ୍ଟ ପ୍ରସବ

- ସାଧାରଣତଃ ପ୍ରସବ ସମୟରେ ଗାଈଟି କୌଣସି ସାହାଯ୍ୟର ଆବଶ୍ୟକ କରି ନଥାଏ।
- ପ୍ରସବର ଗୋଟିଏ ଦିନ ପୂର୍ବରୁ ଏକ ଅଠାଳିଆ ଲାଳ ଯୋନିରୁ ବାହାରି ଥାଏ।
- ବୟସ୍କ ଗାଈମାନଙ୍କ କ୍ଷେତ୍ରରେ ପାଣି ଥଳିଟି ଫାଟିବାର ୩୦ ରୁ ୫୦ ମିନିଟ୍ ଭିତରେ ବାଛୁରୀ ଜନ୍ମ ହୋଇଥାଏ ମାତ୍ର ଏହା ୨ ଘଣ୍ଟା ଯାଏ ମଧ୍ୟ ବଢ଼ିଯାଇପାରେ।
- ଏହି ସମୟ ଛଡ଼ାମାନଙ୍କର ପ୍ରଥମ ପ୍ରସବ ସମୟରେ ୪ ଘଣ୍ଟା ଯାଏ ବଢ଼ିଯାଇପାରେ।
- ପାଣି ଥଳୀ ଫାଟିବାର ଏହି ସମୟ ସୀମା ମଧ୍ୟରେ ଯଦି ପ୍ରସବ ନ ହୋଇପାରେ ତେବେ ଏହାକୁ କଷ୍ଟ ପ୍ରସବ ବୋଲି କୁହାଯାଏ। ଏହିପରି କଷ୍ଟ ପ୍ରସବ ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ଡ଼ାକିବାକୁ ପଡ଼ିଥାଏ।
- ପାଣି ଥଳୀଟି ଫାଟିବା ପରେ ଯଦି ମୁଣ୍ଡ ଓ ଦୁଇଗୋଡ ବାହାରକୁ ବାହାରି ଥାଏ ତେବେ ପଶୁଚିକିତ୍ସକଙ୍କୁ ଡ଼ାକିବା ଦରକାର ନାହିଁ କାରଣ ଏହିପରି ସ୍ଥଳେ ପ୍ରସବ ସିଧାସଳଖ ଭାବେ ହୋଇଥାଏ।

- ଏହି ପରିସ୍ଥିତିରେ ବାଛୁରୀର ଦୁଇଗୋଡକୁ ଧରି ତଳ ଆଡକୁ ସାମାନ୍ୟ ଟାଣିଲେ ବାଛୁରୀ ବାହାରି ଆସିଥାଏ।
- ଯଦି ଆଗଗୋଡ଼ ଓ ମୁଣ୍ଡ ବାହାରି ନଥାଏ ତେବେ କଦାପି ବାଛୁରୀଟିକୁ ଟଣାଟଣି କରିବା ଅନୁଚିତ୍। ଯଦି ଗୋଟିଏ ଆଗଗୋଡ ଓ ମୁଣ୍ଡ ଦେଖାଯାଉଥିବ ତେବେ ବି ଟାଣିବା ଉଚିତ୍ ନୁହେଁ। ଯଦି କୌଣସି ଭୁଲ୍ ଉପସ୍ଥାପନା ବା ଅବସ୍ଥା ଦେଖାଯାଏ ବା ପାଣିଥଳୀ ଫାଟିବା ପରେ କିଛି ଦେଖା ନ ଯାଏ ତେବେ ଜଣେ ପ୍ରାଣୀଚିକିତ୍ସକଙ୍କୁ ଡାକିବା ଦରକାର।
- ଏହିଭଳି କଷ୍ଟ ପ୍ରସବରେ ଡେରିରେ କାମ ଆରମ୍ଭ କଲେ ତାହା ବହୁବିଧ ଜଟିଳତାର ରୂପ ନେଇଥାଏ।



ସାଧାରଣ ପ୍ରସବ ସମୟରେ ବାଛୁରୀଟିର ମୁଣ୍ଡ ଓ ଦୁଇଗୋଡ ବାହାରକୁ ବାହାରି ଥାଏ।



କଷ୍ଟ ପ୍ରସବରେ ଦେଖାଯାଉଥିବା ବାଛୁରୀ ଭୁଲ୍ ଅବସ୍ଥାନ

## ବାଛୁରୀ ଜନ୍ମ ପରର ତଦାରଖ କରିବା

- ସାଧାରଣ ପରିସ୍ଥିତିରେ ପଶୁଟି ପ୍ରସବର ୪୫ ଦିନ ଭିତରେ ଗରମକୁ ଆସିଥାଏ।
- ତେଣୁ ପଶୁଟିକୁ ପ୍ରସବ ପରେ ପ୍ରଥମ ଗରମ ଛାଡ଼ି ତା'ପର ଗରମରେ ବା ୬୦ ରୁ ୯୦ ଦିନ ଭିତରେ ପ୍ରଜନନ କରାଇବା ଦରକାର।
- ପ୍ରସବ ପରେ ୬୦ ଦିନ ଭିତରେ ପଶୁଟି ଗରମକୁ ନ ଆସିଲେ ଜଣେ ପ୍ରାଣୀ ଚିକିତ୍ସକଙ୍କୁ ସଂପର୍କ କରନ୍ତୁ।

## ଙ. ବନ୍ଧ୍ୟା ଦୋଷ

- ବନ୍ଧ୍ୟା ଦୋଷ ହେଉଛି ଏକ ଅସ୍ଥାୟୀ ପ୍ରଜନନ ସମସ୍ୟା ଯେଉଁଥିରେ ପଶୁଟି ଗର୍ଭଧାରଣ କରିବାରେ ସମର୍ଥ ହୋଇ ନଥାଏ । ସାଧାରଣତଃ କୌଣସି ପ୍ରଜନନ ସମସ୍ୟା ନଥିଲେ ପଶୁଟି ୧୨ ରୁ ୧୪ ମାସ ଭିତରେ ଥରଟିଏ ପ୍ରସବ କରିଥାଏ ।
- ବନ୍ଧ୍ୟା ଦୋଷ ଯୋଗୁଁ ଗୋପାଳକମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡିଥାଏ । କାରଣ ପଶୁଟି ଡେ଼ରିରେ ଗର୍ଭଧାରଣକରେ, ଡେରିରେ ଛୁଆ ଦିଏ ଫଳରେ କମ୍ କ୍ଷୀର ମିଳିଥାଏ । ଚାଷୀଟି ମଧ୍ୟ ଏକ ବାଞ୍ଝ ଗାଈଟିକୁ ପାଳନ କରି ଆର୍ଥିକ କ୍ଷତି ସହିଥାଏ ।
- ବନ୍ଧ୍ୟା ଦୋଷର ଅନେକ କାରଣ ରହିଛି ଯଥା - (କ) ଯୌନ ରୋଗ, (ଖ) ଅନ୍ୟାନ୍ୟ ସଂକ୍ରାମକ ରୋଗ, (ଗ) ଗରମ ନ ଆସିବା, ବାରମ୍ବାର ଲେଉଟାଇବା, ଚୋରା ଗରମ ଆସିବା ବା ଡିମ୍ବାଶୟ ରୋଗାକ୍ରାନ୍ତ ହେବା, (ଘ) ଜନ୍ମଗତ ବା ଶରୀରର ଅନ୍ତଃଗଠନରେ କୌଣସି ଅସୁବିଧା, (ଙ) ଭୁଲ୍ କୃତ୍ରିମ ପ୍ରଜନନ ପ୍ରଣାଳୀ ।


### ବନ୍ଧ୍ୟାଦୋଷର ନିରାକରଣ


- ଗରମ ଥିଲା ବେଳେ ସଠିକ୍ ସମୟରେ ପ୍ରଜନନ କରିବା ଉଚିତ୍ । (ଗରମ ଚିହ୍ନିବା ବିଷୟ ଦେଖନ୍ତୁ)
- ଅଧିକ ସମୟ ଗରମ ରହୁଥିବା ଗାଈଟିକୁ ଦୁଇଥର କୃତ୍ରିମ ପ୍ରଜନନ କରିବା ଆବଶ୍ୟକ ପଡିପାରେ ।
- ଚୋରା ଗରମକୁ ଜାଣିବା ପାଇଁ ଭଲଭାବରେ ନିରୀକ୍ଷଣ କରିବା ଦରକାର, ମୁଖ୍ୟତଃ ମଇଁଷିମାନଙ୍କ ପାଇଁ ଚୋରା ଗରମ ଜାଣିବା ବହୁତ ଜରୁରୀ ଅଟେ ।
- ଜନ୍ମଠାରୁ ପଶୁଟିକୁ ସଠିକ୍ ପୋଷଣ ଦେବା ଉଚିତ୍ ।
- ସେହିପରି ଜନ୍ମଠାରୁ ସଠିକ୍ ମାତ୍ରାର ଧାତବ ଲବଣ ପଶୁଟିକୁ ଖାଇବାକୁ ଦେବା ଉଚିତ୍ ।
- ଗରମ ଦିନରେ / ଗ୍ରୀଷ୍ମ ଋତୁରେ ଅଂଶୁଘାତର ଚାପ କମାଇବା ପାଇଁ ପଶୁଟିକୁ ସଫା, ପାଣି ସବୁବେଳେ ପିଇବା ପାଇଁ ରଖିବା ସହିତ ଉପଯୁକ୍ତ ଜାଗା, ଛାୟା, ସ୍ନାନ ଓ ଥଣ୍ଡା ରଖିବାର ବ୍ୟବସ୍ଥା କରିବା ଦରକାର ।
- କୃତ୍ରିମ ପ୍ରଜନନ କାରୀଙ୍କ ବୈଷୟିକ ଜ୍ଞାନ ବା ଦକ୍ଷତା ବିଷୟରେ ଜାଣିବା ଜରୁରୀ ।
- ଯଦି ତିନିଥର ପ୍ରଜନନ ପରେ ଗାଈ ଗର୍ଭଧାରଣ ନ କରେ ତେବେ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନେବା ଦରକାର । ଅଯଥା ବାରମ୍ବାର କୃତ୍ରିମ ପ୍ରଜନନ କରିବା ଫଳରେ ଯୌନାଙ୍ଗ ଗୁଡ଼ିକ ଖରାପ ହୋଇଯାନ୍ତି ।
- ଯେଉଁ ପଶୁଟିର ଯୌନାଙ୍ଗର ଗଠନମୂଳକ ତ୍ରୁଟି ରହିଯାଇଛି ତାହା ଗର୍ଭଧାରଣ କରିପାରେ ନାହିଁ ।
- ସଂକ୍ରାମକ ରୋଗ ବା ଯୌନାଙ୍ଗ ରୋଗ ମଧ୍ୟ ପଶୁଟିକୁ ବନ୍ଧ୍ୟାଦୋଷ ଆଡକୁ ନେଇଯାଇଥାଏ । ଏହି ପରିସ୍ଥିତିରେ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଚିକିତ୍ସା କରିବା ଉଚିତ୍ ।

### ସାଧାରଣ ଭାବରେ ଗରମ ଆସୁଥିବା ଗାଈ ଗର୍ଭ ରଖିବାର ବିଭିନ୍ନ କାରଣ


ସଠିକ୍ ଗରମ ଚିହ୍ନିବା


ଠିକ୍ ଭାବରେ ହିମୀକୃତ ଶୁକ୍ରାଣୁର ବ୍ୟବହାର


କୃତ୍ରିମ ପ୍ରଜନନର ସଠିକ୍ ସମୟ ଓ ପ୍ରଣାଳୀ ।


ସଠିକ୍ ଜାଗାରେ ଶୁକ୍ରାଣୁ ଛାଡ଼ିବା (କୃତ୍ରିମ ପ୍ରଜନନ ସମୟରେ)

- ଗାଈର ଗରମଥିବା ଅବସ୍ଥା ସଠିକ୍ ଭାବରେ ଚାଷୀଭାଇ ଚିହ୍ନିବା ଦରକାର ।
- ଠିକ୍ ଭାବରେ ହିମୀକୃତ ଶୁକ୍ରାଣୁର ବ୍ୟବହାର, କୃତ୍ରିମ ପ୍ରଜନନର ସଠିକ୍ ସମୟ ଓ ପ୍ରଣାଳୀ ସଠିକ୍ ଜାଗାରେ ଶୁକ୍ରାଣୁ ଛାଡ଼ିବା ଇତ୍ୟାଦିକୁ ପଶୁ ଚିକିତ୍ସକଙ୍କ ବା ପ୍ରଜନନକାରୀଙ୍କ ଉପରେ ନିର୍ଭର କରିଥାଏ ।
- ତେଣୁ ସବୁବେଳେ ଜଣେ ଅଭିଜ୍ଞ / କୁଶଳୀ ପ୍ରଜନନକାରୀଙ୍କ ଦ୍ୱାରା କୃତ୍ରିମ ପ୍ରଜନନ କରିବା ଦରକାର ନଚେତ୍ ପରବର୍ତ୍ତୀ ବିଭିନ୍ନ ଅସୁବିଧାମାନ ଦେଖାଯାଇଥାଏ ।
- ଭଲ ସ୍ୱାସ୍ଥ୍ୟ ଥିବା ଏକ ଉନ୍ନତ ପ୍ରଜାତି ଛଡ଼ା ୧୮ ମାସ ଭିତରେ ପ୍ରଥମ ଗରମକୁ ଆସିଥାଏ ।
- ମଇଁଷି ବା ଦେଶୀ ଛଡ଼ା ମାନେ ଟିକେ ଡେରି ମାନେ ପାଖାପାଖି ୨୪ ମାସ ଭିତରେ ପ୍ରଥମ ଗରମକୁ ଆସିଥାନ୍ତି ।

## (ଚ) ସନ୍ତାନ ବର୍ଗର ପରୀକ୍ଷଣ ଉପରେ ସଂକ୍ଷିପ୍ତ ଧାରଣା


ସନ୍ତାନ ବର୍ଗର ପରୀକ୍ଷଣ ଏକ ବୈଜ୍ଞାନିକ ଉପାୟ ଯାହାଦ୍ୱାରା ଯେକୌଣସି ପ୍ରଜାତିର ଚୟନମୂଳକ ପ୍ରଜନନ ମାଧ୍ୟମରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇପାରିବ ।

ପ୍ରଥମ ସୋପାନ : କୌଣସି ଏକ ଅଞ୍ଚଳରେ ସବୁଠୁ ଭଲ କ୍ଷୀର ଦେଉଥିବା ଗାଈମାନଙ୍କୁ ଚୟନ କରି ଭଲ କ୍ଷୀର ଦେଉଥିବା ମା' ଠାରୁ ଜନ୍ମ ହୋଇଥିବା ଷଣ୍ଢର ଶୁକ୍ରାଣୁକୁ ବ୍ୟବହାର କରି ପ୍ରଜନନ କରିବା ।




ଏକ ପ୍ରଜାତିର ସବୁଠୁ ଭଲ କ୍ଷୀର ଦେଉଥିବା ଗାଈ

X



ଏକ ପ୍ରଜାତିର ସବୁଠୁ ଭଲ ଷଣ୍ଢ

ଦ୍ୱିତୀୟ ସୋପାନ : ମା' ଗାଈର କ୍ଷୀରର ପରିମାଣକୁ ଆକଳନ କରି ଅଣ୍ଡିରା ବାଛୁରୀଗୁଡ଼ିକୁ କିଣିବା ଯେଉଁଠି ମା ଓ ବାଛୁରୀ ବିଭିନ୍ନ ରୋଗ ମୁକ୍ତ ଥିବେ ।




ବଛାଯାଇଥିବା ଅଣ୍ଡିରା ବାଛୁରୀଗୁଡ଼ିକ

ତୃତୀୟ ସୋପାନ : ବଛାଯାଇଥିବା ଅଣ୍ଡିରା ବାଛୁରୀଗୁଡ଼ିକୁ ବିଭିନ୍ନ ସ୍ତର ଦେଇ ଭିନ୍ନ ଭିନ୍ନ ପରୀକ୍ଷା ମାଧ୍ୟମରେ ପରବର୍ତ୍ତୀ ସୋପାନ ପାଇଁ ବାଛିବା ଦରକାର । ବିଭିନ୍ନ ସ୍ତର ଅର୍ଥାତ୍ ସଂଗରୋଧ (ରୋଗ ନିରୋଧ ପାଇଁ ଅଲଗା ରଖିବା) ସମୟ ଓ ତାହାର ପୂର୍ବ ସମୟ ଏବଂ ପରୀକ୍ଷା ପାଇଁ ରଖିବା ସ୍ଥାନରେ ଆଦି । ଯେଉଁ ଅଣ୍ଡିରା ବାଛୁରୀମାନେ ଏହି ପରୀକ୍ଷାରେ ନିରୋଗୀ ବିବେଚିତ ସେମାନେ ପରବର୍ତ୍ତୀ ସୋପାନକୁ ଯିବେ ।



X



ପରୀକ୍ଷଣ ହେବାକୁଥିବା ଷଣ୍ଢ

ଚତୁର୍ଥ ସୋପାନ : ବଛା ଯାଇଥିବା ଷଣ୍ଢ ମାନଙ୍କର ଶୁକ୍ରାଣୁ ସଂଗ୍ରହ କରାଯାଇ ସେହି ଅଞ୍ଚଳରେ ବହୁ ସଂଖ୍ୟାର ଗାଈମାନଙ୍କୁ ଗର୍ଭଧାରଣ ପାଇଁ ବ୍ୟବହାର କରାଯିବ ।



ପରୀକ୍ଷଣ ହେବାକୁଥିବା ଷଣ୍ଢର ଝିଅମାନେ

ପଂଚମ ସୋପାନ : ଏହି ପ୍ରଜନନରେ ଗର୍ଭଧାରଣ କଲା ପରେ ଜନ୍ମ ହେବା ମାଈ ବାଛୁରୀ ମାନଙ୍କର କ୍ଷୀର ଦେବାର ପରିମାଣକୁ ହିସାବ କରିବା ଦରକାର । ଷଣ୍ଢର ପରୀକ୍ଷଣ ପାଇଁ ଅତି କମ୍‌ରେ ୧୦୦ଟି ମାଈ ବାଛୁରୀର ୧ମ ଥର ଛୁଆ ଦେବା ପରେ କ୍ଷୀର ପରିମାଣ ହିସାବକୁ ନେବା ଦରକାର ।

ଷଷ୍ଠ ସୋପାନ : ଏହି ପ୍ରକ୍ରିୟାରେ ଭଲ ବିବେଚିତ ଷଣ୍ଢମାନଙ୍କର ପ୍ରଜନନ ମୂଲ୍ୟ ଆକଳନ କରି ଆଗାମୀ ଦିନରେ ପ୍ରଜନନ ପାଇଁ ବାଛିବା ଦରକାର । ସେହିପରି ଭଲ କ୍ଷୀର ଦେଉଥିବା ୧୦% ମାଈବାଛୁରୀ (୧ମ ଥର ଛୁଆ ଦେଇଥିବା) କୁ ମଧ୍ୟ ବାଛିବା ଦରକାର ।

୭ମ ସୋପାନ : ଉପର ସୋପାନରେ ବଛାଯାଇଥିବା ୧୦% ଭଲ ଷଣ୍ଢ ଓ ୧୦% ଭଲ ମାଈକୁ ନେଇ ଆଗାମୀ ପିଢ଼ୀ ପାଇଁ ଭଲ ଷଣ୍ଢ (ଅଣ୍ଡିରା ବାଛୁରୀ) ଉତ୍ପାଦନ ପାଇଁ ଉପଯୋଗ କରାଯାଏ ।

ଏହି ପ୍ରକ୍ରିୟାର ଗୋଟିଏ ଚରଣ ୬ ରୁ ୭ ବର୍ଷ ସରିବାକୁ ଲାଗିଥାଏ ଓ ଏହି ପ୍ରକ୍ରିୟାର ମଧ୍ୟ ଅନ୍ତଃପ୍ରଜନନ ନ ହେବା ପ୍ରତି ଦୃଷ୍ଟି ଦେବା ଉଚିତ୍ ।



କ୍ଷୀରର ପରିମାଣ ମାପିବା



ଏକ ହଲଷ୍ଟିନ୍ ପରୀକ୍ଷଣ ହେଉଥିବା ଷଣ୍ଢ




ଏକ ମୁରା ପରୀକ୍ଷଣ ହେଉଥିବା ଷଣ୍ଢ

**ସନ୍ତାନ ବର୍ଗର ପରୀକ୍ଷଣ ଏକ ବୈଜ୍ଞାନିକ ଉପାୟ ଯାହାଦ୍ୱାରା କୌଣସି ପ୍ରଜାତିର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଯାଇପାରିବ**

# ବଂଶାବଳୀ ଅନୁଯାୟୀ ମନୋନୟନ ଉପରେ ସଂକ୍ଷିପ୍ତ ଧାରଣା


ବଂଶାବଳୀ ମନୋନୟନ ପ୍ରକ୍ରିୟାରେ ବଛାଯାଉଥିବା ଷଣ୍ଢଗୁଡ଼ିକ କେବଳ ସେମାନଙ୍କର ମାତା ଓ ପିତାଙ୍କରମାତାର କ୍ଷୀର ଦେବା କ୍ଷମତା ଉପରେ ହିସାବ କରି ବଛାଯାଇଥାନ୍ତି । ଯେତେବେଳେ କୌଣସି ପ୍ରଜାତିର ଉତ୍ପତ୍ତିସ୍ଥଳ ଅଂଚଳରୁ ବହୁ ସଂଖ୍ୟକ ସମାନ ପ୍ରଜାତିର ଗୋବଂଶ ଥାନ୍ତି ମାତ୍ର ସେହି ଅଞ୍ଚଳରେ କୃତ୍ରିମ ପ୍ରଜନନ କରିବା ପାଇଁ ଉପଯୁକ୍ତ ସୁବିଧା ନ ଥାଏ ତେବେ ଏହି ପ୍ରକ୍ରିୟା ଲାଭଦାୟକ ହୋଇଥାଏ ।



ସୋପାନ ୧ – ଯେଉଁ ପ୍ରଜାତିକୁ ଆମେ ବାଛିବା ସେହି ପ୍ରଜାତିର ଭଲ ପଶୁଥିବା ଗାଁଟିକୁ ବାଛିବା ଦରକାର ।

ସୋପାନ ୨ – କୃତ୍ରିମ ପ୍ରଜନନର ସୁବିଧା ସେହି ଗାଁ / ଅଂଚଳରେ ଆରମ୍ଭ କରାଯାଏ । କୃତ୍ରିମ ପ୍ରଜନନ କରିବା ପାଇଁ ବଛାଯାଇଥିବା ଗାଁରେ ସଂପ୍ରସାରର ଶିକ୍ଷା ମାଧମରେ ଚାଷୀମାନଙ୍କୁ ଶିକ୍ଷିତ କରିବା, ସଚେତନ କରିବା, ବନ୍ଧ୍ୟାଦୋଷ ନିରାକରଣ ପାଇଁ ଶିବିର କରିବା, ବାଛୁରୀ ରାଲୀ/ଦୌଡ କରିବା ଆଦି କାର୍ଯ୍ୟକ୍ରମ କରିବା ଉଚିତ୍ ।

ସୋପାନ – ୩ : ଭଲ ଦେଶୀଗାଈମାନଙ୍କୁ ବାଛି ସେମାନଙ୍କର କ୍ଷୀରର ପରିମାଣକୁ ଲେଖି ରଖାଯିବ ଓ ଅଧିକ କ୍ଷୀର ଦେଉଥିବା ଗାଈମାନଙ୍କୁ ବଛାଯିବ ।




ଭଲ ଷଣ୍ଢମାନେ

ସୋପାନ – ୪ : ଏହି ଭଲ କ୍ଷୀର ଦେଉଥିବା ଗାଈମାନଙ୍କୁ ସେହି ପ୍ରଜାତିର ସର୍ବୋତ୍ତମ ଷଣ୍ଢମାନଙ୍କ ଶୁକ୍ରାଣୁକୁ ବ୍ୟବହାର କରି କୃତ୍ରିମ ପ୍ରଜନନ କରାଯିବ । ଏହାକୁ ବଛା ଚୟନିତ ପ୍ରକ୍ରିୟା କୁହାଯାଏ ।

ସୋପାନ-୫ : ଭଲ କ୍ଷୀର ଦେଉଥିବା ଗାଈମାନଙ୍କୁ ଜନ୍ମିତ ଅଣ୍ଡିରା ବାଛୁରୀମାନଙ୍କୁ ବିଭିନ୍ନ ରୋଗପାଇଁ ପରୀକ୍ଷା କରାଯାଇ ଥାଏ । ଏହି ପରୀକ୍ଷାରେ ଅଣ୍ଡିରା ବାଛୁରୀ ଓ ଗାଈ ନେଗେଟିଭ୍ ଥିଲେ ଅଣ୍ଡିରା ବାଛୁରୀମାନଙ୍କୁ ଚାଷୀଙ୍କ ଠାରୁ କିଣାଯାଇଥାଏ ।




ଅଣ୍ଡିରା ବାଛୁରୀଗୁଡ଼ିକ

ସୋପାନ – ୬ : ବଛାଯାଇଥିବା ଅଣ୍ଡିରା ବାଛୁରୀଗୁଡିକ ବିଭିନ୍ନ ସ୍ତରଦେଇ ଅର୍ଥାତ୍ ସଂଗରୋଧ ସମୟ ଓ ତାହାର ପୂର୍ବ ସମୟ ଏବଂ ପରୀକ୍ଷା ପାଇଁ ରଖିବା ସ୍ଥାନ ଆଦିକୁ ଅନେକ ପରୀକ୍ଷା ମାଧ୍ୟମରେ ବଛା ଯାଇଥାନ୍ତି । ଯେଉଁ ଅଣ୍ଡିରା ବାଛୁରୀମାନେ ଏହି ପରୀକ୍ଷାରେ ନିରୋଗୀ ବିବେଚିତ ହୁଅନ୍ତି ସେମାନେ ଶୁକ୍ରାଣୁ ସଂଗ୍ରହ କେ_କୁ ପଠା ଯାଆନ୍ତି ଓ ସେମାନଙ୍କ ଠାରୁ ଶୁକ୍ରାଣୁ ସଂଗ୍ରହ କରାଯାଏ ।

ସୋପାନ – ୭ : ଏହି ପ୍ରକ୍ରିୟାରେ ବଛାଯାଇଥିବା ଭଲ ଷଣ୍ଢ ମାନଙ୍କର ଶୁକ୍ରାଣୁ ବ୍ୟବହାର କରି ଅଧିକ ସଂଖ୍ୟାରେ ଗାଈମାନଙ୍କ ପାଇଁ ସେହି ପ୍ରଜାତିରେ ଉପଯୋଗ କରିବା ଦ୍ୱାରା ବଂଶୀୟ ଗୁଣରେ ବହୁ ଶୀଘ୍ର ଉନ୍ନତି ଦେଖାଯାଇଥାଏ ।



ଶୁକ୍ରାଣୁ ପରୀକ୍ଷଣ ସ୍ଥାନରେ ଷଣ୍ଢମାନେ





# ଅନୁଚ୍ଛେଦ - ୧୪

## କେତେକ ରୋଗର ପାରମ୍ପାରିକ ଚିକିତ୍ସା

ପ୍ରାଣୀମାନଙ୍କର କିଛି ରୋଗର ପାରମ୍ପାରିକ ଚିକିତ୍ସା ବହୁ ବର୍ଷ ଧରି ଚାଷୀମାନେ ଆପଣେଇ ସାରିଛନ୍ତି । ଏହି ପାରମ୍ପାରିକ ଚିକିତ୍ସା ବିଧି ଅନ୍ୟତମ ଔଷଧର ବ୍ୟବହାର ଭଳି ଚାଲିଆସୁଛି । ମୁଖ୍ୟତଃ ଯେଉଁ ଅଞ୍ଚଳରେ ପ୍ରାଣୀ ଚିକିତ୍ସା ସେବା ପହଞ୍ଚିବାରେ ଅସୁବିଧା ରହିଛି , ସେହି ସବୁ ଅଂଚଳରେ ଏହି ଅନ୍ୟତମ ଔଷଧ ମାଧମରେ ପାରମ୍ପରିକ ଚିକିତ୍ସା ଫଳପ୍ରଦ ହୋଇଛି ।

ତେଣୁ କେତେକ ରୋଗର ପାରମ୍ପାରିକ ଚିକିତ୍ସା ଯାହା ଅନେକ ସଂସ୍ଥା ଯଥା - ବେଫ୍ (BAIF), କେତେକ ଦକ୍ଷିଣ କର୍ଣ୍ଣାଟକର ଦୁଗ୍ଧ ସଂଘ, ଆନ୍ତର୍ଜାତୀୟ ଗ୍ରାମୀଣ ପୁନଃନିର୍ମାଣ ସଂସ୍ଥା (IRRR), ବିବେକାନ    କେ୍   ଆଦି ଦ୍ୱାରା ଲିପିବଦ୍ଧ ହୋଇ ସାରିଛି ତାହା ଏହି ଅଧ୍ୟାୟରେ ଦିଆଗଲା । ତଥାପି ଏହା କହିବା ଯଥାର୍ଥ ହେବ ଯେ ଏହି ସବୁ ପାରମ୍ପାରିକ ଚିକିତ୍ସା ପଦ୍ଧତି ଏକ ସୂଚନା ମାତ୍ର । ଏହା ସମ୍ପୂର୍ଣ୍ଣ ଚିକିତ୍ସା ବୋଲି ଦାବି କରାଯାଇ ନପାରେ । ଏହି ସବୁ ରୋଗର ଅନ୍ତଃର୍ନିହିତ କାରଣ ଜାଣି ତାହାକୁ ଚିକିତ୍ସା କରିବା ଦରକାର । ତେଣୁ ପ୍ରାଣୀ ଚିକିତ୍ସାଭିତ୍ତିକ ଉପଦେଶ ଜଲ୍ଦି ନେବା ଜରୁରୀ ଅଟେ । ସହଜରେ ଚିହ୍ନିବା ପାଇଁ ଗଛଗୁଡ଼ିକର ଚିତ୍ର ଦିଆଯାଇଛି । ତେଣୁ କେତେକ ରୋଗର ଚିକିତ୍ସା ପାଇଁ ନିମ୍ନରେ ପାରମ୍ପାରିକ ପଦ୍ଧତି ଓ ପ୍ରସ୍ତୁତି ଦିଆଗଲା । ।

(୧) କ୍ଷୀର ନ ଦେବା
(୨) ରକ୍ତ ହୀନତା
(୩) କବକ ସଂକ୍ରମଣ
(୪) ପେଟ ଫୁଲିବା
(୫) ଜଳୀୟ ଅଂଶ କମିବା
(୬) ତରଳ ଝାଡା
(୭) ବାହ୍ୟ ପରଜୀବୀ ରୋଗ
(୮) ଘା’ରେ ପୋକ ପଡିବା
(୯) କ୍ଷୀରରେ ରକ୍ତ ପଡିବା
(୧୦) ବନ୍ଧ୍ୟା ଦୋଷ
(୧୧) ପହ୍ନାରେ ପାଣି ଜମିବା
(୧୨) ବିଷକ୍ରିୟା
(୧୩) ଚିରରୁ କ୍ଷୀର ଠିକ୍‌ଭାବରେ ନ ବାହାରିବା
(୧୪) ଶରୀରର ଭିତର ଅଙ୍ଗ ବାହାରକୁ ବାହାରି ଆସିବା
(୧୫) ବାରମ୍ବାର ଗରମ ଆସିବା (ଗର୍ଭ ନ ରହିବା)
(୧୬) ବାଛୁରୀ ଜନ୍ମପରେ ଫୁଲ ନ ପଡିବା
(୧୭) ଚର୍ମ ରୋଗ
(୧୮) ପେଟ ଖରାପ ହେବା
(୧୯) ଜିଭ ଘା’
(୨୦) ଭାତୁଡି
(୨୧) ମାଛି ବିକର୍ଷକ
(୨୨) ଚର୍ମ ଫଳା ରୋଗ

## କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୧ | କ୍ଷୀର ନ ଦେବା | (୧) ସତାବରୀ | ସତାବରୀ ଚେର ୨୫୦ଗ୍ରାମ୍‌କୁ ବାଟି | ଦିନକୁ ୩ରୁ ୫ଥର ଖାଇବାକୁ ଦିଅନ୍ତୁ । |
| | | (୨) ଜୀବନ୍ତୀ | ପତ୍ର ଓ କାଣ୍ଡକୁ ଦାନାରେ ମିଶାଇ | ୫୦ ଗ୍ରାମ ମିଶ୍ରଣ ଦିନକୁ ୨ଥର ୩୦ ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଅନ୍ତୁ |
| ୨ | ରକ୍ତ ହୀନତା | ଅଁଳା | ୫୦ ଗ୍ରାମ୍ ଫଳ ବା ଛାଲିକୁ ବାଟି | ପ୍ରତିଦିନ ଖାଇବାକୁ ଦେବା |
| ୩ | କବକ ସଂକ୍ରମଣ | (୧) ରସୁଣ | ଛେଚି ପେଷ୍ଟ ତିଆରି କରି | ଭଲ ହେବା ଯାଏ ସଂକ୍ରମଣ ଯାଗାରେ ଲଗାନ୍ତୁ । |
| | | (୨) ନିମ୍ବ | ଛାଲି, ଫୁଲ, ମଞ୍ଜି ତେଲ କଅଁଳିଆ ପତ୍ରର ଛେଚି ପେଷ୍ଟ ତିଆରି କରନ୍ତୁ | ଭଲ ହେବା ଯାଏ ସଂକ୍ରମଣ ଯାଗାରେ ଲଗାନ୍ତୁ । |
| ୪ | ପେଟ ଫୁଲିବା (ସାମାନ୍ୟ) | ଅଦା, ରସୁଣ, ଅଳେଇଚ, ଲବଙ୍ଗ, ଗୁଡ | ୫୦ ଗ୍ରାମ୍ ଅଦା, ଗୋଟିଏ କୋଳା ରସୁଣ, ୩ଟି ଅଳେଇଚ, ୫ରୁ ୬ଟି ଲବଙ୍ଗ ଅଧା ଲିଟର ପାଣିରେ ପକାଇ ସିଝାନ୍ତୁ ଓ ସେଥିରେ ଅଳ୍ପ ଗୁଡ଼ ମିଶାନ୍ତୁ | ଦିନକୁ ଥରେ କରି ୨ଦିନ ଖାଇବାକୁ ଦିଅନ୍ତୁ । ପ୍ରତିଦିନ ନୂଆ କରି ତିଆରିକରି ଖୁଆନ୍ତୁ । ବାଛୁରୀମାନଙ୍କୁ ଏହାର ଅଧା ଦିଅନ୍ତୁ । |


ସତାବରୀ ଗଛ


ସତାବରୀ ଚେର


ଜୀବନ୍ତୀ ଗଛ ଓ ଫୁଲ



## କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୫ | ଜଳୀୟ ଅଂଶ କମିବା | ଲୁଣ, ଖାଇବାସୋଡ଼ା, ଚିନି | ଗୋଟେ ଲିଟର ପାଣିରେ ୨ ଚାମଚ ଲୁଣ, ଅଧାଚାମଚ ଖାଇବାସୋଡ଼ା ୪ଚାମଚ ଚିନି ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ | ବଡ଼ ପଶୁ ୨-୩ଲିଟର ୨ ରୁ ୩ ଥର ପ୍ରତିଦିନ । ବାଛୁରୀ ଅଧା ରୁ ୧ଲିଟର ଠିକ୍ ହେବା ଯାଏ ପିଆଇବା ଉଚିତ୍ । |
| ୬ | ତରଳ ଝାଡ଼ା | (୧) ଚା'ପତ୍ର, ଅଦା | ଏକ ମୁଠା ଚା'ପତ୍ର ନେଇ ୧ଲି. ପାଣିରେ ଗରମ କରିବ, ଛେଚା ହୋଇଥିବା ଅଧା ମୁଠା ଅଦାକୁ ଏହି ମିଶ୍ରଣରେ ଛାଣି ମିଶାଇବ | ଦିନକୁ ୨ଥର କରି ୩-୪ ଦିନ ପିଆଇବା ଉଚିତ୍ । |
| | | (୨) ପିଜୁଳି | ଅଧା କିଲୋ ପିଜୁଳି ପତ୍ରକୁ ୩ଗ୍ଲାସ୍ ପାଣିରେ ଗରମ କରନ୍ତୁ | ଦିନକୁ ୨ ଥର ପିଆଇବ |
| | | (୩) ପୋଟାସ୍ | ୫ ରୁ ୧୦ଟି ପୋଟାସ୍‌କୁ ଖଣ୍ଡକୁ ନେଇ ୧ଲି ପାଣିରେ ମିଶାଇବ | ଦିନକୁ ୨ ଥର ପିଆଇବ |



ଅଁଳା



ଚା'ପତ୍ର



ପିଜୁଳି


## କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୭ | ବାହ୍ୟ ପରଜୀବୀ ରୋଗ | (୧) ଆତ | କୌଣସି ଖାଇବା ତେଲରେ ଆତର ମଂଜି ଓ ପତ୍ରକୁ ବାଟି ତାହାର ୫୦% ଅଂଶକୁ ମିଶାଇବ | ଦିନକୁ ୨ ଥର ୫ ଦିନ ଯାଏଁ ଶରୀରରେ ଲଗାଇବ |
| | | (୨) ନିମ୍ବ | ପତ୍ରର ବଟା | ଶରୀରରେ ଲଗାଇବ |
| | | (୩) ଆତ, ନିମ୍ବ ଓ ଗଞ୍ଜେଇ ପତ୍ର | ଆତ ମଂଜି- ୧ ଭାଗ, ନିମ୍ବ ମଂଜି- ୧ ଭାଗ ଗଞ୍ଜେଇପତ୍ର ୧/୫ଭାଗ | ୨ଲିଟର ପାଣିରେ ମିଶାଇ ଲଗାଇବ |
| ୮ | ଘା'ରେ ପୋକ ପଡିବା | (୧) ଗେଣ୍ଡୁ, ରସୁଣ ଓ ତୁଳସୀ | ମୁଠାଏ ଗେଣ୍ଡୁ ଓ ତୁଳସୀ ପତ୍ରକୁ ୧ଟି ରସୁଣକୁ ଲେମ୍ବୁରେ ମିଶାଇ ପେଷ୍ଟ ତିଆରି କରିବ | ପେଷ୍ଟକୁ ୨ଥର ଦିନକୁ ଘା'ରେ ଲଗାଇବ |
| | | (୨) ଆତ ଓ ନିମ୍ବ | କେବଳ ଆତ ବା ନିମ୍ବ ପତ୍ରର ପେଷ୍ଟ ଅଥବା ଏହି ଦୁଇଟି ପତ୍ରକୁ ମିଶାଇ ପେଷ୍ଟ ତିଆରି କରିବ | ଦିନକୁ ଥରେ କରି ୫ରୁ ୬ ଦିନ ଯାଏଁ ଘା'ରେ ଲଗାଇବ |
| ୯ | କ୍ଷୀରରେ ରକ୍ତ ପଡିବା | ଲାଜକୁଳୀ | ଅଧାରୁ ଗୋଟେ କିଲୋ ଗଛକୁ ନେଇ ଘୋଳା ତିଆରି କରିବ | ଦିନକୁ ୨ଥର କରି ୩ ରୁ ୫ଦିନ ଯାଏଁ ଖାଇବାକୁ ଦେବ |


ଆତ


ଗେଣ୍ଡୁ


ନିମ୍ବ ପତ୍ର



## କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୧୦ | ବନ୍ଧ୍ୟା ଦୋଷ | ୧) ବାଇଗଣ ଓ କୋଳଥ | ପାଚିଲା ବାଇଗଣ ୧କିଲୋ ଓ କୋଳଥ ୨୫୦ଗ୍ରାମ୍ ମିଶାଇ ପାଣିରେ ବତୁରାଇ ଘୋଳା/ବଟା ତିଆରି କରିବ | ପ୍ରଥମେ ବାଇଗଣ ଓ ପରେ କୋଳଥ ପ୍ରତିଦିନ ଥରେ କରି ଏକ ସପ୍ତାହ ଖାଇବାକୁ ଦେବ |
| | | (୨) ନଡ଼ିଆ ଗଛ | ନଡ଼ିଆ ପୁଷ୍ପ ବୃନ୍ତକୁ ବାଟି ଛାଣି ତାହାକୁ ନଡ଼ିଆ ପାଣିରେ ମିଶାଇବ | ଦିନକୁ ଥରେ କରି ୩ ରୁ ୪ ଦିନ ପର୍ଯ୍ୟନ୍ତ ପିଇବାକୁ ଦେବ |
| ୧୧ | ପହ୍ନାରେ ପାଣି ଜମିବା | (୧) ଘି କୁଆଁରୀ, ଚୂନ ଓ ଲାଜକୁଳୀ ପତ୍ର | ଘି କୁଆଁରୀର ୨ରୁ ୩ ପତ୍ର ଓ ୫୦ ଗ୍ରାମ୍ ଲେମ୍ବୁ ଓ ୨ ରୁ ୩ ମୁଠା ଲାଜକୁଳୀ ପତ୍ରକୁ ମିଶାଇ ପେଷ୍ଟ/ବଟା ତିଆରି କରନ୍ତୁ | ଦିନକୁ ୨ଥର କରି ୪ ରୁ ୫ଦିନ କ୍ଷୀର ଦୁହିଁବା ପରେ ପହ୍ନାରେ ଲଗାଇବ |
| ୧୨ | ବିଷକ୍ରିୟା | (୧) ପାରଫିନ୍ ତେଲ / ଲିନ୍‌ସିଡ୍ ତେଲ/ ବନସ୍ପତି ତେଲ | ୧ ଲିଟର ( ଯେକୌଣସି ଖାଇବାତେଲ ତେଲ) | ଦିନକୁ ଥରେ ପିଆଇବ |
| | | (୨) କ୍ଷୀର / ନଡିଆ ପାଣି/ କୋଇଲା | ୧ଲିଟର କ୍ଷୀର ବା ନଡ଼ିଆ ପାଣି ସହ ୨୦୦ ଗ୍ରାମ୍ କୋଇଲାକୁ ୮୦୦ ମି.ଲି. ପାଣିରେ ମିଶାଇ | ଦିନକୁ ଥରେ ପିଆଇବ |



ଲାଜକୁଳୀ ପତ୍ର



ଘି କୁଆଁରୀ



କୋଳଥ ଦାନା

## କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୧୩ | ଚିରରୁ କ୍ଷୀର ଠିକ୍‌ଭାବରେ ନ ବାହାରିବା | (୧)ଜଙ୍ଗଲି ଆରାଣ୍ଡି/ ବାଇଗବା ପତ୍ର (ଜାଟ୍ରୋଫା) | ଗୋଟା ପତ୍ର | ୨ରୁ ୩ ମୁଠା ପତ୍ର ଖାଇବାକୁ ଦେବ |
| | | (୨)ଦୁଦୁରା | ଗୋଟେ ଦୁଦୁରା ଫଳକୁ ନେଇ ପାଉଁଶ ନିଆଁରେ ଗରମ କରି କୁଣ୍ଡା ସହ ମିଶାଇବ | ଥରେ ଖାଇବାକୁ ଦେବ । ଖାଇବାକୁ ଦେବା ପରେ ବାହାରକୁ ଛାଡ଼ିବ ନାହିଁ |
| | | (୩) ସତାବରୀ | ସତାବରୀର ମୂଳ (ବା) କାଣ୍ଡର ଅଂଶ | ଦିନକୁ ୨ଥର କରି ୪ ଦିନ ଯାଏଁ ଖାଇବାକୁ ଦେବ |
| ୧୪ | ଶରୀରର ଭିତର ଅଙ୍ଗ ବାହାରକୁ ବାହାରି ଆସିବା | ଲାଜକୁଳୀ | ଦୁଇମୁଠା ପତ୍ର ଓ ତାହାର ରସ ବାହାର କରି | ଦିନକୁ ୩ଥର କରି ବାହାରକୁ ବାହାରିବା ଥିବା ଅଙ୍ଗରେ ଲଗାଇବା |
| ୧୫ | ବାରମ୍ବାର ଗରମ ଆସିବା (ଗର୍ଭ ନ ରଖିବା) | (୧) ଭେର୍ସୁଙ୍ଗପତ୍ର | ୨ମୁଠା ପତ୍ର | ପ୍ରଜନନ ପରେ ୧୦ଦିନ ଯାଏଁ ଖାଇବାକୁ ଦେବ |
| | | (୨) ଲାଜକୁଳୀ | ୨୦୦ ଗ୍ରାମ୍ ଗଛକୁ ପାଣିରେ ସିଝାଇ | ୨ ରୁ ୩ ଦିନ ଯାଏଁ ଅର୍କ ବାହାର କରି ଖାଇବାକୁ ଦେବ |


ଜାଟ୍ରୋଫା


ଦୁଦୁରା


ଭେର୍ସୁଙ୍ଗ ପତ୍ର

## କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୧୬ | ବାଛୁରୀ ଜନ୍ମପରେ ଫୁଲ ନ ପଡିବା | (୧) ଲାଜକୁଳୀ | ୧ କି.ଗ୍ରା. ପତ୍ର | ଦିନକୁ ଥରେ କରି ୨ଦିନ ଖାଇବାକୁ ଦେବ |
| | | (୨) ବେଲ, ପିଆଜ, ଗୋଲମରିଚ, ରସୁଣ | ବେଲପତ୍ର-ଅଧାମୁଠା, ରସୁଣ-୬ପାଖୁଡ଼ା ଗୋଲମରିଚ-୧୦ଟା, ପିଆଜ-୨ଟା ମିଶାଇ/ବଟାଇ ଲହୁଣି ମରା ପାଣିରେ ମିଶାଇବ | ଦିନକୁ ଥରେ କରି ଖାଇବାକୁ ଦେବ |
| | | (୩) କପା | ୨ରୁ ୩ମୁଠା ଚେର ଓ ନରମ ଅଂଶରୁ ଅର୍କ ବାହାର କରି | ଦିନକୁ ଥରେ କରି ଖାଇବାକୁ ଦେବ |
| ୧୭ | ଚର୍ମ ରୋଗ | (୧) ନିମ୍ବ | ଛାଲି, ଫୁଲ, ନରମ କାଣ୍ଡକୁ ବାଟି ପେଷ୍ଟ ତିଆରି କରିବା | ଘା’ଯାଗାରେ ବା କୁଣ୍ଡାଇ ହେଉଥିବା ଯାଗାରେ ଲଗାଇବ |
| | | (୨) ବାଇଗଣ | ବାଇଗଣକୁ ଛଡାଇ ଜୋଆର ପାଉଡର ସହ ମିଶାଇ | ଘା’ଯାଗାରେ ବା କୁଣ୍ଡାଇ ହେଉଥିବା ଯାଗାରେ ଲଗାଇବ |


ବେଲ


ଗୋଲମରିଚ


କପା

# କେତେକ ସାଧାରଣ ଗଛଲତାକୁ ନେଇ ବିଭିନ୍ନ ରୋଗ ପାଇଁ ଔଷଧ ପ୍ରସ୍ତୁତି

| କ୍ର.ନଂ. | ରୋଗ/ଅବସ୍ଥା | ଚିକିତ୍ସା/ଗଛର ନାମ | ଔଷଧ ପ୍ରସ୍ତୁତି ପାଇଁ ପରିମାଣ | ମାତ୍ରା/ପରିମାଣ |
|---|---|---|---|---|
| ୧୮ | ପେଟ ଖରାପ ହେବା | ଅଦା, ସଜନା, ମହୁ | ୫୦୦ ମିଲି ଅଦା ରସ ୫୦୦ ମିଲି ସଜନା ପତ୍ର ରସକୁ ୨୦୦ ମିଲି ମହୁରେ ଭଲଭାବରେ ମିଶାଇ ଗୋଟିଏ ଡୋଜ୍ ପ୍ରସ୍ତୁତ କରିବ | ଦିନକୁ ୨ଥର ହିସାବରେ ୨ ଦିନ ଯାଏଁ ଖାଇବାକୁ ଦେବ |
| ୧୯ | ଜିଭ ଘା’ | ତେନ୍ତୁଳି, ରାଶି ତେଲ | ୧୦୦ ଗ୍ରାମ୍ ତେନ୍ତୁଳି ସହ ୨୦୦ଗ୍ରାମ୍ ରାଶି ତେଲ ମିଶାଇ ପେଷ୍ଟ ତିଆରି କରିବା | ମୁହଁ ଓ ଜିଭରେ ଦିନକୁ ୩ରୁ ୪ଥର ଲଗାଇବ |
| ୨୦ | ଭାତୁଡ଼ି | (୧) ନାଗଫେଣୀ | ଲମ୍ବାପତ୍ରର କ୍ଷୀରକୁ ଭାତୁଡ଼ିରେ ଲଗାଇବା | ଭାତୁଡି ନ ପଡିବା/ଝଡ଼ିବାଯାଏ ଦିନକୁ ୨ଥର ଲଗାଇବ |
| | | (୨) ଅମୃତଭଣ୍ଡା | ଗଣ୍ଡି, ଫଳ ବା ପତ୍ରର ମୂଳ ଅଂଶର କ୍ଷୀରକୁ ଭାତୁଡ଼ିରେ ଲଗାଇବ | ଦିନକୁ ୨ ଥର ଲଗାଇବ |
| ୨୧ | ମାଛି ବିକର୍ଷକ | ଘି କୁଆଁରୀ | ଘି କୁଆଁରୀ ପତ୍ରକୁ ବାଟି ରସ ବାହାର କରିବା | ଗାଈ ଶରୀରରେ ଲେପ ଦେବା ଓ ଆଖ ପାଖରେ ପକାଇବା |
| ୨୨ | ଚର୍ମ ଫଳା ରୋଗ | କାସିଆ ଆଲାଟା | ମୁଠାଏ ଶୁଖିଲା ପତ୍ରକୁ ବାଟି ପାଣି ବା ଲେମ୍ବୁ ପାଣିରେ ମିଶାଇ ଘୋଳ କରିବା | ଚର୍ମଫଳା ଜାଗାରେ ବ୍ରସ୍‌ରେ ଘସି ଲଗାଇବା ବା ନଡ଼ିଆ ଛାଲିରେ ଘସି ଲଗାଇବା |


ନାଗଫେଣୀ


ତେନ୍ତୁଳି


କାସିଆ ଆଲାଟା ଗଛ ଓ ଫୁଲ

# ଭାଗ - ୨

## ପଶୁ ପୋଷଣ ଓ ପରିଚାଳନା

ପଶୁ ପାଳନ ବ୍ୟବସାୟକୁ ଅଧିକ ଉତ୍ପାଦନକ୍ଷମ ତଥା ଲାଭକାରୀ କରିବା ପାଇଁ ହେଲେ ସନ୍ତୁଳିତ ଆହାର ମୂଳଦୂଆ ରୂପେ କାମ କରିଥାଏ । ସନ୍ତୁଳିତ ଗୋଖାଦ୍ୟ/ ପୋଷଣରେ ଅଭାବ ହେଲେ ପଶୁମାନଙ୍କର ଆନୁବଂଶିକ କ୍ଷମତା ସଂପୂର୍ଣ୍ଣଭାବରେ କାର୍ଯ୍ୟକ୍ଷମ ହୋଇନଥାଏ ତଥା ସଂପୂର୍ଣ ରୂପେ ନିଜର ଉତ୍ପାଦନ କ୍ଷମତାକୁ ଦର୍ଶାଇ ପାରିନଥାନ୍ତି । ପୋଷକ ତତ୍ତ୍ୱମାନଙ୍କର ଅସନ୍ତୁଳନ ତଥା କମ୍ ହେବା ଦ୍ୱାରା ଦୁଗ୍ଧ ଉତ୍ପାଦନ କରିବା, ପ୍ରଜନନ କ୍ଷମତା ଏବଂ ଶାରିରୀକ ବୃଦ୍ଧି କମ୍ ହେବା ସହିତ ରୋଗ ମଧ୍ୟ ବଢି ଯାଇପାରେ । ଦୈନିକ ଆହାରରେ ପୋଷକ ତତ୍ତ୍ୱ ତଥା ପୁଷ୍ଟିସାର, ଶ୍ୱେତସାର, ଶକ୍ତି, ଭିଟାମିନ୍ ଓ ମିନେରାଲ (ଖଣିଜ ତତ୍ତ୍ୱ) ସନ୍ତୁଳିତ ମାତ୍ରାରେ ଦେଲେ ହିଁ ପଶୁମାନଙ୍କର କାର୍ଯ୍ୟ କ୍ଷମତା, ପ୍ରଜନନ ତଥା ସ୍ୱାସ୍ଥ୍ୟରେ ସବୁଠାରୁ ଭଲ ଫଳ ମିଳିଥାଏ । ତେଣୁ ପୋଷକ ତତ୍ତ୍ୱରେ ସନ୍ତୁଳିତ ଗୋଖାଦ୍ୟ ପ୍ରାଣୀକୁ ଦେଲେ ଗୋପାଳନରୁ ଆର୍ଥିକ ଲାଭ ମିଳିଥାଏ ।

ଏହି ଅଧ୍ୟାୟକୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି

ଅନୁଚ୍ଛେଦ - ୧ ପ୍ରାଣୀଙ୍କୁ ଖୁଆଇବା ବ୍ୟବସ୍ଥା

ଅନୁଚ୍ଛେଦ - ୨ ଘାସ ଚାଷ

ଅନୁଚ୍ଛେଦ - ୩ ପଶୁ ଗୃହ / ପଶୁ ଆବାସ

# ଅନୁଚ୍ଛେଦ - ୧

## ପ୍ରାଣୀଙ୍କୁ ଖୁଆଇବା ବ୍ୟବସ୍ଥା

ଦୁଗ୍ଧ ବ୍ୟବସାୟରେ  ଗୋଖାଦ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, କାରଣ କ୍ଷୀର ଉତ୍ପାଦନର ଶତକଡା ୭୦ ଭାଗ ଖର୍ଚ୍ଚ ଏଥିରେ ହିଁ ହୋଇଥାଏ । ଗାଈ ମଇଁଷିମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଉପାଦାନ ଯଥା ଦାନା ଯେପରିକି ମିଶ୍ରିତ ଦାନା, ପିଡିଆ, ଶସ୍ୟ ଓ ଶସ୍ୟ ଉପଜାତ ଦ୍ରବ୍ୟ ଯଥା କୁଣ୍ଡା, ଚୋକଡ ଓ ଚୁନି, ଘାସ ଓ ସବୁଜ ଗୋଖାଦ୍ୟ ଫସଲ, ଫସଲର ଅବଶିଷ୍ଟାଂସ ଯେପରିକି ନଡା, ପାଳ ଓ ଷ୍ଟୋଭର୍ ଇତ୍ୟାଦି । ଏହି ଅଧ୍ୟାୟରେ ନିମ୍ନଲିଖିତ ବିଷୟରେ ଆଲୋଚନା କରାଯାଇଛି-

(କ) କ୍ଷୀର ଦେଉଥିବା ଗାଈଙ୍କୁ ଖୁଆଇବା କିପରି ?
(ଖ) ସନ୍ତୁଳିତ ଗୋଖାଦ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ
(ଗ) ଦୁଗ୍ଧ ଉତ୍ପାଦନରେ ମିଶ୍ରିତ ଦାନାର ଗୁରୁତ୍ୱ
(ଘ) ବାଇପାସ୍ ପୁଷ୍ଟିସାର ଖାଦ୍ୟର ଗୁରୁତ୍ୱ
(ଙ) ଖଣିଜ ମିଶ୍ରଣ ଖୁଆଇବାର ଗୁରୁତ୍ୱ
(ଚ) ୟୁରିଆ ମୋଲାସେସ୍ ମିନେରାଲ ବ୍ଲକ୍ (UMMB) ଏକ ଗୋ-ଖାଦ୍ୟ ଉପାଦାନ
(ଛ) ଦୁଧିଆଳୀ ପଶୁଙ୍କ ପାଇଁ ପିଇବା ପାଣିର ଗୁରୁତ୍ୱ
(ଜ) ଗର୍ଭବତୀ ପ୍ରାଣୀଙ୍କ ଯତ୍ନ
(ଝ) ପ୍ରସବ ପରେ ଗାଈକୁ କିପରି ଖୁଆଇବା
(ଞ) ଗାଈପାଇଁ ପୂର୍ଣ୍ଣ ମିଶ୍ରିତ ଗୋଖାଦ୍ୟ/ ଆହାରର ଉଦାହରଣ
(ଟ) ମଇଁଷିପାଇଁ ପୂର୍ଣ୍ଣ ମିଶ୍ରିତ ଗୋଖାଦ୍ୟ/ ଆହାରର ଉଦାହରଣ

## କ. କ୍ଷୀର ଦେଉଥିବା ଗାଈଙ୍କୁ ଖୁଆଇବା କିପରି ?

- ସାଧାରଣତଃ ଏକ ପ୍ରାପ୍ତ ବୟସ୍କ ପ୍ରାଣୀକୁ ପ୍ରତିଦିନ ୪-୬ କିଲୋ ଶୁଖିଲା ଘାସ/ନଡା ସହିତ ୧୫-୨୦ କିଲୋ ସବୁଜ ଘାସ ଦେବା ଉଚିତ୍ ।
- ଡାଲିଜାତୀୟ ଘାସ ଓ ଶସ୍ୟ ଜାତୀୟ ଘାସ ୧ :୩ ଅନୁପାତରେ ଖାଇବାକୁ ଦିଅନ୍ତୁ ।
- ସବୁଜ ଘାସର ଫସଲକୁ ଯେତେବେଳେ ଅଧା ଫସଲରେ ଫୁଲ ଆସିଯାଏ ସେତେବେଳେ କାଟିକରି ଖୁଆଇବା ଉଚିତ୍ ।
- ବଳକା ସବୁଜ ଘାସକୁ 'ହେ (ଶୁଖିଲା ଘାସ) ଅଥବା ସାଇଲେଜ୍ (ଘାସ ଆଚାର)' କରି ସାଇତି ରଖନ୍ତୁ ।
- ଖରା ଦିନରେ ବା ଯେତେବେଳେ ସବୁଜ ଘାସର ଅଭାବ ହୋଇଥାଏ ସେତେବେଳେ ସାଇତା ଘାସ କାମରେ ଆସିଥାଏ ।



ଡାଲିଜାତୀୟ ଘାସ



ଶସ୍ୟଜାତୀୟ ଘାସ



ମିଶ୍ରିତ ଦାନା

## ସାଧାରଣ ପରାମର୍ଶ

- ଅଧିକ କ୍ଷୀର ଉତ୍ପାଦନ ଏବଂ ପଶୁମାନଙ୍କର ପୋଷକତତ୍ତ୍ୱ ର ଆବଶ୍ୟକତାକୁ ପୂରଣ କରିବା ସହ ସନ୍ତୁଳିତ ଆହାର ପାଇଁ ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ (NDDB) ଦ୍ୱାରା ଏକ ଭଲ କମ୍ପ୍ୟୁଟର୍ / ମୋବାଇଲ ପ୍ରୋଗ୍ରାମ SOFTWARE ବାହାର କରାଯାଇଛି ।
- ଯଦି ମିଳୁଥାଏ ତେବେ କେବଳ ଶୁଖିଲା ଚାରା ଖାଉଥିବା ଗୋରୁଗାଈଙ୍କୁ ପଶୁ ଚେକାଲେଟ୍ (ୟୁରିଆ ମୋଲାସେସ୍ ମିନେରାଲ ବ୍ଲକ) ଖାଇବାକୁ ଦେବା ଉଚିତ୍ ।
- ଶରୀରର ଆବଶ୍ୟକତା ପୂରଣ କରିବା ତଥା ଦୁଗ୍ଧ ଉତ୍ପାଦନ କ୍ଷମତା ବଢାଇବା ପାଇଁ ମିଶ୍ରିତ ଦାନା ଅଥବା ବାଇପାସ୍ ପ୍ରୋଟିନ୍ ଗୋଖାଦ୍ୟ ଦେବା ଉଚିତ୍ ।
- ଖଣିଜ ଲବଣ ଶରୀରର ଅନ୍ତଃକ୍ରିୟାକୁ ସୁଚାରୁ ରୂପେ ପରିଚାଳନା କରିଥାଏ । ସେଥିପାଇଁ ପଶୁ ଆହାର ସହିତ ନିର୍ଦ୍ଦିଷ୍ଟ ଅଂଚଳ ଅନୁସାରେ ଖଣିଜ ଲବଣ ଖାଇବାକୁ ଦେବା ଦରକାର ।
- ପଶୁ ଦାନା ବା ଖାଦ୍ୟ ବଦଳାଇବା ବେଳେ ହଠାତ୍ ନ ବଦଳାଇ ଧୀରେ ଧୀରେ ବଦଳାଇବା ଉଚିତ୍ ।
- ପଶୁ ଆହାର ଘାସ ବା ନଡାକୁ ଛୋଟ ଛୋଟ କରି କାଟି ଖାଇବାକୁ ଦେଲେ ଖାଦ୍ୟ କମ୍ ନଷ୍ଟ ହୋଇଥାଏ ତଥା ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୋଇଥାଏ / ଜୀର୍ଣ୍ଣ ଶକ୍ତି ବଢିଥାଏ ।
- ବିଭିନ୍ନ ପ୍ରକାର ଖାଦ୍ୟ ଉପାଦାନ ଗୁଡିକୁ ଏକାଠି ମିଶାଇ ସୁପାଚ୍ୟ ଖାଦ୍ୟ ବା ସଂପୂର୍ଣ୍ଣ ମିଶ୍ରିତ ଆହାର (TMR) କରି ଖାଇବାକୁ ଦିଅନ୍ତୁ । ଦିନକର ସଂପୂର୍ଣ୍ଣ ଆହାରକୁ ତିନିରୁ ଚାରି ଭାଗ କରି ଖୁଆଇଲେ ସବୁଠାରୁ ଭଲ ହୋଇଥାଏ । ଏହାଦ୍ୱାରା ଖାଦ୍ୟ କମ୍ ନଷ୍ଟ ହେବା ସହିତ ଭଲଭାବେ ଜୀର୍ଣ୍ଣ ହୋଇଥାଏ ।



ଘାସକୁ ଟୁକୁରା କରି କଟାଯାଉଛି

## ଖ. ସନ୍ତୁଳିତ ଗୋଖାଦ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ

- ସାଧାରଣତଃ ଆଖପାଖରେ ମିଳୁଥିବା ଗୋଟିଏରୁ ଦୁଇଟି ଖାଦ୍ୟ ଉପାଦାନ ଯଥା ଦାନା, ଘାସ ଓ ଫସଲ ଅବେଶଷ ପ୍ରତିଦିନ ପଶୁମାନଙ୍କୁ ଖାଇବାକୁ ଦିଆଯାଇଥାଏ ।
- ଏହାଦ୍ୱାରା କିନ୍ତୁ ଅସନ୍ତୁଳିତ ଆହାର ମିଳିଥାଏ, ଯେଉଁଥିରେ କି ପୁଷ୍ଟିସାର, ଶକ୍ତି, ଖଣିଜତତ୍ତ୍ୱ ଓ ଭିଟାମିନ୍ ଆହାରରେ ଅଧିକ ବା କମ୍ ପରରିମାଣରେ ଥାଏ ।
- ଅସନ୍ତୁଳିତ ଖାଦ୍ୟ ଖାଇଲେ ଗାଈଗୋରୁଙ୍କ ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତା ବିଭିନ୍ନ ଉପାୟରେ ପ୍ରଭାବିତ ହୋଇଥାଏ । ଏହାଦ୍ୱାରା ଚାଷୀ ଗୋପାଳନରୁ ଯେତେ କ୍ଷୀର ପାଇପାରିବା କଥା ସେତେ ପାଇ ନଥାଏ ଓ ଚାଷୀକୁ କମ୍ ଲାଭ ମିଳିଥାଏ ।
- ସନ୍ତୁଳିତ ଆହାର ତିଆରି କରିବା ପାଇଁ ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ (NDDB) ଏକ କମ୍ପ୍ୟୁଟର୍ / ମୋବାଇଲ୍ ପ୍ରୋଗ୍ରାମ୍ ବାହାର କରିଛି । ଏହା ତାଲିମ୍ ପ୍ରାପ୍ତ ଚାଷୀଙ୍କ ଦ୍ୱାରା ବ୍ୟବହାର କରିହେବ ଅଥବା ଆଂଚଳିକ ସ୍ତରର ଦକ୍ଷ ବ୍ୟକ୍ତି (LRP) ମାନେ ମଧ୍ୟ ବ୍ୟବହାର କରିପାରିବେ ।
- ଚାଷୀମାନେ 'ପଶୁ ପୋଷଣ' ଆପ୍ କୁ ମଧ୍ୟ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରି ବ୍ୟବହାର କରିପାରିବେ ।

## ସନ୍ତୁଳିତ ଗୋଖାଦ୍ୟ କାର୍ଯ୍ୟକ୍ରମରର ଉପକାରିତା

- ସ୍ଥାନୀୟ ଅଂଚଳରେ ମିଳୁଥିବା ଖାଦ୍ୟ ଉପାଦାନକୁ ନେଇ କମ୍ ଖର୍ଚ୍ଚରେ ଗୋଖାଦ୍ୟ ବା ଦୈନିକ ଆହାର ତିଆରି କରାଯାଇପାରିବ ।
- ଦୁଗ୍ଧ ଉତ୍ପାଦନ ତଥା କ୍ଷୀରରେ ଲହୁଣୀ ଅଂଶ (FAT) ଓ ଛେନା (SNF) ଭାଗରେ ବୃଦ୍ଧି ।
- ଦୈନିକ ମୋଟ୍ ଲାଭର ପରିମାଣ ବଢିଥାଏ ।
- ପ୍ରଜନନ କ୍ଷମତା ବୃଦ୍ଧି ହୋଇଥାଏ ।
- ବାଛୁରୀ ଜନ୍ମର ବ୍ୟବଧାନ ହ୍ରାସ ହେବାରୁ ସମୁଦାୟ ଜୀବନରେ ଉତ୍ପାଦକତା ସମୟ ବଢିଥାଏ ।
- ପ୍ରାଣୀମାନଙ୍କ ସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ ।
- ବାଛୁରୀମାନଙ୍କ ବୃଦ୍ଧିହାର ଅଧିକ ହୋଇଥାଏ, ତେଣୁ ଶୀଘ୍ର ପ୍ରାପ୍ତ ବୟସ୍କ ହୋଇଥାନ୍ତି ।
- ମିଥେନ୍ ଯାହା ଏକ ସବୁଜ ଘର ଗ୍ୟାସ ବୋଲି କୁହାଯାଏ ଏହାର ବର୍ହିଗମନ କମ୍ ହୋଇଥାଏ ।



ଏକ ଆଂଚଳିକ ସ୍ତରର ଦକ୍ଷ ବ୍ୟକ୍ତି (LRP) ସ୍ଥାନୀୟ ଅଂଚଳରେ ମିଳୁଥିବା ଖାଦ୍ୟ ଉପାଦାନକୁ ନେଇ ସନ୍ତୁଳିତ ଗୋଖାଦ୍ୟ ପ୍ରସ୍ତୁତ କରୁଛି ।

## ଗ. ଦୁଗ୍ଧ ଉତ୍ପାଦନରେ ମିଶ୍ରିତ ଦାନାର ଗୁରୁତ୍ୱ

- ଦୁଗ୍ଧ ଉତ୍ପାଦକ ସଂଘମାନଙ୍କ ଦ୍ୱାରା ତିଆରି କରାଯାଉଥିବା ମିଶ୍ରିତ ଦାନା ଶରୀର ରକ୍ଷା, ଶରୀର ବୃଦ୍ଧି ପାଇଁ ତଥା ଦୁଗ୍ଧ ଉତ୍ପାଦନ ପାଇଁ ସମସ୍ତ ପୋଷକ ଉପାଦାନ ଭରି ରହିଥାଏ ।
- ଏହା ଉତ୍ତମ ମାନର ଶସ୍ୟ, ପିଡିଆ, ଚୋକଡ, ଗୁଡ (ମୋଲାସେସ୍), ଲୁଣ, ଧାତବ ଲବଣ ଓ ଭିଟାମିନ୍‌ରେ ତିଆରି ହୋଇଥାଏ ।
- ଏହା ଅପେକ୍ଷାକୃତ ଶସ୍ତା ତଥା ପଶୁମାନଙ୍କୁ ବହୁତ ସୁସ୍ୱାଦୁ ଲାଗିଥାଏ ।

### ଗୋଖାଦ୍ୟ ଖୁଆଇବା ପାଇଁ ପରାମର୍ଶ

- ଗୋଖାଦ୍ୟରେ ଆବଶ୍ୟକ ପୁଷ୍ଟିସାର, ଶକ୍ତି, ଖଣିଜ ଲବଣ ଓ ଭିଟାମିନ୍ ଶରୀର ବୃଦ୍ଧି, ଶରୀର ରକ୍ଷା ଓ ଦୁଗ୍ଧ ଉତ୍ପାଦନ ପାଇଁ ଯଥେଷ୍ଟ ହୋଇଥାଏ । ଗର୍ଭବତୀ ଗାଈକୁ ଅତିରିକ୍ତ ପରିମାଣର ଦାନା ଖାଇବାକୁ ଦେଲେ ଗର୍ଭସ୍ଥ ବାଛୁରୀଟି ଠିକ୍‌ରେ ବଢ଼ିଥାଏ ।
- ଏହା ପ୍ରଜନନ କ୍ଷମତା, ଦୁଗ୍ଧ ଉତ୍ପାଦନ କ୍ଷମତା ତଥା କ୍ଷୀରରେ ଲହୁଣୀର ପ୍ରତିଶତ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।
- ବଢ଼ୁଥିବା ପ୍ରାଣୀମାନଙ୍କୁ ୧-୨ କିଲୋଗ୍ରାମ୍ ମିଶ୍ରିତ ଦାନା ପ୍ରତିଦିନ ଖାଇବାକୁ ଦିଅନ୍ତୁ ।
- କ୍ଷୀର ଦେଉଥିବା ଗାଈମାନଙ୍କ ଶରୀର ରକ୍ଷା ପାଇଁ ୨ କିଲୋ ଦାନା ଦିଅନ୍ତୁ ଏବଂ କ୍ଷୀର ପାଇଁ ୪୦୦ ଗ୍ରା. ଗାଈକୁ ଓ ୫୦୦ ଗ୍ରା. ମଇଁଷିକୁ ପ୍ରତି ଲିଟର କ୍ଷୀର ପାଇଁ ଦେବା ଉଚିତ୍ ।
- ଏହା ବ୍ୟତୀତ, ଗର୍ଭବତୀ ପଶୁଙ୍କୁ ତାଙ୍କର ଶେଷ ଦୁଇମାସର ଗର୍ଭ ସମୟରେ ୧ କିଲୋ ଦାନା ଓ ୧ କିଲୋ ପିଡିଆ ଖାଇବାକୁ ଦିଅନ୍ତୁ ।



ବିଭିନ୍ନ ଶସ୍ୟ, ପିଡିଆ, ଚୋକଡ, ଗୁଡ, ଲୁଣ, ଧାତବ ଲବଣ ଓ ଭିଟାମିନ୍‌କୁ ନେଇ ଗୋଖାଦ୍ୟ ପ୍ରସ୍ତୁତ କରାଯାଇଛି ।

**ମିଶ୍ରିତ ଦାନା ସଠିକ୍ ପରିମାଣରେ ଦେଲେ ଗାଈ ଗୋରୁ ସୁସ୍ଥ ରହିବା ସହିତ କ୍ଷୀର ଉତ୍ପାଦନ ବଢ଼ିଥାଏ ।**

## ଘ. ବାଇପାସ୍ ପୁଷ୍ଟିସାର ଖାଦ୍ୟର ଗୁରୁତ୍ୱ

- ପୁଷ୍ଟିସାର ଶରୀର ବୃଦ୍ଧି ତଥା ଦୁଗ୍ଧ ଉତ୍ପାଦନ ପାଇଁ ନିହାତି ଆବଶ୍ୟକ ।
- ସାଧାରଣତଃ, ପ୍ରାୟ ଅଧିକାଂଶ ପୁଷ୍ଟିସାର ଜାତୀୟ ଖାଦ୍ୟ ପାକସ୍ଥଳୀର ପ୍ରଥମ କୋଠରୀ (ରୁମେନ୍) ରେ ଭାଙ୍ଗି ଯାଇଥାଏ ।
- କିନ୍ତୁ ବାଇପାସ୍ ପୁଷ୍ଟିସାରର ଏକ ବହୁଳ ଅଂଶ ରୁମେନ୍‌ରେ ନଭାଙ୍ଗି ଅନ୍ତନଳୀ ପର୍ଯ୍ୟନ୍ତ ଯାଇଥାଏ ଯାହାଦ୍ୱାରାକି ଏହି ପୁଷ୍ଟିସାର ଦେହରେ ଠିକ୍ ଭାବେ ଉପଯୋଗ ହୋଇଥାଏ ।
- ପୁଷ୍ଟିସାର ଜାତୀୟ ପିଡିଆ ଓ ମିଲ୍ କୁ ରସାୟନିକ ପ୍ରକ୍ରିୟାରେ ବାଇପାସ୍ ପୁଷ୍ଟିସାର ଦାନା / ଗୋଖାଦ୍ୟ ପରିବର୍ତ୍ତନ କରାଯାଇ ପାରିବ ।

## ବାଇପାସ୍ ପୁଷ୍ଟିସାର ଖାଦ୍ୟର ଉପଯୋଗିତା

- ଶସ୍ତା ଦାମ୍ ରେ ଉଚ୍ଚ ଗୁଣବତ୍ତାର ଖାଦ୍ୟ ।
- ଖାଦ୍ୟରେ ଥିବା ପୁଷ୍ଟିସାରର ଉପଯୋଗ ସଠିକ୍ ଭାବେ ହୋଇଥାଏ ।
- ଏହା ଦ୍ୱାରା ଶରୀର ତଥା କ୍ଷୀର ଉତ୍ପାଦନରେ ବୃଦ୍ଧି ହୋଇଥାଏ ।
- ଯଦି ବାଇପାସ୍ ପ୍ରୋଟିନ୍ ଖାଦ୍ୟ ମିଳୁନାହିଁ, ତେବେ ଗୋଟିଏ କିଲୋ ବାଇପାସ୍ ପୁଷ୍ଟିସାର (Treated Bypass Protein Supplement) ୮-୧୦ କିଲୋ କ୍ଷୀର ଦେଉଥିବା ଗାଈକୁ ସକାଳେ ଓ ସନ୍ଧ୍ୟାରେ ଅଧା କିଲୋ ଲେଖାଏଁ ଖାଇବାକୁ ଦେବା ଉଚିତ୍ ।



(ବାଇପାସ୍ ପୁଷ୍ଟିସାର ତିଆରି କାରଖାନା)




(ବାଇପାସ୍ ପୁଷ୍ଟିସାର ଖାଦ୍ୟ/ଦାନା)

## ଙ. ଖଣିଜ ମିଶ୍ରଣ ଖୁଆଇବାର ଗୁରୁତ୍ୱ

- ଖଣିଜ ମିଶ୍ରଣ  ଶରୀରର ଅନ୍ତଃ କ୍ରିୟା ପାଇଁ ଆବଶ୍ୟକ ଅଟେ । ଖଣିଜ ମିଶ୍ରଣରେ ସମସ୍ତ ଦରକାରୀ ଧାତୁସାର ଗୁଡିକ ନିର୍ଦ୍ଧାରିତ / ଆବଶ୍ୟକ ମାତ୍ରାରେ ରହିଥାଏ । ଅଂଚଳ ପାଇଁ ଆବଶ୍ୟକ ଖଣିଜ ମିଶ୍ରଣ ଖୁଆଇବା ଉଚିତ୍ ।

## ଖଣିଜ ମିଶ୍ରଣ ଖୁଆଇବାର ଉପକାରିତା

- ବାଛୁରୀ ମାନଙ୍କର ବୃଦ୍ଧିହାର ବଢାଇବାରେ ସାହାଯ୍ୟ କରିଥାଏ ।
- ଶରୀରରେ ଶୋଷିତ ପୋଷକ ତତ୍ତ୍ୱକୁ ଠିକ୍ ରେ ବ୍ୟବହାର କରିବାରେ ସାହାଯ୍ୟ କରେ ।
- ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ।
- ପ୍ରଜନନ କ୍ଷମତାରେ ବୃଦ୍ଧି କରାଇ ଦୁଇଟି ବାଛୁରୀ ମଧ୍ୟରେ ଜନ୍ମ ବ୍ୟବଧାନକୁ କମାଇଥାଏ ।
- ଏହା ପଶୁମାନଙ୍କର ଉତ୍ପାଦନ ଜୀବନ କାଳ (Productive Life) ବଢାଇଥାଏ ।
- ରୋଗ ପ୍ରତିରୋଧ ଶକ୍ତିକୁ ଅଧିକ ମଜବୁତ୍ କରାଇଥାଏ ।
- ଏହା ଶରୀରର ଅନ୍ତଃ କ୍ରିୟା ଜନିତ ରୋଗ ଯଥା- ଦୁଗ୍ଧଜ୍ୱର, କିଟୋସିସ୍, ପରିସ୍ରାରେ ରକ୍ତ ପଡିବା ଇତ୍ୟାଦି ଯାହାକି ବାଛୁରୀ ଜନ୍ମ ପାଖାପାଖି ହୋଇଥାଏ, ତାକୁ କମ୍ କରାଇଥାଏ ।



ତମ୍ବାର ଅଭାବ ଯୋଗୁଁ ଲୋମର ରଙ୍ଗ ବଦଳିଛି



ଆୟୋଡିନ୍ ଅଭାବରେ ଥାଇରଏଡ୍ ଗ୍ରନ୍ଥି ଫୁଲିଯାଇଛି ଓ ଦସ୍ତା ଅଭାବରୁ ଲୁହ ଝରୁଛି










ବାମରୁ ଡାହାଣ : ଅଂଚଳ ପାଇଁ ନିର୍ଦ୍ଦିଷ୍ଟ ଖଣିଜ ମିଶ୍ରଣ (ASMM)ରାଜସ୍ଥାନ, କର୍ଣ୍ଣାଟକ ଓ ବିହାର ଗୋପାଳକ ସଂଘ ଦ୍ୱାରା ତିଆରି

## ପରାମର୍ଶ

| | |
|---|---|
| ବାଛୁରୀ | ଦିନକୁ ୨୦-୨୫ଗ୍ରାମ୍ |
| ଛଡା ଓ ପଡିଆ ଗାଈ | ପ୍ରତି ପଶୁ ଦିନକୁ ୫୦ଗ୍ରାମ୍ |
| କ୍ଷୀର ଦେଉଥିବା ଗାଈ | ପଶୁ ପ୍ରତି ୧୦୦-୨୦୦ଗ୍ରାମ୍ (କ୍ଷୀର ପରିମାଣ ନେଇ) ଏବଂ ମିଶ୍ରିତ ଦାନାରେ କେତେ ଖଣିଜ ମିଶ୍ରଣ ଅଛି ତାକୁ  ହିସାବକୁ ନେଇ । |

ଅଭାବଥିବା ଧାତୁସାର ଦେଲେ କ୍ଷୀର ଉତ୍ପାଦନ ଓ ପ୍ରଜନନ କ୍ଷମତା ବୃଦ୍ଧି ପାଇଥାଏ ।

## ଚ. ୟୁରିଆ ମୋଲାସେସ୍ ମିନେରାଲ ବ୍ଲକ୍ (UMMB) ଏକ ଗୋ-ଖାଦ୍ୟ ଉପାଦାନ

- ଗୋମହିଷାଦି ପ୍ରାଣୀମାନଙ୍କର ପାକସ୍ଥଳୀରେ ଏକ କୋଠରୀ ରହିଛି ଯାହାକୁ ରୁମେନ୍ କୁହାଯାଏ । ଏହି ରୁମେନ୍‌ରେ ଥିବା ଅସଂଖ୍ୟ ଦରକାରୀ ଜୀବାଣୁ / ଅଣୁଜୀବ ତନ୍ତୁଜାତୀୟ ଖାଦ୍ୟ ପଦାର୍ଥକୁ ହଜମ୍ କରିବାରେ ସାହାଯ୍ୟ କରିଥାନ୍ତି ।
- ସବୁଜ ଗୋଖାଦ୍ୟର ବା ଚାରାର ଅଭାବ ହେଲେ, UMMB ରୁମେନ୍ ଅଣୁଜୀବକୁ ବଢିବାରେ ସାହାଯ୍ୟ କରିଥାଏ । ତେଣୁ ଶୁଖିଲା ଚାରାର ହଜମ ଠିକ୍ ଭାବେ ହୋଇ ପାରିଥାଏ ।

### UMMB ର ଉପକାରୀତା

- ଏହା ଶୁଖିଲା ଚାରା ଅଧିକ ଖାଇବାପାଇଁ ପ୍ରୋତ୍ସାହନ ଦେଇଥାଏ ଯାହାଦ୍ୱାରା ନଷ୍ଟ କମ୍ ହୋଇଥାଏ ।
- ଏହା ପାଚନ ପ୍ରକ୍ରିୟାକୁ ବଢାଇଥାଏ ।
- ଏହା କ୍ଷୀର ଉତ୍ପାଦନ ତଥା କ୍ଷୀରରେ Fat ମାତ୍ରାକୁ ବଢାଇବାରେ ସାହାଯ୍ୟ କରିଥାଏ ।
- ଶରୀର ପାଇଁ ଆବଶ୍ୟକ ଧାତୁସାରର ଏହା ଏକ ଭଲ ଉତ୍ସ ।



UMMB ବ୍ଲକ୍



ପଶୁଟି UMMB କୁ ଚାଟୁଚି

## ଛ. ଦୁଧିଆଳୀ ପଶୁଙ୍କ ପାଇଁ ପିଇବା ପାଣିର ଗୁରୁତ୍ୱ

**ପାଣିର ମୁଖ୍ୟ ଆବଶ୍ୟକତା**

- ଆହାର (ଦାନା ଓ ଘାସ)ର ହଜମ୍ ପାଇଁ ।
- ହଜମ ହୋଇଥିବା ଖାଦ୍ୟ ଉପାଦାନକୁ ଶରୀରର ବିଭିନ୍ନ ଅଙ୍ଗକୁ ବିତରଣ କରିବା ପାଇଁ ।
- ଶରୀର ପାଇଁ ଅଦରକାରୀ ତଥା ବିଷାକ୍ତ ଦ୍ରବ୍ୟଗୁଡିକୁ ମୂତ୍ରଦ୍ୱାରା ନିଷ୍କାସନ କରିବା ।
- ଶରୀରର ତାପମାତ୍ରା ବଜାୟ ରଖିବା ପାଇଁ ।
- ପ୍ରାୟତଃ ଏକ ପ୍ରାପ୍ତ ବୟସ୍କ ସୁସ୍ଥ ପଶୁପାଇଁ ୭୦-୮୦ ଲିଟର ପାଣି ପ୍ରତିଦିନ ଦରକାର ହୋଇଥାଏ । କ୍ଷୀରରେ ପ୍ରାୟ ଶତକଡା ୮୫-୮୭% ପାଣି ଥିବାରୁ ପ୍ରତି ଲିଟର କ୍ଷୀର ଉତ୍ପାଦନ ପାଇଁ ଅତିରିକ୍ତ ୨.୫ ରୁ ୩ ଲିଟର ପାଣି ଦରକାର ହୋଇଥାଏ ।

### ପରାମର୍ଶ

- ପ୍ରାଣୀମାନଙ୍କୁ ଦିନସାରା ସ୍ୱଚ୍ଛ ପିଇବା ପାଣି ଯଥେଷ୍ଟ ପରିମାଣରେ ଦେବାର ବ୍ୟବସ୍ଥା କରନ୍ତୁ ।
- ଖରାଦିନରେ ସଙ୍କର ଜାତୀୟ ଗୋମହିଷାଦିଙ୍କୁ ଖରାର ପ୍ରକୋପ କମାଇବାପାଇଁ ଦିନକୁ ଦୁଇଥର ଗାଧୋଇ ଦିଅନ୍ତୁ ଏବଂ ପାଖାପାଖି ୧୦୦ଲିଟର ପାଣି ଦିଅନ୍ତୁ ।

ଶୁଖିଲା ଚାରା UMMB ସହିତ ଦେଲେ ଗାଈ ଓ ମଇଁଷିଙ୍କ ଶରୀର ରକ୍ଷା ପାଇଁ ସହାୟକ ହୋଇଥାଏ ।

## ଜ. ଗର୍ଭବତୀ ପ୍ରାଣୀଙ୍କ ଯତ୍ନ

- ମାଈ ବାଛୁରୀମାନଙ୍କର ସ୍ୱାସ୍ଥ୍ୟ ତଥା ସନ୍ତୁଳିତ ଆହାରର ଧ୍ୟାନ ଦେଲେ ସେମାନଙ୍କର ଶାରିରୀକ ବୃଦ୍ଧି ହେବା ସହିତ ଶୀଘ୍ର ପ୍ରାପ୍ତ ବୟସ୍କ ଅବସ୍ଥା ଲାଭ କରିଥାନ୍ତି । ଯଦି ଏହି ପଶୁମାନଙ୍କଠାରେ ସଠିକ୍ ସମୟରେ କୃତ୍ରିମ ଗର୍ଭଧାରଣ (AI) କରାଯାଏ ତେବେ ୨-୨.୫ ବର୍ଷ ବୟସରେ ବାଛୁରୀ ଜନ୍ମ ହେବାର ସମ୍ଭାବନା ଥାଏ ।
- ଗର୍ଭାବସ୍ଥାର ଅନ୍ତିମ ତିନି ମାସରେ ଭ୍ରୂଣ ଶତକଡା ୭୦ ଭାଗ ବଢିଥାଏ, ତେଣୁ ଏହି ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ୍ ।

### ପରାମର୍ଶ

- ଗର୍ଭାବସ୍ଥାର ଅନ୍ତିମ ତିନି ମାସରେ ଗର୍ଭବତୀ ପ୍ରାଣୀମାନଙ୍କୁ ଦୂରକୁ ଚରିବା ପାଇଁ ଛାଡନ୍ତୁ ନାହିଁ । ଅସମତଳ ରାସ୍ତାରେ ନିଅନ୍ତୁ ନାହିଁ ।
- ଗର୍ଭାବସ୍ଥା ସମୟରେ କ୍ଷୀର ଦେଉଥିବା ପଶୁକୁ ୭ ମାସ ପରେ ପ ର  ଦିନ ମଧ୍ୟରେ ସଂପୂର୍ଣ୍ଣ ଦୁହିଁବା ବ   କରି ଦେବା ଉଚିତ୍ ।
- ଗର୍ଭବତୀ ପ୍ରାଣୀମାନଙ୍କ ପାଇଁ ଯଥେଷ୍ଟ ପରିମାଣର ସ୍ଥାନ ଆରାମରେ ଠିଆ ହେବା ତଥା ବସିବା ପାଇଁ ଦିଅନ୍ତୁ ।
- ଗର୍ଭବତୀ ପଶୁମାନଙ୍କୁ ଠିକ୍‌ରେ ଖୁଆଇଲେ ଦୁଗ୍ଧ ଜ୍ୱର ଓ କିଟୋସିସ୍ ଭଳି ରୋଗ ପ୍ରସବ ପରେ ହୋଇନଥାଏ, ତଥା ପଶୁଟି ଠିକ୍ ପରିମାଣର କ୍ଷୀର ଦେଇଥାଏ ।
- ଅହୋରାତ୍ର, ସବୁବେଳେ ଗର୍ଭବତୀ ପଶୁଙ୍କୁ ପାଣି ଦିଅନ୍ତୁ, ଦିନକୁ ୭୫-୮୦ ଲିଟର ପିଇବା ପାଣି ଗାଈ ପାଖରେ ସବୁବେଳେ ରଖିଥାନ୍ତୁ ।
- ୬-୭ ମାସର ଗର୍ଭବତୀ ଛଡାକୁ ଦୁଧିଆଳୀ ଗାଈଙ୍କ ସହ ବାନ୍ଧନ୍ତୁ ଏବଂ ତାଙ୍କର ଦେହ, ପିଠି ଓ ପହ୍ନାକୁ ନିୟମିତ ଭାବେ ମାଲିସ୍ କରନ୍ତୁ ।
- ପ୍ରସବର ୪-୫ ଦିନ ପୂର୍ବରୁ ପଶୁମାନଙ୍କୁ ଅଲଗା ସଫାସୁତରା, ପବନ ଚଳାଚଳ ଠିକ୍ କରୁଥିବା ଓ ସୂର୍ଯ୍ୟ କିରଣ ପଡୁଥିବା ସ୍ଥାନରେ ବାନ୍ଧି ବିଛଣା ପାଇଁ ନଡା ବା ପାଳ ଭୂଇଁ ଉପରେ ବିଛାଇ ଦିଅନ୍ତୁ ।
- ପ୍ରସବର ଦିନେ ଦୁଇ ଦିନ ପୂର୍ବରୁ ଗର୍ଭବତୀ ପଶୁଙ୍କୁ ମଝିରେ ମଝିରେ ଦେଖୁଥାନ୍ତୁ ।

### ଗର୍ଭବତୀ ପଶୁଙ୍କ ପାଇଁ ଦୈନିକ ଗୋଖାଦ୍ୟର ଆବଶ୍ୟକତା

| | | | |
|---|---|---|---|
| ସବୁଜ ଘାସ | ୧୫-୨୦ କିଲୋଗ୍ରାମ୍ | ପିଡିଆ | ୧କିଲୋଗ୍ରାମ୍ |
| ଶୁଖିଲା ନଡା | ୪-୫କିଲୋଗ୍ରାମ୍ | ଖଣିଜ ମିଶ୍ରଣ | ୫୦ଗ୍ରାମ୍ |
| ମିଶ୍ରିତ ଗୋଖାଦ୍ୟ / ଦାନା | ୨-୩କିଲୋଗ୍ରାମ୍ | ଲୁଣ | ୩୦ଗ୍ରାମ୍ |

ଗର୍ଭବତୀ ଗାଈର ସଠିକ୍ ଯତ୍ନ ଓ ପରିଚାଳନା କଲେ ଏକ ଉତ୍ତମ ସ୍ୱାସ୍ଥ୍ୟବାନ ବାଛୁରୀ ମିଳିଥାଏ ତଥା କ୍ଷୀର ମଧ୍ୟ ଅଧିକ ମିଳିଥାଏ ।

## ୯. ପ୍ରସବ ପରେ ଗାଈକୁ କିପରି ଖୁଆଇବା

- ବାଛୁରୀ ଜନ୍ମ ସଙ୍ଗେସଙ୍ଗେ ଗାଈ ବା ମଇଁଷିର ଖାଇବାର ଇଚ୍ଛା କମିଯାଇଥାଏ, ତେଣୁ ସେ ତାର ଦେହର ଆବଶ୍ୟକତା ଠାରୁ କମ୍ ଖାଇଥାଏ ।
- ପ୍ରସବ କରିବା ସମୟରେ ଗାଈ ବା ମଇଁଷି ବହୁତ ଚାପର ସମ୍ମୁଖୀନ ହୋଇଥାନ୍ତି, ତେଣୁ ତାଙ୍କୁ ଅଳ୍ପ, ରୁଚିକର, ଅଳ୍ପ ଝାଡା କରାଉଥିବା (mild laxative) ଆହାର ଖାଇବାକୁ ଦେବା ଉଚିତ୍ । ସେଥିରେ ତୋରାଣି, ଫୁଟା ଯାଇଥିବା କୁଣ୍ଡା/ ଚୋକଡ, ଫୁଟା ଯାଇଥିବା ବାଜରା ବା ଗହମ ଖାଇବା ତେଲରେ ମିଶାଇ, ବାଇପାସ୍ ଚର୍ବି, ଗୁଡ (jaggery), ସୋୟାବିନ୍, ମେଥି, ହେଙ୍ଗୁ, କଳା ଜୀରା, ଅଦା ଇତ୍ୟାଦି ପ୍ରସବର ୨-୩ ଦିନ ପରେ ଖାଇବାକୁ ଦିଅନ୍ତୁ । ଏହା ଫୁଲ ପଡିବାରେ ମଧ୍ୟ ସାହାଯ୍ୟ କରିଥାଏ ।
- ଏହାଛଡା ତାଙ୍କୁ କଅଁଳିଆ ଘାସ ଓ ପିଇବା ପାଣି ଯଥେଷ୍ଟ ପରିମାଣରେ ଦିଅନ୍ତୁ । ଗରମ ପାଣି ଦିଅନ୍ତୁ ନାହିଁ ।
- ପଶୁଟି ପାଖରେ ସଦାସର୍ବଦା ଯଥେଷ୍ଟ ପିଇବା ପାଣି ସବୁବେଳେ ରଖନ୍ତୁ । ପ୍ରତିଦିନ ଆବଶ୍ୟକପରିମାଣର ଖଣିଜ ମିଶ୍ରଣ ଦିଅନ୍ତୁ ।



## ଞ. ଗାଇପାଇଁ ପୂର୍ଣ୍ଣ ମିଶ୍ରିତ ଗୋଖାଦ୍ୟ/ ଆହାରର ଉଦାହରଣ

**୧. ପଡିଆ ଗାଇ**

| ଉପାଦାନ* | ପରିମାଣ (କିଲୋଗ୍ରାମ୍) | | |
|---|---|---|---|
| | ଉଦାହରଣ ୧ | ଉଦାହରଣ ୨ | ଉଦାହରଣ ୩ |
| ଶୁଷ୍କ ଘାସ | ୭ | ୭ | ୭ |
| ସବୁଜ ଘାସ | ୪ | ୧୦ | ୪ |
| ଗୋଖାଦ୍ୟ/ ଦାନା | ୨ | ୧ | - |
| ପିଡିଆ | - | - | ୧ |

*ଗୋଟିଏ ଗାଇକୁ ଦୈନିକ ୫୦ ଗ୍ରାମ୍ ଖଣିଜ ମିଶ୍ରଣ ଦେବା ଉଚିତ୍

**୨. ଦୈନିକ ୫ ଲିଟର କ୍ଷୀର ଦେଉଥିବା ଗାଇ**

| ଉପାଦାନ* | ପରିମାଣ (କିଲୋଗ୍ରାମ୍) | | |
|---|---|---|---|
| | ଉଦାହରଣ ୧ | ଉଦାହରଣ ୨ | ଉଦାହରଣ ୩ |
| ଶୁଷ୍କ ଘାସ | ୭ | ୭ | ୭ |
| ସବୁଜ ଘାସ | ୪ | ୧୦ | ୪ |
| ଗୋଖାଦ୍ୟ/ ଦାନା | ୪ | ୩ | - |
| ପିଡିଆ | - | - | ୨ |
| ଚୋକଡ | - | - | ୧ |

* ଗୋଟିଏ ଗାଇକୁ ଦୈନିକ ୧୦୦ ଗ୍ରାମ୍ ଖଣିଜ ମିଶ୍ରଣ ଦେବା ଉଚିତ୍

**୩. ଦୈନିକ ୧୦ ଲିଟର କ୍ଷୀର ଦେଉଥିବା ଗାଇ**

| ଉପାଦାନ* | ପରିମାଣ (କିଲୋଗ୍ରାମ୍) | | |
|---|---|---|---|
| | ଉଦାହରଣ ୧ | ଉଦାହରଣ ୨ | ଉଦାହରଣ ୩ |
| ଶୁଷ୍କ ଘାସ | ୭ | ୭ | ୭ |
| ସବୁଜ ଘାସ | ୪ | ୧୦ | ୪ |
| ଗୋଖାଦ୍ୟ/ ଦାନା | ୬ | ୫ | - |
| ପିଡିଆ | - | - | ୩ |
| ଚୋକଡ | - | - | ୨ |

* ଗୋଟିଏ ଗାଇକୁ ଦୈନିକ ୧୫୦ ଗ୍ରାମ୍ ଖଣିଜ ମିଶ୍ରଣ ଦେବା ଉଚିତ୍

## ଟ. ମଇଁଷିପାଇଁ ପୂର୍ଣ୍ଣ ମିଶ୍ରିତ ଗୋଖାଦ୍ୟ/ ଆହାରର ଉଦାହରଣ

### ୧. ପଡିଆ ମଇଁଷି

| ଉପାଦାନ* | ପରିମାଣ (କିଲୋଗ୍ରାମ୍) | | |
|---|---|---|---|
| | ଉଦାହରଣ ୧ | ଉଦାହରଣ ୨ | ଉଦାହରଣ ୩ |
| ଶୁଷ୍କ ଘାସ | ୬ | ୬ | ୬ |
| ସବୁଜ ଘାସ | ୨ | ୪ | ୧୦ |
| ଗୋଖାଦ୍ୟ/ ଦାନା | - | - | ୧ |
| ପିଡିଆ | ୨ | - | - |
| ଚୋକଡ | - | ୩ | - |

*ଗୋଟିଏ ମଇଁଷିକୁ ଦୈନିକ ୭୫ ଗ୍ରାମ୍ ଖଣିଜ ମିଶ୍ରଣ ଦେବା ଉଚିତ୍

### ୨. ଦୈନିକ ୫ ଲିଟର କ୍ଷୀର ଦେଉଥିବା ମଇଁଷି

| ଉପାଦାନ* | ପରିମାଣ (କିଲୋଗ୍ରାମ୍) | | |
|---|---|---|---|
| | ଉଦାହରଣ ୧ | ଉଦାହରଣ ୨ | ଉଦାହରଣ ୩ |
| ଶୁଷ୍କ ଘାସ | ୭ | ୬ | ୭ |
| ସବୁଜ ଘାସ | ୫ | ୧୦ | ୨ |
| ଗୋଖାଦ୍ୟ/ ଦାନା | ୫ | ୫ | - |
| ପିଡିଆ | - | - | ୩ |
| ଚୋକଡ | - | - | ୧ |

* ଗୋଟିଏ ମଇଁଷିକୁ ଦୈନିକ ୧୨୫ ଗ୍ରାମ୍ ଖଣିଜ ମିଶ୍ରଣ ଦେବା ଉଚିତ୍

### ୩. ଦୈନିକ ୧୦ ଲିଟର କ୍ଷୀର ଦେଉଥିବା ମଇଁଷି

| ଉପାଦାନ* | ପରିମାଣ (କିଲୋଗ୍ରାମ୍) | | |
|---|---|---|---|
| | ଉଦାହରଣ ୧ | ଉଦାହରଣ ୨ | ଉଦାହରଣ ୩ |
| ଶୁଷ୍କ ଘାସ | ୭ | ୭ | ୭ |
| ସବୁଜ ଘାସ | ୧୦ | ୧୫ | ୫ |
| ଗୋଖାଦ୍ୟ/ ଦାନା | ୬ | ୭ | - |
| ପିଡିଆ | ୨ | - | ୫ |
| ଚୋକଡ | - | - | ୩ |

* ଗୋଟିଏ ମଇଁଷିକୁ ଦୈନିକ ୧୭୫ ଗ୍ରାମ୍ ଖଣିଜ ମିଶ୍ରଣ ଦେବା ଉଚିତ୍

# ଅନୁଚ୍ଛେଦ - ୨

## ଘାସ ଚାଷ

ଘାସ ଚାଷ କରି ସବୁଜ ଘାସ ଗାଈକୁ ଖାଇବାକୁ ଦେଲେ ଦୁଗ୍ଧ ବ୍ୟବସାୟରେ ଅଧିକ ଲାଭ ମିଳିଥାଏ । କିନ୍ତୁ ଘାସ ଚାଷକୁ ବହୁ ପରିମାଣରେ ଅବହେଳା କରାଯାଇଥାଏ । ଘାସ ଚାଷରୁ ସ୍ୱଳ୍ପ ମୂଲ୍ୟରେ ଭଲ ଗୋଖାଦ୍ୟ ମିଳିଥାଏ ଓ ଏହା ଗାଈଙ୍କ ପାଇଁ ରୁଚିକର ଖାଦ୍ୟ ହୋଇଥାଏ । ଯଦି ଚାଷୀମାନେ ସଠିକ୍ ଫସଲ ଚାଷ କରି ଋତୁକାଳୀନ ତଥା ଦୀର୍ଘସ୍ଥାୟୀ ଗୋଖାଦ୍ୟ ଫସଲ ଚାଷ କଲେ ପଶୁମାନଙ୍କୁ ବର୍ଷସାରା ସବୁଜ ଘାସ ଯୋଗାଇହେବ । ଉପଯୁକ୍ତ ଫସଲ ପର୍ଯ୍ୟାୟ ଆପଣାଇ ଯଦି ଚାଷୀମାନେ ଋତୁକାଳୀନ ତଥା ଦୀର୍ଘସ୍ଥାୟୀ ଗୋଖାଦ୍ୟ ଫସଲ ଚାଷ କରିବେ ତେବେ ବର୍ଷସାରା ସବୁଜ ଘାସ ଯୋଗାଇ ହେବ । ଦରକାରଠାରୁ ଅଧିକ ସବୁଜ ଘାସକୁ ସଂରକ୍ଷଣ କରି ରଖିଲେ ଅଭାବ ସମୟରେ ଏହା କାମରେ ଆସିଥାଏ । ଏହା ବିଭିନ୍ନ ପ୍ରକ୍ରିୟାରେ କରାଯାଇଥାଏ ।

ଆମ ଦେଶର ପ୍ରାୟ ଅଧିକାଂଶ ଚାଷୀ ଫସଲର ଅବଶିଷ୍ଟାଂଶ ଉପରେ ନିର୍ଭର କରି ଗୋପାଳନ କରିଥାନ୍ତି । କିନ୍ତୁ ଏହାସବୁ ଫସଲ ଅବଶିଷ୍ଟାଂଶରେ ବହୁତ କମ୍ ପୋଷକତତ୍ତ୍ୱ ଥିବାରୁ ପଶୁଙ୍କୁ ଖାଇବାକୁ ଦେବା ପୂର୍ବରୁ ଏହାର ହଜମକାରୀ ଶକ୍ତି ତଥା ରୁଚିକର କରିବା ପାଇଁ କିଛି ପ୍ରକ୍ରିୟା ଆପଣାଇବା ଉଚିତ୍ । ଏହି ଅଧ୍ୟାୟରେ ନିମ୍ନଲିଖିତ ବିଭାଗ ଗୁଡିକୁ ସାମିଲ କରାଯାଇଛି-

(କ) କ୍ଷୀର ଉତ୍ପାଦନରେ ସବୁଜ ଘାସର ଭୂମିକା

(ଖ) ସବୁଜ ଗୋଖାଦ୍ୟର ସଂରକ୍ଷଣ

(ଗ) ଫସଲ ଅବଶିଷ୍ଟାଂଶରେ ୟୁରିଆ ଉପଚାର

(ଘ) ସବୁଜ ଘାସ କାଟିବା ଓ ବେହିବା ପାଇଁ ବ୍ୟବହୃତ ଯନ୍ତ୍ର

(ଙ) ବିଭିନ୍ନ ଘାସଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ଚାଷର ପଦ୍ଧତି

## କ. କ୍ଷୀର ଉତ୍ପାଦନ ପାଇଁ ସବୁଜ ଘାସର ଆବଶ୍ୟକତା

ସବୁଜ ଘାସରୁ ବହୁତ କମ୍ ଖର୍ଚ୍ଚରେ ପୋଷକ ତତ୍ତ୍ୱ ସବୁ ମିଳିଥାଏ । ଏହା ଅତ୍ୟନ୍ତ ସୁସ୍ୱାଦୁ ତଥା ଭଲଭାବେ ହଜମ ହୋଇଥାଏ । ମିଶ୍ରିତ ଖୁଆଇବା ପ୍ରଣାଳୀରେ ସବୁଜ ଘାସ ସହିତ ଫସଲ ଅବଶିଷ୍ଟାଂଶକୁ ଖାଦ୍ୟ ରୂପେ ଦିଆଯାଇଥାଏ ।  ସବୁଜ ଘାସରେ ଥିବା ଅଣୁଜୀବଗୁଡିକ ଫସଲ ଅବଶିଷ୍ଟାଂଶକୁ ଭଲଭାବେ ହଜମ କରିବାରେ ସାହାଯ୍ୟ କରନ୍ତି । ଏହା ପଶୁର ସ୍ୱାସ୍ଥ୍ୟରକ୍ଷା କରିବାରେ ତଥା ପ୍ରଜନନ କ୍ଷମତା ବଢାଇବାରେ ସାହାଯ୍ୟ କରିଥାଏ । ସବୁଜ ଘାସର ବ୍ୟବହାର ବଢାଇଲେ ଗାଈଠାରୁ କମ୍ ଖର୍ଚ୍ଚରେ ଅଧିକ କ୍ଷୀର ମିଳିଥାଏ ।

ସବୁଜ ଘାସର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଉନ୍ନତ ବିହନ ବ୍ୟବହାର କରି ସବୁଜ ଘାସର ଉତ୍ପାଦକତା ବୃଦ୍ଧି କରାନ୍ତୁ । ବର୍ଷସାରା ସବୁଜ ଘାସର ଉତ୍ପାଦନ ପାଇଁ ଚାଷୀମାନେ ନିମ୍ନଲିଖିତ ଚାଷ ପଦ୍ଧତି ଆପଣାଇବା ଦରକାର ।

- ଅଧିକ ଅମଳକ୍ଷମ ଉନ୍ନତ କିସମର ସବୁଜ ଗୋଖାଦ୍ୟ ଫସଲ ଚାଷ ପାଇଁ ସବୁବେଳେ ପ୍ରାମାଣିକ ଅଥବା ସତ୍ୟନିଷ୍ଠ ବିହନ ବ୍ୟବହାର କରନ୍ତୁ ।
- ବୈଜ୍ଞାନିକ ପଦ୍ଧତିରେ ପରାମର୍ଶ ଅନୁସାରେ ସବୁଜ ଗୋଖାଦ୍ୟ ଫସଲ ଚାଷ ପଦ୍ଧତି ଆପଣାଇ ଜମି ପ୍ରସ୍ତୁତି କରିବା ସହିତ ସଠିକ୍ ସମୟରେ ବିହନ ବୁଣନ୍ତୁ, ସାର ପ୍ରୟୋଗ, ଜଳସେଚନ, ଘାସ, ରୋଗପୋକ ଦମନ ତଥା ଅମଳ କରନ୍ତୁ ।
- ଅଳ୍ପଦିନିଆ ଗୋଖାଦ୍ୟ ଫସଲ ଯଥା ମକା, ସୂର୍ଯ୍ୟମୂଖୀ, ଚାଇନିଜ୍ ବନ୍ଧାକୋବି, ଓଲକୋବି ଓ ଶିମ୍ୱ ଇତ୍ୟାଦି ରବି ଓ ଖରିଫ ଫସଲ ମଧ୍ୟରେ ଚାଷ କରନ୍ତୁ ।
- ମକା, ବାଜରା, ମିଲେଟ୍ (ଜୋଆର) ଭଳି ଶସ୍ୟଜାତୀୟ ଫସଲ ସହିତ ଡାଲିଜାତୀୟ ଫସଲ ଯଥା ଶିମ୍ୱ, ଗୁଆଁର ଓ ଭେଲବେଟ୍ ବିନ୍ ଚାଷ କରନ୍ତୁ ।
- ଅଧିକ ଅମଳକ୍ଷମ ଦୀର୍ଘସ୍ଥାୟୀ ଗୋଖାଦ୍ୟ ଫସଲ ଯାହାକି ବର୍ଷକୁ ବହୁତ ଥର କାଟି ଖାଇବାକୁ ଦେଇହେବ ଯଥା ସଙ୍କର ହାତିଆ ଘାସ, ଚାଷଜମି ତଥା ଜମି ସୀମାରେ ଚାଷ କରନ୍ତୁ ।
- ଛାଇରେ ବଢିପାରୁଥିବା ଗିନି ଘାସକୁ ସିଆଟ୍ରୋ ଅଥବା ଷ୍ଟ୍ୟାଲୋ ଭଳି ଡାଲିଜାତୀୟ ଘାସ ସହ  ମିଶ୍ରିତ ଚାଷ ରୂପରେ କରିପାରିବେ ।
- ବହୁତ ଥର କଟାଯାଉଥିବା ଘାସଗୁଡିକୁ ପ୍ରତି ୩୦-୪୫ ଦିନ ଅନ୍ତରାଳରେ ଭୂଇଁଠାରୁ ୧୦ ସେଣ୍ଟିମିଟର ଛାଡି କାଟିଲେ ଅନୁକୂଳ ଅମଳ ମିଳିବା ସହିତ ଉନ୍ନତମାନର ଫସଲ ମିଳିଥାଏ ।
- ମରୁଡି ସହନଶୀଳ ଦୀର୍ଘସ୍ଥାୟୀ ସବୁଜ ଘାସ ଯଥା ଅଞ୍ଜନ ଘାସ, ସେବନ ଘାସ ଓ ରୋଡସ୍ ଘାସ ତଥା ଗୋଖାଦ୍ୟ ଗଛ ଯଥା ଦେଶୀ ବବୁଲ, ନିମ୍ୱ, ଶିଶୁ, କାଂଚନ, ଅରଡୁ, ଖେଜ୍ରି  ସୁବାବୁଲ୍ ଓ ଗ୍ଲିରିସିଡିଆ ଫସଲକୁ ଅଦରକାରୀ ଜମି/ ଫସଲ ଚାଷ ହେଉ ନ ଥିବା ଜମି ତଥା ଗୋଷ୍ଠୀଭିତ୍ତିକ ଜମିରେ ଚାଷ କରନ୍ତୁ ।
- ଏହାର ପରବର୍ତ୍ତୀ ପୃଷ୍ଠାମାନଙ୍କରେ କିଛି ଦରକାରୀ ଗୋଖାଦ୍ୟ ଫସଲ ଘାସ ଓ ଗଛର ଚିତ୍ର ଦିଆଯାଇଛି  ।

## ପ୍ରମୁଖ ସବୁଜ ଗୋ-ଖାଦ୍ୟ



ମକା-ଆଫ୍ରିକାନ୍ ଟଲ୍




ଲିଉସର୍ନ




ଯଅ ଧାନ



ଅନେକ ଥର ଅମଳ ହେଉଥିବା ସରଗମ୍ ସୁଦାନ ଘାସ



ବାଜରା-ଜିଏଫ୍‌ବି-୧



ଜବ୍ ଟିଅରସ୍-କୋକ୍ସ



ବରସିମ୍-ବରଦାନ




ସୂର୍ଯ୍ୟମୁଖୀ

**କ୍ଷୀର ଉତ୍ପାଦନରେ ଅଧିକ ଲାଭ ପାଇବା ପାଇଁ ସବୁଜ ଘାସ ଏକ ମୁଖ୍ୟ ଅଂଶ ଅଟେ ।**

# ପ୍ରମୁଖ ସବୁଜ ଗୋ-ଖାଦ୍ୟ



ଭେଲବେଟ୍ ବିନ୍




ଚିକୋରି




ଝୁଡ଼ଙ୍ଗ / ବରଗୁଡି



ଗୋଖାଦ୍ୟ- ବିଟ୍



ସଙ୍କର ହାତିଆ (ହାଇବ୍ରିଡ୍ ନାପିଅର)-ସିଓ-୪



ଅନେକ ଥର ଅମଳ ହେଉଥିବା ସରଗମ୍ ସୁଦାନ ଘାସ



ମନ୍ଥାଚାରୀ (Teosinte)



ସରଗମ୍ ଓ ବରଗୁଡି ମିଶା

## ପ୍ରମୁଖ ସବୁଜ ଗୋ-ଖାଦ୍ୟ



ଅଂଜନ ଘାସ



ଅପରାଜିତା



ବାର୍ଲି-ଆର୍ ଡି ୨୦୩୫



କଙ୍ଗୋ ସିଗ୍ନାଲ୍ ଘାସ



ଧାମନ ଘାସ



ଗିନି ଘାସ



ସୋରିଷ (ଗୋଖାଦ୍ୟ)- ଚାଇନିଜ୍ କାବେଜ୍




ନଂଦୀ ଘାସ

**କ୍ଷୀର ଉତ୍ପାଦନରେ ଅଧିକ ଲାଭ ପାଇବା ପାଇଁ ସବୁଜ ଘାସ ଏକ ମୁଖ୍ୟ ଅଂଶ ଅଟେ ।**

# ପ୍ରମୁଖ ସବୁଜ ଗୋ-ଖାଦ୍ୟ



ସବୁଜ ପାନିକ୍ ଘାସ




ପାରା ଘାସ




ରୋଡସ୍ ଘାସ



ରାଇସ୍ ବିନ୍ ବିଧାନ-୧




ଶେବରୀ



ସିରାଟ୍ରୋ



ଷ୍ଟାଇଲୋ-ହାମାଟା



ଦଶରଥ ଘାସ (ହେଜ୍ ଲିଉସର୍ନ)

କ୍ଷୀର ଉତ୍ପାଦନରେ ଅଧିକ ଲାଭ ପାଇବା ପାଇଁ ସବୁଜ ଘାସ ଏକ ମୁଖ୍ୟ ଅଂଶ ଅଟେ ।

## ପ୍ରମୁଖ ସବୁଜ ଗୋ-ଖାଦ୍ୟ




ଷ୍ଟାଇଲୋ-ସ୍କାବ୍ରା



କଂ ମୂଳ ଘାସ

## ପ୍ରମୁଖ ସବୁଜ ଗୋ-ଖାଦ୍ୟ ବୃକ୍ଷ



କାଂଚନ ଗଛ



ମହାରୁଖ



ସୁବାବୁଲ୍ ଗଛ



ଗ୍ଲିରିସିଡିଆ



ଖେଜାରୀ



ଅଗସ୍ତି

**କ୍ଷୀର ଉତ୍ପାଦନରେ ଅଧିକ ଲାଭ ପାଇବା ପାଇଁ ସବୁଜ ଘାସ ଏକ ମୂଖ୍ୟ ଅଂଶ ଅଟେ ।**

## (ଖ) ସବୁଜଘାସ (ଗୋଖାଦ୍ୟ ଫସଲ)ର ସଂରକ୍ଷଣ

ବର୍ଷସାରା ଗୁଣାତ୍ମକ ସବୁଜ ଘାସ ଖୁଆଇଲେ ଗାଈ ମଇଁଷିର ଅନ୍ତର୍ନିହିତ ଶକ୍ତି ଅନୁସାରେ କ୍ଷୀର ମିଳିଥାଏ । ସାଧାରଣତଃ, ଜଳସେଚିତ ଅଂଚଳରେ ବର୍ଷାଋତୁରେ ସେପ୍ଟେମ୍ବର ଓ ଅକ୍ଟୋବର ତଥା ରବିଋତୁରେ ଫେବୃୟାରୀ ଓ ମାର୍ଚ୍ଚ ମାସରେ ସବୁଜ ଘାସ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । କିନ୍ତୁ ଗ୍ରୀଷ୍ମଋତୁରେ ଏହାକମ୍ ପରିମାଣରେ ମିଳିଥାଏ । ତେଣୁ ଅଧିକ ଘାସ ମିଳୁଥିବା ସମୟରେ ବଳକା ଘାସରୁ ହେ ବା ସାଇଲେଜ୍ ତିଆରି କରିରଖାଗଲେ ସବୁଜ ଘାସ ନଷ୍ଟ ହେବାରୁ ବଂଚାଯାଇପାରିବ ତଥା ନିଅଣ୍ଟ ସମୟରେ ଘାସ ମିଳିପାରିବ ।

### ୧ .ଶୁଖିଲା ଘାସ (ହେ) ତିଆରି

ଖରାରେ ସବୁଜ ଘାସକୁ ଶୁଖାଇ ସେଥିରେ ଶତକଡା ୧୫ ଭାଗରୁ କମ୍ ଜଳୀୟ ଅଂଶ ରହିଲେ ତାକୁ ଶୁଖିଲା ଘାସ (ହେ) କୁହାଯାଏ । ଏଥିରେ ପରିପାଚ୍ୟ ଶୁଷ୍କ ଅଂଶ ଓ ସୁପାଚ୍ୟ ପୁଷ୍ଟିସାର ଭଲ ମାତ୍ରାରେ ଥାଏ, ଯାହାକି ନିଅଣ୍ଟ ସମୟରେ ଦୁଧିଆଳୀ ପଶୁଙ୍କ ପାଇଁ ଉତ୍କୃଷ୍ଟ ଖାଦ୍ୟ ରୂପେ କାମରେ ଆସିଥାଏ । ପତଳା କାଣ୍ଡଥିବା ଯବ, ଲୁସର୍ଣ୍ଣ ଓ ମିଠା ସୁଦାନ ଘାସରୁ ଖରା ଓ ଶୁଖିଲା ମାସ ଗୁଡିକରେ ଯଥା ମାର୍ଚ୍ଚ ରୁ ମେ ମାସ ମଧ୍ୟରେ ସବୁଠାରୁ ଭଲ ଶୁଖିଲା ଘାସ (ହେ) ମିଳିପାରିଥାଏ । ଏହା ଛଡା କିଛି ଦୀର୍ଘ ଦିନିଆ ଘାସ ଯଥା ଗିନି ଘାସ, ରୋଡସ୍ ଘାସ, ଅଂଜନ/ଧମନ ଘାସ ଓ ବ୍ଲୁ ପାନିକ ଘାସ ମଧ୍ୟ ଶୁଖିଲା ଘାସ (ହେ) ତିଆରି ପାଇଁ ଉପଯୁକ୍ତ ।

ଉତ୍କୃଷ୍ଟମାନର ଶୁଖିଲା ଘାସ (ହେ) ପ୍ରସ୍ତୁତି କରିବାକୁହେଲେ ଘାସ ଗୁଡିକୁ ଶତକଡା ୫୦ ଭାଗ ଫୁଲ ହୋଇଥିବା ସମୟରେ କଟା ଯାଇଥାଏ ।  କାଟିବାପରେ, ଶୁଖିଲା ସ୍ଥାନରେ ୫ ଇଂଚ୍ ବହଳରେ ବିଛାଇ ଖରାରେ ଶୁଖାଯାଏ । ପ୍ରତିଦିନ ସକାଳ ୧୦ଟା ବେଳେ ଘାସଗୁଡିକୁ ହାତରେ କିମ୍ବା କିଛି ଜିନିଷ ବ୍ୟବହାରକରି ଓଲଟାଇ ଦେଲେ ଶୀଘ୍ର ତଥା ଭଲଭାବେ ଶୁଖିଥାଏ । ୪-୫ ଦିନ ପରେ, ଯେତେବେଳେ ଘାସରେ ଶତକଡା ୧୫ ଭାଗରୁ କମ୍ ଜଳୀୟ ଅଂଶ ରହିବ, ସେତେବେଳେ ଶୁଖିଲା ଶୁଖିଲା ଘାସ (ହେ)କୁ ବିଡାବିଡା କରି ବାନ୍ଧି ସଂରକ୍ଷଣ କରି ରଖନ୍ତୁ । ଶୁଖାଇଲାବେଳେ ଧ୍ୟାନ ଦେବାକୁ ପଡିବ ଯେପରିକି ଶୁଖିଲା ଘାସ (ହେ)ରେ ପତ୍ରସବୁ ଥିବ ତଥା ପତ୍ରର ରଙ୍ଗ ସବୁଜ ରହିଥିବ, ଏହା ଭଲ ଶୁଖିଲା ଘାସ (ହେ)ର ଲକ୍ଷଣ ।

ଏହି ବିଡାଗୁଡିକୁ ଶୁଖିଲା ତଥା ଧୂଳି ନଥିବା ସ୍ଥାନରେ ସଂରକ୍ଷଣ କରି ରଖିଲେ ଏହାର ଗୁଣାତ୍ମକମାନ ଠିକ୍ ରହିଥାଏ । ଶୁଖିଲା ଘାସ (ହେ)କୁ କାଟି କିମ୍ବା ନ କାଟି ପଶୁପ୍ରତି ଦିନକୁ ୫ କିଲୋ ଖାଇବାକୁ ଦିଆଯାଇ ପାରିବ ।



ସବୁଜ ଘାସକୁ ଖରାରେ ଶୁଖାଇବା



ବିଡା ବନ୍ଧା ହୋଇଥିବା ଶୁଖିଲା ଘାସ (ହେ)



# ୧ .ସାଇଲେଜ୍ (ଘାସ ଆଚାର) ପ୍ରସ୍ତୁତି

ଘାସ ଆଚାରକୁ ପଶୁ ଆଚାର ମଧ୍ୟ କୁହାଯାଇଥାଏ । ଏହା ସହଜରେ ହଜମ ହୋଇଥାଏ ତଥା ରୁଚିକର ହୋଇଥାଏ । ଅଧିକ ଶ୍ୱେତସାରଥିବା ଶସ୍ୟ ଜାତୀୟ ଘାସ ଯଥା ମକା, ଯଅ, ବାଜରା ଓ ବାର୍ଲିରୁ ସବୁଠାରୁ ଭଲ ସାଇଲେଜ୍ ମିଳିଥାଏ । ସବୁଜଘାସରେ ଯେତେବେଳେ ୬୫ରୁ ୭୦ ଭାଗ ଜଳୀୟ ଅଂଶ ଥାଏ ସେହି ସମୟରେ ଅମଳ କରାଯାଏ । ଯାହାକି ସାଇଲେଜ୍ ପ୍ରସ୍ତୁତି ପାଇଁ ଆଦର୍ଶ ଅଟେ । ଅମଳ ପରେ ୧ରୁ ୨ ଇଂଚ୍ ଲମ୍ବର କାଟି ଗାତରେ ଭରିବା ଉଚିତ୍ ।

ଘାସ ଆଚାର ତିଆରି କରିବା ପୂର୍ବରୁ ଘାସ ଆଚାର (ସାଇଲେଜ୍) ରଖିବା ସ୍ଥାନ (ସାଇଲୋ ପିଟ୍) ତିଆରି କରନ୍ତୁ । ପାଣି ନ ପଶିବା ପାଇଁ ଏହାକୁ ଏକ ଉଚ୍ଚ ସ୍ଥାନରେ ତିଆରି କରିବା ଉଚିତ୍ । ଏହାର ଆକାର ଘାସର ପରିମାଣ ଉପରେ ନିର୍ଭର କରିଥାଏ । ଏକ ଘନ ମିଟର ( ୧ ମି. × ୧ମି. × ୧ ମି.) ସାଇଲୋ ପିଟରେ ୫୦୦ ରୁ ୬୦୦ କିଲୋ ଗ୍ରାମ୍ କଟା ଘାସରୁ ସାଇଲେଜ୍ ତିଆରି କରିହେବ ।

କଟା ଘାସକୁ ୧୦ ସେଣ୍ଟି ମିଟର ବହଳର ପରସ୍ତ ପରସ୍ତ କରି ସାଇଲୋ ପିଟରେ ଜୋରରେ ଦାବି ପୁରାନ୍ତୁ । ଛୋଟ ସାଇଲୋରେ କଟା ଘାସକୁ ଗୋଡରେ ଦାବି ହେବ କିନ୍ତୁ ବଡବଡ ସାଇଲୋ ପାଇଁ ଟ୍ରାକ୍ଟରର ବ୍ୟବହାର ଜରୁରୀ । ସାଇଲୋ ପିଟ୍ ପୂରାହେଲା ପରେ ଗୋଟିଏ ପଲିଥିନ୍‌ରେ ସାଇଲେଜ୍ ଗଦାକୁ ଢାଙ୍କି ଦେଇ ସିଲ୍ କରି ଦିଅନ୍ତୁ । ତା ଉପରେ ୫ ଇଂଚ୍ ବହଳ ମୋଟାର ଓଦା ମାଟିର ପରସ୍ତ ଲେପନ୍ତୁ । ଏଥିରେ ଶୁଖିଲା ପରେ ଯଦି କିଛି ଫାଟ ଦେଖାଯାଏ, ତେବେ ଆଉ କିଛି ମାଟି ଦେଇ ତାକୁ ବ   କରନ୍ତୁ । ସାଇଲେଜ୍‌ରେ ଅନ୍ୟ କିଛି ରଙ୍ଗ, ସୁଗନ୍ଧ ବା ନଷ୍ଟ ନ ହେବାପାଇଁ କିଛି ଉପାଦାନ ମିଶାନ୍ତୁ ନାହିଁ । କିନ୍ତୁ ଯଦି ଫସଲ ଠିକ୍ ସମୟରେ ଅମଳ କରା ଯାଇ ନଥାଏ, ତେବେ ଉପଯୁକ୍ତ ଉପାଦାନ ଯଥା ଲୁଣ, ୟୁରିଆ, ଫରମିକ୍ ଏସିଡ୍ ବା ଗୁଡ ଆଦି ଘାସ ଭର୍ତ୍ତି କରିବା ସମୟରେ ଦିଅନ୍ତୁ ।

୪୫ ଦିନ ପରେ ସାଇଲେଜ୍ ପଶୁଙ୍କୁ ଖୁଆଇବା ପାଇଁ ଉପଯୁକ୍ତ ହୋଇଥାଏ । ସବୁଜ ଘାସର ଅଭାବ ସମୟରେ ସାଇଲୋ ପିଟ୍‌କୁ ଗୋଟିଏ କଡରୁ ଖୋଲିଖାଇବାକୁ ଦେଇ ହେବ । ପ୍ରତିଦିନ ସାଇଲେଜ୍ ବାହାର କରି ସାରିଲା ପରେ ପଲିଥିନ୍‌କୁ ଠିକ୍ ଭାବେ ଘୋଡାଇ ଦିଅନ୍ତୁ । ସାଇଲେଜ୍ ସବୁଜ ଘାସ ବଦଳରେ ଦିଆଯାଇପାରିବ । କିନ୍ତୁ ପ୍ରଥମ ୩ରୁ ୪ ଦିନ ପର୍ଯ୍ୟନ୍ତ ପଶୁଙ୍କୁ ଏହା ସହ ମେଳଖାଇବା ପାଇଁ ଦିନକୁ ପଶୁ ପ୍ରତି ୫-୧୦ କିଲୋ ସାଇଲେଜ୍ ଖାଇବାକୁ ଦିଅନ୍ତୁ ।



କଟା ଯାଇଥିବା ଘାସ



ଘାସ ଚାପି ସାଇଲୋ ପିଟ୍‌ରେ ଭରିବା



ପୁରା ସିଲ୍ କରାଯାଇଥିବା ସାଇଲୋ ପିଟ୍

**ଘାସ ଆଚାର ତିଆରି କରିବା ସବୁଜ ଘାସ ସଂରକ୍ଷଣ କରିବାର ଏକ ଫଳପ୍ରଦ ଉପାୟ**

## ଗ. ଫସଲ ଅବଶିଷ୍ଟାଂଶରେ ୟୁରିଆ-ଆମୋନିଆ ଉପଚାର

ସବୁଜ ଗୋଖାଦ୍ୟ, ଦାନା ଓ ଶୁଖିଲା ନଡା ଉପଯୁକ୍ତ ଅନୁପାତରେ ଦେଲେ ପଶୁମାନଙ୍କୁ ଠିକ୍‌ଭାବରେ ପୋଷକ ତତ୍ତ୍ୱ ମିଳିବା ସହିତ ପ୍ରାଣୀର ଶରୀର ରକ୍ଷା ଓ କ୍ଷୀର ଉତ୍ପାଦନରେ ସହାୟକ ହୋଇଥାଏ । କିନ୍ତୁ ବେଳେ ବେଳେ ସବୁଜ ଘାସ ଠିକ୍ ପରିମାଣରେ ମିଳୁ ନ ଥିବାରୁ ତଥା ଦାନାର ଦାମ୍ ଅଧିକ ହୋଇଥିବାରୁ ଦୁଧିଆଳୀ ପଶୁଙ୍କ ପାଇଁ ପୋଷକ ତତ୍ତ୍ୱ ର ଅଭାବ ହୋଇଥାଏ । ସାଧାରଣତଃ ଧାନ, ଗହମ, ବାଜରା ଓ ଯଅ ନଡା ଯଥେଷ୍ଟ ପରିମାଣରେ ମିଳିଥାଏ । କିନ୍ତୁ ଏ ସବୁ ଗୋଖାଦ୍ୟରେ ପୋଷକ ତତ୍ତ୍ୱ ବହୁତ କମ୍ ଥାଏ ତଥା ହଜମ ଠିକ୍ ଭାବରେ ହୋଇ ନ ଥାଏ । ନଡା ଗୁଡିକରେ ଶତକଡା ୪ ଭାଗରୁ କମ୍ ପୁଷ୍ଟିସାର ଥାଏ । ନଡାର ୟୁରିଆ ଉପଚାର କଲେ ପୁଷ୍ଟିସାର ଶତକଡା ୮ ଭାଗ ପର୍ଯ୍ୟନ୍ତ ବଢିଥାଏ । ୟୁରିଆ ଉପଚାର ହୋଇଥିବା ନଡା ଖାଇବାକୁ ଦେବା ଦ୍ୱାରା ଗାଈର ଦାନା ଶତକଡା ୩୦ ଭାଗ ପର୍ଯ୍ୟନ୍ତ କମ୍ କରାଯାଇପାରେ ।

**ନଡା ଉପଚାର ବିଧି**

୧. ଥରକେ ଅତି କମ୍‌ରେ ୧୦ କୁଇଣ୍ଟାଲ୍ ନଡାର ଉପଚାର କରିବା ଉଚିତ୍ । ସେଥିରେ ପ୍ରତି ୧୦ କୁଇଣ୍ଟାଲ୍ ପାଇଁ ୪୦ କିଲୋ ୟୁରିଆ ଓ ୪୦୦ ଲିଟର ପାଣି ମିଶାଇବା ଦରକାର ।

୨. ପ୍ରଥମେ ୪ କିଲୋ ୟୁରିଆକୁ ୪୦ ଲିଟର ପାଣିରେ ମିଶାନ୍ତୁ ।

୩. ୧୦୦ କିଲୋ ନଡାକୁ ଭୂଇଁରେ ଖେଳାଇ ଦିଅନ୍ତୁ, ଯେପରିକି ୩-୪ ଇଂଚ ବହଳର ଏକ ମୋଟା ସ୍ତର ହେବ ।

୪. ୪୦ ଲିଟର ୟୁରିଆ ଦ୍ରବଣକୁ ଏହା ଉପରେ ଛିଂଚନ୍ତୁ । ଏଥି ପାଇଁ ଛିଂଚିବା ଯନ୍ତ୍ର ମଧ୍ୟ ବ୍ୟବହାର କରିପାରିବା । ଛିଂଚିସାରିବା ପରେ ନଡାଗୁଡିକୁ ଗୋଡରେ ମାଡିଦିଅନ୍ତୁ, ଯେପରିକି ନଡା ବସିଯିବ ।

୫. ନଡା ବସିଯିବା ପରେ ଆଉ ଏହା ଉପରେ ୧୦୦ କିଲୋର ନଡା ଖେଳାଇ ଦିଅନ୍ତୁ । ସେଥିରେ ପୁଣି ୪୦ ଲିଟର ୟୁରିଆ ମିଶ୍ରଣ ଛିଂଚନ୍ତୁ ( ୪ କିଲୋ ୟୁରିଆକୁ ୪୦ ଲିଟର ପାଣିରେ ମିଶାଇ) । ଛିଂଚି ସାରିବାପରେ ନଡାକୁ ଗୋଡରେ ମାଡି ଦିଅନ୍ତୁ ଯେପରି ଏହା ବସିଯିବ । ଦଶ କୁଇଣ୍ଟାଲ ନଡା ପାଇଁ ଦଶଥର ନଡା ପକାଇବା, ୟୁରିଆ ମିଶ୍ରଣ ଛିଂଚିବା ତଥା ଗୋଡରେ ମାଡିବା ପଦ୍ଧତିକୁ ବାରମ୍ବାର କରନ୍ତୁ ।

୬. ଉପଚାରିତ ନଡା ଗଦାକୁ ଗୋଟିଏ ନୂଆ ପ୍ଲାଷ୍ଟିକ୍ ଜରିରେ ଢାଙ୍କି ଦିଅନ୍ତୁ, ଯେଉଁ ସ୍ଥାନରେ ପ୍ଲାଷ୍ଟିକ୍‌ଟି ମାଟିକି ଛୁଇଁ ଥାଏ ସେଠାରେ ମାଟି ଲେପି ଦିଅନ୍ତୁ ଯାହାଦ୍ୱାରା ଭିତରେ ଥିବା ଆମୋନିଆ ବାଷ୍ପ ଉଡିବ ନାହିଁ ।

୭. ଯଦି ଜରି ବା ପଲିଥିନ୍ ମିଳୁନାହିଁ, ତେବେ ନଡାର ଗଦାକୁ ଶୁଖିଲା ନଡାରେ ଆଚ୍ଛାଦିତ କରି ଦିଅନ୍ତୁ । ତା ଉପରେ କିଛି ମାଟି ପକାଇଲା ପରେ ଗୋବର ଲିପିଦେଲେ ଏହା ନିବୁଜ ହୋଇଯାଇଥାଏ ଫଳରେ ପବନ ପଶି ପାରିବନି କି ବାହାରି ପାରିବ ନାହିଁ ।



## ଫସଲ ଅବଶିଷ୍ଟାଂଶରେ ଯୁରିଆ-ଆମୋନିଆ ଉପଚାର (କ୍ରମଶଃ)

### ସାବଧାନତା

୧. କେବେବି ପଶୁକୁ ଯୁରିଆ ଅଥବା ଯୁରିଆର ମିଶ୍ରଣ/ ଦ୍ରବଣ ସିଧାସଳଖ ଖାଇବାକୁ ଦିଅନ୍ତୁ ନାହିଁ । ଯୁରିଆ ସିଧାସଳଖ ଖୁଆଇଲେ ପଶୁଟିର ମୃତ୍ୟୁ ହେବାର ସମ୍ଭାବନା ରହିଛି ।

୨. ନଡାର ଉପଚାର କରିବା ସମୟରେ ଯୁରିଆ ମିଶ୍ରଣକୁ ପଶୁମାନଙ୍କ ପାଖରେ ରଖନ୍ତୁ ନାହିଁ ।

୩. ଭୂଇଁ ସିମେଣ୍ଟର ହୋଇଥିଲେ ଯୁରିଆ ଉପଚାର ଭଲ ହୋଇଥାଏ । ମାଟିର ଚଟାଣ ହୋଇଥିଲେ, ଗୋଟିଏ ପ୍ଲାଷ୍ଟିକ୍ ସିଟ୍ ବ୍ୟବହାର କରି ନଡାର ପ୍ରଥମ ଧାଡିକୁ ଏହା ଉପରେ ବିଛାନ୍ତୁ ।

୪. ନଡାର ଉପଚାର ଗୋଟିଏ ବ   ଘରେ ଅଥବା ଘରର ଗୋଟିଏ କୋଣରେ କଲେ ଭଲ ହୋଇଥାଏ ।

୫. ଖରାଦିନେ ଉପଚାରିତ ନଡାକୁ ୨୧ ଦିନ ପରେ ଖୋଲାଯିବା ଦରକାର, ତଥା ଶୀତଦିନେ ୨୮ ଦିନ ପରେ । ଖୁଆଇବା ପୂର୍ବରୁ ଉପଚାରିତ ନଡାକୁ ଖୋଲାରେ କିଛି ସମୟ ରଖି ଦିଅନ୍ତୁ, ଯେପରିକି ସେଥିରେ ଥିବା ଆମୋନିଆ ବାଷ୍ପ ପବନରେ ମିଶିଯିବ ।

୬. ଯୁରିଆ ଉପଚାରିତ ନଡାକୁ ପ୍ରଥମେ କମ୍ କମ୍ ମାତ୍ରାରେ ଖୁଆନ୍ତୁ । ଧିରେ ଧିରେ ପଶୁଟି ତାକୁ ଆପଣାଇବ ଏବଂ ଭଲ ଭାବେ ଖାଇବାକୁ ପସ   ମଧ୍ୟ କରିବ ।

### ଫସଲ ଅବଶିଷ୍ଟାଂଶର ଯୁରିଆ-ଆମୋନିଆ ଉପଚାର



ସଠିକ୍ ପରିମାଣର ଯୁରିଆ ଓ ପାଣି ଦିଅନ୍ତୁ



ସଠିକ୍ ପରିମାଣର ନଡା ବ୍ୟବହାର କରନ୍ତୁ

ଫସଲ ଅବଶିଷ୍ଟାଂଶର ଯୁରିଆ-ଆମୋନିଆ ଉପଚାର



ଭଲଭାବେ ମିଶାନ୍ତୁ



ସଠିକ୍‌ଭାବରେ ଚାପ ଦିଅନ୍ତୁ ଓ ବ   କରନ୍ତୁ



ଯୁରିଆ ଉପଚାରିତ ନଡା ଖୋଲାଯିବା ପରେ

## ଘ. ସବୁଜ ଘାସ କାଟିବା ଓ ବେହିବା ପାଇଁ ବ୍ୟବହୃତ ଯନ୍ତ୍ର



ଫଟୋ କ

ବିଡା ବନ୍ଧା ଯନ୍ତ୍ର




ଫଟୋ ଖ

ଅମଳ ଓ ଲୋଡ୍ କରିବା ଯନ୍ତ୍ର



ଫଟୋ ଗ

ରିପର ବାଇଣ୍ଡର ମୋଅର



ଫଟୋ ଘ

କଟା ଯାଇଥିବା ଚାରା ଏକାଠି କରିବା ଯନ୍ତ୍ର

ଶ୍ରମିକମାନଙ୍କ ଦ୍ୱାରା ଧାନ, ଗହମ, ମକା, ତୈଳବୀଜ ଓ ଡାଲି ଜାତୀୟ ଫସଲ ଅମଳ କରାଗଲେ ନଡା ଗୋଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । କିନ୍ତୁ ଏବେ ଶ୍ରମିକ ଅଭାବରୁ ଧାନ ଅମଳ ଯନ୍ତ୍ରରେ ଅମଳ କରିବାରୁ ବହୁତ ନଡା ନଷ୍ଟ ହୋଇଥାଏ । ନଡା ଗୋଖାଦ୍ୟ ନଷ୍ଟ କମ୍ କରିବା ପାଇଁ ନଡା ଅମଳ ଯନ୍ତ୍ର ଓ ବୋହିବା ଯନ୍ତ୍ର ବ୍ୟବହାର କରନ୍ତୁ । ଏହାଦ୍ୱାରା ନଡାକୁ ଠିକ୍ ଭାବେ ଅମଳ କରାଯିବା ସହିତ ନଡାର ଭଲ ଅମଳ ମଧ୍ୟ ମିଳିବ । ଅମଳ ଯନ୍ତ୍ର ଅଧିକ ଶକ୍ତିରେ ଘାସ ଓ ନଡା ଅମଳ କରି ପାରିବ ତଥା ସେଥିରେ ବାଡେଇ ଅମଳ କରିବା/ ଛୋଟ ଛୋଟ କରି କାଟିବା/ ଟ୍ରଲର ଲଗାଇବା/ କାଣ୍ଡ ଭାଙ୍ଗିବା/ conditioning କରାଯାଇପାରେ । ଏହି ଯନ୍ତ୍ର ସାହାଯ୍ୟରେ ସବୁଠାରୁ କମ୍ ଖର୍ଚ୍ଚରେ ନଡା କାଟିବା, ସାଇଲେଜ୍ ତିଆରି କରିବା, ହେ ତିଆରି କରିବା, ମାଟିର ଉର୍ବରତା ରକ୍ଷା ପାଇଁ ଘାସ, କୁଟା ଓ ପତ୍ର ଓଦା କରି ବିଛାଇବା (mulching), କମ୍ପୋଷ୍ଟ ତିଆରି କରିବା ଓ ସାର ପ୍ରୟୋଗ କରିବା ସମ୍ଭବ ହୋଇଥାଏ । ଅମଳ ଯନ୍ତ୍ରକୁ ମଧ୍ୟ ଘାସ କାଟିବା ପାଇଁ ବ୍ୟବହାର କରି ସଘନ ଘାସ ଚାଷ କରିଯାଇପାରିବ । ଏହାଦ୍ୱାରା ସଠିକ୍ ସମୟରେ ଅମଳ, ସଂରକ୍ଷଣ, ସାଇତା ତଥା ମାଲଗୋଦାମରେ ବିକ୍ରି ପାଇଁ ପହଂଚାଇବା ଦ୍ୱାରା ଘାସରୁ ଅଧିକ ପୁଷ୍ଟିସାର ଓ ଶକ୍ତି ମିଳିଥାଏ କାରଣ ନଷ୍ଟ କମ୍ ହୋଇଥାଏ ।

ଋତୁ, ଘାସର କୋମଳତା ଓ କଠିନତା, ମୋଟାଇ, ଫସଲର ଉଚ୍ଚତା ଓ ଜଳୀୟ ଅଂଶର ପରିମାଣ ଅନୁସାରେ ବିଭିନ୍ନ ପ୍ରକାର ଯନ୍ତ୍ର ବ୍ୟବହାର କରିବା ଉଚିତ୍ । ଆଗାମୀ ସମୟରେ ନିମ୍ନଲିଖିତ ପ୍ରକାରର ନଡା ଅମଳ ଓ ଫସଲ ପରିଚାଳନା ଯନ୍ତ୍ରର ବହୁଳ ବ୍ୟବହାର ହେବ

କ) Auto Pick Up Balers (ବିଡା ବନ୍ଧା ଯନ୍ତ୍ର : ଫଟୋ କ)

ଖ) Flail Mower, Chopper Loader (ଅମଳ ଓ ଲୋଡ୍ କରିବା ଯନ୍ତ୍ର : ଫଟୋ ଖ)

ଗ) Combine prevention/ reversal mowers (ରିପର ବାଇଣ୍ଡର ମୋଅର : ଫଟୋ ଗ)

ଘ) Collection inversion cum liner raker (କଟା ଯାଇଥିବା ଚାରା ଏକାଠି କରିବା ଯନ୍ତ୍ର : ଫଟୋ ଘ)

## ଘ. ସବୁଜ ଘାସ କାଟିବା ଓ ବେହିବା ପାଇଁ ବ୍ୟବହୃତ ଯନ୍ତ୍ର (କ୍ରମଶଃ)

କ) Auto Pick Up Balers (ବିଡା ବନ୍ଧା ଯନ୍ତ୍ର) : ଏହା ୫୦-୭୫ ଅଶ୍ୱ ଶକ୍ତି (hp) ବିଶିଷ୍ଟ ଟ୍ରାକ୍ଟର ଦ୍ୱାରା ଚଳା ଯାଇଥାଏ । ଏକା ଥରକେ ଏହା ୧୫୦୦ ରୁ ୧୮୦୦ ମିଲିମିଟର ଚଉଡାର ଫସଲ କାଟି ଥାଏ । ପ୍ରତି ଘଣ୍ଟାରେ ଏହା ୧-୨ ମେଟ୍ରିକ୍ ଟନ୍ ଫସଲ କାଟି ଥାଏ । ପ୍ରତି ବିଡାରେ ୧୦ ରୁ ୨୦ କିଲୋର ନଡା ବା ହେ ରଖାଯାଇପାରେ । ଛୋଟ ବିଡାଗୁଡିକୁ ସୁବିଧାରେ ବ୍ୟବହାର କରାଯାଇପାରେ ତଥା ଏହାକୁ ସହଜରେ ଓ କମ୍ ଶ୍ରମିକ ବ୍ୟବହାର କରି ଫସଲ ସଂରକ୍ଷଣ କରିବା ସ୍ଥାନକୁ ପରିବହନ କରାଯାଇପାରେ । ବିଲରେ ବିଡା ବାନ୍ଧିଲେ ନଡାକୁ ବୋଝେଇ କରିବା, ଓହ୍ଲାଇବା ଓ ଥାକ କରି ରଖିବା ସହଜ ହୋଇଥାଏ । ବିଡା ବାନ୍ଧିଲା ପରେ ସହଜରେ କିଣାବିକା ତଥା ନେବା ଆଣିବା ସୁବିଧାରେ କରାଯାଇପାରେ । ଛୋଟ/ ବାମନ କିସମର ବଳକା ନଡାକୁ ଅନ୍ୟଫସଲ ସହ ମିଶାଇ ବିଡା ତିଆରି କରିହେବ । କିନ୍ତୁ ଲମ୍ବା କିସମର ଫସଲକୁ ଅତିରିକ୍ତ ଡିସ୍କ, ଡ୍ରମ୍ ଅଥବା ଦା ଭଳି ଅମଳ ଯନ୍ତ୍ର ବିଡା ବାନ୍ଧିବା ପୂର୍ବରୁ ବ୍ୟବହାର କରିବା ଦରକାର । ଅଧିକ ଜଳୀୟ ଅଂଶ ଥିଲେ **collection inversion cum liner raker** (ଫଟୋ ଘ) ବ୍ୟବହାର କରି ଖରାରେ ଶୁଖାଇବା ପରେ ଉଠାଇ ସାଇତା ଯାଏ । ବିଡା ତିଆରି ଯନ୍ତ୍ର ପ୍ରାୟ ସମସ୍ତ ପ୍ରକାର ଫସଲ ପାଇଁ ବ୍ୟବହାର ହୋଇପାରେ । ଏକ ୭୫ ଅଶ୍ୱ ଶକ୍ତି (hp) ଟ୍ରାକ୍ଟର – ବିଡା ବନ୍ଧା ଯନ୍ତ୍ର ବ୍ୟବହାର କରି ଦିନକୁ ୨୦ ମେଟ୍ରିକ୍ ଟନ୍ ନଡା ବନ୍ଧାଯାଇପାରିବ । ଅନେକ ସୁନାମଧନ୍ୟ ଦେଶୀ ଓ ବେଦେଶୀ କମ୍ପାନୀର ଏହି ଯନ୍ତ୍ର ଏବେ ଆମ ଦେଶରେ ଉପଲବ୍ଧ ଯଥା କ୍ଲାସ୍, ନିଉ ହଲାଣ୍ଡ, ଜନ୍‌ଡ଼ିରେ ଓ କୁହ୍‌ନ ଇତ୍ୟାଦି ।

ଖ) Flail Mower, Chopper Loader (ଅମଳ ଓ ଲୋଡ୍ କରିବା ଯନ୍ତ୍ର) : ଏହା ୫୦-୭୫ ଅଶ୍ୱ ଶକ୍ତି (hp) ବିଶିଷ୍ଟ ଟ୍ରାକ୍ଟର ଦ୍ୱାରା ଚଳା ଯାଇଥାଏ । ଏକା ଥରକେ ଏହା ୧୩୦୦ ରୁ ୧୯୦୦ ମିଲିମିଟର ଚଉଡାର ଫସଲ କାଟି ଥାଏ । ପ୍ରତି ଘଣ୍ଟାରେ ଏହା ୨-୩ ମେଟ୍ରିକ୍ ଟନ୍ ଫସଲ କାଟି ଥାଏ । ଏହି ଯନ୍ତ୍ରରେ ଏପରିସୁବିଧା ଥାଏ, ଯେପରିକି ବିଡା ବାନ୍ଧିଲା ପରେ ଆବଶ୍ୟକତା ଅନୁସାରେ ବିଡାକୁ ଖରାରେ ଶୁଖିବା ପାଇଁ ବିଲରେ ପକାଇଦିଏ ଅଥବା ମାଟିରେ ମିଶାଇ ମାଟିର ଗୁଣାତ୍ମକ ମାନ ବଢା ଯାଇପାରେ । ଅଧିକ ଜଳୀୟ ଅଂଶ ଥିଲେ **collection inversion cum liner rake** (ଫଟୋ ଘ) ବ୍ୟବହାର କରି ଖରାରେ ଶୁଖାଇବା ପରେ ଉଠାଇ ସାଇତା ଯାଏ । ଏହି ଯନ୍ତ୍ର ପ୍ରାୟ ସମସ୍ତ ପ୍ରକାର ଫସଲ ପାଇଁ ବ୍ୟବହାର ହୋଇପାରେ । ଏହି ଯନ୍ତ୍ରମଧ୍ୟରେ ଛୋଟ ଛୋଟ କରି କାଟିବା ଓ ଭାଙ୍ଗିବା ବ୍ୟବସ୍ଥା ଥିବାରୁ ଏହା ଅତିଶୀଘ୍ର ସାଇଲେଜ୍ ଓ ହେ ତିଆରି ହୋଇଥାଏ । ଏହି ଯନ୍ତ୍ର ବ୍ୟବହାର କରି ଦିନକୁ ୨୦ ମେଟ୍ରିକ୍ ଟନ୍ ନଡା ବନ୍ଧାଯାଇପାରିବ । ଏହି ଯନ୍ତ୍ରର କାର୍ଯ୍ୟପ୍ରଣାଳୀ ସାଧାରଣ କିନ୍ତୁ ଅତି ଶକ୍ତ ଓ ବଳିଷ୍ଠ । ତେଣୁ, ଏହି ଯନ୍ତ୍ରକୁ କମ୍ ତାଲିମ୍ ପ୍ରାପ୍ତ ଶ୍ରମିକ ଓ ଅପରେଟର ମାନେ ମଧ୍ୟ ଚଳାଇପାରିବେ । କେତେକ ନାମୀ କମ୍ପାନୀର ଏହି ଯନ୍ତ୍ର ଏବେ ଆମ ଦେଶରେ ଉପଲବ୍ଧ ଯଥା ଫିମାର୍କସ୍, ନିଉ ହଲାଣ୍ଡ ଓ ଜନ୍‌ଡ଼ିରେ ଇତ୍ୟାଦି ।

ଗ) Combine prevention/ reversal mowers (ରିପର ବାଇଣ୍ଡର ମୋଅର ) : ଏଥିରେ ବିଭିନ୍ନ ପ୍ରକାର ଛୋଟ ଛୋଟ ଘାସ କଟା ଯନ୍ତ୍ର ମିଳିଥାଏ । ୧୦ ଅଶ୍ୱ ଶକ୍ତି (hp) କ୍ଷମତାର ସ୍ୱୟଂଚାଳିତ ରିପର ବାଇଣ୍ଡର ଯନ୍ତ୍ର ଆଜିକାଲି ଆମ ଦେଶରେ ବେଶ ଆଦୃତ ହୋଇପାରିଛି, କାରଣ ଏହା ଦ୍ୱାରା ବିଭିନ୍ନ ପ୍ରକାର ଶସ୍ୟ ଯଥା ଧାନ, ଗହମ, ବର୍ଷା-ଆଶ୍ରିତ ଯଅ, ବାଜରା, ଡାଲି ଓ ତୈଳବୀଜ ଫସଲ ସହିତ ଘାସ ମଧ୍ୟ କାଟି ହେଉଛି । ଏହି ଯନ୍ତ୍ର ଦ୍ୱାରା ଭୂଇଁଠାରୁ ପ୍ରାୟ ୬ ସେଣ୍ଟିମିଟର ଛାଡି କଟାଯାଇ ପରେ ଅର୍ଥାତ୍ ଭୂଇଁ ପାଖରୁ ଅତି କମ୍ ପାଖରୁ ଏହା ଦ୍ୱାରା ଶତକଡା ଶହେରୁ ଶହେ ଭାଗ ଅମଳ କରାଯାଇପାରେ । ରିପର ବାଇଣ୍ଡର ଯନ୍ତ୍ର ଦ୍ୱାରା ବିନା ଶ୍ରମିକ ବ୍ୟବହାର କରି ତଥା ଅତି ସହଜରେ ଅମଳ କରିହେବ । ବିସିଏସ୍ ଓ ଯଶୋଦା କମ୍ପାନୀର ଏହି ପ୍ରକାର ଯନ୍ତ୍ର ତିଆରି ପାଇଁ ପ୍ରସିଦ୍ଧ । ଏହାଦ୍ୱାରା ଦିନକୁ ୮ ଏକର ଫସଲ ଅମଳ କାରାଯାଇପାରେ ।

ଘ) Collection inversion cum liner raker (କଟା ଯାଇଥିବା ଚାରା ଏକାଠି କରିବା ଯନ୍ତ୍ର) :

ଏହି ଯନ୍ତ୍ର ଦ୍ୱାରା କଟା ଯାଇଥିବା ଚାରାକୁ ଏକାଠି କରାଯାଇଥାଏ ।

## ଭାରତରେ କରାଯାଉଥିବା କିଛି ପ୍ରମୁଖ ସବୁଜ ଗୋ-ଖାଦ୍ୟର କୃଷି ବିଧି
### ( ଖରାଦିନିଆ ବା ଖରିଫ୍ ଫସଲ)

| ଫସଲ | ମାଟିର କିସମ | ଉନ୍ନତ ଅମଳକ୍ଷମ ବିହନ କିସମ | ବୁଣିବା ସମୟ | ବିହନର ପରିମାଣ (କି.ଗ୍ରା./ ହେକ୍ଟର) | ଧାଡ଼ି କୁ ଧାଡ଼ି ବ୍ୟବଧାନ (ସେ.ମି.) | ସାରର ପରିମାଣ (କି.ଗ୍ରା. / ହେକ୍ଟର | ଜଳ-ସେଚନ (ସଂଖ୍ୟା) | ଅମଳ ସମୟ(ଦିନ) | ବର୍ଷକୁ ଅମଳ ସଂଖ୍ୟା | ବୁଣିବା ଅମଳର ପରିମାଣ (ଟନ୍/ ହେକ୍ଟର) |
|---|---|---|---|---|---|---|---|---|---|---|
| ସରଗମ୍ (ଜୋଆର୍) ଥରେ ଅମଳ | ବାଲିଆ - ଦୋରସା ରୁ ଚିକିଟା ଦୋରସା | ଏଚ୍‌ସି-୩୦୮ ଏଚ୍‌ଜେ-୫୪୧ ସିଏସ୍‌ଭି୨୧ଏମ୍‌ଏଫ୍ ପନ୍ଥଚାରି-୫ | ଜୁନ୍-ଜୁଲାଇ (ଉତ୍ତର ଭାରତ) ଫେବୃୟାରୀ-ନଭେମ୍ବର (ଦକ୍ଷିଣ ଭାରତ) | ୨୫-୩୦ | ୩୦-୪୦ | ନାଇଟ୍ରୋଜେନ୍ ସାର-୯୦ ଫସ୍‌ଫରସ୍-୩୦ | ୨-୩ | ୮୦-୯୦ (ବିଳମ୍ବ କିସମ) ୬୫-୫୭ (ସଅଳ କିସମ) | ୧ଟି | ୩୦-୫୦ |
| ସରଗମ୍ (ଜୋଆର୍) (ଅନେକ ଥର ଅମଳ) | ବାଲିଆ - ଦୋରସା ରୁ ଚିକିଟା ଦୋରସା | ଏସ୍‌ଏସ୍‌ଜି-୮୯୮ ସିଏସ୍‌ଏଚ୍-୨୪ ଏମ୍‌ଏଫ୍ ସିଏସ୍‌ଏଚ୍-୨୦ ଏମ୍‌ଏଫ୍ ସିଓଏଫ୍‌ଏସ୍ - ୨୯ ପନ୍ଥଚାରି – ୬ ସିଓ-୩୧ | ମାର୍ଚ୍ଚ-ଜୁଲାଇ (ଉତ୍ତର ଭାରତ) ଫେବୃୟାରୀ-ନଭେମ୍ବର (ଦକ୍ଷିଣ ଭାରତ) | ୨୫-୩୦ | ୩୦-୪୦ | ନାଇଟ୍ରୋଜେନ୍ - ୬୦ ଫସ୍‌ଫରସ୍-୩୦ ଏବଂ ନାଇଟ୍ରୋଜେନ୍ - ୩୦କି.ଗ୍ରା. (ପ୍ରତ୍ୟେକ ଅମଳ ପରେ) | ୫-୬ | ପ୍ରଥମ ଅମଳ ୬୦ ଦିନରେ ଏବଂ ପରବର୍ତ୍ତୀ ଅମଳ ପ୍ରତି ୪୫ ଦିନ ବ୍ୟବଧାନରେ | ୩-୪ଟି ଏବଂ ୬-୭ଟି (ସିଓଏଫଏସ୍ ୨୯ ପାଇଁ) | ୬୦-୯୦ |
| ମକା (ଅନେକ ଫସଲ କାଟ୍) | ବାଲିଆ - ଦୋରସା ରୁ ଚିକିଟା ଦୋରସା (ଜଳ ନିଷ୍କାସନ ବ୍ୟବସ୍ଥା ସହ) | ଆଫ୍ରିକାନ୍ ଟଲ୍ ଜେ-୧୦୦୬ ପ୍ରତାପ, ମକାଚାରି-୬ ବିଜୟ କମ୍ପୋଜିଟ୍ | ମାର୍ଚ୍ଚ-ଅଗଷ୍ଟ (ଉତ୍ତର ଭାରତ) ଫେବୃୟାରୀ-ନଭେମ୍ବର (ଦକ୍ଷିଣ ଭାରତ) | ୬୦-୮୦ | ୩୦-୪୦ | ନାଇଟ୍ରୋଜେନ୍ - ୮୦ ଫସ୍‌ଫରସ୍-୪୦ | ୩-୪ | ୭୫-୮୦ | ୧ଟି | ୩୫-୫୫ |

## ଭାରତରେ କରାଯାଉଥିବା କିଛି ପ୍ରମୁଖ ସବୁଜ ଗୋ-ଖାଦ୍ୟର କୃଷି ବିଧି
## ( ଖରାଦିନିଆ ବା ଖରିଫ୍ ଫସଲ)

| ଫସଲ | ମାଟିର କିସମ | ଉନ୍ନତ ଅମଳକ୍ଷମ ବିହନ କିସମ | ବୁଣିବା ସମୟ | ବିହନର ପରିମାଣ (କି.ଗ୍ରା./ ହେକ୍ଟର) | ଧାଡ଼ି କୁ ଧାଡ଼ି ବ୍ୟବଧାନ (ସେ.ମି.) | ସାରର ପରିମାଣ (କି.ଗ୍ରା. / ହେକ୍ଟର | ଜଳ-ସେଚନ (ସଂଖ୍ୟା) | ଅମଳ ସମୟ(ଦିନ) | ବର୍ଷକୁ ଅମଳ ସଂଖ୍ୟା | ବୁଣିବା ଅମଳର ପରିମାଣ (ଟନ୍/ ହେକ୍ଟର) |
|---|---|---|---|---|---|---|---|---|---|---|
| ବାଜରା | ବାଲିଆ - ଦୋରସା ମାଟି | ଏଭିକେବି-୧୯<br>ଜିଏଫ୍‌ବି-୧<br>ଏଫ୍‌ବିସି-୧୦<br>ବାୟଫ ବାଜରା-୧ | ମାର୍ଚ୍ଚ-ଜୁଲାଇ | ୮-୧୦ | ୩୦-୪୦ | ନାଇଟ୍ରୋଜେନ୍ - ୪୦<br>ଫସ୍‌ଫରସ୍-୨୦ | ୨-୩ | ୫୦ ଦିନ (ପ୍ରଥମ ଅମଳ ଏବଂ ପ୍ରତି ୩୫ ଦିନ ବ୍ୟବଧାନରେ ପରବର୍ତ୍ତୀ ଅମଳ) | ୩-୪ଟି | ୨୫-୫୦ |
| ମକ୍କାଚାରୀ (Teosinte) | ବାଲିଆ - ଦୋରସା ରୁ ଚିକିଟା ଦୋରସା | ଟିଏଲ୍- ୧ | ଜୁଲାଇ | ୩୦-୪୦ | ୪୦-୪୫ | ନାଇଟ୍ରୋଜେନ୍ - ୯୦<br>ଫସ୍‌ଫରସ୍-୩୦ | ୨-୩ | ୭୫ ଦିନ | ୧ଟି | ୩୫-୪୦ |
| ଝୁଡ଼ଙ୍ଗ / ବରଗୁଡି | ବାଲିଆ ରୁ ଦୋରସା | ୟୁପିସି – ୮୭୦୫<br>ୟୁପିସି-୬୧୮<br>ୟୁପିସି-୬୨୫<br>ୟୁପିସି-୬୨୨ | ମାର୍ଚ୍ଚ-ଜୁଲାଇ | ୩୦-୩୫ | ୩୦-୪୫ | ନାଇଟ୍ରୋଜେନ୍ - ୩୦<br>ଫସ୍‌ଫରସ୍-୪୦ | ୨-୩ | ୬୦-୮୦ | ୧ଟି | ୨୫-୩୦ |
| Rice Bean | ବାଲିଆ - ଦୋରସା ରୁ ଚିକିଟା ଦୋରସା | ବିଧାନ-୧<br>କେଆର୍‌ବି-୪ | ଏପ୍ରିଲ୍-ଅଗଷ୍ଟ | ୨୦-୨୫ | ୩୦-୩୫ | ନାଇଟ୍ରୋଜେନ୍ - ୩୦<br>ଫସ୍‌ଫରସ୍-୪୦ | ୨-୩ | ୭୦-୯୦ | ୧ଟି | ୨୦-୨୫ |
| ଗୁଆଁର Cluster Bean | ବାଲିଆ – ଦୋରସା | ଏଚ୍‌ଏଫ୍‌ଜି-୧୫୬<br>ଗୁଆଁର-୮୦<br>ବୁଲେ ଗୁଆଁର-୧/୨/୩ | ଏପ୍ରିଲ୍-ଅଗଷ୍ଟ | ୨୫-୩୦ | ୩୦-୩୫ | ନାଇଟ୍ରୋଜେନ୍ - ୩୦<br>ଫସ୍‌ଫରସ୍-୪୦ | ୨-୩ | ୬୦-୭୫ | ୧ଟି | ୨୦-୩୦ |

## ଭାରତରେ କରାଯାଉଥିବା କିଛି ପ୍ରମୁଖ ସବୁଜ ଗୋ-ଖାଦ୍ୟର କୃଷି ବିଧି
### ( ଶୀତ ଦିନିଆ ବା ରବି ଫସଲ)

| ଫସଲ | ମାଟିର କିସମ | ଉନ୍ନତ ଅମଳକ୍ଷମ ବିହନ କିସମ | ବୁଣିବା ସମୟ | ବିହନର ପରିମାଣ (କି.ଗ୍ରା./ ହେକ୍ଟର) | ଧାଡ଼ି କୁ ଧାଡ଼ି ବ୍ୟବଧାନ (ସେ.ମି.) | ସାରର ପରିମାଣ (କି.ଗ୍ରା. / ହେକ୍ଟର | ଜଳ-ସେଚନ (ସଂଖ୍ୟା) | ଅମଳ ସମୟ(ଦିନ) | ବର୍ଷକୁ ଅମଳ ସଂଖ୍ୟା | ବୁଣିବା ଅମଳର ପରିମାଣ (ଟନ୍/ ହେକ୍ଟର) |
|---|---|---|---|---|---|---|---|---|---|---|
| ବରସିମ୍ | ଦୋରସା-ଚିକିଟା | ଲୁଦେ ଲ ବରସିମ୍-୩, ବରଦାନ୍, ଜେବି-୧ ବିଏଲ୍-୧/୧୦/୪୨ ମେସ୍କାଭି | ଅକ୍ଟୋବର-ନଭେମ୍ବର | ୨୫ | ୨୦-୩୦ | ନାଇଟ୍ରୋଜେନ୍ - ୩୦ ଫସ୍‌ଫରସ୍-୬୦ ପଟାସ୍-୪୦ | ୧୦-୧୫ | ୬୦ଦିନ (୧ମ ଅମଳ) ଏବଂ ପ୍ରତି ୨୫ ଦିନ ବ୍ୟବଧାନରେ ପରବର୍ତ୍ତୀ ଅମଳ | ୫-୬ଟି | ୬୦-୧୧୦ |
| ଲିଉସର୍ନ | ବାଲିଆ-ଦୋରସା | ଆନ -୨ (୧ବର୍ଷୀ), ଆର୍‌ଏଲ୍-୮୮ ଆନ ଲିଉସର୍ନ-୩ (ଅନେକ ବର୍ଷୀ) | ଅକ୍ଟୋବର-ନଭେମ୍ବର | ୨୫ | ୨୦-୩୦ | ନାଇଟ୍ରୋଜେନ୍ - ୩୦ ଫସ୍‌ଫରସ୍-୮୦ ପଟାସ୍-୪୦ | ୧୦(୧ବର୍ଷୀ) ୧୫ (ଅନେକ ବର୍ଷୀ) | ୫୦ଦିନ (୧ମ ଅମଳ) ଏବଂ ପ୍ରତି ୩୦ ଦିନ ବ୍ୟବଧାନରେ ପରବର୍ତ୍ତୀ ଅମଳ | ୫-୬ (୧ ବର୍ଷ) ୮ (ବହୁ ବର୍ଷୀ) | ୬୦-୮୦(୧ବର୍ଷୀ) ୮୦-୧୧୦ (ବହୁ ବର୍ଷୀ) |
| ଯଅ ଧାନ (Oats) | ବାଲିଆ-ଦୋରସା ରୁ ଦୋରସା | କେଣ୍ଟ ଓଏଲ-୧୦ ୟୁପିଓ-୨୧୨ ହରିତା, ଆର୍‌ଓ୧୯ ବୁନ୍ଦେ ଲ୍ ଜଅ-୨୦୦୪ ଏନ୍‌ଡିଓ-୧ | ଅକ୍ଟୋବର-ନଭେମ୍ବର | ୮୦-୧୦୦ | ୨୦-୨୫ | ନାଇଟ୍ରୋଜେନ୍ - ୮୦ ଫସ୍‌ଫରସ୍-୪୦ | ୩-୪ | ୬୦ଦିନ (୧ମ ଅମଳ) ଏବଂ ୨ୟ ଅମଳ ୫୦% ଫୁଲ ଅବସ୍ଥାରେ | ୧-୨ଟି | ୩୦-୪୫ |
| ସୋରିଷ (ଗୋଖାଦ୍ୟ) | ବାଲିଆ-ଦୋରସା ରୁ ଦୋରସା | ଚାଇନିଜ୍ କାବେଜ୍ | ସେପ୍ଟେମ୍ବର-ନଭେମ୍ବର | ୬-୮ | ୩୦-୪୦ | ନାଇଟ୍ରୋଜେନ୍ - ୬୦ ଫସ୍‌ଫରସ୍-୩୦ | ୨-୩ | ୫୦% ଫୁଲ ଅବସ୍ଥାରେ | ୧ଟି | ୨୫-୩୦ |
| ବିଟ୍ (ଗୋଖାଦ୍ୟ) | ଦୋରସା | ଜାମୁନ୍, ଜେକେ କୁବେର | ନଭେମ୍ବର-ଡ଼ିସେମ୍ବର | ୩ | ୫୦ | ନାଇଟ୍ରୋଜେନ୍ - ୧୨୦ ଫସ୍‌ଫରସ୍-୬୦ ପଟାସ୍-୪୦ | ୮ | ୧୦୦ଦିନ ପରେ ଚେର ସହ ଉପାଡ଼ିବା | ୧ଟି | ୭୫-୧୦୦ |

## ଭାରତରେ କରାଯାଉଥିବା କିଛି ପ୍ରମୁଖ ସବୁଜ ଗୋ-ଖାଦ୍ୟର କୃଷି ବିଧି

### ବହୁ ବର୍ଷୀୟ ସବୁଜ ଘାସ/ ଛୁଇଁ ଜାତୀୟ ଘାସ/ ସବୁଜ ଚାରା ବୃକ୍ଷ

| ଫସଲ | ମାଟିର କିସମ | ଉନ୍ନତ ଅମଳକ୍ଷମ ବିହନ କିସମ | ବୁଣିବା ସମୟ | ବିହନର ପରିମାଣ (କି.ଗ୍ରା./ ହେକ୍ଟର) | ଧାଡ଼ି କୁ ଧାଡ଼ି ବ୍ୟବଧାନ (ସେ.ମି.) | ସାରର ପରିମାଣ (କି.ଗ୍ରା. / ହେକ୍ଟର | ଜଳ-ସେଚନ (ସଂଖ୍ୟା) | ଅମଳ ସମୟ(ଦିନ) | ବର୍ଷକୁ ଅମଳ ସଂଖ୍ୟା | ବୁଣିବା ଅମଳର ପରିମାଣ (ଟନ୍/ ହେକ୍ଟର) |
|---|---|---|---|---|---|---|---|---|---|---|
| ସଙ୍କର ହାତିଆ (ହାଇବ୍ରିଡ୍ ନାପିଅର) ଘାସ | ବାଲିଆ - ଦୋରସା ରୁ ଚିକିଟା ଦୋରସା | ସିଓ-୩/୪ ପିବିଏନ୍-୨୩୩ ବିଏନ୍ଏଚ୍ - ୧୦ ଏପିବିଏନ୍ - ୧ | ମାର୍ଚ୍ଚ-ଅକ୍ଟୋବର (ଉତ୍ତର ଭାରତ) ବର୍ଷସାରା (ଦକ୍ଷିଣ ଭାରତ) | ୨୦୦୦୦ ମୂଳ/ କାଣ୍ଡ | ୧୦୦ ×୫୦ | ଗୋବର ଖତ-୧୫ ଟନ୍ ଗଛ ଲଗାଇବା ସମୟରେ (ନାଇଟ୍ରୋଜେନ୍-୫୦ ଫସ୍ଫରସ୍-୮୦ ପଟାସ୍-୬୦) କି.ଗ୍ରା. (ପ୍ରତ୍ୟେକ ଅମଳ ପରେ) | ପ୍ରତି ୧୫-୨୦ଦିନ ବ୍ୟବଧାନରେ | ୧ମ ଅମଳ-୯୦ ତା'ପରେ ପ୍ରତି ୪୫-୬୦ ଦିନ ବ୍ୟବଧାନରେ | ୭-୮ଟି | ୨୦୦-୩୫୦ |
| ଗିନି ଘାସ | ବାଲିଆ - ଦୋରସା ରୁ ଚିକିଟା ଦୋରସା | ସିଓ-୨ ପିଜିଜି-୫୧୮ ,୬୧୬ ବୁଲେ ଗିନି-୧ | ମାର୍ଚ୍ଚ--ଅଗଷ୍ଟ (ଉତ୍ତର ଭାରତ) ବର୍ଷସାରା (ଦକ୍ଷିଣ ଭାରତ) | ୪୦୦୦୦ ଚେରମୂଳ ବା ୩-୪ କି.ଗ୍ରା. ବିହନ | ୫୦ × ୫୦ | ଗୋବର ଖତ-୧୦ ଟନ୍ ଗଛ ଲଗାଇବା ସମୟରେ (ନାଇଟ୍ରୋଜେନ୍-୫୦ ଫସ୍ଫରସ୍-୬୦ ପଟାସ୍-୪୦) କି.ଗ୍ରା. (ପ୍ରତ୍ୟେକ ଅମଳ ପରେ) | ୩୦-୪୫ଦିନ ବ୍ୟବଧାନରେ | ୧ମ ଅମଳ ୭୫ ଦିନରେ ଏବଂ ତା'ପରେ ପ୍ରତି ୪୫ ଦିନ ବ୍ୟବଧାନ ପରବର୍ତ୍ତୀ ଅମଳ | ୭-୯ | ୧୦୦-୧୨୦ |
| ଅଂଜନ ଘାସ | ବାଲିଆ-ଦୋରସା | ବୁଲେ ଅଂଜନ-୧,୩ ସିଏଜେଡ୍ଆରଆଇ-୭୮ | ଜୁନ୍- ଜୁଲାଇ (ଉତ୍ତର ଭାରତ) ମାର୍ଚ୍ଚ-ସେପ୍ଟେମ୍ବର,(ଦକ୍ଷିଣ ଭାରତ) | ୫-୬ | ୪୫×୩୦ | ଗଛ ଲଗାଇବା ସମୟରେ (ନାଇଟ୍ରୋଜେନ୍-୪୦ ଫସ୍ଫରସ୍-୩୦ ପଟାସ୍-୩୦) | ବର୍ଷା ଆଧାରିତ | ୧ମ ଅମଳ ୬୦ ଦିନରେ ଏବଂ ତା'ପରେ ପ୍ରତି ୫୦ % ଫୁଲ ଧରିବା ଧରିବା ସମୟରେ ଅମଳ କରିବା | ୩ ରୁ ୪ | ୧୦-୧୨ |
| ପାରା ଘାସ | ଚିକିଟା ଦୋରସା | ଆଂଚଳିକ କିସମ | ଜୁଲାଇ-ଅଗଷ୍ଟ | ୫-୬ କ୍ୱିଣ୍ଟାଲ କାଣ୍ଡ କଟା | ୫୦ ×୫୦ | କମ୍ପୋଷ୍ଟ-୧୦ଟନ୍ ଏବଂ ନାଇଟ୍ରୋଜେନ୍ -୨୫କି.ଗ୍ରା ପ୍ରତ୍ୟେକ ଅମଳ ପରେ | ବର୍ଷା ଆଧାରିତ | ୧ମ ଅମଳ ୭୫ ଦିନରେ ଏବଂ ତା'ପରେ ପ୍ରତି ୩୦ ଦିନ ବ୍ୟବଧାନରେ | ୬-୮ଟି ଉତ୍ତର ଭାରତ ୮-୧୦ଟି ଦକ୍ଷିଣ ଭାରତ | ୧୮-୨୫ |

## ଭାରତରେ କରାଯାଉଥିବା କିଛି ପ୍ରମୁଖ ସବୁଜ ଗୋ-ଖାଦ୍ୟର କୃଷି ବିଧି
## ବହୁ ବର୍ଷୀୟ ସବୁଜ ଘାସ/ ଛୁଇଁ ଜାତୀୟ ଘାସ/ ସବୁଜ ଚାରା ବୃକ୍ଷ

| ଫସଲ | ମାଟିର କିସମ | ଉନ୍ନତ ଅମଳକ୍ଷମ ବିହନ କିସମ | ବୁଣିବା ସମୟ | ବିହନର ପରିମାଣ (କି.ଗ୍ରା./ ହେକ୍ଟର) | ଧାଡ଼ି କୁ ଧାଡ଼ି ବ୍ୟବଧାନ (ସେ.ମି.) | ସାରର ପରିମାଣ (କି.ଗ୍ରା. / ହେକ୍ଟର | ଜଳ-ସେଚନ (ସଂଖ୍ୟା) | ଅମଳ ସମୟ(ଦିନ) | ବର୍ଷକୁ ଅମଳ ସଂଖ୍ୟା | ବୁଣିବା ଅମଳର ପରିମାଣ (ଟନ୍/ ହେକ୍ଟର) |
|---|---|---|---|---|---|---|---|---|---|---|
| ଷ୍ଟାଇଲୋ ଘାସ | ବାଲିଆ - ଦୋରସା ରୁ ଚିକିଟା ଦୋରସା | ବରନା, ସ୍କାବ୍ରା, ହମାଟା, ସିବ୍ରୋନା | ଜୁନ୍-ଜୁଲାଇ- ( ଉତ୍ତର ଭାରତ ) ମାର୍ଚ୍ଚ-ସେପ୍ଟେମ୍ବର (ଦକ୍ଷିଣ ଭାରତ ) | ୬-୮ | ୩୦ × ୪୦ | ନାଇଟ୍ରୋଜେନ୍ - ୨୫ ଫସ୍‌ଫରସ୍-୪୦ | ବର୍ଷା ଆଧାରିତ | ୧ମ ଅମଳ ୬୦-୭୦ ଦିନରେ ଏବଂ ତା'ପରେ ପ୍ରତି ୬୦ ଦିନ ବ୍ୟବଧାନରେ | ୩-୪ | ୧୫-୩୫ |
| ସିରାଟ୍ରୋ / ଅପରାଜିତା | ବାଲିଆ - ଦୋରସା ରୁ ଚିକିଟା ଦୋରସା | ଆଂଚଳିକ କିସମ | ଜୁନ୍-ଜୁଲାଇ-(ଉତ୍ତର ଭାରତ) ମାର୍ଚ୍ଚ-ସେପ୍ଟେମ୍ବର (ଦକ୍ଷିଣ ଭାରତ) | ୮-୧୦ | ୩୦ × ୪୦ | ନାଇଟ୍ରୋଜେନ୍ - ୨୫ ଫସ୍‌ଫରସ୍-୪୦ | ବର୍ଷା ଆଧାରିତ | ୧ମ ଅମଳ ୭୦-୮୦ ଦିନରେ ଏବଂ ଦ୍ୱିତୀୟ ଅମଳ ୬୦ ଦିନ ପରେ | ୨-୩ | ୧୫-୨୫ |
| ହେଜ୍ ଲିଉସର୍ନ (ଦଶରଥ ଘାସ) | ବାଲିଆ - ଦୋରସା ରୁ ଚିକିଟା ଦୋରସା | ଆଂଚଳିକ କିସମ | ଜୁନ୍-ଜୁଲାଇ-(ଉତ୍ତର ଭାରତ) ମାର୍ଚ୍ଚ-ସେପ୍ଟେମ୍ବର (ଦକ୍ଷିଣ ଭାରତ) | ୨-୩ | ୪୫× ୩୦ | ନାଇଟ୍ରୋଜେନ୍ - ୨୫ ଫସ୍‌ଫରସ୍-୬୦ | ବର୍ଷା ଆଧାରିତ | ୧ମ ଅମଳ ୭୦-୮୦ ଦିନରେ ଏବଂ ଦ୍ୱିତୀୟ ଅମଳ ୪୫ ଦିନ ବ୍ୟବଧାନରେ | ୪-୫ | ୩୦-୪୦ |
| ଗ୍ଲିରିସିଡିଆ | ଚିକିଟା ରୁ ଦୋରସା | ଆଂଚଳିକ କିସମ | ଜୁଲାଇ- ଅଗଷ୍ଟ (ବର୍ଷାଋତୁ) | ୨୦୦୦ କାଣ୍ଡକଟା | ୫୦୦ × ୧୦୦ | ନାଇଟ୍ରୋଜେନ୍ - ୨୫ ଫସ୍‌ଫରସ୍-୬୦ | ବର୍ଷା ଆଧାରିତ | ବୁଣିବାର ୫-୬ ମାସ ପରେ ଦରକାର ମୁତାବକ ଶାଖା କଟାଯିବ | ୨-୩ | ୧୦-୧୫ |
| ସୁବାବୁଲ୍, ଅଗସ୍ତି, ଶେବରୀ | ବାଲିଆ ରୁ ଦୋରସା | ଆଂଚଳିକ କିସମ | ଜୁଲାଇ- ଅଗଷ୍ଟ | ୪-୫ | ୫୦୦× ୧୦୦ | ନାଇଟ୍ରୋଜେନ୍ - ୨୫ ଫସ୍‌ଫରସ୍-୬୦ | ବର୍ଷା ଆଧାରିତ | ବୁଣିବାର ୫-୬ ମାସ ପରେ ଦରକାର ମୁତାବକ ଶାଖା କଟାଯିବ | ୨-୩ | ୧୦-୧୫ |

# ଅନୁଚ୍ଛେଦ - ୩

## ପଶୁ ଗୃହ / ପଶୁ ଆବାସ

ପଶୁଠାରୁ ଅଧିକ ଉତ୍ପାଦନ ବା ଲାଭ ପାଇବା ପାଇଁ ପଶୁ ଗୃହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅଧିକ ଚାପରେ ରହିବା ଅର୍ଥାତ୍ ବାସଅନୁପଯୋଗୀ ଜାଗାରେ ରହିଲେ ପ୍ରାଣୀଟିର ଉତ୍ପାଦନ କ୍ଷମତା ହ୍ରାସ ହୋଇଥାଏ । ତେଣୁ ପ୍ରତିକୂଳ ପରିବେଶ ବା ଅନୁପଯୁକ୍ତ ପାଣିପାଗରୁ ପ୍ରାଣୀଟିକୁ ଦୂରେଇ ରଖିବା ପାଇଁ ଭଲ ପଶୁ ଗୃହ / ପଶୁ ଆବାସ ଦରକାର ।

ଏହି ବିଭାଗରେ ନିମ୍ନଲିଖିତ ବିଷୟ / ଅନୁଚ୍ଛେଦକୁ ଅନ୍ତର୍ଗତ କରାଯାଇଛି ।

(କ) ପଶୁ ଗୃହ

(ଖ) ଅଂଶୁଘାତ

(ଗ) ଅଂଶୁଘାତର ମାତ୍ରା ଲକ୍ଷଣ ମାଧମରେ ମାପିବା

(ଘ) ଅଂଶୁଘାତର ମାତ୍ରା ସୂଚକାଙ୍କ ମାଧମରେ ମାପିବା

(ଙ) ଅଂଶୁଘାତର ପରିଚାଳନା

### କେତେକ ଅଧିକ ଖର୍ଚ୍ଚ ମାଧମରେ ପଶୁଘର ନିର୍ମାଣର ବିକଳ୍ପ



### କେତେକ କମ୍ ଖର୍ଚ୍ଚ ମାଧମରେ ପଶୁଘର ନିର୍ମାଣର ବିକଳ୍ପ



## କ. ପଶୁ ଗୃହ

ଦୁଗ୍ଧ ଦେଉଥିବା ପଶୁମାନଙ୍କ ଠାରୁ ଭଲ ବୃଦ୍ଧିହାର ଓ ଅଧିକ ଉତ୍ପାଦନ ପାଇବା ପାଇଁ ସଫା ଓ ଆରାମ ଦାୟକ ଗୃହ ବ୍ୟବସ୍ଥା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଅନୁକୂଳ ପରିସ୍ଥିତି ବା ପାଣିପାଗ ଯଥା ଅଧିକ ଖରା, ଶୀତ, ଅଧିକ ଜୋର୍‌ରେ ପବନ ବୋହିବାରୁ ରକ୍ଷା କରିବା ପାଇଁ ଦୁଗ୍ଧ ଦେଉଥିବା ପଶୁମାନଙ୍କ ପାଇଁ ଉପଯୁକ୍ତ ଆବାସର ବ୍ୟବସ୍ଥା କରିବା ଉଚିତ୍ ।

- ଅଧିକ ଖରା ସମୟରେ ପଶୁମାନେ ଅଂଶୁଘାତରେ ଆକ୍ରାନ୍ତ ହୋଇଥାନ୍ତି ଓ ଅବିଶ୍ରାନ୍ତ ଅନୁଭବ କରନ୍ତି । ଝାଳ ବୋହିବା, ଧକାଇବା (ପାଟିରେ ଲାଳ ବାହାର କରିବା ତଥା ଜୋର୍‌ରେ ନିଶ୍ୱାସ ପ୍ରଶ୍ୱାସ ନେବା) ଦ୍ୱାରା କେତେକାଂଶରେ ସେମାନଙ୍କର ଶରୀରକୁ ଥଣ୍ଡା କରିଥାନ୍ତି । ଖାଦ୍ୟ ଖାଇବା କମାଇଦେବା ଫଳରେ କ୍ଷୀରର ପରିମାଣ ମଧ କମିଯାଇଥାଏ । ତେଣୁ ଆମକୁ ପଶୁକୁ ଆରାମ ଦାୟକପଶୁ ଗୃହର ଚଟ୍ଟାଣ ପ୍ରତି ଗାଈ/ମଇଁଷି ପିଛା ସର୍ବନିମ୍ନ ୫.୫ ଫୁଟ୍ × ୧୦ ଫୁଟ୍ ହେବା ଦରକାର । ଚଟାଣଟି ଖଦଡିଆ ହେବା ସହ ନାଳ ଆଡକୁ ୧.୫% ଗଡାଣିଆ ହେବା ଦରକାର । ନାଳଟି ୮ ଇଂଚ୍ ଚଉଡା ଓ ୩ ଇଂଚ୍ ଗଭୀରିଆ ସହ ଖୋଲା ରହିବା ମଧ ଦରକାର । ନାଳଟି ୧% ଗଡାଣିଆ (ବାହାରକୁ) ହେବା ଦରକାର । ଏହା ଦ୍ୱାରା ପଶୁ ଗୃହଟି ସଫା ରହିଥାଏ ।
- ଗୃହର ଉଚ୍ଚତା ୧୦ ଫୁଟ୍‌ରୁ କମ୍ ନ ହେବା ଉଚିତ୍ ଓ ଏହା ଚାଳଛପର ବା ଆଜ୍‌ବେଷ୍ଟସ୍ ବା ପକ୍କା ଛାତ ହେବା ଦରକାର ।
- ଗୃହଟି ତିନି ପାଖରୁ ଖୋଲା ରହିବା ଦରକାର । କେବଳ ପଶ୍ଚିମ ପାଖଟିକୁ ବ   କରିବା ଦରକାର । ଛାତ ପାଖରେ ପ୍ରତି ପଶୁ ପିଛା ୩ ଫୁଟ୍ × ୧ ଫୁଟ୍ ହିସାବରେ ପବନ ଯିବା ଆସିବା ପାଇଁ ବ୍ୟବସ୍ଥା (ventilator)ରହିବା ଦରକାର । ଶୀତ ଦିନରେ ଖୋଲା ଥିବା ତିନି ପାଖକୁ ଅଖା ଦେଇ ବ   କରିବା ଦରକାର ।
- ପଶ୍ଚିମ ପାଖରେ ଥିବା କାନ୍ଥକୁ ଲାଗି ୨ଫୁଟ୍ ଚଉଡା ଓ ୧.୫ ଫୁଟ୍ ଗଭୀରର ଖାଦ୍ୟ ଜାଗା ( Manger ) ରଖିବା ଦରକାର । ଖାଦ୍ୟ ଜାଗାର ଚଟାଣ ଗୁହାଳର ଚଟାଣ ଠାରୁ ୧ ଫୁଟ୍ ଉପରକୁ କରିବା ଉଚିତ୍ । ଖାଦ୍ୟ ଜାଗାର ପାଖରେ ପିଇବା ପାଣିର ବ୍ୟବସ୍ଥା କରିବା ଦରକାର ।
- ପଶୁ ଗୃହର ପୂର୍ବ ପାଖରେ ଖୋଲା ଜାଗା ଛାଡ଼ିବା ଦରକାର ଯାହା ପଶୁମାନେ ବୁଲିବା ପାଇଁ ବ୍ୟବହାର କରିଥାନ୍ତି । ଏହି ବୁଲିବା ଜାଗାରେ ବଡ଼ ବଡ଼ ନିମ୍ବ ଗଛ ଇତ୍ୟାଦି ରହିବା ଦରକାର ଯାହାର ଛାୟା  ପଶୁମାନଙ୍କୁ ଆରାମ ପ୍ରଦାନ କରିଥାଏ ।
- ଖରା ଦିନରେ ପଶୁମାନଙ୍କ ଉପରେ ୧୫ରୁ ୨୦ ମିନିଟ୍ ଅନ୍ତରାଳରେ ପାଣି ଛିଂଚିବାର ବ୍ୟବସ୍ଥା କରିବା ଦରକାର । ଯାହା ପଶୁ ଶରୀରକୁ ଥଣ୍ଡା ଦେଇଥାଏ ଓ ଗରମର ପ୍ରକୋପ କମାଇଥାଏ ।




ପଶୁ ଶରୀରକୁ ଥଣ୍ଡା କରିବା ପ୍ରକ୍ରିୟା ମୁଖ୍ୟତଃ ଅଧିକ କ୍ଷୀର ଦେଉଥିବା ଗାଈମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଖ. ଗ୍ରୀଷ୍ମ ପ୍ରକୋପ

ଗ୍ରୀଷ୍ମ ପ୍ରକୋପରେ ପଶୁଟିର ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ । ଏହାର କାରଣମାନ ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ଶରୀରର ତାପମାତ୍ରା ବଢ଼ିବା ଫଳରେ ଖାଇବା କମିଯାଇଥାଏ, ଝାଳ ବୋହିବା, ଧକାଇବା, ଶ୍ୱାସକ୍ରିୟା ଆଦି ବଢ଼ିଯାଇଥାଏ, ରକ୍ତ ସଂଚାଳନ ମଧ ବଢ଼ିଥାଏ, ବୃଦ୍ଧିକାରକ ହରମୋନ୍ କମିଥାଏ, ମୃତ୍ୟୁହାର ବଢ଼ିଥାଏ, ପାଣି ପିଇବା ବଢ଼ିଥାଏ, କ୍ଷୀର ଦେବା କ୍ଷମତା କମିଥାଏ ଓ ପ୍ରଜନନ କ୍ଷମତା କମିଥାଏ ।
- ଏହି ଗ୍ରୀଷ୍ମ ପ୍ରକୋପ ରୁ କମ୍ କରିବା ପାଇଁ ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ ପାଣି ଛିଂଚି ଥଣ୍ଡା କରିବା ବ୍ୟବସ୍ଥା ତିଆରି କରିଛନ୍ତି ଯାହାର ମୂଲ୍ୟ ୬ଟି ପଶୁ ପାଇଁ ୧ ୧୦୦୦ ଟଙ୍କା ଅଟେ ।




ବି.ଦ୍ର. :

(୧) ଗ୍ରୀଷ୍ମ ପ୍ରକୋପ କମାଇବା ପାଇଁ ପଶୁ ଶରୀର ଉପରେ ସିଧାସଳଖ ପାଣି ସିଂଚନ କରିବା ଦରକାର ଯାହା ୧ ରୁ ୫ ମିନିଟ୍ ଯାଏ ପ୍ରତି ୧୦-୩୦ ମିନିଟ୍ ଅନ୍ତରାଳରେ କରିବା ଉଚିତ୍ ।
(୨) ଜଳ ବାଷ୍ପିଭୂତ ପ୍ରକ୍ରିୟାକୁ ବଢାଇବା ପାଇଁ ପଙ୍ଖାର ବ୍ୟବହାର କରିବା ଦରକାର ।
(୩) ଚମଡାରୁ ଜଳ ବାଷ୍ପିଭୂତ ହେବା ଦ୍ୱାରା ତୁରନ୍ତ ଥଣ୍ଡା ଲାଗିଥାଏ ।
(୪) ଧକାଇବା କମ୍ ହୋଇଥାଏ ଫଳରେ ପଶୁଟି ଆରାମ ଅନୁଭବ କରିଥାଏ ।
ଏହି ଥଣ୍ଡା କରିବା ପ୍ରକ୍ରିୟା ଦ୍ୱାରା ଖାଦ୍ୟରୁ ମିଳୁଥିବା ଶକ୍ତି ସିଧାସଳଖ ଦୁଗ୍ଧ ଉତ୍ପାଦନରେ ବିନିଯୋଗ ହୋଇଥାଏ ଯାହା ଅନ୍ୟଥା ଧକାଇବା, ଝାଳ ବୋହିବା, ଅଧିକ ରକ୍ତସଂଚାଳନରେ ନଷ୍ଟ ହୋଇଥାଏ ।

- ଯଦି ୧ ଗ୍ରାମ୍ ଜଳ ଶରୀରରୁ ବାଷ୍ପିଭୂତ ହୋଇଯାଏ ତେବେ ତାହା ପଶୁ ଶରୀରରୁ ୫୪୦ କ୍ୟାଲୋରୀ ଗରମକୁ ବାହାର କରିଦିଏ ।
- ଜଳ ବାଷ୍ପିଭୂତ ପ୍ରକ୍ରିୟାରେ ପଶୁ ଶରୀର ତାପମାତ୍ରା ମଧ୍ୟ କମିଥାଏ, ଏହା ୧୩ ଡିଗ୍ରୀ ସେଲସିୟସ୍ ଯାଏ କମିଯାଇପାରେ । ଏହି ତାପମାତ୍ରା କମିବା ଆର୍ଦ୍ରତା ଉପରେ ନିର୍ଭର କରିଥାଏ । ଫଳରେ ଶରୀରର ତାପମାତ୍ରା କମିଯାଇ ଖରାଦିନେ ପଶୁଟିକୁ ଅଧିକ ଆରାମ ମିଳିଥାଏ ।

**ଥଣ୍ଡା କରିବା ପ୍ରକ୍ରିୟା ଗ୍ରୀଷ୍ମ ପ୍ରକୋପ କମାଇଥାଏ ଓ ଦୁଗ୍ଧ ଉତ୍ପାଦନକୁ ଠିକ୍ ରଖିଥାଏ ।**

## ଗ. ଲକ୍ଷଣରୁ ଅଂଶୁଘାତର ମାତ୍ରା ମାପିବା କିପରି  ?


- ଗ୍ରୀଷ୍ମ ପ୍ରକୋପରୁ ଉତ୍ପାଦନ ହ୍ରାସ ପାଇଁ ତଥା ଅଂଶୁଘାତରୁ ମୃତ୍ୟୁ ମୁଖରୁ ବଂଚାଇବା ପାଇଁ ଅଂଶୁଘାତର ମାତ୍ରା ଆକଳନ କରିବା ଦରକାର ।
- ପଶୁମାନଙ୍କ ଉପରେ ଗ୍ରୀଷ୍ମ ପ୍ରକୋପ ମାତ୍ରା ମାପିବା ପାଇଁ  ଅଂଶୁଘାତର ସ୍ତରକୁ ଶ୍ୱାସ ପ୍ରଶ୍ୱାସ ନିର୍ଣ୍ଣାଙ୍କ ଦ୍ୱାରା ଦର୍ଶାଯାଇପାରିବ ।

| ନିଶ୍ୱାସ ପ୍ରଶ୍ୱାସ ଅବସ୍ଥା | ଶ୍ୱାସ ପ୍ରଶ୍ୱାସ ନିର୍ଣ୍ଣାଙ୍କ | ପ୍ରତି ମିନିଟ୍‌କୁ ଶ୍ୱାସକ୍ରିୟା |
|---|---|---|
| ଧକାଉ ନଥିବ/ ଛାତିର ଗତି ଜଣାପଡୁ ନଥିବ | ୦ | < ୪୦ |
| ଅଳ୍ପ ଧକାଉଥିବ, ପାଟି ବ  ଥିବ, ପାଟିରୁ ଲାଳ ବାହାରୁ ନଥିବ, ସହଜରେ ଛାତିର ଗତି ଜଣାପଡୁଥିବ | ୧ | ୪୦-୭୦ |
| ଅଧିକ ଜୋର୍‌ରେ ଧକାଉଥିବ ପାଟିରୁ ଫେଣ ବା ଲାଳ ବାହାରୁଥିବ, ପାଟି ଖୋଲି ନିଶ୍ୱାସ ନେଉ ନଥିବ | ୨ | ୭୦-୧୨୦ |
| ୨ ନିର୍ଣ୍ଣାଙ୍କ ଲକ୍ଷଣ ସହ ବେଳେ ବେଳେ ପାଟି ଖୋଲୁଥିବ, ଜିଭ କାଢୁ ନଥିବ | ୨.୫ | ୭୦-୧୨୦ |
| ପାଟି ଖୋଲୁଥିବ, ପାଟିରୁ ଲାଳ ବାହାରୁଥିବ, ବେକ ଲମ୍ବାଉ ଥିବ ଓ ମୁଣ୍ଡ ଉଠାଇ ରଖିଥିବ | ୩ | ୧୨୦-୧୬୦ |
| ୩ ନିର୍ଣ୍ଣାଙ୍କ ଲକ୍ଷଣ ସହ, ଜିଭ ଟିକେ ବାହାରକୁ କାଢି ଥିବ, ବେଳେବେଳେ ପୁରା, ବାହାରକୁ କାଢିଥିବ ଓ ଅଧିକ ଲାଳ ବାହାରୁ ଥିବ | ୩.୫ | > ୧୬୦ |
| ପାଟି ଖୋଲାଥିବ ଓ ଜିଭ ଅଧିକ ସମୟ ପାଇଁ ପୁରା ବାହାରକୁ ବାହାର କରୁଥିବ, ଅଧିକ ଲାଳ ବାହାରୁଥିବ, ବେକ ଲମ୍ବାଇ ମୁଣ୍ଡ ଉପରକୁ ରଖିଥିବ | ୪ | > ୧୬୦ |
| ୪ ନିର୍ଣ୍ଣାଙ୍କ ସହ ମୁଣ୍ଡ ତଳକୁ ରଖୁଥିବ, ନିଶ୍ୱାସର ଗତି ପେଟ ପାଖରୁ ଜଣା ପଡୁଥିବ, ଲାଳ ନ ବାହାରି ପାରେ | ୪.୫ | କମିଯାଇ ପାରେ |



## ଘ. ସୂଚକାଙ୍କ ଦ୍ୱାରା ଗ୍ରୀଷ୍ମ ପ୍ରକୋପ / ଅଂଶୁଘାତର ମାତ୍ରା କିପରି ଜାଣିବା ?

- ଗ୍ରୀଷ୍ମ ପ୍ରକୋପ ବା ଅଂଶୁଘାତର ମାତ୍ରା ସୂଚକାଙ୍କ ଦ୍ୱାରା ଜାଣିବା ଫଳରେ ପଶୁ ଉପରେ ଏହାର ପ୍ରଭାବ ଅନୁମାନକରିବାରେ ସହାୟକ ହୋଇଥାଏ ଓ ସେହି ହିସାବରେ ଠିକ୍ ସମୟରେ ପ୍ରତିଷେଧକର ବ୍ୟବସ୍ଥା କରାଯାଇପାରେ ।
- ଏଥିପାଇଁ ତାପମାତ୍ରା ଓ ଆର୍ଦ୍ରତା ସୂଚକାଙ୍କ ବ୍ୟବହାର କରାଯାଇଥାଏ ।
- ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଯଦି ଆପେକ୍ଷିକ ଆର୍ଦ୍ରତା ବଢିଥାଏ ତାହା ପଶୁଟିର ଆରାମ କମାଇଦେଇଥାଏ । ଏହି ସିଦ୍ଧାନ୍ତରେ ତାପମାତ୍ରା ଓ ଆର୍ଦ୍ରତା ସୂଚକାଙ୍କ କାମ କରିଥାଏ ।
- ଏହି ସୂଚକାଙ୍କ ୭୮ରୁ ଅଧିକା ହେଲେ ଦୁଗ୍ଧ ଉତ୍ପାଦନତା ଉପରେ ପ୍ରଭାବ ପକାଇଥାଏ ଯାହା ୨୭ ଡିଗ୍ରୀ ସେଲ୍‌ସିୟସ୍ ଏବଂ ୮୦% ଆପେକ୍ଷିକ ଆର୍ଦ୍ରତାରେ ବା ୩୧ ଡିଗ୍ରୀ ସେଲ୍‌ସିୟସ୍ ଏବଂ ୪୦% ଆପେକ୍ଷିକ ଆର୍ଦ୍ରତା ହୋଇଥାଏ । ଏହି ସୂଚକାଙ୍କ ୮୯ ହୋଇଗଲେ ପଶୁଟି ଉପରେ ଗଭୀର ଗ୍ରୀଷ୍ମ ପ୍ରକୋପ ସ୍ତରକୁ ଦର୍ଶାଇଥାଏ ।




Source: Dr Frank Wiersama (1990) Dept. of Ag Eng, The University of Arizona, Tuscon, Arizona

ଗ୍ରୀଷ୍ମ ପ୍ରକୋପ ସ୍ତର ଓ ସୂଚକାଙ୍କ ନିମ୍ନ ଚିତ୍ରରେ ଦର୍ଶାଯାଇଛି ।
ଆପେକ୍ଷିକ ଆର୍ଦ୍ରତା କେମିତି ମାପିବା ?

(୧) ଏକ ଶୁଖୀ ଓ ଆର୍ଦ୍ର ବଲ୍‌ବ ଥିବା ତାପମାନ ଯନ୍ତ୍ର ଆବଶ୍ୟକ ।
(୨) ପଶୁ ଗୃହରେ ଏହା ରଖିବା ଦରକାର ।
(୩) ଶୁଖୀ ବଲ୍‌ବ ଥିବା ପାଖରେ ତାପମାତ୍ରା ମାପିବା ଦରକାର ।
(୪) ସେହିପରି ଆର୍ଦ୍ର ଥିବା ପାଖରେ ତାପମାତ୍ରା ମାପିବା ଦରକାର ।
(୫) ଦୁଇ ତାପମାତ୍ରା ଭିତରେ ଫରକ୍ ହିସାବ କରିବା ଉଚିତ୍ ।
(୬) ଆର୍ଦ୍ରତା ମାପ ଥିବା ଚାର୍ଟରୁ ଦେଖି ଆପେକ୍ଷିକ ଆର୍ଦ୍ରତା ହିସାବ କରିବା ଦରକାର । (ଆଗମୀ ପୃଷ୍ଠାରେ ଆର୍ଦ୍ରତା ବିବରଣୀ ଦେଖନ୍ତୁ )
(୭) ଆର୍ଦ୍ରତା ଓ ଶୁଖିଲା ବଲ୍‌ବ ଥିବା ତାପମାତ୍ରାକୁ ନେଇ ଗ୍ରୀଷ୍ମ ପ୍ରକୋପ ବା ଅଂଶୁଘାତର ମାତ୍ରା ହିସାବ କରିବା ଦରକାର ।




ବିଭିନ୍ନ ପ୍ରକାରର ଶୁଖୀ ଓ ଆର୍ଦ୍ର ବଲ୍‌ବ ଥିବା ତାପମାନ ଯନ୍ତ୍ର

**ଏହି ସୂଚକାଙ୍କ ଗ୍ରୀଷ୍ମ ପ୍ରକୋପକୁ ଠିକ୍ ସମୟରେ ଜାଣିବା ପାଇଁ ସାହାଯ୍ୟ କରିଥାଏ ।**

## ଆପେକ୍ଷିକ ଆର୍ଦ୍ରତା ବିବରଣୀ

Dry Bulb
Temperature ....Wet Bulb reads °C lower than Dry Bulb

| °C | | 1 | 2 | 3 | 4 | 5 | 6 | 7 | 8 | 9 | 10 | 12 | 14 | 16 | 18 | 20 |
|---|---|---|---|---|---|---|---|---|---|---|---|---|---|---|---|---|
| 2 | >>>> | 84 | 68 | 52 | 37 | 22 | 8 | | | | | | | | | |
| 4 | >>>> | 85 | 70 | 56 | 42 | 29 | 26 | 3 | | | | | | | | |
| 6 | >>>> | 86 | 73 | 60 | 47 | 34 | 22 | 11 | | | | | | | | |
| 8 | >>>> | 87 | 75 | 63 | 51 | 39 | 28 | 18 | 7 | | | | | | | |
| 10 | >>>> | 88 | 76 | 65 | 54 | 44 | 33 | 23 | 14 | 4 | | | | | | |
| 12 | >>>> | 89 | 78 | 67 | 57 | 47 | 38 | 29 | 20 | 11 | 3 | | | | | |
| 14 | >>>> | 89 | 79 | 69 | 60 | 51 | 42 | 33 | 25 | 17 | 9 | | | | | |
| 16 | >>>> | 90 | 80 | 71 | 62 | 54 | 45 | 37 | 29 | 22 | 14 | | | | | |
| 18 | >>>> | 91 | 81 | 73 | 64 | 56 | 48 | 41 | 33 | 26 | 19 | 6 | | | | |
| 20 | >>>> | 91 | 82 | 74 | 66 | 58 | 51 | 44 | 37 | 30 | 24 | 11 | | | | |
| 22 | >>>> | 91 | 83 | 75 | 68 | 60 | 53 | 46 | 40 | 34 | 27 | 16 | 5 | | | |
| 24 | >>>> | 92 | 84 | 76 | 69 | 62 | 55 | 49 | 43 | 37 | 31 | 20 | 9 | | | |
| 26 | >>>> | 92 | 85 | 77 | 70 | 64 | 57 | 51 | 45 | 39 | 34 | 23 | 14 | 4 | | |
| 28 | >>>> | 92 | 85 | 78 | 72 | 65 | 59 | 53 | 47 | 42 | 37 | 26 | 17 | 8 | | |
| 30 | >>>> | 93 | 86 | 79 | 73 | 67 | 61 | 55 | 49 | 44 | 39 | 29 | 20 | 12 | 4 | |
| 32 | >>>> | 93 | 86 | 80 | 74 | 68 | 62 | 56 | 51 | 46 | 41 | 32 | 23 | 15 | 8 | 1 |
| 34 | >>>> | 93 | 87 | 81 | 75 | 69 | 63 | 58 | 53 | 48 | 43 | 34 | 26 | 18 | 11 | 5 |
| 36 | >>>> | 93 | 87 | 81 | 75 | 70 | 64 | 59 | 54 | 50 | 45 | 36 | 28 | 21 | 14 | 8 |
| 38 | >>>> | 94 | 88 | 82 | 76 | 71 | 65 | 60 | 56 | 51 | 47 | 38 | 31 | 23 | 17 | 11 |
| 40 | >>>> | 94 | 88 | 82 | 77 | 72 | 66 | 62 | 57 | 52 | 48 | 40 | 33 | 26 | 19 | 13 |
| 42 | >>>> | 94 | 88 | 83 | 77 | 72 | 67 | 63 | 58 | 54 | 50 | 42 | 34 | 28 | 21 | 16 |
| 44 | >>>> | 94 | 89 | 82 | 78 | 73 | 68 | 64 | 59 | 55 | 51 | 43 | 36 | 29 | 23 | 18 |

ପୂର୍ବ ପୃଷ୍ଠାରେ କିପରି ଏହା ମାପିବେ ତାହା ବର୍ଣ୍ଣନା କରାଯାଇଛି ।

## ଙ. ଅଂଶୁଘାତର ପରିଚାଳନା

- ପ୍ରଚୁର ପାଣିର ବ୍ୟବସ୍ଥା ପଶୁ ପାଖରେ ରଖିବା ଦରକାର । ଏକ ସୁସ୍ଥ ଗାଈଟିକୁ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ପାଖାପାଖି ୧୦୦ଲିଟର ପାଣିର ଆବଶ୍ୟକତା ରହିଛି ।
- ପିଇବା ପାଣିର ବ୍ୟବସ୍ଥା ଛାୟା ଥିବା ଜାଗାରେ ରଖିବା ଉଚିତ୍ , ଏହା ଦ୍ୱାରା ବାଷ୍ପିକରଣ ପ୍ରକ୍ରିୟାରେ ପାଣି ଥଣ୍ଡା ରହିଥାଏ ।
- ପଶୁଟି ଉପରେ ଛାୟା ରହିବା ନିହାତି ଦରକାର । ଯଦି ଗଛ ଛାୟାର ବ୍ୟବସ୍ଥା ନଥାଏ ନଡ଼ା ବା ଚାଳ ଛପର ୯ ଫୁଟ୍ ଉଚ୍ଚାରେ କରିବା ଦରକାର । ୨୦% ଜାଲିଥିବା ଜାଲ ମଧ ବ୍ୟବହାର କରାଯାଇପାରିବ । ମରୁଭୂମି ଅଂଚଳରେ ଏକକ ସମୁଦାୟ ବ୍ୟବସ୍ଥାରେ ଗୁହାଳର ପରିକଳ୍ପନା ମଧ କରାଯାଇପାରିବ ।
- ପଶୁଟି ଉପରେ ଘଂଟାକୁ ଅତି କମ୍‌ରେ ୩ଥର ପାଣି ଛିଂଚିବାର ବ୍ୟବସ୍ଥା କରିବା ଉଚିତ୍ । ସ୍ୱୟଂଚାଳିତ ଛୋଟ ପମ୍ପ୍ ଥିବା ପାଣି ଛିଂଚିବା ଯନ୍ତ୍ର ଯେଉଁଥିରେ ସମୟ ନିୟନ୍ତ୍ରଣ କରିବା ବ୍ୟବସ୍ଥା ଥିବ ତାହା ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ ।
- ପବନ ଚଳାଚଳର ମାତ୍ରା ବ   ଥିବା ଗୁହାଳରେ ଅଧିକ ଥର ହେବା ଦରକାର । ପ୍ରତି ଗାଈ ପିଛା ପବନ ଚଳାଚଳ ପାଇଁ ୩ଫୁଟ୍ × ୧ ଫୁଟ୍ ହିସାବରେ ପଙ୍ଖା ବ୍ୟବସ୍ଥା ରଖିବା ଦରକାର । ବିଜୁଳି ବା କରେଂଟ୍ ବ୍ୟବସ୍ଥା ଥିଲେ ପଙ୍ଖା ବା ଘର ଭିତରୁ ପବନ ବାହାର କରିବା ପଙ୍ଖା ଲଗାଇବା ଦରକାର ।
- ଗରମ ପବନ ଆସୁଥିବା ପଟରୁ ଗତି ଅବରୋଧକ ରଖିବା ଦରକାର । ଏଥି ପାଇଁ ମାଟି କାନ୍ଥ କରିବା  ଦରକାର । ଓଦା ଅଖା ମଧ ବ୍ୟବହାର କରାଯାଇପାରିବ ।
- ପଶୁମାନଙ୍କୁ ସକାଳ, ସନ୍ଧ୍ୟା ଓ ରାତିରେ ଖାଇବାକୁ ଦିଅନ୍ତୁ ।
- ଚରିବାକୁ ସକାଳୁ ବା ସନ୍ଧ୍ୟା ସମୟରେ ଛାଡ଼ିବା ଦରକାର ।
- ପଶୁ ଶରୀରରେ ଥିବା ଲୋମ / ବାଳକୁ କାଟି ଛୋଟ କରିଦେବା ଉଚିତ୍ ।
- ଆହରରେ ପରିବର୍ତ୍ତନକରି ସମାନ ପୋଷଣ ଥାଇ କମ୍ ଶୃଙ୍ଖଳା ଅଂଶ ଥିବା ଦାନା / ଖାଦ୍ୟ ଦେବା ଦରକାର ।
- ପୋଟାସିୟମ୍ ଅଧିକ ଥିବା ଧାତବ ଲବଣ ମିଶ୍ରଣ ଖାଇବାକୁ ଦେବା ଦରକାର ।



# ଭାଗ-୩

## ଉତ୍ପାଦକତା ବୃଦ୍ଧି ପାଇଁ ବିଭିନ୍ନ ତଥ୍ୟ ବ୍ୟବସ୍ଥା

ପୂର୍ବ ଅନୁଚ୍ଛେଦ ଓ ଭାଗରେ ବର୍ଣ୍ଣନା କରାଯାଇଥିବା ପଶୁର ସ୍ୱାସ୍ଥ୍ୟ, ପ୍ରଜନନ ବା ପୋଷଣ ବ୍ୟବସ୍ଥାକୁ ତଥ୍ୟ ଭିତ୍ତିକ ବ୍ୟବସ୍ଥାରେ ଲିପିବଦ୍ଧ କରି ଏକ ତଥ୍ୟ ସମ୍ଭାର କରିବା ଯାହା ଚାଷୀ ବା ଯୋଜନା ପ୍ରସ୍ତୁତକାରୀମାନଙ୍କର କାମରେ ଆସିବ । ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ ଏକ ସେପରି ତଥ୍ୟ ବ୍ୟବସ୍ଥା ପ୍ରସ୍ତୁତ କରିଛନ୍ତି । ଯାହା ପ୍ରାଣୀ ସ୍ୱାସ୍ଥ୍ୟ ଓ ଉତ୍ପାଦକତା ପାଇଁ ତଥ୍ୟ ବ୍ୟବସ୍ଥା ବା ଇଂରାଜୀରେ ଇନାଫ୍ ବୋଲି କୁହାଯାଉଛି । ଏହି ଇନାଫ୍ ମାଧ୍ୟମରେ ପଶୁ ସ୍ୱାସ୍ଥ୍ୟ, ପ୍ରଜନନ ଓ ଖାଦ୍ୟ କ୍ଷେତ୍ରରେ ବିଭିନ୍ନ ତଥ୍ୟ ସମ୍ବଳକୁ ଲିପିବଦ୍ଧ କରାଯାଇପାରିବ । ଏହି ବିଷୟରେ ତଥ୍ୟ ବ୍ୟବସ୍ଥାର ଲାଭ ଚାଷୀମାନଙ୍କ ପାଇଁ କ'ଣ ରହିଛି ତାହା ବର୍ଣ୍ଣନା କରାଗଲା ।

| | |
|---|---|
| ଅନୁଚ୍ଛେଦ - ୧ | ପଶୁର ଚିହ୍ନଟ |
| ଅନୁଚ୍ଛେଦ - ୨ | ପଶୁ ସ୍ୱାସ୍ଥ୍ୟ |
| ଅନୁଚ୍ଛେଦ - ୩ | ପଶୁ ପ୍ରଜନନ |
| ଅନୁଚ୍ଛେଦ - ୪ | ପଶୁ ପୋଷଣ ବ୍ୟବସ୍ଥା (ପୋଷଣ ସମାନତା କାର୍ଯ୍ୟକ୍ରମ) |

# ଅନୁଚ୍ଛେଦ - ୧

## ପଶୁର ଚିହ୍ନଟ

- ଯେଉଁ ପ୍ରକ୍ରିୟାରେ ପଶୁଟିର ଶରୀରରେ ଏକ ଦାଗ ବା ଚିହ୍ନ ଦେଇ ଅନ୍ୟ ପଶୁଠାରୁ ଅଲଗା କରି ହୁଏ ତାହାକୁ ପଶୁ ଚିହ୍ନଟ ବୋଲି କୁହାଯାଇଥାଏ ।
- ପଶୁଟିକୁ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ପଶୁର ଟୀକାକରଣ, ରୋଗ ତଥା ଚିକିତ୍ସା ସଂବନ୍ଧିତ ତଥ୍ୟକୁ ଲିପିବଦ୍ଧ କରାଯାଇପାରିବ । ଏହାଦ୍ୱାରା ଏକ ବିଶ୍ୱସ୍ତ ଓ ସମୃଦ୍ଧ ତଥ୍ୟାବଳୀଟି ପ୍ରସ୍ତୁତ କରିହେବ ।
- ଭାରତ ସରକାର ଏକ ନିୟମ ପଶୁରେ ସଂକ୍ରାମକ ଓ ଛୁଆଁ ରୋଗର ନିରାକରଣ ଓ ନିବାରଣ ୨୦୦୯ରେ କରିଛନ୍ତି ଯେଉଁଥିରେ ପଶୁଟିର ଚିହ୍ନଟ ବାଧ୍ୟତାମୂଳକ କରାଯାଇଛି ।
- ଭାରତ ସରକାର ଏହି ନିୟମ କରିସାରିଛନ୍ତି ଫଳରେ ଆନ୍ତର୍ଜାତୀୟ ଯୋଜନା/ନୀତି ଦିଗରେ ଏହାର ସଫଳ ରୂପାୟନ ହୋଇପାରିବ ।
- ପଶୁଟିର ଚିହ୍ନଟ ପାଇଁ ବିଭିନ୍ନ ଉପାୟ ରହିଛି ତଥା - କାନନୋଳି (Ear Tag), ଚିତାକୁଟା (Tattooing), Branding, RFID, Injectables, Bolus ଇତ୍ୟାଦି ।
- ପଶୁ ଚିହ୍ନଟ ପାଇଁ କାନନୋଳି ଏକ ସାଧାରଣ ଉପାୟ ଅଟେ । ଏକ ୧୨ ସଂଖ୍ୟା ବିଶିଷ୍ଟ ନମ୍ବର କାନନୋଳିରେ ଛପା ହୋଇଥାଏ । ସାରା ଦେଶରେ ଏହି ନମ୍ବର ଅନନ୍ୟ ହୋଇଥାଏ । ଏହି ନମ୍ବର କେବେବି ନକଲି ହେବାର ସମ୍ଭାବନା ନଥାଏ ।
- କାନଫୋଡା ଠିକ୍ ଭାବରେ କରାଗଲେ ପଶୁଟିର କୌଣସି ଅସୁବିଧା ହୋଇନଥାଏ ଓ କାନ ନୋଳିଟି ବର୍ଷ ବର୍ଷ ଧରି କାନରେ ଲାଗି ରହିଥାଏ ।
- ଇନାଫ୍‌ରେ ଯେଉଁ ପଶୁଟିର ପଂଜୀକରଣ କରାଯାଇଛି ତାହା ମାଧ୍ୟମରେ ପଶୁଟିର ସମସ୍ତ ବିବରଣୀ ଯଥା ପ୍ରଜାତି, ବୟସ, ଗର୍ଭ ଅଛି କି ନାହିଁ, କ୍ଷୀର ଦେବାର କ୍ଷମତା, ମାଲିକର ପରିଚୟ, ଗ୍ରାମ ଆଦି ଜାଣି ହେବ । ଫଳରେ ପଶୁଟିର ସମସ୍ତ ବିବରଣୀ ଦେଶର ଯେକୌଣସି ଜାଗାରେ ଥାଇ ଜାଣି ହେବ ବା ପଠାଇ ହେବ ।
- ପଶୁପାଳନ ବିଭାଗ, ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ ଦେଶରେ ଏହି ଏକକ ପଶୁ ଚିହ୍ନଟ କରିବା ବ୍ୟବସ୍ଥାକୁ ସଂଚାଳନ କରିବାପାଇଁ ଦିଆଯାଇଛି ।
- ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ ଏହି କାନ ନମ୍ବର ତିଆରି କରିବା ଓ ବାଂଟିବା କାମ କରୁଛି ଯାହା ସମସ୍ତ ଦରକାରୀ ସଂସ୍ଥା ବା ବ୍ୟକ୍ତି ବିଶେଷ ଅର୍ଥାତ୍ ଗ୍ରାହକମାନଙ୍କୁ ଯୋଗାଇ ଥାଏ ।
- ଏହି କାନ ନମ୍ବର ପାଇବା ପାଇଁ ସଂସ୍ଥା/ଅନୁଷ୍ଠାନମାନେ ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡକୁ ଆବେଦନ କରି ପାରିବେ ।




କାନନୋଳି



କାନନୋଳି ଲଗାଇବା ଯନ୍ତ୍ର



ସଠିକ୍ ଭାବରେ ଲଗାଇଥିବା କାନ ନୋଳି

# ଅନୁଚ୍ଛେଦ - ୨

## ଇନାଫ୍ ଓ ପଶୁ ସ୍ୱାସ୍ଥ୍ୟ

- ଏହି ତଥ୍ୟ ବ୍ୟବସ୍ଥା ପଶୁ ସ୍ୱାସ୍ଥ୍ୟ ବିଷୟରେ ସମସ୍ତ ତଥ୍ୟ ଯଥା କୃମି ଔଷଧ ସେବନ, ଟୀକାକରଣ, ଚିକିତ୍ସା, ରୋଗ ପରୀକ୍ଷଣ, ରୋଗ ଲାଗିବାର ପରିଚାଳନା, ବନ୍ଧ୍ୟାଦୋଷ ଶିବିର ଆଦି ତଥ୍ୟକୁ ଲିପିବଦ୍ଧ କରାଯାଇପାରିବ ।
- ଗୋଟିଏ ଗୋଟିଏ କରି ସମସ୍ତ ପଶୁମାନଙ୍କ ପାଇଁ ଏହି ସବୁ ତଥ୍ୟ ଲିପିବଦ୍ଧ କରାଯାଇପାରିବ । ଯେଉଁଠାରେ ପଶୁଟିର ଏକକ ଚିହ୍ନଟ ନମ୍ବର ଦରକାର ପଡିଥାଏ । ଏହାଛଡ଼ା ପଶୁସମୂହ ମାନଙ୍କର ତଥ୍ୟ ଯଥା ସମୂହ ଟୀକାକରଣ, କୃମି ଔଷଧ ସେବନ ବା ବନ୍ଧ୍ୟାଦୋଷ ଶିବିର କେବଳ ଗ୍ରାମ ହିସାବରେ ପଶୁସଂଖ୍ୟା ଲିପିବଦ୍ଧ କରାଯାଇପାରିବ ମାତ୍ର ସେଠାରେ ଗୋଟି ଗୋଟି କରି ପଶୁମାନଙ୍କ ବିଷୟରେ ଲେଖିବା ଦରକାର ନାହିଁ ।

ଚାଷୀମାନେ ନିମ୍ନଲିଖିତ ଭାବରେ ଉପକୃତ ହୋଇଥାନ୍ତି ।

(୧) କେବଳ ମାତ୍ର କାନ ନୋଳି ନମ୍ବରକୁ କମ୍ପ୍ୟୁଟର ବ୍ୟବସ୍ଥାରେ ଦେଖିଲେ ସମସ୍ତ ତଥ୍ୟ ଜଣାପଡିବ ।

(୨) ଚାଷୀଟିକୁ ନିଜର ପଂଜୀକୃତ କରିଥିବା ମୋବାଇଲ ମାଧ୍ୟମରେ ଆଗୁଆ ମେସେଜ୍ ଆସିବାର ବ୍ୟବସ୍ଥା ରହିଛି ଯାହା ଦ୍ୱାରା ବିଭିନ୍ନ ସେବା ଯଥା କୃମି ଔଷଧ ଦେବା, ଟୀକାକରଣ କରିବା (ରୋଗ ଅନୁସାରେ) ଆଦି ପାଇଁ ଆଗୁଆ ସୂଚନା ମିଳିପାରିବ ।

(୩) ପଶୁଟି ପାଇଁ ହୋଇଥିବା ବିଭିନ୍ନ ଚିକିତ୍ସା ସଂବନ୍ଧୀୟ ତଥ୍ୟକୁ ଏକ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଦେଖାଯାଇପାରିବ । କାନ ନୋଳି ନମ୍ବରକୁ କମ୍ପ୍ୟୁଟର ବ୍ୟବସ୍ଥାରେ ଇନାଫ୍ ରେ ଦେଖିଲେ ଏହି ସ୍ୱାସ୍ଥ୍ୟ କାର୍ଡ ବାହାରି ପାରିବ ।

(୪) ପାଖ ଗାଁରେ ରୋଗ ଲାଗିବା ଖବର ମେସେଜ୍ ମାଧ୍ୟମରେ ଚାଷୀଙ୍କୁ ଆଗୁଆ ଜଣାଯାଇପାରିବ । ଫଳରେ ଆଗୁଆ ସତର୍କତା ଗ୍ରହଣ କରାଯାଇପାରିବ ।

# ଅନୁଚ୍ଛେଦ - ୩

## ଇନାଫ୍ ଓ ପଶୁ ପ୍ରଜନନ

- ଇନାଫ୍ ତଥ୍ୟ ବ୍ୟବସ୍ଥାରେ ପଶୁ ପ୍ରଜନନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା- କୃତ୍ରିମ ପ୍ରଜନନ, ଗର୍ଭ ପରୀକ୍ଷା, ବାଛୁରୀ ଜନ୍ମ ହେବା, କ୍ଷୀର ହିସାବ ରଖିବା ଆଦି ଲିପିବଦ୍ଧ କରାଯାଇପାରିବ ।
- ଏହି ତଥ୍ୟ ବ୍ୟବସ୍ଥାରେ ଏକକ ପଶୁର ତଥ୍ୟ ଲିପିବଦ୍ଧ କରାଇବାର ବ୍ୟବସ୍ଥା ରହିଛି । ଯେଉଁଥି ପାଇଁ କାନ ନମ୍ବରର ଆବଶ୍ୟକତା ରହିଛି । ଏହି ତଥ୍ୟ କୃତ୍ରିମ ପ୍ରଜନନ କରାଇବା, ସନ୍ତାନ ବର୍ଗର ପରୀକ୍ଷଣ, ବଂଶାବଳୀ ଅନୁଯାୟୀ ମନୋନୟନ, ପଶୁ କିଣା ବିକା, ଆଦି ପାଇଁ ବ୍ୟବହାର ହୋଇଥାଏ । ଏହା ଉଚ୍ଚ ଗୁଣାତ୍ମକମାନ ପାଇଁ ଉତ୍ତମ ଗାଈଟିକୁ ବାଛିବାରେ ଏବଂ ଉଚ୍ଚ ଆନୁବଂଶିକ ଗୁଣ ଥିବା ଷଣ୍ଢ ଉତ୍ପାଦନପାଇଁ ସନ୍ତାନ ବର୍ଗର ପରୀକ୍ଷଣ ମାଧମରେ ବ୍ୟବହାର ହୋଇଥାଏ ।

(ପ୍ରଥମ ଭାଗର ଅନୁଚ୍ଛେଦ - ୧୩ ର ବିଷୟକୁ ଦେଖନ୍ତୁ)

ଚାଷୀ ବା ଅନୁଷ୍ଠାନମାନେ ଇନାଫ୍‌କୁ ବ୍ୟବହାର କରିବା ଦ୍ୱାରା ନିମ୍ନଲିଖିତ ଲାଭ ପାଇଥାନ୍ତି ।

(୧) ପଶୁଟିର ବିଭିନ୍ନ ପ୍ରସବରେ କ୍ଷୀର ଦେବାର ତଥ୍ୟ ଏହି ବ୍ୟବସ୍ଥାରେ ମିଳିପାରିବ ।

(୨) ପଶୁଗୁଡ଼ିକ ଏକକ କାନ ନମ୍ବର ବ୍ୟବସ୍ଥାରେ ଚିହ୍ନଟ ହୋଇପାରିବ । ତେଣୁ ପଶୁପାଳକମାନେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ମାଧମରେ ପଶୁ ବୀମା କରିବା, ଟୀକାକରଣ କରିବା, ଚିକିତ୍ସା କରିବା ଆଦି ଲାଭ ପାଇ ପାରିବେ ।

(୩) ପଶୁପାଳକମାନେ ନିଜର ପଂଜିକୃତ ମୋବାଇଲ୍ ନମ୍ବରରେ ପ୍ରଜନନ ସମ୍ବନ୍ଧୀୟ ସେବା ପାଇଁ ମେସେଜ୍ ଯଥା ପରବର୍ତ୍ତୀ ଗରମ ଆସିବା ଦିନ, ଗର୍ଭ ପରୀକ୍ଷା ତାରିଖ, ବାଛୁରୀ ଜନ୍ମ ତାରିଖ ଆଦି ପାଇପାରୁଛନ୍ତି । ବର୍ତ୍ତମାନ ଏହି ମେସେଜ୍ ଅଳ୍ପ କିଛି ଭାଷା ଯଥା ହି ,  ମରାଠୀ, ଗୁଜୁରାଟୀ ଓ ଇଂରାଜୀରେ ପଠାଯାଉଛି ।

(୪) ଚାଷୀମାନଙ୍କ ସହ ସମ୍ପୃକ୍ତ ଥିବା ଅନୁଷ୍ଠାନଗୁଡ଼ିକ ଏହି ତଥ୍ୟ ଯାହା ଚାଷୀଟି ପଶୁଟିର ପରିପାଳନ ପାଇଁ କରୁଛି ତାହା ମଧ ଜାଣି ପାରିବେ ।

(୫) ଇନାଫ୍ ତଥ୍ୟକୁ ବିଭିନ୍ନ ଅନୁଷ୍ଠାନ କୃତ୍ରିମ ପ୍ରଜନନ କରାଇବା ପାଇଁ ବ୍ୟବହାର କରୁଛନ୍ତି । ଗୋମଇଁଷି ମାନଙ୍କ କ୍ଷେତ୍ରରେ ଭଲ କ୍ଷୀର ଦେଉଥିବା ଗାଈ ଓ ଭଲ ଷଣ୍ଢମାନଙ୍କୁ ଦେଶବ୍ୟାପି ବାଛିବା ପାଇଁ ଏହି ତଥ୍ୟ ବିଭିନ୍ନ ଗବେଷଣା ଅନୁଷ୍ଠାନକୁ ସାହାଯ୍ୟ କରିଥାଏ । ଯାହାଦ୍ୱାରା ଆଗାମୀ ପୀଢ଼ିର ଗାଈ ତଥା ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦାନ କ୍ଷମତା ବୃଦ୍ଧି ହୋଇଥାଏ ।

(୬) କେ  ଓ ରାଜ୍ୟ ସରକାର ଇନାଫ୍‌ର ତଥ୍ୟକୁ ବ୍ୟବହାର କରି ବିଭିନ୍ନ ନୀତି ନିର୍ଦ୍ଧାରଣ କରିଥାନ୍ତି ।

# ଅନୁଚ୍ଛେଦ - ୪

## ଇନାଫ୍ ଓ ପଶୁ ପୋଷଣ

- ପୋଷଣ ସମାନତା କାର୍ଯ୍ୟକ୍ରମ ଇନାଫ୍‌ର ପଶୁ ପୋଷଣର ଏକ ଅଂଶ ଅଟେ । ପୋଷଣ ସମାନତା କାର୍ଯ୍ୟକ୍ରମରେ କ୍ଷୀର ଦେଉଥିବା ପଶୁମାନଙ୍କର ବିଭିନ୍ନ ସ୍ତରଗୁଡିକ ପାଇଁ ଆବଶ୍ୟକ ପୋଷଣ ତତ୍ତ୍ୱର ତାଲିକା ତଥା ପଶୁ ଖାଦ୍ୟର ତାଲିକା ଯେଉଁଥିରେ ଆମ ଦେଶର ବିଭିନ୍ନ ସ୍ଥାନରେ ମିଳୁଥିବା ଦାନା ଓ ଚାରାମାନଙ୍କର ପୋଷକ ଗୁଣର ବିବରଣୀ ରହିଛି । ବିଭିନ୍ନ ପଶୁ ଖାଦ୍ୟ ଉତ୍ପାଦନକୁ ନେଇ କିପରି ବିଭିନ୍ନ ବର୍ଗର ପଶୁମାନଙ୍କ ପାଇଁ ପୋଷଣ/ଖାଦ୍ୟ ସହଜ ମାଧ୍ୟମରେ ତିଆରି କରିବାରେ ସହାୟକ ।
- ଇନାଫ୍ ପଶୁ ପୋଷଣ ମାଧ୍ୟମରେ ସହଜ ଓ ସୁଲଭ ଦରରେ ଗୋପାଳକମାନଙ୍କ ଘରପାଖରେ ମିଳୁଥିବା ଖାଦ୍ୟ ଉପାଦାନକୁ ପୋଷଣ ସମାନତା ଭିତ୍ତିରେ ଏକ ପଶୁ ପାଇଁ ଖାଦ୍ୟ ଯାହା ତାହାର ଉତ୍ପାଦକତା ଓ ଅନ୍ୟାନ୍ୟ ଶରୀରର ଆବଶ୍ୟକତା ନେଇ ପ୍ରସ୍ତୁତ କରାଯାଇପାରିବ ।
- ପଶୁକୁ ସୁଷମ ଖାଦ୍ୟ ଦେବା ଫଳରେ ନିମ୍ନଲିଖିତ ଲାଭ ମିଳିଥାଏ ।

(୧) କ୍ଷୀର ଲିଟର ପିଛା ପ୍ରସ୍ତୁତ ହେବା ପାଇଁ କେତେ ଖର୍ଚ୍ଚ ହେଉଛି ତାହା ଭଲଭାବରେ ଜାଣି ହେବ ।

(୨) ଚାଷୀଟି ପଶୁ ଖାଦ୍ୟରେ ରହି ଯାଉଥିବା ଅଭାବ ବା ଅଧିକ ମାତ୍ରା ମୁଖ୍ୟତଃ ପୁଷ୍ଟିସାର, ସୁପାଚକ ତତ୍ତ୍ୱ, କ୍ୟାଲ୍‌ସିୟମ୍ ବା ଫସ୍‌ଫରସ୍‌କୁ ଭଲ ଭାବରେ ବୁଝିପାରିବ ।

(୩) ଚାଷୀକୁ ସୁଷମ ଖାଦ୍ୟର ପ୍ରସ୍ତୁତି ପାଇଁ ଏକ ସୂତ୍ର ଯାହା ପଶୁଟିର ଉତ୍ପାଦକତା ଓ ଶରୀରର ଅନ୍ୟାନ୍ୟ ଆବଶ୍ୟକତାକୁ ହିସାବକୁ ନେଇ ସେ ଅଂଚଳରେ ମିଳୁଥିବା ଖାଦ୍ୟ ଉପାଦାନ ବା ଅଣପାରମ୍ପରିକ ଖାଦ୍ୟ ଉପାଦାନକୁ ବ୍ୟବହାର କରି ପୋଷଣ ସମାନତା କରିବାର ଉପାୟ ଦିଆଯାଇଥାଏ ।

(୪) ଖାଦ୍ୟ ଖର୍ଚ୍ଚକୁ ବର୍ତ୍ତମାନର ଉତ୍ପାଦନର ସ୍ତର ହିସାବରେ ସ୍ଥିର କରାଯାଇଥାଏ ।

(୫) ପଶୁଟିର ଉତ୍ପାଦକତା, ପ୍ରଜନନ କ୍ଷମତା ଓ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଫଳରେ ଗୋପାଳକମାନଙ୍କର ଲାଭ ହୋଇଥାଏ ।

# ବାରମ୍ବାର ପଚରାଯାଉଥିବା ପଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଶ୍ନ

ପ୍ରଶ୍ନ- ଯଦି ଟୀକାକରଣ କରୁଥିବା ବ୍ୟକ୍ତି ଟୀକା ବରଫ ଡବା/ବାକ୍ସ ଭିତରେ ଆଣି ନଥାନ୍ତି ତେବେ ସେ ସମୟରେ ପଶୁମାନଙ୍କୁ ଟୀକାକରଣ କରାଇବା ଉଚିତ୍ କି ?

ଉ : ନା', ବାହାର ତାପମାତ୍ରାରେ ଟୀକାଗୁଡ଼ିକ ଅନୁପୋଯୋଗୀ ହୋଇଯାଆନ୍ତି ଫଳରେ ପଶୁକୁ ସୁରକ୍ଷା ମିଳିପାରି ନଥାଏ ।

ପ୍ରଶ୍ନ- କେଉଁ ପଶୁମାନଙ୍କୁ ଟୀକାକରଣ କରାଯିବ ନାହିଁ ?

ଉ : ରୋଗୀଣା ପଶୁ, ତୁରନ୍ତ ପ୍ରସବ କରିଥିବା ପଶୁ (ପ୍ରସବର ୧ ମାସ ଭିତରେ) ଓ ବାଛୁରୀକୁ ୩ ରୁ ୪ ମାସ ବୟସ ନ ହେବା ପର୍ଯ୍ୟନ୍ତ ଟୀକାକରଣ କରିବା ଉଚିତ୍ ନୁହେଁ ।

ପ୍ରଶ୍ନ- ଗର୍ଭବତୀ ପଶୁଟିକୁ ଟୀକାକରଣ କରାଯିବ କି ?

ଉ : ହଁ, ଗର୍ଭବତୀ ପଶୁଟିକୁ ଟୀକାକରଣ କରାଗଲେ କୌଣସି ଅସୁବିଧା ହୋଇନଥାଏ । ତଥାପି ଗର୍ଭଧାରଣର ଶେଷ ମାସରେ ଟୀକାକରଣ ନ କରିବା ଭଲ କାରଣ ଗର୍ଭବତୀ ପଶୁକୁ ଓ ଗର୍ଭସ୍ଥ ବାଛୁରୀକୁ କୌଣସି ଆଘାତ ହେବାର ସମ୍ଭାବନା ଥାଏ ।

ପ୍ରଶ୍ନ- ଫାଟୁଆ ଲାଗିଥିବା ଗାଁରେ ଫାଟୁଆ ନ ହୋଇଥିବା ପଶୁମାନଙ୍କୁ ଟୀକାକରଣ କରିବା ଉଚିତ୍ କି ?

ଉ : ଫାଟୁଆ ଲାଗିଥିବା ଗାଁରେ, ଫାଟୁଆ ନ ହୋଇଥିବା ପଶୁମାନଙ୍କୁ ଟୀକାକରଣ କରିବା ଉଚିତ୍ ନୁହେଁ କାରଣ ଏହି ଫାଟୁଆ ଭୂତାଣୁ ସୁପ୍ତ ଅବସ୍ଥାରେ ପଶୁଟିର ଶରୀର ମଧରେ ରହିଥାଇପାରନ୍ତି । ତଥାପି ପାଖ ଗାଁ ଯାହା ରୋଗ ଲାଗିଥିବା ଗାଁ ଠାରୁ ୨-୩ କିଲୋମିଟର ଦୂରତା ଯାଏଁ ରହିଛି ସେହିଠାରୁ ପରିଧି କରି ରୋଗ ଲାଗିଥିବା ଗାଁ ଯାଏଁ- ସଂକ୍ରମଣ ବି ପର୍ଯ୍ୟନ୍ତ) ଟୀକାକରଣ କରାଇନେବା ଉଚିତ୍ । ଏହାକୁ ବଳୟ ଟୀକାକରଣ (Ring Vaccination) କୁହାଯାଏ । ରୋଗ ରୋକିବା ପାଇଁ, ରୋଗ ଲାଗିଥିବା ଜାଗାରୁ ପଶୁମାନଙ୍କର ଗତି ବା ସ୍ଥାନାନ୍ତରଣ, ଖାଦ୍ୟ, ଘାସ ଓ ଲୋକମାନଙ୍କର ସ୍ଥାନାନ୍ତରଣ ବ କରିବା ନିହାତି ଦରକାର ।

ପ୍ରଶ୍ନ- ଗୋଟିଏ ପଶୁକୁ ଏକା ସମୟରେ ବିଭିନ୍ନ ରୋଗ ପାଇଁ ଟୀକାକରଣ କରାଯାଇପାରିବ କି ?

ଉ : ହଁ, ମଣିଷ ଓ କୁକୁରମାନଙ୍କ କ୍ଷେତ୍ରରେ ବିଭିନ୍ନ ରୋଗ ପାଇଁ ଏକକ ଟୀକାକରଣ ବ୍ୟବସ୍ଥା ବହୁ ସମୟ ଧରି ଚାଲି ଆସୁଛି । ବର୍ତ୍ତମାନ ଗାଈ ଓ ମଇଁଷିମାନଙ୍କ ପାଇଁ ଫାଟୁଆ, ସାହାଣା, ବଜବଜିଆ ଆଦି ରୋଗ ପାଇଁ ଏକକ ଟୀକାକରଣ ବ୍ୟବସ୍ଥା ମଧ ଉପଲବ୍ଧ ହୋଇପାରିଛି ।

ପ୍ରଶ୍ନ- ପଶୁଟିକୁ ଯଦି ପାଗଳା କୁକୁର କାମୁଡ଼ି ଦିଏ ତେବେ କ'ଣ କରିବା ଉଚିତ୍ ?

ଉ : କାମୁଡ଼ା କ୍ଷତ ଘା'କୁ ଚଳା ପାଣି (ପାଣି ଟ୍ୟାପ୍‌ରେ) ଯଥା ଶୀଘ୍ର ୫-୧୦ ମିନିଟ୍ ଯାଏଁ ଧୋଇବା ଦରକାର । ପାଣି ଟ୍ୟାପ୍ ନ ମିଳିଲେ ଗୋଟିଏ ପାତ୍ରରେ ପାଣି ନେଇ ଢାଳିବା ଦରକାର । ଗାଧୋଇବା ସାବୁନ୍‌ରେ ଘା' ବା କାମୁଡ଼ା ଜାଗାକୁ ଧିରେ ଧିରେ ଧୋଇବା ଦରକାର । ଟିଂଚର ଆୟୋଡିନ୍ ଲଗାଇ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପାଖକୁ ନେଇଯିବା ଦରକାର ।

ପ୍ରଶ୍ନ- ଯଦି ସାପ ପଶୁଟିକୁ କାମୁଡ଼ି ଦିଏ ତେବେ କ'ଣ କରିବା ଉଚିତ୍ ?

ଉ : ସାପ କାମୁଡ଼ା ଜାଗାଠାରୁ ୩-୪ ଇଂଚ ଉପରକୁ ରଶି / ବ୍ୟାଣ୍ଡେଜ୍‌ରେ ଗୋଟିଏ ଗଣ୍ଠି ଜୋର କରି ବାନ୍ଧି ଦେବା ଦରକାର । ଗୋଟେ ସଫା ବ୍ଲେଡ୍ ପାତରେ ଘା' ଜାଗାକୁ କାଟି ଦେଇ ରକ୍ତ କିଛି ବୋହିବାକୁ ଦେବା ଉଚିତ୍ । ଘା' ଜାଗାକୁ ସାବୁନ୍ ପାଣିରେ ଭଲ ଭାବରେ ଧୋଇ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କୁ ଡାକି ପଶୁଟିକୁ ଦେଖାଇ ଦେବା ଉଚିତ୍ ।

ପ୍ରଶ୍ନ- ପେଟ ଫମ୍ପା/ଫୁଲିବାର ଚିକିତ୍ସା କିପରି କରିବ ?

ଉ : ସବୁଜ ଘାସ ଯଥା ବରସିମ୍ ଓ ଲୁସର୍ଣ୍ଣ ଆଦି ଖାଇବା ଫଳରେ ପେଟରେ ଗ୍ୟାସ ହୋଇ ପେଟ ଫୁଲିଯାଏ । ଏଭଳି କ୍ଷେତ୍ରରେ ପଶୁଟିକୁ ବସିବା ଓ ପାଣି ପିଇବାକୁ ନ ଦେବା ଉଚିତ୍ । ପଶୁଟିକୁ ଖଣ୍ଡ ଲୁଣ ୧୦୦ଗ୍ରାମ୍, ୩୦ ଗ୍ରାମ୍ ହେଙ୍ଗୁ ୧୦୦ ମି.ଲି. ତାରପିନ୍ ତେଲ ଓ ୫୦୦ ମି.ଲି. ଖାଇବା ତେଲ ମିଶାଇ ଖାଇବାକୁ ଦେବା ଦରକାର ଓ ପଶୁଚିକିତ୍ସକଙ୍କୁ ଡାକି ଦେଖାଇବା ଦରକାର ।

ପ୍ରଶ୍ନ- ଲକ୍ଷଣ ବିହୀନ ଥନହରା ହୋଇଥିବା ଗାଈଟିର କ୍ଷୀର ଖାଇଲେ କିଛି ଅସୁବିଧା ହୋଇଥାଏ କି ?

ଉ : ଲକ୍ଷଣ ନ ଦେଖାଉ ଥିବା ଥନହରା ଗାଈ କ୍ଷୀରରେ କିଛି ବିଷାକ୍ତ କଣିକା ସୃଷ୍ଟି କରୁଥିବା ଜୀବାଣୁ ରହିଥାଇ ପାରନ୍ତି । ଯାହା ସାଧାରଣ ଗରମ କରିବା ପ୍ରକ୍ରିୟାରେ ନଷ୍ଟ ହୋଇ ନଥାନ୍ତି । ଏହି ଜୀବାଣୁରୁ ବାହାରୁ ଥିବା ବିଷାକ୍ତ ତତ୍ତ୍ୱ ଦ୍ୱାରା ମଣିଷର ଝାଡା ବା ଗଳା/ତଂଟିରେ ଘା' ଆଦି ହୋଇଥାଏ ।

ପ୍ରଶ୍ନ- କ୍ଷୀର ବାହାରିବା ପାଇଁ ଯେଉଁ ଅକ୍ସିଟୋସିନ୍ ଇଂଜେକ୍‌ସନ୍ ଦିଆଯାଉଛି ତାହା ଗାଈ ବା କ୍ଷୀର ଖାଉଥିବା ଲୋକଙ୍କ ପାଇଁ କିଛି କ୍ଷତି କରିଥାଏ କି ?

ଉ : ଅକ୍ସିଟୋସିନ୍ ଇଂଜେକ୍‌ସନ୍ ଦେଇ କ୍ଷୀର ବାହାର କରାଯିବା ଅନୁଚିତ୍ କେବଳ ପ୍ରାଣୀ ଚିକିତ୍ସକ କେତେକ ଜରୁରୀ ଚିକିତ୍ସା ପାଇଁ ହିଁ ଏହା ବ୍ୟବହାର କରିପାରିବେ ।

ପ୍ରଶ୍ନ- କଷ କ୍ଷୀର ବାଛୁରୀକୁ ପିଆଇବା ଦରକାର କି ?

ଉ : ବାଛୁରୀ ଜନ୍ମ ହେବା ପରେ ଯଥା ଶୀଘ୍ର କଷ କ୍ଷୀର ଅତିକମ୍‌ରେ ତା'ର ଶରୀରର ୧୦ ଭାଗରୁ ୧ ଭାଗ ହିସାବରେ ପିଇବାକୁ ଦେବା ଉଚିତ୍ ।

ପ୍ରଶ୍ନ- ଗର୍ଭଧାରଣ କରିଥିବା ପଶୁଟିକୁ କୃମି ନାଶକ ଔଷଧ ଦେବା ଦରକାର କି ?

ଉ : ଗର୍ଭଧାରଣ କରିଥିବା ଗାଈଟିକୁ ପ୍ରସବ କରିବା କିଛି ଦିନ ପୂର୍ବରୁ ଓ ପ୍ରସବ କରିବାର ୬-୭ ସପ୍ତାହ ପରେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି କୃମିନାଶକ ଔଷଧ ଦେବା ଉଚିତ୍ ।



## ବାରମ୍ବାର ପଚରାଯାଉଥିବା ପଶୁ ପୋଷଣ ସମ୍ବନ୍ଧୀୟ ପ୍ରଶ୍ନ

ପ୍ରଶ୍ନ - ସନ୍ତୁଳିତ ଖାଦ୍ୟ କ'ଣ ?

ଉ : ସବୁ ପଶୁ ଭଲ ଭାବରେ ବଢିବା ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ରହିଛି । ବିଭିନ୍ନ ଖାଦ୍ୟ ଉପାଦାନ ଗୁଡ଼ିକୁ ସଠିକ୍ ମାତ୍ରାରେ ପଶୁ ଶରୀରର ଆବଶ୍ୟକତା ଅନୁସାରେ ଶରୀର ଓ ଉତ୍ପାଦନ କ୍ଷମତାକୁ ହିସାବକୁ ନେଇ ଖାଦ୍ୟ ଯୋଗାଇ ଦେବାକୁ ସନ୍ତୁଳିତ ଖାଦ୍ୟ କୁହାଯାଇଥାଏ ।

ପ୍ରଶ୍ନ - ସନ୍ତୁଳିତ ଖାଦ୍ୟ ପ୍ରସ୍ତୁତି ପାଇଁ ଆମେ ଡାଲି ଚୁନି, ଚୋକଡ, କଦଳୀ ମଂଜା, ବାଉଁସ ପତ୍ର ଆଦି ଓ ଅନ୍ୟାନ୍ୟ ଘରୁ ବାହାରୁଥିବା ସାମଗ୍ରୀକୁ ମିଶାଇ ପାରିବା କି ?

ଉ : ହଁ, ଘରୁ ବାହାରୁଥିବା ସାମଗ୍ରୀ, ଗଛ ପତ୍ର ଆଦି ଯାହା ପଶୁଟିକୁ ସାଧାରଣତଃ ଖାଇବାକୁ ଦିଆଯାଇଥାଏ ତାହାକୁ ସନ୍ତୁଳିତ ଖାଦ୍ୟ ପ୍ରସ୍ତୁତି ପାଇଁ ମିଶାଯାଇପାରିବ । ବାସ୍ତବିକ୍ ସନ୍ତୁଳିତ ଖାଦ୍ୟ ପ୍ରସ୍ତୁତିର ମୂଳ ଲକ୍ଷ୍ୟ ହେଉଛି ଆଂଚଳିକ ସ୍ତରରେ ମିଳୁଥିବା ବିଭିନ୍ନ ସାମଗ୍ରୀକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଅଧିକ ପରିମାଣର କ୍ଷୀର ଉତ୍ପାଦନ କରିବା ଫଳତଃ ଏହି ଖାଦ୍ୟ ଉପଯୁକ୍ତ ପରିମାଣର ପୁଷ୍ଟିସାର,ମିନେରାଲ୍, ଭିଟାମିନ୍ ଆଦି ଯୋଗାଇ ପାରିବାକୁ ସକ୍ଷମ ହୋଇପାରିବ ।

ପ୍ରଶ୍ନ - ଯଦି ୟୁରିଆ ମୋଲାସେସ୍ ବ୍ଲକ୍ (UMB) ଚାଟିବାକୁ ଦିଆଯାଏ ତେବେ କେତେ ପରିମାଣର ୟୁରିଆ ଉପଚାର ହୋଇଥିବା ନଡା ଗାଈଟିକୁ ଖାଇବାକୁ ଦେବା ଦରକାର ?

ଉ : ୟୁରିଆ ମୋଲାସେସ୍ ବ୍ଲକ୍ (UMB) ଓ ୟୁରିଆ ଉପଚାର ହୋଇଥିବା ନଡା ଏକା ସଙ୍ଗରେ ଗାଈକୁ ଖାଇବାକୁ ଦେବା ଉଚିତ୍ ନୁହେଁ । ଯଦି ୟୁରିଆ ମୋଲାସେସ୍ ବ୍ଲକ୍ ଖାଇବାକୁ ଦିଆନଯାଏ ତେବେ ୟୁରିଆ ଉପଚାର ହୋଇଥିବା ନଡା ଯେତେ ଖାଇବ ସେତେ ଦିଆଯାଇପାରିବ ।

ପ୍ରଶ୍ନ - ଯଦି ୟୁରିଆ ଉପଚାର ହୋଇଥିବା ନଡା ଗାଈଟିକୁ ଖାଇବାକୁ ଦିଆଯାଏ ତେବେ ଦାନା ଦିଆଯିବା ଦରକାର କି ?

ଉ : ଯଦି ଗାଈଟି ଗର୍ଭଧାରଣ ନକରି ଥାଏ ଓ କ୍ଷୀର ଦେଉନଥାଏ ମାତ୍ର ୟୁରିଆ ଉପଚାର ହୋଇଥିବା ନଡା ପ୍ରଚୁର ପରିମାଣର ପାଉଥାଏ ବା ସାଧାରଣ ନଡା ସହିତ ୟୁରିଆ ମୋଲାସେସ୍ ବ୍ଲକ୍ ଚାଟିବାକୁ ଦିଆଯାଇଥାଏ ତେବେ ଦାନା ଦେବାର ଆଉ ଆବଶ୍ୟକତା ନଥାଏ । କିନ୍ତୁ ଯଦି ଗର୍ଭଧାରଣ କରି ଥାଏ ଓ କ୍ଷୀର ଦେଉଥାଏ ତେବେ ୟୁରିଆ ଉପଚାର ହୋଇଥିବା ନଡା ସହିତ ଦାନା/ ବାଇପାସ୍ ପୁଷ୍ଟିସାର ଦରକାର ମୁତାବକ ଦେବାକୁ ପଡିଥାଏ ।

ପ୍ରଶ୍ନ - ଯଦି ଗାଈଟିକୁ ସନ୍ତୁଳିତ ଗୋଖାଦ୍ୟ ଖାଇବାକୁ ଦିଆଯାଉଥାଏ ତେବେ ଆଉ ଧାତବ ଲବଣ (ମିନେରାଲ୍ ପାଉଡର୍) ଦିଆଯିବା ଦରକାର କି ?

ଉ : ଯେହେତୁ ସନ୍ତୁଳିତ ଗୋଖାଦ୍ୟରେ ଧାତବ ଲବଣ ଥାଏ ତେଣୁ ଆମେ ଧାତବ ଲବଣର ପରିମାଣ ଅଧା ଯାଏ କମ୍ କରି ପାରିବା ।

ପ୍ରଶ୍ନ - ଯଦି ଗାଈଟି ୟୁରିଆ ମୋଲାସେସ୍ ବ୍ଲକ୍ (UMB)କୁ ନ ଚାଟେ ତେବେ କଣ କରିବା ଦରକାର ?

ଉ : ଅଭ୍ୟାସ କରିବାକୁ ୟୁରିଆ ମୋଲାସେସ୍ ବ୍ଲକ୍ (UMB) ଉପରେ କିଛି ଦାନା ବା କୁଣ୍ଡା ବା ଅନ୍ୟାନ୍ୟ ଖାଦ୍ୟ ଉପାଦାନ ପକାଇଦେଲେ ଗାଈଟି ୟୁରିଆ ମୋଲାସେସ୍ ବ୍ଲକ୍ (UMB)ଟିକୁ ଧିରେ ଧିରେ ଚାଟିବାକୁ ଆରମ୍ଭ କରିଥାଏ ।

ପ୍ରଶ୍ନ - ୟୁରିଆ ମୋଲାସେସ୍ ବ୍ଲକ୍ (UMB) କେତେଦିନଯାଏ ବ୍ୟବହାର/ ଖାଦ୍ୟ ଉପୋଯୋଗୀ ହୋଇଥାଏ ?

ଉ : ଏକ ୩ କି.ଗ୍ରା. ଓଜନର ୟୁରିଆ ମୋଲାସେସ୍ ବ୍ଲକ୍ (UMB)ଟି ଗୋଟିଏ ଗାଈ ପାଇଁ ୫ ରୁ ୭ ଦିନ ଯାଏ ଚାଲିଥାଏ ।

## ବାରମ୍ବାର ପଚରାଯାଉଥିବା ପଶୁ ପ୍ରଜନନ ସମ୍ବନ୍ଧୀୟ ପ୍ରଶ୍ନ

ପ୍ରଶ୍ନ - ଦେଶୀ ପ୍ରଜାତିର ଗୁଣବତ୍ତା ବଢାଇବା କ'ଣ ପାଇଁ ଜରୁରୀ ? କେଉଁମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦେଶୀ ପ୍ରଜାତି ରୂପେ ବିବେଚନା କରାଯାଏ ଓ ସେମାନେ କେଉଁଠି ଦେଖାଯାନ୍ତି ?

ଉ - ଦେଶୀ ପ୍ରଜାତିର ପ୍ରାଣୀଧନ ମାନେ ଆମ ଦେଶୀୟ ଜଳବାୟୁରେ ଭଲ ଭାବରେ ଖାପ ଖୁଆଇ ଚଳିଯାନ୍ତି । ପ୍ରାୟତଃ ଅନ୍ୟ ପଶୁମାନଙ୍କ ତୁଳନାରେ ଏମାନଙ୍କ ରୋଗ ପ୍ରତିଶେଧକ ଶକ୍ତି ମଧ ଅଧିକ ଅଟେ । ସେମାନେ ଆଖପାଖରେ ଥିବା ପଶୁ ଆହାର ଖାଇ ଭଲ ପରିମାଣର କ୍ଷୀର ମଧ୍ୟ ଦେଇପାରନ୍ତି । ଏମାନଙ୍କ ମଧ୍ୟରୁ କିଛି ପ୍ରଜାତି ଅଧିକ କ୍ଷୀର ଓ ଲହୁଣୀ ଅଂଶ ପାଇଁ ପ୍ରସିଦ୍ଧିଲାଭ କରିଛନ୍ତି । କିନ୍ତୁ ଏହି ଦେଶୀ ପ୍ରଜାତିର ପ୍ରାଣୀମାନଙ୍କୁ ସଠିକ୍ ରକ୍ଷଣାବେକ୍ଷଣ ତଥା ସଠିକ୍ ଚୟନ ପ୍ରକ୍ରିୟା ନ ହୋଇପାରିବାରୁ ଏମାନଙ୍କ ଦୁଗ୍ଧ ଦେବା କ୍ଷମତା କମିଯାଇଛି । ଏମାନଙ୍କ ତୁଳନାରେ ବିଦେଶୀ ପ୍ରାଣୀଗୁଡ଼ିକ ଆମର ଉଷ୍ଣ ପରିବେଶରେ ପାଳନ କରିବା ବ୍ୟୟବହୁଳ ଏବଂ କଷ୍ଟସାଧ । ଏଣୁ ଆମ ଦେଶର ଦେଶୀ ପ୍ରଜାତିର ପ୍ରାଣୀଧନ ମାନଙ୍କର ସଠିକ୍ ଚୟନ କରି ଏମାନଙ୍କର ବଂଶ ବୃଦ୍ଧି ତଥା ସଂରକ୍ଷଣ ଓ ବିକାଶ କରିବା ନିହାତି ଜରୁରୀ । ଦେଶୀ ପ୍ରଜାତିର ପଶୁମାନଙ୍କ ଉତ୍ପତ୍ତିସ୍ଥଳ ଜାଣିବା ପାଇଁ ଏହି ପୁସ୍ତିକାର ମଲାଟ ଦେଖନ୍ତୁ ।

ପ୍ରଶ୍ନ - କେଉଁ ପଶୁଟି ଦୁଗ୍ଧଚାଷ ପାଇଁ ଭଲ - ଦେଶୀ ଗାଈ, ସଙ୍କର ଗାଈ ନା ମଇଁଷି ?

ଉ : ଗୋପାଳନ ପାଇଁ କାହାକୁ ଚୟନ କରିବା ତାହା ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ନିର୍ଭର କରେ ଯେମିତି - କେଉଁ ପରିବେଶରେ ରହିବେ, ଜଳବାୟୁ କିପରି ଅଛି, ଖାଦ୍ୟ କ'ଣ ମିଳୁଛି, ଚିକିତ୍ସା ବ୍ୟବସ୍ଥା, କ୍ଷୀର ବିକ୍ରି ପାଇଁ ବଜାର ବ୍ୟବସ୍ଥା, କ୍ଷୀରର ବିକ୍ରିମୂଲ୍ୟ ଇତ୍ୟାଦି ଇତ୍ୟାଦି । ଦୁର୍ବଳ ପରିଚାଳନା ତଥା ପାରିପାର୍ଶ୍ୱିକ ବ୍ୟବସ୍ଥା ଥିଲେ ଦେଶୀ ପ୍ରଜାତି ଗାଈ ଓ ମଇଁଷି ରଖି ଗୋପାଳନ କରାଯାଇପାରେ । କିନ୍ତୁ ପରିଚାଳନା ବ୍ୟବସ୍ଥା ଭଲ ଥିଲେ ସଙ୍କର

ଜାତୀୟ ଗାଈ ରଖାଯାଇପାରେ । ଦୁଗ୍ଧରେ ଲହୁଣୀ ପରିମାଣକୁ ବିଚାରକୁ ନେଲେ ମଇଁଷି ରଖିବା ଲାଭଦାୟକ ।

ପ୍ରଶ୍ନ - ଆର୍ଥିକ ଦୃଷ୍ଟିକୋଣରୁ ଭଲ ପଶୁ କଣ ?

ଉ - ଆର୍ଥିକ ଦୃଷ୍ଟିକୋଣରୁ ଦେଖିଲେ ଯେଉଁ ପଶୁଟି ବର୍ଷକୁ ଗୋଟିଏ ବାଛୁରୀ ଜନ୍ମ କରିଥାଏ, ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ, କମ୍ ଖର୍ଚ୍ଚରେ ଅଧିକ ଦୁଗ୍ଧ ଦେଇଥାଏ, ସେଭଳି ପଶୁପାଳନ କରିବା ଆର୍ଥିକ ଦୃଷ୍ଟିରୁ ଭଲ ।

ପ୍ରଶ୍ନ - ରାଜ୍ୟ ପ୍ରଜନନ ନୀତି କ'ଣ ? ଏହାକୁ କାହିଁକି ମାନିବା ଦରକାର ?

ଉ - ପ୍ରତ୍ୟେକ ରାଜ୍ୟର ଅବସ୍ଥିତି, ଜଳବାୟୁ ତଥା ଦେଖାଯାଉଥିବା ବିଭିନ୍ନ ପ୍ରକାର ପ୍ରାଣୀମାନଙ୍କୁ ବିଚାରକୁ ନେଇ ପ୍ରଜନନ ନୀତି ତିଆରି କରାଯାଇଥାଏ । ପ୍ରଜନନ ନୀତି ମାଧ୍ୟମରେ ସେ ରାଜ୍ୟରେ କିଭଳି ପ୍ରାଣୀଧନର ଉନ୍ନତି ସମ୍ଭବ ହୋଇପାରିବ ଏବଂ ସେମାନଙ୍କ ଠାରୁ ଅଧିକ ଉତ୍ପାଦନ ମିଳିପାରିବ ତାହା ପାଇଁ ନୀତି ନିର୍ଦ୍ଧାରଣ କରାଯାଏ । ସେ ଅଂଚଳରେ କେଉଁ କେଉଁ ଦେଶୀ ପ୍ରଜାତି ଅଛନ୍ତି ଏବଂ ସେମାନଙ୍କର ଉନ୍ନତି ପାଇଁ ତଥା ସଙ୍କରୀକରଣ ପାଇଁ କେଉଁ କେଉଁ ବିଦେଶୀ ପ୍ରଜାତି ଚୟନ କରାଯିବ ଏହି ସବୁ ବିଷୟରେ ବିସ୍ତୃତ ଭାବରେ ବିବେଚନା କରାଯାଏ । ପ୍ରଜନନ ନୀତିକୁ ପାଳନକଲେ ରାଜ୍ୟରେ ଥିବା ପଶୁମାନଙ୍କ ଠାରୁ ଉତ୍ତମ ଉତ୍ପାଦକତା ଲାଭ ହୋଇଥାଏ ତଥା ରାଜ୍ୟର ମୂଳ ପ୍ରଜାତିମାନଙ୍କର ସଂରକ୍ଷଣ ସମ୍ଭବ ହୋଇପାରିଥାଏ ।

ପ୍ରଶ୍ନ - କୃତ୍ରିମ ପ୍ରଜନନ ପାଇଁ କୃତ୍ରିମ ପ୍ରଜନନକାରୀଙ୍କ ପାଖରେ ସବୁ ପ୍ରକାରର ଶୁକ୍ରାଣୁ ରହିଅଛି କି ? ସେ ଶୁକ୍ରାଣୁ ଯେଉଁ ଷଣ୍ଢରୁ ଅଣାଯାଇଛି ତା'ର କିଛି ଲେଖା ରହିଅଛି କି ? ଏହି ଲେଖା କଣ କୃତ୍ରିମ ପ୍ରଜନନକାରୀଙ୍କ ପାଖରେ ଉପଲବ୍ଧ ଥାଏ ?

ଉ - କେବଳ A ଓ B ମାନ୍ୟତା ପ୍ରାପ୍ତ ଶୁକ୍ରାଣୁ ଉତ୍ପାଦନ କେ୍ରୁ ଶୁକ୍ରାଣୁ ହିଁ କୃତ୍ରିମ ପ୍ରଜନନ ପାଇଁ ବ୍ୟବହାର ହୋଇଥାଏ । ରାଜ୍ୟ ପ୍ରଜନନ ନୀତି ଅନୁସାରେ କେଉଁ ପ୍ରକାରର ଶୁକ୍ରାଣୁ ବ୍ୟବହାର କରାଯିବ, ତାହା ନିର୍ଦ୍ଧାରିତ ହୋଇଥାଏ । ଶୁକ୍ରାଣୁକୁ କେବଳ ନିର୍ଦ୍ଦିଷ୍ଟ ଥଣ୍ଡା (ତରଳ ଯବକ୍ଷାରଜାନ) ପାତ୍ରରେ ନିଆଯିବା ଉଚିତ୍ । ପ୍ରଜନନ ନୀତିକୁ ଭଲ ଭାବରେ ପାଳନ କରାଯିବା ଉଚିତ୍ । ଆବଶ୍ୟକ ସ୍ଥଳେ କୃତ୍ରିମ ପ୍ରଜନନକାରୀ ଗୋପାଳକମାନଙ୍କୁ ଏ ବିଷୟରେ ସବିଶେଷ ବିବରଣୀ ଦେବା ସହ ଭଲ ଭାବରେ ବୁଝାଇବା ଦରକାର । ପଶୁପାଳକମାନେ କୃତ୍ରିମ ପ୍ରଜନନକାରୀଙ୍କ ଠାରୁ ଅନେକ ତଥ୍ୟ ଯେପରିକି ଶୁକ୍ରାଣୁ ବ୍ୟବହୃତ ଷଣ୍ଢର ପ୍ରଜାତି, ଶରୀରରେ ବିଦେଶୀ ପ୍ରଜାତିର ଅଂଶ ଏବଂ ଷଣ୍ଢର ପୀଢ଼ି ଆଦି । ଷଣ୍ଢ ନିର୍ଦ୍ଦେଶିକା (ଲେଖା) ପ୍ରତି ଶୁକ୍ରାଣ ଉତ୍ପାଦନ କେ୍ରେ ଉପଲବ୍ଧ । ଆଦର୍ଶଭାବରେ ଏହା କୃତ୍ରିମ ପ୍ରଜନନକାରୀଙ୍କ ପାଖରେ ରହିବ ଦରକାର । ଯଦି ଏହା କୃତ୍ରିମ ପ୍ରଜନନକାରୀଙ୍କ ପାଖରେ ନଥାଏ ତେବେ ଶୁକ୍ରାଣୁ ଉତ୍ପାଦନ କେ୍କୁ ଯୋଗାଯୋଗ କରନ୍ତୁ ।

ପ୍ରଶ୍ନ - ଗାଈମାନଙ୍କର ବନ୍ଧ୍ୟାଦୋଷ କିମ୍ବା ବାରମ୍ବାର ଗରମ ଲେଉଟିବା ଅସୁବିଧା ପାଇଁ କୃତ୍ରିମ ପ୍ରଜନନ ଏକ ଚିକିତ୍ସାର ମାଧ୍ୟମ ହୋଇପାରେ କି ?

ଉ - ନା, ନୁହେଁ । ଏହା ଏକ କୃତ୍ରିମ ଉପାୟ ଯଦ୍ୱାରା ଭଲ ରୋଗମୁକ୍ତ ଷଣ୍ଢର ଶୁକ୍ରାଣୁ ଦ୍ୱାରା ଗାଈମାନଙ୍କୁ ପ୍ରଜନନ କରାଇ ଗର୍ଭବତୀ କରାଯାଇଥାଏ । ଯଦି କୌଣସି ଗାଈ ପ୍ରାକୃତିକ ଉପାୟରେ ଗର୍ଭବତୀ ନ ହୋଇଥାଏ ଓ ଏହାର ବନ୍ଧ୍ୟାଦୋଷ ଥାଏ, ତେବେ କୃତ୍ରିମ ପ୍ରଜନନ ମଧ କୌଣସି ଫଳ ଦେଇପାରେ ନାହିଁ ।

ପ୍ରଶ୍ନ - ଗାଈ ଥରେ ଗରମ ଆସିଥିଲେ ଏକରୁ ଅଧିକ ଶୁକ୍ରାଣୁ ଡୋଜ୍ (semen straw) ବ୍ୟବହାର କଲେ ଅଧିକ ଭଲ ଫଳ ମିଳିଥାଏ କି ?

ଉ - ଯଦି ଗାଈଟି ସଠିକ୍ ଗରମରେ ଥାଏ, ତେବେ ଅଭିଜ୍ଞ କୃତ୍ରିମ ପ୍ରଜନନକାରୀ ଦ୍ୱାରା ସଠିକ୍ ପ୍ରକ୍ରିୟାରେ ଗୋଟିଏ ମାତ୍ର ଶୁକ୍ରାଣୁ ଡୋଜ୍ ମଧ ଠିକ୍ କାମ କରିଥାଏ । କିନ୍ତୁ କେତେକ କ୍ଷେତ୍ରରେ, ଯଦି ଗରମ ସମୟ ଅଧିକ ଲମ୍ବା ଥାଏ ତେବେ ଦ୍ୱିତୀୟ ଥର କୃତ୍ରିମ ପ୍ରଜନନ କରିବା ଆବଶ୍ୟକ ହୋଇପାରେ ।

ପ୍ରଶ୍ନ - କୃତ୍ରିମ ପ୍ରଜନନ କଲା ପରେ ଗାଈଙ୍କୁ ଷଣ୍ଢ ପାଖକୁ ନେଇ ସଙ୍ଗମ କରାଇବା ଦରକାର କି ?

ଉ - ନାହିଁ , କେବେ ନୁହେଁ ।

ପ୍ରଶ୍ନ - କୃତ୍ରିମ ପ୍ରଜନନର ସଫଳତାର ହାର କେତେ ?

ଉ - ଶତକଡ଼ା ୪୦ରୁ ଅଧିକ ।

ପ୍ରଶ୍ନ - ମଇଁଷି ମାନଙ୍କ କ୍ଷେତ୍ରରେ କୃତ୍ରିମ ପ୍ରଜନନ ସଫଳ ହୋଇପାରିଛି କି ?

ଉ – ହଁ, ଯେପରି ଗାଈମାନଙ୍କଠାରେ ମଇଁଷିମାନଙ୍କ ଠାରେ ମଧ୍ୟ କୃତ୍ରିମ ପ୍ରଜନନ ସଂପୂର୍ଣ୍ଣ ସଫଳତାର ସହ କରାଯାଇଅଛି । ତେବେ ସଠିକ୍ ପ୍ରକ୍ରିୟାରେ ଠିକ୍ ଗରମ ଥିବା ଅବସ୍ଥାରେ ପ୍ରଜନନ କରିବା ଉଚିତ୍ । କାରଣ ମଇଁଷିମାନଙ୍କ ଠାରେ ଗରମର ଲକ୍ଷଣ ସଠିକ୍ ଭାବେ ପରିଲକ୍ଷିତ ହୋଇ ନଥାଏ ଏବଂ ସେମାନଙ୍କର ଗରମ ରହିବାର ସମୟ ବି କମ୍ ହୋଇଥାଏ ।

ପ୍ରଶ୍ନ - କୃତ୍ରିମ ପ୍ରଜନନ କଲେ କେବଳ ଅଣ୍ଡିରା ଓ ଦୁର୍ବଳ ବାଛୁରୀ ହିଁ ଜନ୍ମ ହୋଇଥାନ୍ତି କି ଏବଂ ଏହାଦ୍ୱାରା ଗାଈ'ର କ୍ଷୀର ଦେବା କମିଯାଇଥାଏ କି ?

ଉ : କୃତ୍ରିମ ପ୍ରଜନନ ସମ୍ବନ୍ଧୀୟ ତଥ୍ୟରୁ ସ୍ପଷ୍ଟଭାବରେ କୁହାଯାଇପାରେ ଯେ କୃତ୍ରିମ ପ୍ରଜନନ ଦ୍ୱାରା ମାଈ ବା ଅଣ୍ଡିରା ବାଛୁରୀର ଅନୁପାତରେ କୌଣସି ପ୍ରଭାବ ପଡି ନଥାଏ ତଥା ଦୁର୍ବଳ ବାଛୁରୀ ଜନ୍ମ ହେବା ଓ କ୍ଷୀର ଉତ୍ପାଦନ କମ୍ ହେବା ଆଦି ସବୁ ମିଥ୍ୟା ଅଟେ । ଏହାର କୌଣସି ବୈଜ୍ଞାନିକ ଭିତ୍ତିଭୂମି ନାହିଁ ।

ପ୍ରଶ୍ନ - ଏକ ଦେଶୀ ଗାଈକୁ କେଉଁ ଶୁକ୍ରଣୁ ଦ୍ୱାରା ପ୍ରଜନନ କରାଇବା ଉଚିତ୍ ଫଳରେ ଆଗାମୀ ପୀଢ଼ିରେ ଅଧିକ ପରିମାଣର କ୍ଷୀର ମିଳିପାରିବ ?

ଉ : ଆମ ଦେଶର ସ୍ୱୀକୃତିପ୍ରାପ୍ତ ଭଲ ଗୋରୁ ଯଥା ଗିର୍ / ସିନ୍ଧି / ସାହିୱାଲ୍ ଆଦି ଷଣ୍ଢର ଶୁକ୍ର ଦ୍ୱାରା କୃତ୍ରିମ ପ୍ରଜନନ କରାଇବା ଉଚିତ୍ । ତେବେ ଯଦି ରାଜ୍ୟ ଦ୍ୱାରା ପ୍ରଣୀତ ପ୍ରଜନନ ନୀତି ଯଦି ଅନୁମତି ଦିଏ ଏବଂ ଗୋପାଳକ ଯଦି ସଙ୍କର ଜାତୀୟ ଗୋରୁଟିଏ ପାଳନ କରିବାକୁ ଇଚ୍ଛୁକ, ତେବେ ଜର୍ସି / ହଲ୍‌ଷ୍ଟିନ୍ ଷଣ୍ଢର ଶୁକ୍ର ଦ୍ୱାରା ମଧ ପ୍ରଜନନ କରାଯାଇପାରେ ।

ପ୍ରଶ୍ନ - ଦୈନିକ ଦୁଗ୍ଧର ପରିମାଣ ଲେଖି ରଖିବା ଗୋପାଳକ ପାଇଁ କିଛି ଦରକାରରେ ଆସେ କି ?

ଉ - ହଁ, ଏହାଦ୍ୱାରା ଗାଈଟିଏ ଗୋଟିଏ ପ୍ରଜନନରେ ମୋଟ କେତେ କ୍ଷୀର ଦିଏ ଜଣାପଡେ । ଏହା ମାଧ୍ୟମରେ ଗୋଟିଏ ଗାଈ ଅନ୍ୟ ଗାଈମାନଙ୍କ ତୁଳନାରେ

କ୍ଷୀରଦେବାର କ୍ଷମତା ଜଣାପଡିଥାଏ । ଏହାଦ୍ୱାରା ଆଗାମୀ ଦିନରେ ଗୋପାଳକଟି ପଶୁଟିକୁ କିପରି ପାଳନ କରିବ ଓ କେଉଁ ପ୍ରକାର ବାଛୁରୀ ପାଇଁ ଚେଷ୍ଟା କରିବ ସେ ବିଷୟରେ ନିର୍ଣ୍ଣୟ କରାଯାଇପାରିବ ।

ପ୍ରଶ୍ନ - ପଶୁମାନଙ୍କର ବିଭିନ୍ନ ଗୁଣ ଯେପରିକି ଶରୀରର ଆକୃତି, କ୍ଷୀରର ବିଭିନ୍ନ ଉପାଦାନ ଓ ଶରୀର ଅଭିବୃଦ୍ଧି ହାର କାହିଁକି ମପାଯାଇଥାଏ ?

ଉ : କେବଳ ଦୁଗ୍ଧ ଉତ୍ପାଦନ ଆଧାରରେ ଏକ ପଶୁର ଆକଳନ କରାଯିବା ଉଚିତ୍ ନୁହେଁ । ଦୁଗ୍ଧରେ ଥିବା ଲହୁଣୀ, ପୁଷ୍ଟିସାର ଓ ଶର୍କରା ଅଂଶକୁ ମଧ୍ୟ ମପାଯିବା ଦରକାର କାରଣ ଏହା ମଧ୍ୟ ଦୁଗ୍ଧର ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ଶରୀରର ଆକୃତି ଓ ଅଭିବୃଦ୍ଧି ହାର ପଶୁର ଉତ୍ପାଦନ ତଥା ପ୍ରଜନନ ଗୁଣ ସହିତ ଜଡିତ ହୋଇରହିଥାଏ ।

ପ୍ରଶ୍ନ – ସନ୍ତାନ ବର୍ଗର ପରୀକ୍ଷଣ (ପି.ଟି.) ଓ ବଂଶାବଳୀ ଅନୁଯାୟୀ ମନୋନୟନ (ପି.ଏସ୍.) କାର୍ଯ୍ୟକ୍ରମରେ ଷଣ୍ଢ ମାନଙ୍କର ପରୀକ୍ଷଣ କାହିଁକି କରାଯାଇଥାଏ ?

ଉ : ଜୀବାଣୁମୁକ୍ତ/ରୋଗମୁକ୍ତ ଶୁକ୍ର ଉତ୍ପାଦନ କରିବା ପାଇଁ ଷଣ୍ଢ ମାନଙ୍କର ପରୀକ୍ଷା କରାଯିବା ନିହାତି ଜରୁରୀ । କାରଣ ଶୁକ୍ର ମାଧ୍ୟମରେ ମଧ କେତକ ରୋଗ ବ୍ୟାପିବାର ସମ୍ଭାବନା ଥାଏ ।

ପ୍ରଶ୍ନ- ଲିଙ୍ଗ ନିର୍ଦ୍ଧାରିତ ଶୁକ୍ର କ'ଣ ? ଏହା କେଉଁଠୁ ମିଳିବ ? ଏହାର ଦାମ୍ କେତେ ? ଏହା କ'ଣ ସବୁଠାରେ ମିଳୁଛି ? ମୋ ଗାଇକୁ ଲିଙ୍ଗ ନିର୍ଦ୍ଧାରିତ ଶୁକ୍ର ଦିଆଯାଇଛି ବୋଲି କେମିତି ଜାଣିବି ? ଏହା ସବୁ ପ୍ରଜାତିର ଗାଇ ତଥା ମଇଁଷିମାନଙ୍କ ପାଇଁ ମିଳୁଛି ? ଏହା ବ୍ୟବହାର କଲେ ଲାଭ କ'ଣ ? କେତେ ମାତ୍ରାରେ ସଫଳତା ମିଳିପାରିବ ?

ଉ : ଲିଙ୍ଗ ନିର୍ଦ୍ଧାରିତ ଶୁକ୍ରରେ ମୁଖ୍ୟତଃ ଗୋଟିଏ ପ୍ରକାର ଶୁକ୍ରାଣୁ ଥାଏ । ଏହା ବ୍ୟବହାର କରି ଇଚ୍ଛାମୁତାବକ ମାଈ ବା ଅଣ୍ଡିରା ବାଛୁରୀ ଜନ୍ମ କରାଯାଇପାରିବ । ଏହା ୮୦-୯୦ ଶତକଡ଼ା ସଠିକ୍, ଅତଏବ ଏହି ଶୁକ୍ର ବ୍ୟବହାର ମାଧ୍ୟମରେ ଜନ୍ମ ହୋଇଥିବା ବାଛୁରୀ ଗୁଡ଼ିକ ସମାନ ଲିଙ୍ଗର ହୋଇଥାନ୍ତି । କିନ୍ତୁ ସାଧାରଣ ଶୁକ୍ର ବ୍ୟବହାର ଦ୍ୱାରା ଜନ୍ମ ହୋଇଥିବା ବାଛୁରୀ ଅଣ୍ଡିରା ବା ମାଈ ହେବା ଅନୁପାତ ୫୦:୫୦ ।

ଆମ ଦେଶରେ ବର୍ତ୍ତମାନ ମୁଖ୍ୟତଃ ବାହାର ଦେଶରୁ ଏହି ପ୍ରକାରର ଶୁକ୍ର ଆମଦାନୀ କରାଯାଇଥାଏ । ଏବେ କିଛି ଶୁକ୍ରାଣୁ ଉତ୍ପାଦନ କେ୍ ଏହି ଶୁକ୍ର ତିଆରି କରୁଛନ୍ତି ।

ଗୋଟିଏ ମାତ୍ରା (ଡୋଜ୍) ଲିଙ୍ଗ ନିର୍ଦ୍ଧାରିତ ଶୁକ୍ରର ଦାମ୍ ପ୍ରାୟ ୧୨୦୦-୨୦୦୦ ଟଙ୍କା । ଅଳ୍ପ କେତେକ ରାଜ୍ୟରେ ଏହି ଶୁକ୍ର କମ୍ ଦାମ୍‌ରେ ବି ମିଳିପାରୁଛି । ଏବେ ସବୁ ଜାଗାରେ ଓ ସବୁ କୃତ୍ରିମ ପ୍ରଜନନକାରୀଙ୍କ ପାଖରେ ଏହା ନାହିଁ ।

ଲିଙ୍ଗ ନିର୍ଦ୍ଧାରିତ ଶୁକ୍ରାଣୁ ଆମଦାନୀ ପାଇଁ ରାଜ୍ୟର ପଶୁପାଳନ ବିଭାଗରୁ ଅନୁମତି ନେବା ଜରୁରୀ ଅଟେ ତଥା ଉତ୍ପନ ସନ୍ତାନର ବୀବରଣୀ ରଖିବା ମଧ୍ୟ ଅନିର୍ବାଯ୍ୟ । ଲିଙ୍ଗ ନିର୍ଦ୍ଧାରିତ ଶୁକ୍ରାଣୁ ଗୁଣବତ୍ତା ମଧ୍ୟ ଯାଂଚ କରାଯାଇ ପାରିବ । ଅତଏବ ଏହା ବ୍ୟବହାର ପରେ ସେହି ଶୁକ୍ର ପାଇପ୍‌ଟିକୁ (Semen straw) ଚାଷୀ ସମ୍ଭାଳି ରଖିବା ଉଚିତ୍ ଏବଂ ଜନ୍ମିତ ବାଛୁରୀର ଜନ୍ମ ପଞ୍ଜିକା ତିଆରି କରି ପାଖରେ ରଖିବା ଜରୁରୀ । ବର୍ତ୍ତମାନ ହଲଷ୍ଟିନ୍, ଜର୍ସି, ଗିର୍ ଏବଂ ମୁରା ଆଦିର ଲିଙ୍ଗ ନିର୍ଦ୍ଧାରିତ ଶୁକ୍ରାଣୁ ମିଳୁଛି ।

ଏହି ଶୁକ୍ରରେ ଶୁକ୍ରାଣୁ ସଂଖ୍ୟା ସାଧାରଣ ଶୁକ୍ର ଅପେକ୍ଷା କମ୍ ଥାଏ । ଅତଏବ ଲିଙ୍ଗ ନିର୍ଦ୍ଧାରିତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ କଲେ ୧୦-୨୦% କମ୍ ସଫଳତା ମିଳିବାର ଆଶଙ୍କା ରହିଛି ।

ପ୍ରଶ୍ନ- ଭ୍ରୂଣ ପ୍ରତିରୋପଣ କ'ଣ ? ଏହା କ'ଣ କୃତ୍ରିମ ପ୍ରଜନନର ଏକ ବିକଳ୍ପ କି ? ଗାଈ ବା ମଇଁଷି କୃତ୍ରିମ ପ୍ରଜନନ ଦ୍ୱାରା ଗର୍ଭବତୀ ହୋଇପାରୁ ନଥିଲେ ଭ୍ରୂଣ ପ୍ରତିରୋପଣ ବ୍ୟବସ୍ଥା ଆପଣେଇବା ଠିକ୍ ହେବ କି ? ଭ୍ରୂଣ ପ୍ରତିରୋପଣ କିଏ କରିବ ? ଏହା ପାଇଁ କେତେ ଖର୍ଚ୍ଚ ହେବ ? ଭ୍ରୂଣ ପ୍ରତିରୋପଣ ମାଧ୍ୟମରେ ଗୋପାଳକ ତା' ଇଚ୍ଛା ମୁତାବକ ବାଛୁରୀଟିଏ (ମାଈ ବା ଅଣ୍ଡିରା) ପାଇପାରିବ କି ?

ଉ : ଏହି ପ୍ରକ୍ରିୟାରେ ଗୋଟିଏ ଉଚ୍ଚ ଗୁଣବତ୍ତା ଗାଈ ବା ମଇଁଷି ଠାରୁ ବିକଶିତ ଭ୍ରୂଣଟିକୁ କାଢି ଆଣି ଆଉ ଏକ ଗାଈର ଗର୍ଭାଶୟରେ ରୋପଣ କରିଦିଆଯାଏ । ଭ୍ରୂଣ ପ୍ରତିରୋପଣ କରାଯାଇଥିବା ଗାଈ/ ମଇଁଷିମାନଙ୍କର ସଂପୂର୍ଣ୍ଣ ଗର୍ଭ ଧାରଣ ସମୟ ଯାଏ ପାଳନ କରିଥାନ୍ତି । ଏହି ପ୍ରଣାଳୀ ଦ୍ୱାରା ଉଚ୍ଚ ଆନୁବଂଶିକ ଗୁଣବତ୍ତା ପଶୁମାନଙ୍କର ଜୀବନକାଳ ମଧ୍ୟରେ ଅଧିକ ବାଛୁରୀ ଜନ୍ମ କରାଯାଇପାରିବ । ଯାହା ସାଧାରଣତଃ ପ୍ରାକୃତିକ ପ୍ରଣାଳୀରେ ସମ୍ଭବ ହୋଇନଥାଏ । ଏହା କୃତ୍ରିମ ପ୍ରଜନନର ବିକଳ୍ପ ନୁହେଁ । କୃତ୍ରିମ ପ୍ରଜନନରେ ବାରମ୍ବାର ଲେଉଟାଉଥିବା ଗାଈ ବା ମଇଁଷିରେ ଭ୍ରୂଣ ପ୍ରତିରୋପଣ ସଫଳ ହେବା କଷ୍ଟକର । ଗର୍ଭାଶୟରେ ରୋଗ ଥିଲେ ଭ୍ରୂଣ ପ୍ରତିରୋପଣ ସଫଳ ହୋଇ ନଥାଏ ।

ଏବେ ଭାରତର ଅଳ୍ପ କେତେକ ସ୍ଥାନରେ ଭ୍ରୂଣ ପ୍ରତିରୋପଣ ପଦ୍ଧତିରେ ବାଛୁରୀ ଜନ୍ମ କରାଯାଇଅଛି । ଯଥା – କାଲସୀ ଫାର୍ମ, ଡେରାଡୁନ୍ (ଉତ୍ତରାଖଣ୍ଡ), ସାବରମତୀ ଆଶ୍ରମ ବିଡାଜ୍ (ଗୁଜୁରାଟ), ବୁଲ୍ ମଦର ଫାର୍ମ ହରିନଘାଟା (ପଶ୍ଚିମବଙ୍ଗ), ଭ୍ରୂଣ ପ୍ରତିରୋପଣ କେ୍ , ନାଭା, ପଂଜାବ ଓ BAIF (ପୁନେ) ଇତ୍ୟାଦି । ଏଠାରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଷଣ୍ଢମାନଙ୍କୁ ଜନ୍ମ କରାଇଥାନ୍ତି । ଭ୍ରୂଣ ପ୍ରତିରୋପଣ ଏହି ସ୍ଥାନରେ ସାଧାରଣତଃ କ ର । ଯ । ଇ ନଥାଏ । ତଥାପି ଏହି ସବୁ ସଂସ୍ଥାମାନଙ୍କ ଠାରୁ କିଛି ତଥ୍ୟ ମିଳିପାରିବ । ଏଥିପାଇଁ ସ୍ୱତନ୍ତ୍ର ଜ୍ଞାନକୌଶଳର ଆବଶ୍ୟକତା ରହିଅଛି । ଏହାର ଖର୍ଚ୍ଚ ମଧ ଅଧିକ । ଲିଙ୍ଗ ନିର୍ଦ୍ଧାରିତ ଶୁକ୍ର ମାଧ୍ୟମରେ ଇଚ୍ଛାମୁତାବକ ବାଛୁରୀଟିଏ ମିଳିପାରିବ ।

ଏହା କୃତ୍ରିମ ପ୍ରଜନନ ପରି ସରଳ ପ୍ରକ୍ରିୟା ନୁହେଁ । ଯଦି କେହି କୃତ୍ରିମ ପ୍ରଜନନକାରୀ କହେ କି ସେ ଭ୍ରୂଣ ସ୍ଥାନାନ୍ତରଣ କରି ଆପଣଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବ ଓ ଏଥିପାଇଁ ଅଧିକ ଖର୍ଚ୍ଚ ବରାଦ କରିବ, ତେବେ ଜାଣି ରଖନ୍ତୁ ଏହା ସଂପୂର୍ଣ୍ଣ ମିଥ୍ୟା ।

# ଦେଶୀ ମଇଁଷି-ପ୍ରଜାତି

ଷଣ୍ଢ

ଗାଇ



## ମୁରା

ଉତ୍ପତ୍ତିସ୍ଥଳ : ହରିୟାନାର ହିସାର, ରୋହତକ, ଗୁରୁଗାଁ ଓ ଜି୍ ଆଦି ଜିଲ୍ଲା ।





## ଜାଫାରାବାଦୀ

ଉତ୍ପତ୍ତିସ୍ଥଳ : ଗୁଜୁରାଟର ଜୁନାଗଡ, ଜାମନଗର, ରାଜକୋଟ, ଭାବନଗର, ପୋରବ ର ଓ ଆମରେଲି ଆଦି ଜିଲ୍ଲା ।





## ନିଲିରବି

ଉତ୍ପତ୍ତିସ୍ଥଳ : ପ୍ରକୃତରେ ପାକିସ୍ଥାନରୁ ଉତ୍ପତ୍ତି, ସିମାନ୍ତ ଜିଲ୍ଲା ପଞ୍ଜାବର ଫିରୋଜପୁର ଓ ଅମୃତ୍‌ସର୍ ଜିଲ୍ଲା ।





## ପଣ୍ଡାରପୁରୀ

ଉତ୍ପତ୍ତିସ୍ଥଳ : ମହାରାଷ୍ଟ୍ରର ସୋଲାପୁର, ସାଙ୍ଗଲି ଓ କୋଲାହାପୁର ଜିଲ୍ଲା ।





## ମେହେସାନା

ଉତ୍ପତ୍ତିସ୍ଥଳ : ଗୁଜୁରାଟର ମେହେସାନା ବନାସକାଣ୍ଠା ଓ ସାବରକାଣ୍ଠା ଜିଲ୍ଲା ।





## ସୁରତି

ଉତ୍ପତ୍ତିସ୍ଥଳ : ଗୁଜୁରାଟର ଆନ , ଖେଡା ଓ ବରୋଦା ଜିଲ୍ଲା ।



**ରାଷ୍ଟ୍ରୀୟ ଡାଏରୀ ବିକାଶ ବୋର୍ଡ**

ଆନ  ୩୮୮୦୦୧ ଗୁଜୁରାଟ

ଦୂରାଭାଷ -(୦୨୬୯୨) ୨୬୦୧୪୮/୨୬୦୧୬୦ ଫ୍ୟାକ୍ସ- (୦୨୬୯୨) ୨୬୦୧୫୭/୨୬୦୧୬୦

ୱେବସାଇଟ୍-  **www.nddb.coop**

*facebook.com/NationalDairyDevelopmentBoard*

Updated : November-2020